# ପିତା ଈଶ୍ୱରଙ୍କ ପ୍ରେମ



ଆଶିଷ୍ ରାଇଚୁର୍

**ଏହି ପୁସ୍ତକ ମାଗଣାରେ ବଣ୍ଟନ ପାଇଁ ଉଦ୍ଦିଷ୍ଟ ।**

ମୁଦ୍ରଣ ଓ ବଣ୍ଟନ : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଆଣ୍ଡ୍ ୱାଲର୍ଡ୍ ଆଉଟ୍‌ରିଚ୍, ବାଙ୍ଗାଲୁରୁ, ଇଣ୍ଡିଆ

ପ୍ରଥମ ସଂସ୍କରଣ : ଅଗଷ୍ଟ ୨ ୦ ୨ ୧

ଓଡ଼ିଆ ଅନୁବାଦ : ଭାବୀ ବିଭବ ବନିଫେସ୍ କର

**ଯୋଗାଯୋଗ ଠିକଣା :**

All Peoples Church & World Outreach
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore - 560043
Karnataka, INDIA

Phone : +91-80-25452617
Email : bookrequest@apcwo.org
Website : **www.apcwo.org**

**ଆର୍ଥିକ ଭାଗୀଦାରୀ :**

ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ସଦସ୍ୟ, ଅଂଶୀଦାର ଓ ବନ୍ଧୁମାନଙ୍କର ଆର୍ଥିକ ସାହାଯ୍ୟ ଯୋଗୁଁ ଏହି ପୁସ୍ତକକୁ ମାଗଣାରେ ବଣ୍ଟନ କରିବା ସମ୍ଭବ ହୋଇପାରିଛି । ମାଗଣାରେ ଉପଲବ୍ଧ ଏହି ପୁସ୍ତକ ଦ୍ୱାରା ଯଦି ଆପଣ ଆତ୍ମିକ ଆଶୀର୍ବାଦ ପାଇଛନ୍ତି, ତେବେ ଏହାର ପୁନଃ ମୁଦ୍ରଣ ଓ ବଣ୍ଟନ ନିମନ୍ତେ ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଉଦ୍ଦେଶ୍ୟରେ ଆପଣଙ୍କ ସ୍ୱେଚ୍ଛାକୃତ ଦାନ ପଠାଇ ପାରନ୍ତି । ଆପଣଙ୍କ ଦାନ କିପରି ପଠାଇବେ ଜାଣିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/giveକୁ ପରିଦର୍ଶନ କରନ୍ତୁ କିମ୍ବା ଏହି ପୁସ୍ତକର ଶେଷ ଭାଗରେ ଥିବା ପୃଷ୍ଠା "ଅଲ୍ ପିପୁଲ୍ସ ଚର୍ଚ୍ଚ୍‌ର ଅଂଶୀଦାର ହୁଅନ୍ତୁ"କୁ ପାଠ କରନ୍ତୁ । ଧନ୍ୟବାଦ !

**ମେଲିଂ ଲିଷ୍ଟ୍ :**

ଏହି ପ୍ରକାଶନ ପକ୍ଷରୁ ନୂତନ ଭାବରେ ପ୍ରକାଶ ପାଉଥିବା ପୁସ୍ତକଗୁଡ଼ିକୁ ପାଇବା ନିମନ୍ତେ ଆପଣଙ୍କର ସଠିକ୍ ଡାକ ଠିକଣା ଆମ ନିକଟକୁ ଇମେଲ୍ କରି ପଠାନ୍ତୁ । ଆପଣଙ୍କ ଠିକଣା ଆମ ମେଲିଂ ଲିଷ୍ଟ୍‌ରେ ଅନ୍ତର୍ଭୁକ୍ତ କରାଯିବ । ଆମର ଇମେଲ୍ : bookrequest@apcwo.org

**ଭାରତ ଭିତରେ ମାଗଣା ବଲ୍କ ଅର୍ଡ଼ର :**

ଆପଣଙ୍କ ସ୍ଥାନୀୟ ମଣ୍ଡଳୀରେ, ବାଇବଲ୍ ଅଧ୍ୟୟନ ଦଳରେ, ବାଇବଲ୍ କଲେଜ୍‌ରେ, ସେମିନାର୍‌ରେ, ସଭାସମିତିରେ, ବହି ଦୋକାନରେ, ବ୍ୟବସାୟ ଇତ୍ୟାଦିରେ ମାଗଣାରେ ବଣ୍ଟନ କରିବା ପାଇଁ ଆମେ ଆମର ପୁସ୍ତକସବୁ ପଠାଇପାରିବୁ । ଆପଣଙ୍କ ଡାକ ଠିକଣା ଓ କେତେ ଖଣ୍ଡ ପୁସ୍ତକ ଆବଶ୍ୟକ ତାହା ଆମକୁ ଇମେଲ୍ କରି bookrequest@apcwo.org ଠିକଣାରେ ପଠାନ୍ତୁ ।

**The Father's Love (Odia)**

# ପିତା
# ଈଶ୍ୱରଙ୍କ
# ପ୍ରେମ

# ସୂଚୀପତ୍ର


| | | |
|---|---|---|
| ମୁଖବନ୍ଧ | | ୧ |
| ୧. | ଅସୀମ ଈଶ୍ୱର, ଆମର ସ୍ୱର୍ଗସ୍ଥ ପିତା | ୩ |
| ୨. | ଅମାପ ପ୍ରେମ | ୧୮ |
| ୩. | ଆମମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ପ୍ରକୃତ ଛବି | ୨୯ |
| ୪. | ପିତାଙ୍କର ପ୍ରେମ ଗ୍ରହଣ କରିବା | ୪୨ |
| ୫. | ପିତାଙ୍କର ପ୍ରେମରେ ଅଟଳ ରହିବା | ୬୦ |
| ୬. | ଯେଉଁ ପ୍ରେମ ଅନୁଶାସନ କରେ | ୭୫ |
| ୭. | ଆମମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ଅନୁକାରୀ ହେବା | ୮୩ |

# ମୁଖବନ୍ଧ

ଈଶ୍ୱର ଆପଣଙ୍କୁ ଯେଉଁ ପ୍ରକାଶନ ଉପଲବ୍‌ଧି କରାଇଛନ୍ତି ତାହା ଈଶ୍ୱରଙ୍କ ସଙ୍ଗେ ଆପଣଙ୍କର ସମ୍ପର୍କକୁ ପ୍ରଭାବିତ କରେ । ଈଶ୍ୱରଙ୍କ ସଙ୍ଗେ ଆପଣଙ୍କର ସମ୍ପର୍କ ମଧ୍ୟ ଅନ୍ୟମାନଙ୍କ ସଙ୍ଗେ ଆପଣଙ୍କର ସମ୍ପର୍କକୁ ପ୍ରଭାବିତ କରିଥାଏ ।

ବାଇବଲ ଈଶ୍ୱରଙ୍କର ଅନେକ ପାର୍ଶ୍ୱ ପ୍ରକାଶ କରେ । ସେଥିରୁ ଈଶ୍ୱରଙ୍କର ଅନ୍ୟତମ ଶକ୍ତିଶାଳୀ ପ୍ରକାଶନ ଏହି ଯେ ସେ ଜଣେ ପିତା ଅଟନ୍ତି । ଈଶ୍ୱର ଆମମାନଙ୍କର ସ୍ୱର୍ଗସ୍ଥ ପିତା । ପ୍ରଭୁ ଯୀଶୁ ଆମମାନଙ୍କୁ ଶିଖାଇଛନ୍ତି ଯେ ଆମେମାନେ ତାହାଙ୍କୁ "ଆମ୍ଭମାନଙ୍କର ପିତା" ଭାବରେ ସମ୍ବୋଧନ କରିବା । ବାଇବଲ ମଧ୍ୟ ଆମମାନଙ୍କ ପ୍ରତି ପିତାଙ୍କର ପ୍ରେମ ପ୍ରକାଶ କରେ । ଏହି ପୁସ୍ତକ ପିତାଙ୍କର ପ୍ରେମ ଉପରେ ଏକ ଅଧ୍ୟୟନ ଅଟେ । ଈଶ୍ୱରଙ୍କ ପ୍ରେମକୁ ବୁଝିବା ଦ୍ୱାରା ଆମେ ତାହାଙ୍କୁ କିପରି ପ୍ରେମ କରୁ, ନିଜକୁ କିପରି ପ୍ରେମ କରୁ ଓ ଅନ୍ୟମାନଙ୍କୁ କିପରି ପ୍ରେମ କରୁ ତାହା ପ୍ରଭାବିତ ହୋଇଥାଏ ।

ପ୍ରଥମ ଆଜ୍ଞା ହେଉଛି ଆମର ଯାହାସବୁ ରହିଛି ସେଥିସହିତ ଆମେ ଈଶ୍ୱରଙ୍କୁ ପ୍ରେମ କରିବା । ଦ୍ୱିତୀୟ ଆଜ୍ଞା ହେଉଛି ଅନ୍ୟମାନଙ୍କୁ ଆମେ ଆତ୍ମତୁଲ୍ୟ ପ୍ରେମ କରିବା । ଯେହେତୁ ସେ ଆମକୁ ପ୍ରଥମେ ପ୍ରେମ କଲେ, ସେଥିପାଇଁ ଆମେ ତାହାଙ୍କୁ ପ୍ରେମ କରୁ । ସେ ଆମକୁ କେତେ ପ୍ରେମ କରିଛନ୍ତି, ତାହା ଉପଲବ୍‌ଧି କଲେ ଈଶ୍ୱରଙ୍କ ପ୍ରତି ଆମର ପ୍ରେମ ଗଭୀରତର ହୁଏ । ସେ ଆମକୁ କେତେ ପ୍ରେମ କରିଛନ୍ତି ତାହା ଉପଲବ୍‌ଧି କରିବା ଦ୍ୱାରା ମଧ୍ୟ ଆମେ ନିଜ ନିଜକୁ ପ୍ରେମ କରିବା ଶିଖୁ । ଆମେମାନେ ଯେତେବେଳେ ନିଜ ନିଜକୁ ପ୍ରେମ କରୁ, ଅନ୍ୟମାନଙ୍କୁ ମଧ୍ୟ ପ୍ରେମ କରିବା । ଆମେମାନେ ଯେତେବେଳେ ବୁଝିପାରୁ ଯେ ଈଶ୍ୱରଙ୍କ ଦୃଷ୍ଟିରେ ଆମେ ବହୁମୂଲ୍ୟ ଆମେ ନିଜର ମୂଲ୍ୟ ବୁଝିବାକୁ ଆରମ୍ଭ କରୁ । ଆମେ ନିଜର ମୂଲ୍ୟ ବୁଝିଲେ, ଅନ୍ୟମାନଙ୍କ ମୂଲ୍ୟ ବୁଝିବା ପାଇଁ ସମର୍ଥ ହୋଇଥାଉ ।

ସ୍ୱଭାବଗତ ଭାବରେ ନିଜ ପ୍ରତି ଆମର ଯେଉଁ ସମ୍ପର୍କ ରହିଥାଏ ଅନ୍ୟମାନଙ୍କ ପ୍ରତି ଆମେ ସେହି ସମ୍ପର୍କ ପ୍ରକାଶ କରିଥାଉ । ଆମେ ଯଦି ନିଜ ପ୍ରତି ଦୋଷଦର୍ଶୀ ଅଟୁ, ନିଜକୁ ଅପରାଧୀ ସାବ୍ୟସ୍ତ କରୁ, ଅନ୍ୟମାନଙ୍କ ପ୍ରତି ମଧ୍ୟ ତାହା କରିଥାଉ । ଈଶ୍ୱରଙ୍କ ପ୍ରେମକୁ

ଆମେ ବୁଝିବା ଦ୍ୱାରା ନିଜ ପ୍ରତି ଓ ଅନ୍ୟମାନଙ୍କ ପ୍ରତି ଆମର ଯେଉଁ ନକାରାତ୍ମକ ମନୋଭାବ ରହିଛି, ସେଥିରୁ ମୁକ୍ତ ହେଉ ।

ଆମର ସ୍ୱର୍ଗସ୍ଥ ପିତା ପରମେଶ୍ୱର ଆମମାନଙ୍କୁ ସର୍ତ୍ତହୀନ ଭାବରେ ଓ ଅମାପରୂପେ ପ୍ରେମ କରନ୍ତି । ଆମମାନଙ୍କ ପ୍ରତି ପିତାଙ୍କର ସର୍ବଶ୍ରେଷ୍ଠ ଅଭିବ୍ୟକ୍ତି ଓ ପ୍ରଦର୍ଶନ ହେଉଛି ଯୀଶୁଖ୍ରୀଷ୍ଟଙ୍କ କ୍ରୁଶ । ଯେତେବେଳେ ଆମେ ଆମମାନଙ୍କ ପ୍ରତି ପିତାଙ୍କର ପ୍ରେମକୁ ବିଶ୍ୱାସ ଓ ଗ୍ରହଣ କରିବା ଏବଂ ତହିଁରେ ବିଶ୍ରାମ କରିବା, ସବୁକିଛି ପରିବର୍ତ୍ତିତ ହୋଇଥାଏ । ଆମେମାନେ ଆରୋଗ୍ୟଲାଭ କରୁ, ପୁନଃସ୍ଥାପିତ ହେଉ ଏବଂ ଆମର ଭଗ୍ନତା ଓ ବନ୍ଧନସବୁରୁ ମୁକ୍ତ ହେଉ । ଆମେମାନେ ଯେତେବେଳେ ପିତାଙ୍କର ପ୍ରେମରେ ଜୀବନଯାପନ କରୁ ଆମେ ଯେପରି ପ୍ରେମ ପାଇଥାଉ ସେପରି ପ୍ରେମ କରୁ । ଆମେ ମୁକ୍ତଭାବରେ ଈଶ୍ୱରଙ୍କୁ ପ୍ରେମ କରୁ । ଆମେ ମୁକ୍ତଭାବରେ ଅନ୍ୟମାନଙ୍କୁ ପ୍ରେମ କରୁ । ଆମେ ସର୍ବତୋଭାବେ ବିଜୟୀ ଜୀବନଯାପନ କରୁ, ଯେଉଁମାନେ ଈଶ୍ୱରଙ୍କର ଅତୁଟ ପ୍ରେମ ଦ୍ୱାରା ଜୀବନର ସମସ୍ତ ଆହ୍ୱାନ ଓ ଅନ୍ଧକାରର ଶକ୍ତିସମୂହକୁ ସର୍ବତୋଭାବେ ପ୍ରତିହତ କରିପାରିଛନ୍ତି ସେମାନଙ୍କ ସଦୃଶ ଜୀବନ ଯାପନ କରୁ ।

ଏହି ପୁସ୍ତକ ପିତାଙ୍କର ପ୍ରେମ ବ୍ୟକ୍ତିଗତରୂପେ ଜାଣିବାକୁ ଓ ଅନୁଭବ କରିବାକୁ ଆମକୁ ଆଗକୁ କଢ଼ାଇନିଏ । ଆପଣମାନେ ଜୀବନର ଏକ ଅତ୍ୟନ୍ତ ଉଦ୍ଦୀପକ ଅଭିଯାନ ନିମନ୍ତେ ପ୍ରସ୍ତୁତ ହୁଅନ୍ତୁ- ଈଶ୍ୱରଙ୍କର ଅସୀମ ପ୍ରେମର ଗଭୀରତା ମଧ୍ୟକୁ ଯାତ୍ରାରେ ସାମିଲ୍ ହୁଅନ୍ତୁ ।

ଈଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ !

ଆଶିଷ୍ ରାଇଚୁର୍

(ଏହି ପୁସ୍ତକକୁ ବ୍ୟକ୍ତିଗତ ଓ କ୍ଷୁଦ୍ରଦଳ ବାଇବଲ ଅଧ୍ୟୟନରେ ବ୍ୟବହାର କରନ୍ତୁ । ଆପଣ ଯଦି ଜଣେ ପାଳକ ଅଟନ୍ତି ଏହି ପୁସ୍ତକର ସତ୍ୟକୁ ଆପଣଙ୍କ ମଣ୍ଡଳୀରେ ପ୍ରଚାର କରନ୍ତୁ)

# ୧

# ଅସୀମ ଈଶ୍ୱର, ଆମର ସ୍ୱର୍ଗସ୍ଥ ପିତା

## ଆମର ସ୍ୱର୍ଗସ୍ଥ ପିତା

**ମାଥିଉ *୬:୯***
**ଅତଏବ, ତୁମ୍ଭେମାନେ ଏହି ପ୍ରକାରେ ପ୍ରାର୍ଥନା କର, ହେ ଆମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା, ତୁମ୍ଭ ନାମ ପବିତ୍ର ବୋଲି ମାନ୍ୟ ହେଉ ।**

ଈଶ୍ୱର ଯାହା ଅଟନ୍ତି, ବାଇବଲ ତାଙ୍କର ଅନେକ ପାର୍ଶ୍ୱ ପ୍ରକାଶ କରେ । ସେଥିରେ ଈଶ୍ୱରଙ୍କର ଅନ୍ୟତମ ଅଲୌକିକ ଦୃଷ୍ଟିକୋଣରେ ତାଙ୍କୁ ପିତାରୂପେ ଉପସ୍ଥାପିତ କରାଯାଏ । ଯୀଶୁ ଆମମାନଙ୍କୁ ଶିକ୍ଷା ଦେଲେ ଯେ ଆମେ ପ୍ରାର୍ଥନା କରିବା ସମୟରେ ଈଶ୍ୱରଙ୍କୁ ଆମମାନଙ୍କ ସ୍ୱର୍ଗସ୍ଥ ପିତାରୂପେ ସମ୍ବୋଧନ କରିବାକୁ ହେବ । ଅନେକଥର ପ୍ରଭୁ ଯୀଶୁ "ସ୍ୱର୍ଗସ୍ଥ ପିତା" ଓ "ସ୍ୱର୍ଗବାସୀ ପିତା" ରୂପେ ପିତା ଈଶ୍ୱରଙ୍କୁ ସମ୍ବୋଧିତ କରନ୍ତି ବା ବର୍ଣ୍ଣନା କରନ୍ତି ।

ଏହି ଅସୀମ, ସର୍ବଶକ୍ତିମାନ, ସର୍ବଜ୍ଞ, ସର୍ବଦର୍ଶୀ, ସ୍ୱୟଂଜୀବୀ, ଅନନ୍ତକାଳୀନ ପିତା ଯେ ଆମର ପିତା ହେବାକୁ ବାଞ୍ଛା କରନ୍ତି ଏହା ଚିନ୍ତା କଲେ ଅତ୍ୟନ୍ତ ରୋଚକ ଓ ଆଶ୍ଚର୍ଯ୍ୟ ମନେ ହୁଏ । ପିତା ଭାବରେ, ତାଙ୍କର ଏକ ପରିବାର ରହିଛି ଏବଂ ସେହି ପରିବାରରେ ସ୍ୱର୍ଗ ଓ ମର୍ତ୍ତ୍ୟରେ ତାଙ୍କର ପୁତ୍ର ଓ କନ୍ୟାଗଣ ରହିଛନ୍ତି । ଏହା ପରିବାର, ଏହାର ନାମ ବା ପରିଚୟ ତାହାଙ୍କଠାରୁ ହିଁ ପ୍ରାପ୍ତ ହୋଇଛି । ପ୍ରେରିତ ପାଉଲ ଲେଖନ୍ତି:

**ଏଫିସୀୟ ୩:୧୪-୧୫**
***୧୪ ଏନିମନ୍ତେ ଯେଉଁ ପିତାଙ୍କଠାରୁ ସ୍ୱର୍ଗ ଓ ପୃଥିବୀସ୍ଥ ପ୍ରତ୍ୟେକ ପରିବାର ତା'ର ନାମ ପ୍ରାପ୍ତ ହୁଏ, ୧୫ ତାହାଙ୍କ ଛାମୁରେ ମୁଁ ଜାନୁ ପାତି ପ୍ରାର୍ଥନା କରୁଅଛି ।***

ଈଶ୍ୱର ସ୍ୱୟଂଜୀବୀ ଓ ଆତ୍ମପର୍ଯ୍ୟାପ୍ତ ଅଟନ୍ତି । ଈଶ୍ୱର ଲୋକମାନଙ୍କୁ ଆବଶ୍ୟକ କରନ୍ତି ନାହିଁ । ତଥାପି ସେ ଆପଣା ଇଚ୍ଛାରେ ଓ ମନୋନୟନରେ ଲୋକମାନଙ୍କୁ ସୃଷ୍ଟି କରିବାକୁ

ଚାହିଁଲେ, ଓ ସେମାନଙ୍କୁ ଆପଣାର "ପୁତ୍ରଗଣ ଓ କନ୍ୟାଗଣ" ଭାବରେ ଗ୍ରହଣ କରିବାକୁ ବାଞ୍ଛା କଲେ, ଯେପରି କି ସେ ସେମାନଙ୍କର ପିତା ହୋଇପାରିବେ । ସେ ଆପଣାକୁ ଏପରି ଏକ ସ୍ଥାନରେ ରଖିବାକୁ ମନୋନୀତ କଲେ ଯେ ସେ ପିତାଭାବରେ ପୁତ୍ରକନ୍ୟାରୂପେ ଆମମାନଙ୍କର ସହଭାଗିତା ଲାଭ କରିବାକୁ ଚାହିଁଲେ । ଏହି ଅର୍ଥରେ ସେ ଆମମାନଙ୍କୁ "ଆବଶ୍ୟକ" କରନ୍ତି । ସେ ମଧ୍ୟ ଚାହାନ୍ତି ଯେ ଆମେ ତାଙ୍କୁ ଜାଣିବା ଓ ପିତାଭାବରେ ତାଙ୍କଠାରେ ଆନନ୍ଦ ଉପଭୋଗ କରିବା ।

**୧ଯୋହନ ୪:୮**

**... ଈଶ୍ୱର ତ ପ୍ରେମ...**

ବାଇବଲ ମଧ୍ୟ ପ୍ରକାଶ କରେ ଯେ ଈଶ୍ୱର ପ୍ରେମସ୍ୱରୂପ । ଆମର ସ୍ୱର୍ଗସ୍ଥ ପିତା ପ୍ରେମସ୍ୱରୂପ । ଏହି ଅଧ୍ୟୟନ ସମୟରେ ଆମେ ଆବିଷ୍କାର କରିବା ଯେ ଈଶ୍ୱରଙ୍କ ପ୍ରେମ ସର୍ତ୍ତବିହୀନ । ଈଶ୍ୱରଙ୍କ ପ୍ରେମ ସୀମାହୀନ । ତାଙ୍କର ପ୍ରେମ ଅସୀମ । ଈଶ୍ୱର ଆମକୁ ଏପରି ଭାବରେ ପ୍ରେମ କରନ୍ତି ।

ଅନେକ ସମୟରେ "ପିତା" ଶବ୍ଦ ବିଷୟରେ ଚିନ୍ତା କଲେ ଆମେ ଆମର ଆପଣା ପିତାମାତାଙ୍କ ସଙ୍ଗେ ଆମର ଅନୁଭୂତି ଓ ସେମାନେ କିପରି ଆମ ସଙ୍ଗେ ବ୍ୟବହାର କରନ୍ତି ତାହା ମନେ ପକାଇଥାଉ । ଆମ ମଧ୍ୟରୁ ଅନେକଙ୍କର ଆମ ପିତାମାତା ବା ପିତାଙ୍କ ସହିତ ଆଶ୍ଚର୍ଯ୍ୟ ଅନୁଭୂତି ରହିଥାଇପାରେ ଏଣୁ ଆମେ ଆଦରର ସହିତ "ପିତା" ଶବ୍ଦ ବ୍ୟବହାର କରୁ । ଅନ୍ୟ ପକ୍ଷରେ, ଆମ ମଧ୍ୟରୁ ଅନେକଙ୍କଠାରେ "ପିତା" ଶବ୍ଦ ବିଦ୍ରୋହଭାବ ଜାତ କରିପାରେ । ଆମର ସ୍ୱାଭାବିକ ପିତାମାତା/ ପିତାଙ୍କ ସଙ୍ଗେ ଆମର ଅନୁଭୂତି ଯନ୍ତ୍ରଣାଦାୟକ ହୋଇଥାଇପାରେ, ତେଣୁ ସେସବୁକୁ ମନେ ପକାଇଲେ ବା ଚିନ୍ତା କଲେ ଆମକୁ ଅପ୍ରୀତିକର ଲାଗେ, ଘୃଣା ଆସେ ।

ଏହି ପୁସ୍ତକ ଆମର ସ୍ୱର୍ଗବାସୀ ପିତାଙ୍କ ସମ୍ପର୍କରେ ଯେ କି ସମସ୍ତ ପାର୍ଥିବ ପିତାଙ୍କଠାରୁ ଉଚ୍ଚରେ, ସେ ଉତ୍କୃଷ୍ଟ ଓ ଭିନ୍ନ ଅଟନ୍ତି । ଈଶ୍ୱର ଜଣେ ଖରାପ ପାର୍ଥିବ ପିତାତୁଲ୍ୟ ନୁହନ୍ତି । ତେଣୁ ଜଣେ ପାର୍ଥିବ ପିତାଙ୍କୁ ଆମେ ଯେପରି ଦେଖୁ ତାଙ୍କୁ ସେପରିଭାବେ ଦେଖିବା ଅନୁଚିତ । ଆପଣଙ୍କ ସ୍ୱାଭାବିକ ପିତାମାତା/ ପିତାଙ୍କ ବିଷୟରେ ଆପଣଙ୍କର ଯେଉଁ ତିକ୍ତ, ନକାରାତ୍ମକ ଅନୁଭୂତିସବୁ ରହିଛି, ସେସବୁକୁ ପରିହାର କରି ଆପଣଙ୍କ ସ୍ୱର୍ଗସ୍ଥ ପିତାଙ୍କୁ ଜାଣିବା ଓ ତାଙ୍କଠାରୁ ପାଇବା ବିଷୟ ଚିନ୍ତା କରନ୍ତୁ । ଏହି ଅଧ୍ୟୟନର ଉଦ୍ଦେଶ୍ୟ ଆମର

ସ୍ୱର୍ଗସ୍ଥ ପିତାଙ୍କ ପ୍ରେମକୁ ଜାଣିବା ଓ ଅନୁଭୂତି ଲାଭ କରିବା । ଏହା ଆମ ଜୀବନକୁ ପରିବର୍ତ୍ତନ କରିବ । ପିତାଙ୍କର ପ୍ରେମକୁ ଆବିଷ୍କାର ଓ ଅନୁଭବ କରିବାକୁ କୌଣସି ବିଷୟ ଆପଣଙ୍କୁ ଅଟକାଇ ନ ରଖୁ ।

## ଈଶ୍ୱର ସମ୍ପର୍କ ରକ୍ଷା କରନ୍ତି

**ଯୋହନ ୧୭:୨୪**
**ହେ ପିତା, ତୁମ୍ଭେ ମୋତେ ଯେଉଁମାନଙ୍କୁ ଦେଇଅଛ, ମୁଁ ଯେଉଁଠାରେ ଥାଏ, ସେମାନେ ମଧ୍ୟ ଯେପରି ସେଠାରେ ମୋହର ସହିତ ରହିବେ ଓ ଜଗତର ପତ୍ତନ ପୂର୍ବେ ତୁମ୍ଭେ ମୋତେ ପ୍ରେମ କରିଥିବାରୁ ମୋତେ ଯେଉଁ ମହିମା ଦେଇଅଛ, ମୋହର ସେହି ମହିମା ସେମାନେ ଯେପରି ଦେଖିବେ, ଏହା ମୋହର ଇଚ୍ଛା ।**

ଜଗତର ସୃଷ୍ଟି ପୂର୍ବରୁ ଯେତେବେଳେ କୌଣସି ବିଷୟ ସୃଷ୍ଟ ହୋଇ ନ ଥିଲା, ତ୍ରି-ଏକ ଈଶ୍ୱରଙ୍କ ମଧ୍ୟରେ ପ୍ରେମ ରହିଥିଲା । ତ୍ରିବିଧ ଈଶ୍ୱର ପ୍ରେମରେ ରହିଥିଲେ । ଈଶ୍ୱର ପ୍ରେମସ୍ୱରୂପ ହୋଇଥିବାରୁ ତ୍ରି-ଏକ ଈଶ୍ୱର ପ୍ରେମରେ ରହିଛନ୍ତି । ଅନାଦି କାଳରୁ ପିତା ଈଶ୍ୱର, ବାକ୍ୟ ଓ ଆତ୍ମାଙ୍କ ମଧ୍ୟରେ ପ୍ରେମ ରହି ଆସିଛି ।

ଏହା ଶିକ୍ଷା ଦିଏ ଯେ ଈଶ୍ୱର ସମ୍ପର୍କ ରକ୍ଷା କରନ୍ତି । ସେ ଆମକୁ ପ୍ରେମ କରନ୍ତି ଓ ତାଙ୍କୁ ଆମେ ପ୍ରେମ କରି ପାରିବା ।

**ମାର୍କ ୧୨:୨୯-୩୧**
**୨୯ ଯୀଶୁ ଉତ୍ତର ଦେଲେ, ପ୍ରଧାନ ଆଜ୍ଞା ଏହି, ହେ ଇସ୍ରାଏଲ, ଶୁଣ; ପ୍ରଭୁ ଆମ୍ଭମାନଙ୍କ ଈଶ୍ୱର ଏକମାତ୍ର ପ୍ରଭୁ ଅଟନ୍ତି;**
**୩୦ ଆଉ, ତୁମ୍ଭେ ଆପଣା ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ, ସମସ୍ତ ମନ ଓ ସମସ୍ତ ଶକ୍ତି ଦେଇ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରେମ କର ।**
**୩୧ ଦ୍ୱିତୀୟଟି ଏହି, ତୁମ୍ଭେ ଆପଣା ପ୍ରତିବାସୀକି ଆତ୍ମତୁଲ୍ୟ ପ୍ରେମ କର । ଏହି ଆଜ୍ଞାଗୁଡ଼ିକ ଅପେକ୍ଷା ଆଉ କୌଣସି ଶ୍ରେଷ୍ଠତର ଆଜ୍ଞା ନାହିଁ ।**

ପ୍ରଭୁ ଯୀଶୁ ଆମ ନିକଟରେ ଯେଉଁ ପ୍ରଥମ ଆଜ୍ଞା ଉପସ୍ଥାପିତ କରିଛନ୍ତି ତା' ହେଲା ଆମଠାରେ ଯାହାସବୁ ଅଛି, ତାହାକୁ ନେଇ ଈଶ୍ୱରଙ୍କୁ ପ୍ରେମ କରିବାକୁ ହେବ, ଅର୍ଥାତ୍ ଆମର ସମସ୍ତ ହୃଦୟ, ପ୍ରାଣ, ମନ ଓ ଶକ୍ତିର ସହିତ ଈଶ୍ୱରଙ୍କୁ ପ୍ରେମ କରିବାକୁ ହେବ । ଏହା ସୂଚିତ କରେ ଈଶ୍ୱରଙ୍କୁ ଆମେ ପ୍ରେମ କରିପାରିବା । ସେ ଆମର ପ୍ରେମ ଗ୍ରହଣ କରନ୍ତି । ତାଙ୍କ

ପ୍ରତି ଆମର ପ୍ରେମକୁ ସେ ଆନନ୍ଦରେ ଉପଭୋଗ କରନ୍ତି । ଆମର ପ୍ରେମ ତାଙ୍କୁ ସ୍ପର୍ଶ କରେ । ତାଙ୍କ ପ୍ରତି ଆମର ପ୍ରେମକୁ ସେ ଅନୁଭବ କରନ୍ତି । ଯେତେବେଳେ ଆମେ ତାଙ୍କ ପ୍ରତି ଦୃଷ୍ଟିପାତ କରି ପ୍ରକୃତ ହୃଦୟରେ ତାଙ୍କ କହୁ, "ପିତା, ମୁଁ ତୁମକୁ ପ୍ରେମ କରେ", "ପ୍ରଭୁ ଯୀଶୁ, ମୁଁ ତୁମକୁ ପ୍ରେମ କରେ", "ପବିତ୍ର ଆତ୍ମା, ମୁଁ ତୁମକୁ ପ୍ରେମ କରେ" - ସେ ଏହା ଅନୁଭବ କରିଥାନ୍ତି ।

ଆମେମାନେ ତାହାଙ୍କ ପ୍ରତିମୂର୍ତ୍ତିରେ ସୃଷ୍ଟ । ଆମେ ସମ୍ପର୍କ ସ୍ଥାପନ କରିପାରୁ । ଆମେ ପ୍ରେମ କରିପାରୁ, ଓ ଅନ୍ୟମାନେ ଆମକୁ ପ୍ରେମ କରିପାରନ୍ତି । ଈଶ୍ୱରଙ୍କୁ ଓ ଅନ୍ୟମାନଙ୍କୁ ପ୍ରେମ କରିବାକୁ ଆମେ ସୃଷ୍ଟ ହୋଇଛୁ । ଅନ୍ୟମାନଙ୍କ ପ୍ରେମପାତ୍ର କରି, ଅନ୍ୟମାନଙ୍କ ପ୍ରେମ ଗ୍ରହଣ କରିବା ଉଦ୍ଦେଶ୍ୟରେ ଆମେ ସୃଷ୍ଟ କରାଯାଇଛୁ । ଆମେମାନେ ଯେ ସମ୍ପର୍କ ସ୍ଥାପନ କରିପାରୁ ଓ ପରିବାରସବୁରେ ଜନ୍ମ ନେଉ ତା'ର କାରଣ ହେଉଛି ଆମେମାନେ ସନ୍ତାନଗଣ ଏବଂ ପିତା ବା ମାତାଙ୍କ ପ୍ରେମ, ସ୍ନେହ, ପାଳନପୋଷଣ, ଉତ୍ସାହ ଓ ଦୃଢ଼ୀକରଣ ପାଇବାକୁ ଆମେ ଲାଳାୟିତ ହୋଇଥାଉ ।

## ଈଶ୍ୱର ଆମମାନଙ୍କୁ ତାହାଙ୍କ ଅସୀମିତ, ସର୍ତ୍ତବିହୀନ ପ୍ରେମର ଦୃଷ୍ଟିକେନ୍ଦ୍ର କରି ନିର୍ମାଣ କରିଛନ୍ତି

**ଏଫିସୀୟ ୧:୪-୫**
**୪ ଅର୍ଥାତ୍ ଆମ୍ଭେମାନେ ଯେପରି ତାହାଙ୍କ ସାକ୍ଷାତରେ ପବିତ୍ର ଓ ଅନିନ୍ଦନୀୟ ହେଉ, ଏଥିପାଇଁ ସେ ଜଗତର ପତ୍ତନ ପୂର୍ବେ ତାହାଙ୍କଠାରେ ଆମ୍ଭମାନଙ୍କୁ ମନୋନୀତ କଲେ,**
**୫ ପୁଣି, ସେ ଆମ୍ଭମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ନିମନ୍ତେ ପୁତ୍ର କରିବାକୁ ଆପଣା ସ୍ୱଚ୍ଛନ୍ଦ ଇଚ୍ଛାନୁସାରେ ଆମ୍ଭମାନଙ୍କୁ ପ୍ରେମରେ ପୂର୍ବରୁ ନିରୂପଣ କଲେ ।**

ଜଗତର ସୃଷ୍ଟିର ପୂର୍ବରୁ ସୁଦ୍ଧା, ଈଶ୍ୱର ନିରୂପଣ କରିଥିଲେ ଯେ ସେ ଏପରି ଲୋକମାନଙ୍କୁ ଚାହାନ୍ତି ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ମନୋନୀତ ହୋଇଥିବେ ଏବଂ ସେମାନେ ପବିତ୍ର ଓ ଅନିନ୍ଦନୀୟ, ପୁଣି ତାହାଙ୍କ ପ୍ରେମରେ ଆଚ୍ଛାଦିତ ହୋଇଥିବେ । ସେ ନିଷ୍ପତ୍ତି ନେଲେ ଯେ ସେ ସେମାନଙ୍କୁ ତାଙ୍କର ପୁତ୍ର ଓ କନ୍ୟାରୂପେ ତାଙ୍କ ପରିବାର ମଧ୍ୟରେ ଗ୍ରହଣ କରିବେ, ସେ ସେମାନଙ୍କର ପିତା ହେବେ ଓ ସେମାନେ ତାହାଙ୍କ ନାମରେ ଖ୍ୟାତ ହେବେ । ତାହାଙ୍କ ସ୍ୱଚ୍ଛନ୍ଦ ଇଚ୍ଛାନୁସାରେ ସେ ଏହି ନିଷ୍ପତ୍ତି ନେଇଥିଲେ । ଏହା ସାଧନ କରିବା ପାଇଁ ସେ ଚାହିଁଥିଲେ ଓ ଅତୀବ ଆଗ୍ରହୀ ଥିଲେ ।

ଏହା ପ୍ରକାଶ କରେ କିପରି ଈଶ୍ୱରଙ୍କ ହୃଦୟ ପୁତ୍ରକନ୍ୟାମାନଙ୍କୁ ପାଇବାକୁ ବାଞ୍ଛା କରେ। ଈଶ୍ୱର ଚାହାନ୍ତି ଯେ ସେ ତାଙ୍କର ପୁତ୍ରକନ୍ୟା ଭାବରେ ଆମମାନଙ୍କ ସହିତ ଘନିଷ୍ଠ ସମ୍ପର୍କ ଓ ସହଭାଗିତା ରକ୍ଷା କରିବେ। ସେ ଆମର ସ୍ୱର୍ଗସ୍ଥ ପିତା ହେବେ। ଜଗତର ସୃଷ୍ଟି ପୂର୍ବରୁ ସୁଦ୍ଧା ଏହା ତାଙ୍କ ହୃଦୟର ବାଞ୍ଛା ରହିଆସିଛି। ଏହି କାରଣରୁ ଆମେ ସୃଷ୍ଟ ହୋଇଛୁ। ଈଶ୍ୱର ଆମମାନଙ୍କୁ ସୃଷ୍ଟି କରିଅଛନ୍ତି ଯେପରି କି ଆମେମାନେ ତାଙ୍କର ପୁତ୍ର ଓ କନ୍ୟା ହୋଇପାରିବା ଏବଂ ତାଙ୍କର ଅସୀମିତ, ସର୍ତ୍ତବିହୀନ ପ୍ରେମର ଦୃଷ୍ଟିକେନ୍ଦ୍ରରେ ରହିବା।

ସୃଷ୍ଟି ପୂର୍ବରୁ ସୁଦ୍ଧା ପ୍ରେମ ବିରାଜିତ ଥିଲା, ଓ ପ୍ରେମ ହେତୁ ହିଁ ସୃଷ୍ଟିର ସୂତ୍ରପାତ ହୋଇଥିଲା।

## ଆମର ପ୍ରେମ ପାଇବାର କ୍ଷମତା ପୁନଃସ୍ଥାପିତ କରିବା

ପାପ ଯୋଗୁଁ ଆମେ ଭଗ୍ନ ଅବସ୍ଥାରେ ଅଛୁ। ଆମର ପ୍ରେମ ପାଇବାର କ୍ଷମତା ମଧ୍ୟ ଭଙ୍ଗହୋଇଛି। ଅନ୍ୟମାନଙ୍କୁ ଆମେ ପ୍ରେମ କରିବାର କ୍ଷମତା ମଧ୍ୟ ଭଙ୍ଗ ହୋଇଛି।

ଯେହେତୁ ଆମର ପ୍ରେମ କରିବାର ଓ ପ୍ରେମ ପାଇବାର କ୍ଷମତା ଭଙ୍ଗ ହୋଇଛି, ଆମେ ଅନେକ ବିଷୟ ଅଜ୍ଞାନ ଭାବରେ କରିଥାଉ ଯାହା ଆମର ଭାବପ୍ରବଣ ଆତ୍ମାର ଚାରିପାଖେ କାନ୍ଥ ସଦୃଶ ଠିଆ ହୋଇଥାଏ। ଆମେ କରିବୁ କହିଥାଉ ଯେ ଆମେ ପ୍ରେମ ବିହୁନେ ରହିପାରିବୁ। ଆମେ ଲୋକଙ୍କଠାରୁ ଦୂରେଇ ରହୁ। ଆମେ ଲୋକମାନଙ୍କୁ ନିଷେଧ କରୁ। ଆମେ କାହାର ଘନିଷ୍ଠ ହେବାକୁ ଚାହିଁ ନ ଥାଉ। ଭାବପ୍ରବଣତାରେ ଆମେ ନିଜକୁ ଅନ୍ୟମାନଙ୍କଠାରୁ ବିଚ୍ଛିନ୍ନ କରି ରଖିଥାଉ। ବିବାହ ପରେ ମଧ୍ୟ ଏହି ମନୋଭାବ ରହିଲେ ଆମ ଜୀବନସାଥୀ ସଙ୍ଗେ ଆମେ ଭାବପ୍ରବଣତାରେ ନିକଟବର୍ତ୍ତୀ ହୋଇ ପାରି ନ ଥାଉ। ଭାବପ୍ରଣତାରେ ଘନିଷ୍ଠତା ଏକ କଷ୍ଟସାଧ୍ୟ ବିଷୟ କାରଣ ଆମେ ଆମର ଚାରିପଟେ କାନ୍ଥତୋଳି ଦେଇଥାଉ ବା ସୁରକ୍ଷା ବଳୟ ମଧ୍ୟରେ ରହିଥାଉ। ଜଣେ ପିତା ଭାବରେ ହୁଏତ ଆମେ ଆମ ପିଲାମାନଙ୍କୁ ସର୍ବୋତ୍ତମ ଜାଗତିକ ଉପହାର ଦେଇପାରିବା, କିନ୍ତୁ ପ୍ରେମିକ ପିତାଭାବରେ ଆମେ ଯେତିକି ସ୍ନେହ ସୌହାର୍ଦ୍ଦ୍ୟ ପ୍ରକାଶ କରିବା ଉଚିତ ତାହା କରିପାରି ନ ଥାଉ। ଆମର ପିଲାମାନେ ବାସ୍ତବ ପ୍ରକୃତ ସର୍ତ୍ତବିହୀନ ପ୍ରେମ ଓ ସ୍ନେହ ନ ପାଇ ବଢ଼ିଥାନ୍ତି।

ଆଶ୍ଚର୍ଯ୍ୟ ବିଷୟ ଏହି ଯେ ପ୍ରେମ କରିବାକୁ ଓ ପ୍ରେମ ପାଇବାକୁ ଆମର ଭଗ୍ନ କ୍ଷମତାକୁ ନେଇ ଆମେ ଜୀବନର ଅନେକ ଭୁଲ ବିଷୟ ସଙ୍ଗେ "ବାନ୍ଧିହୋଇ" ବା

“ଭାବପ୍ରବଣତାରେ ସଂଯୁକ୍ତ ହୋଇ” ଯାଇଥାଉ । ଆମର କାର୍ଯ୍ୟ, ବୃତ୍ତି, ସଫଳତା, ଖ୍ୟାତି, ପ୍ରତିଷ୍ଠା, ସମର୍ଥନ, ଦୃଢ଼ୀକରଣ, ଧ୍ୟାନ, ଅର୍ଥ, ବିଭିନ୍ନ ବିଷୟ, ଇତ୍ୟାଦି ପ୍ରତି ଆମେ ଭାବପ୍ରବଣତାରେ ଯୋଡ଼ି ହୋଇଯାଉ ।

## ଏକ ପ୍ରେମମୟ ପିତାଙ୍କ ଆଗରେ ଭ୍ରାନ୍ତ ଧାରଣାସମୂହ

ଭଗ୍ନତାର ସହିତ ଆମେ ଈଶ୍ୱରଙ୍କ ସଙ୍ଗେ ସମ୍ପର୍କ ସ୍ଥାପନ କରିବାକୁ ଚାହିଁଥାଉ । ଆମ ମଧ୍ୟରେ ଅନେକ ଭୁଲ ଚିନ୍ତା ଓ ଭ୍ରାନ୍ତଧାରଣା ରଖି ଆମେ ଈଶ୍ୱରଙ୍କ ନିକଟବର୍ତ୍ତୀ ହୋଇଥାଉ, ଫଳରେ ଈଶ୍ୱରଙ୍କ ସଙ୍ଗେ ଆମର ସମ୍ପର୍କରେ କ୍ଷତି ପହଞ୍ଚିଥାଏ । ଆମେମାନେ ଭୁଲ ଚିନ୍ତାଧାରାର ବଶବର୍ତ୍ତୀ ହୋଇ ଈଶ୍ୱରଙ୍କ ସଙ୍ଗେ ସମ୍ପର୍କ ସ୍ଥାପନ କରିବାକୁ ଚାହିଁଥାଉ । ଏସମସ୍ତ ଭ୍ରାନ୍ତଧାରଣା ଓ ଭୁଲ ଚିନ୍ତାଧାରା ଈଶ୍ୱରଙ୍କ ସମ୍ବନ୍ଧରେ ଆମେ ଯେଉଁ ପ୍ରକାଶନ ଲାଭ କରୁ ତାକୁ ବିକୃତ କରିଦେଇଥାଏ । ଈଶ୍ୱରଙ୍କ ବିଷୟରେ ଆମର ଛବି (ଉପଲବ୍ଧି, ଜ୍ଞାନ) ନଷ୍ଟ, ବିକୃତ ଓ ଭୁଲ ଅଟେ । ଆମେମାନେ ଆମର ସ୍ୱର୍ଗସ୍ଥ ପିତାଙ୍କର ଅସୀମିତ ଓ ସର୍ତ୍ତବିହୀନ ପ୍ରେମକୁ ଗ୍ରହଣ କରିବା, ପାଇବା ଓ ସ୍ୱୀକାର କରିବା କ୍ଷେତ୍ରରେ ବିଫଳ ହୋଇଥାଉ । ଏହା ଈଶ୍ୱରଙ୍କ ସଙ୍ଗେ ଆମର ସମ୍ପର୍କକୁ ବ୍ୟାହତ କରେ । ନିମ୍ନରେ ଆମେ କେତୋଟି ଏପରି ଭ୍ରାନ୍ତଧାରଣା ବିଷୟରେ ଦେଖିବା ଯାହା ଆମକୁ ଈଶ୍ୱରଙ୍କ ଅସୀମିତ ଓ ସର୍ତ୍ତବିହୀନ ପ୍ରେମକୁ ବୁଝିବାକୁ ଦେଇ ନ ଥାଏ ।

### *୧. ଜଣେ ଅପବ୍ୟୟୀ ପୁତ୍ର*

ଏହି ମାନସିକତା ବା ଚିନ୍ତାଧାରା ରହିଲେ ଲୋକେ ନିଜ ନିଜକୁ ଅଯୋଗ୍ୟ, ଅନୁପଯୁକ୍ତ, କାହାରି ପାଇଁ କେବେ ହେଲେ ଲାଭଜନକ ନୁହନ୍ତି, ଏବଂ ନିଶ୍ଚିତରୂପେ ଈଶ୍ୱରଙ୍କ ପ୍ରେମପାତ୍ର ହେବାକୁ ଆଦୌ ଯୋଗ୍ୟ ନୁହନ୍ତି ବୋଲି ମନେ କରନ୍ତି । ତେଣୁ ସେମାନେ ଯେତେବେଳେ ଈଶ୍ୱରଙ୍କ ସମ୍ପର୍କ ମଧ୍ୟକୁ ଆସନ୍ତି ଈଶ୍ୱର ଯେ ଜଣେ ପ୍ରେମୀ ଓ କ୍ଷମାକାରୀ ପିତା ଏହା ବୁଝିବା ସେମାନଙ୍କ ନିମନ୍ତେ ଅତ୍ୟନ୍ତ କଷ୍ଟକର ହୋଇଥାଏ । ସେମାନେ ସବୁବେଳେ ଅପବ୍ୟୟୀ ପୁତ୍ର ପରି ଚିନ୍ତା କରିଥାନ୍ତି ଯେ କି ପିତାଙ୍କ ନିକଟକୁ ଯାଇ କହିଲା,

**ଲୂକ ୧୫:୧୯**
**ତୁମ୍ଭ ପୁଅ ବୋଲି ଡକାଯିବାର ମୁଁ ଆଉ ଯୋଗ୍ୟ ନୁହେଁ; ମୋତେ ତୁମ୍ଭର ଜଣେ ମୂଲିଆ ପରି ରଖ ।**

ଭୁଲ କଲେ ସେଥିନିମନ୍ତେ ଅନୁତପ୍ତ ହେବା ଭଲ କଥା ଓ ଗୁରୁତ୍ୱପୂର୍ଣ୍ଣ ମଧ୍ୟ, କିନ୍ତୁ ସବୁବେଳେ ଆମେ ଏହି ମାନସିକତାରେ ରହିବା ବିଷୟକୁ ଈଶ୍ୱର କେବେ ପସନ୍ଦ କରନ୍ତି ନାହିଁ । ପୁଅ ଫେରିଆସିବାରୁ ପିତା ତାକୁ ସବୁଠାରୁ ଭଲ ଲୁଗା ପିନ୍ଧାଇଲେ, ହାତରେ ମୁଦି ଓ ପାଦରେ ପାଦୁକା ଦେଇ ଏକ ଭୋଜିର ଆୟୋଜନ କଲେ ଓ ତାକୁ ତାଙ୍କର ପୁତ୍ରଭାବରେ ଗ୍ରହଣ କଲେ ।

ଆମେମାନେ ଯେତେବେଳେ ବୁଝିପାରୁ ଆମର ପାପସବୁ କ'ଣ କ୍ଷତି ଘଟାଇଛି, ଏବଂ ଆମେ ଲାଭ କରିଥିବା ପାପକ୍ଷମା କେତେ ବଡ଼ ଅଟେ, ଆମେ ତା' ପ୍ରତିବଦଳରେ ଅସଂରକ୍ଷିତ ଭାବେ ତାଙ୍କୁ ପ୍ରେମ କରୁ । ପ୍ରଭୁ ଯୀଶୁଙ୍କ ନିକଟକୁ କ୍ରନ୍ଦନ କରି ଆସିଥିବା ପାପିନୀ ସ୍ତ୍ରୀ ବିଷୟରେ ସେ କହିଲେ:

**ଲୂକ ୭:୪୭**
**ଏଣୁ ମୁଁ ତୁମ୍ଭକୁ କହୁଅଛି, ଏହାର ଅନେକ ପାପ କ୍ଷମା ହୋଇଅଛି, କାରଣ ସେ ବହୁତ ପ୍ରେମ କଲା; କିନ୍ତୁ ଯାହାକୁ ଅଳ୍ପ କ୍ଷମା ଦିଆଯାଏ, ସେ ଅଳ୍ପ ପ୍ରେମ କରେ ।**

ଆମ ପାପର ସଂଖ୍ୟା ବା ଆମେ କରିଥିବା ପାପର ବିଶାଳତା ନୁହେଁ, ମାତ୍ର ଆମର ପାପସବୁ କ'ଣ କ୍ଷତି ଘଟାଇଛି ଓ ଆମେ କେତେ ପରିମାଣରେ କ୍ଷମା ପାଇଛୁ ତାହା ବୁଝିପାରିବା, ଅସଂରକ୍ଷିତ ଓ ପ୍ରଚୁର ପରିମାଣରେ ତାଙ୍କୁ ପ୍ରେମ କରିବାକୁ ଆମର ଉତ୍ତର ଜାଗ୍ରତ କରେ । ବହୁତ କ୍ଷମା ପାଇଥିବାରୁ, ସ୍ୱର୍ଗସ୍ଥ ପିତାଙ୍କ ପ୍ରତି ଆମେ ଆମର ପ୍ରେମ ଅଜାଡ଼ି ଦେବା ଉଚିତ । କାରଣ ଏଥିପାଇଁ ସେ ସୁଭାଜନ ଓ ଏହା ସେ ଚାହାନ୍ତି ।

### *୨. ଜଣେ ଦାସ*

ଲୋକମାନେ ଏହି ଚିନ୍ତାଧାରାରେ ରହିଲେ ଜଣେ ଦାସର ମନୋଭାବ ରଖିଥାନ୍ତି । ସେମାନେ ମନେ କରନ୍ତି ସେମାନେ ସବୁକିଛି ଉପାର୍ଜନ କରିବାକୁ ହେବ, ବଡ଼ ବିଷୟସବୁ ନିମନ୍ତେ ସେମାନେ ନିଜକୁ ଅଯୋଗ୍ୟ ବିବେଚନା କରନ୍ତି ଓ ବିଭିନ୍ନ ବିଷୟ ପାଇବାକୁ ସେମାନେ ଅନୁପଯୁକ୍ତ ମନେ କରନ୍ତି । ସେମାନେ ପ୍ରାୟଶଃ ବୁଝିବାକୁ ଅସମର୍ଥ ହୋଇଥାନ୍ତି ଯେ ଈଶ୍ୱର ଆମମାନଙ୍କୁ ପୁତ୍ରକନ୍ୟାରୂପେ ଗ୍ରହଣ କରନ୍ତି, ଏକ ଉତ୍ତରାଧିକାର ଉପଭୋଗ କରିବାକୁ ଆମକୁ ଯୋଗ୍ୟ କରନ୍ତି ଏବଂ ଆମମାନଙ୍କୁ ତାଙ୍କର ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ସହଉତ୍ତରାଧିକାରୀ ବୋଲି ଡାକନ୍ତି ।

ତେବେ ବାଇବଲ ସ୍ପଷ୍ଟରୂପେ ଶିକ୍ଷା ଦିଏ ଯେ ଆମେ ଦାସରୂପେ ଆଚରଣ କରିବା ଈଶ୍ୱର ଚାହାନ୍ତି  ନାହିଁ:

ରୋମୀୟ ୮ : **୧୫**
**କାରଣ ତୁମ୍ଭେମାନେ ପୁନର୍ବାର ଭୟ କରିବା ନିମନ୍ତେ ଦାସତ୍ୱର ଆତ୍ମା ପାଇ ନାହଁ, କିନ୍ତୁ ପୁତ୍ରତ୍ୱର ଆତ୍ମା ପାଇଅଛ; ତଦ୍ଵାରା ଆମ୍ଭେମାନେ ଆବ୍ବା, ପିତଃ ବୋଲି ଡାକିଥାଉ ।**

ଗାଲାତୀୟ ୪ :୪-୭
**୪ କିନ୍ତୁ କାଳ ସମ୍ପୂର୍ଣ୍ଣ ହୁଅନ୍ତେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କୁ ପ୍ରେରଣ କଲେ; ସେ ସ୍ତ୍ରୀଜାତ ହୋଇ ବ୍ୟବସ୍ଥାଧୀନ ହେଲେ,**
**୫ ଯେପରି ସେ ମୂଲ୍ୟ ଦେଇ ବ୍ୟବସ୍ଥାଧୀନ ଲୋକମାନଙ୍କୁ ମୁକ୍ତ କରନ୍ତି, ପୁଣି ଆମ୍ଭେମାନେ ପୁତ୍ରତ୍ୱର ଅଧିକାର ପ୍ରାପ୍ତ ହେଉ ।**
**୬ ଆଉ ତୁମ୍ଭେମାନେ ପୁତ୍ର ଏଥିସକାଶେ ଈଶ୍ୱର ଆପଣା ନିକଟରୁ ନିଜ ପୁତ୍ରଙ୍କ ଆତ୍ମାଙ୍କୁ ଆମ୍ଭମାନଙ୍କ ହୃଦୟକୁ ପ୍ରେରଣ କଲେ; ସେହି ଆତ୍ମା ଆବ୍ବା, ପିତଃ, ବୋଲି ଡାକନ୍ତି ।**
**୭ ଏଣୁ ତୁମ୍ଭେ ଆଉ ଦାସ ନୁହଁ, କିନ୍ତୁ ପୁତ୍ର, ପୁଣି ଯଦି ପୁତ୍ର, ତେବେ ଈଶ୍ୱରଙ୍କ କର୍ତ୍ତୃକ ଉତ୍ତରାଧୀକାରୀ ।**

### *୩.   ଜଣେ ଅନାଥ*

ଯେଉଁମାନେ ଏହି ମାନସିକତା ରଖନ୍ତି ସେମାନେ ଭାବନ୍ତି ଯେ ସେମାନେ ପିତୃହୀନ, ପରିତ୍ୟକ୍ତ, ସବୁବେଳେ ପ୍ରେମରୁ ବଞ୍ଚିତ, କାହା ସଙ୍ଗେ ସେମାନଙ୍କର ସମ୍ପର୍କ ନାହିଁ, ସେମାନେ ଅନୁଭବ କରନ୍ତି ଯେ କେହି ସେମାନଙ୍କର ଯତ୍ନତତ୍ତ୍ୱ ନେଉନାହାନ୍ତି । ତେଣୁ ସେମାନେ ଈଶ୍ୱରଙ୍କ ସମ୍ପର୍କରେ ଆସିଲେ ଈଶ୍ୱର ଯେ ପ୍ରେମୀ, ଯତ୍ନବାନ୍ ଓ ପିତା ଅଟନ୍ତି ଏହା ବୁଝିବା ସେମାନଙ୍କ ନିମନ୍ତେ ଅତି କଷ୍ଟକର ହୁଏ ।

ଉପରୋକ୍ତ ଉଭୟ ଶାସ୍ତ୍ରାଂଶ, ରୋମୀୟ ୮:୫ ଓ ଗାଲାତୀୟ ୪:୪-୭ରେ ପୁନଃପୁନଃ କୁହାଯାଇଛି ଯେ ଈଶ୍ୱର ଚାହାନ୍ତି ଆମେ ତାଙ୍କ ସଙ୍ଗେ ପୁତ୍ରକନ୍ୟାର ସମ୍ପର୍କରେ ରହିବୁ ଓ ତାଙ୍କୁ "ପିତା" ବୋଲି ଡାକିବୁ । ଈଶ୍ୱର କେବେହେଲେ ଚାହାନ୍ତି ନାହିଁ ଯେ ଆମେମାନେ ନିଜକୁ "ଆତ୍ମିକ ଅନାଥ" ବୋଲି ମନେ କରିବା, କି ସେପରି ଜୀବନ ଯାପନ କରିବା, କିନ୍ତୁ ନିଜ ନିଜକୁ ଯେପରି ତାଙ୍କର ପୁତ୍ର ବା କନ୍ୟା ମନେ କରି ଜୀବନ ଯାପନ କରୁ ଏହା ସେ ଚାହାନ୍ତି ।

## ୪.    ଜଣେ ପରିତ୍ୟକ୍ତ

ଏହି ମାନସିକତାରେ ରହିଥିବା ଲୋକମାନେ ଗଭୀର ଭାବରେ ଭାବନ୍ତି ଯେ ସେମାନେ ପ୍ରତ୍ୟାଖ୍ୟାତ, ସେମାନେ ସବୁବେଳେ ଦୂରରେ ରହନ୍ତି, ନିଜକୁ ବଞ୍ଚିତ, ପରିତ୍ୟକ୍ତ, ଇତ୍ୟାଦି ମନେ କରନ୍ତି । ତେଣୁ ସେମାନେ ଯେତେବେଳେ ଈଶ୍ୱରଙ୍କ ସହିତ ସମ୍ପର୍କରେ ଆସନ୍ତି ସେମାନଙ୍କୁ ଏହା ବୁଝିବା ପାଇଁ ଅସୁବିଧା ହୁଏ ଯେ ଈଶ୍ୱର ସେମାନଙ୍କୁ ତାଙ୍କ ନିକଟକୁ ଆସିବା ପାଇଁ ସ୍ୱାଗତ କରି ଡାକୁଛନ୍ତି, ଆମକୁ ସାହସର ସହିତ ଓ ମୁକ୍ତ ଭାବରେ ତାଙ୍କ ନିକଟକୁ ଆସିବା ପାଇଁ ଉତ୍ସାହିତ କରୁଛନ୍ତି ।

**ଏଫିସୀୟ ୨:୧୨,୧୩,୧୮**

**୧୨ ସେତେବେଳେ ତୁମ୍ଭେମାନେ ଯେ ଖ୍ରୀଷ୍ଟଙ୍କଠାରୁ ପୃଥକ୍, ଇସ୍ରାଏଲର ପ୍ରଜାସତ୍ତ୍ୱରହିତ, ପ୍ରତିଜ୍ଞାଯୁକ୍ତ ନିୟମରେ ନିରଂଶ, ପୁଣି ଜଗତରେ ଭରସାହୀନ ଓ ଈଶ୍ୱରବିହୀନ ହୋଇଥିଲ, ଏହା ସ୍ମରଣ କର ।**
**୧୩ କିନ୍ତୁ ପୂର୍ବରେ ଦୂରରେ ଥିଲ ଯେ ତୁମ୍ଭେମାନେ, ତୁମ୍ଭେମାନେ ଏବେ ଖ୍ରୀଷ୍ଟ ଯୀଶୁଙ୍କଠାରେ ତାହାଙ୍କ ରକ୍ତ ଦ୍ୱାରା ନିକଟସ୍ଥ ହୋଇଅଛ ।**
**୧୮ କାରଣ ତାହାଙ୍କ ଦେଇ ଆମ୍ଭେମାନେ ଉଭୟ ଏକ ଆତ୍ମାଙ୍କ ଦ୍ୱାରା ପିତାଙ୍କ ନିକଟକୁ ଯିବା ପାଇଁ ପଥ ପାଇଅଛୁ ।**

ବାଇବଲ ଆମମାନଙ୍କୁ ସ୍ପଷ୍ଟ ରୂପେ କହେ ଯେ ଯୀଶୁଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ଆମେମାନେ ଈଶ୍ୱରଙ୍କ ନିକଟକୁ ଅଣାଯାଇଛୁ । ଯୀଶୁଙ୍କ ଦେଇ ଆମେ ଈଶ୍ୱରଙ୍କ ସାନ୍ନିଧ୍ୟକୁ ଅବାଧରେ ଯାଇପାରିବା । ଆମେ ଆଉ ପରିତ୍ୟକ୍ତ, ସମାଜଚ୍ୟୁତ ନୋହୁଁ । ତାହାଙ୍କ ନିକଟକୁ ଯିବାକୁ ଆପଣଙ୍କୁ ସ୍ୱାଗତ କରାଯାଏ । ଆମେମାନେ ସାହସରେ ଈଶ୍ୱରଙ୍କ ଅନୁଗ୍ରହ ସିଂହାସନ ନିକଟକୁ ଯାଇପାରୁ (ଏବ୍ରୀ ୪:୧୬) ।

## ୫.    ଜଣେ ଗର୍ବୀ ବଡ଼ ଭାଇ/ଭଉଣୀ

ଯେଉଁମାନେ ଏହି ଚିନ୍ତାଧାରା ବିଶିଷ୍ଟ ସେମାନଙ୍କଠାରେ ଗର୍ବଅହଙ୍କାର ରହିଥାଏ । ସେମାନେ ଭାବନ୍ତି, "ମୋତେ କେହି ପ୍ରେମ କରିବା ମୁଁ ଜାଣେନା । ମୁଁ ପ୍ରେମ ଆବଶ୍ୟକ କରେନା" । ସେମାନେ ଯାହା କରନ୍ତି, ତାକୁ ନେଇ ଗର୍ବ କରିଥାନ୍ତି "ମୁଁ ବିଶ୍ୱସ୍ତ, ମୁଁ ମୋର କାର୍ଯ୍ୟ କରୁଛି", ଇତ୍ୟାଦି । ସବୁକିଛିକୁ ସେମାନେ କାର୍ଯ୍ୟ ଓ ଅର୍ପିତ କର୍ମଭାଗ ଉପରେ ପର୍ଯ୍ୟବସିତ କରନ୍ତି । ତେଣୁ ସେମାନେ ଯେତେବେଳେ ଈଶ୍ୱରଙ୍କ ସମ୍ପର୍କରେ ଆସନ୍ତି, ସେମାନଙ୍କୁ ଏହା ବୁଝିବା କଷ୍ଟକର ହୁଏ ଯେ ଈଶ୍ୱର ସେମାନଙ୍କୁ ତାହାଙ୍କ ପ୍ରେମରେ ବିଶ୍ରାମ କରିବାକୁ

ଆହ୍ୱାନ କରୁଛନ୍ତି, ତାହାଙ୍କଠାରେ ଆନନ୍ଦ ଉପଭୋଗ କରିବାକୁ କହୁଛନ୍ତି ଏବଂ ସେ ଯେ ଆମଠାରେ ଆନନ୍ଦ ଉପଭୋଗ କରନ୍ତି ଏହା ଜାଣିବାକୁ ଚାହାନ୍ତି ।

ଅପବ୍ୟୟୀ ପୁତ୍ରର ଦୃଷ୍ଟାନ୍ତରେ ଗର୍ବୀ ବଡ଼ ଭାଇ ଯେତେବେଳେ ଶୁଣିଲା ଯେ ତା'ର ପିତା ତାଙ୍କର ବିପଥଗାମୀ ପୁତ୍ରର ପ୍ରତ୍ୟାବର୍ତ୍ତନ ଯୋଗୁଁ ଉତ୍ସବ ପାଳନ କରୁଛନ୍ତି ସେ ଭିତରକୁ ଯିବାକୁ ମଙ୍ଗିଲା ନାହିଁ । ସେ ଅଭିଯୋଗ କଲା ଯେ ଜଣେ ଉତ୍ତମ ପୁତ୍ର ଭାବରେ ତା'ର ସମସ୍ତ କର୍ତ୍ତବ୍ୟ ପାଳନର ଆଦର୍ଶସ୍ଥାନୀୟ କୀର୍ତ୍ତିମାନ ରହିଛି । ତଥାପି, ପିତାଙ୍କର ଯାହାଥିଲା ସେସବୁର ସେ ଅଧିକାରୀ ଥିଲା । ଛେଳି, ଉତ୍ସବ ପାଳନ ଓ ଉତ୍ତମ ଭୋଜନପାନ ସର୍ବଦା ରହିଥିଲା, କିନ୍ତୁ ବଡ଼ ପୁଅ କେବେ ଆନନ୍ଦ ଉପଭୋଗ କରିବାକୁ ଚେଷ୍ଟା କରି ନ ଥିଲା । ପିତାଙ୍କ ସଙ୍ଗେ ଓ ପରିବାର ସଙ୍ଗେ ତା'ର ସମ୍ପର୍କ କେବଳ କାର୍ଯ୍ୟ ଉପରେ ପର୍ଯ୍ୟବସିତ ଥିଲା । ଗୃହରେ ପୁତ୍ର ଭାବରେ ସମ୍ପର୍କସମୂହକୁ, ପରିବାରକୁ ଓ ଅନ୍ୟାନ୍ୟ ସୁବିଧାସୁଯୋଗକୁ ଉପଭୋଗ କରିବାର ମନୋଭାବ ସେ ରଖି ନ ଥିଲା ।

**ଲୂକ ୧୫:୨୯,୩୦**
**୨୯ ମାତ୍ର ସେ ପିତାଙ୍କୁ ଉତ୍ତର ଦେଲା, ଦେଖ, ଏତେ ବର୍ଷ ହେଲା ମୁଁ ତୁମ୍ଭର ଗୋଲାମ ପରି ଖଟି ଆସିଅଛି, ପୁଣି କେବେ ହେଲେ ତୁମ୍ଭର ଆଜ୍ଞା ଲଙ୍ଘନ କରି ନାହିଁ, ତଥାପି ମୋର ବନ୍ଧୁମାନଙ୍କ ସହିତ ଉତ୍ସବ କରିବାକୁ ତୁମ୍ଭେ ମୋତେ କେବେହେଲେ ଛେଳିଛୁଆଟିଏ ମଧ୍ୟ ଦେଇ ନାହଁ;**
**୩୦ କିନ୍ତୁ ତୁମ୍ଭର ଏହି ଯେଉଁ ପୁଅ ବେଶ୍ୟାମାନଙ୍କ ସହିତ ତୁମ୍ଭର ସର୍ବସ୍ୱ ଖାଇ ଉଡାଇଦେଇଅଛି, ଯେତେବେଳେ ସେ ଆସିଲା, ସେତେବେଳେ ତୁମ୍ଭେ ତାହା ପାଇଁ ମୋଟା ବାଛୁରିଟି ମାରିଲ ।**

ମାର୍ଥା ଓ ମରିୟମଙ୍କ ଗୃହକୁ ଯୀଶୁଙ୍କ ପରିଦର୍ଶନ ଘଟଣାରେ ମଧ୍ୟ ଏହିପ୍ରକାର ମନୋଭାବ ଦେଖିବାକୁ ମିଳେ (ଲୂକ ୧୦:୩୮-୪୨) । ମାର୍ଥା ପ୍ରଭୁଙ୍କର ଆତିଥ୍ୟସତ୍କାରରେ ଏତେ ବ୍ୟସ୍ତ ରହିଥିଲେ ଯେ ସେ ତାଙ୍କର ଉପସ୍ଥିତି ଉପଭୋଗ କରିବା ଓ ତାଙ୍କର ଶିକ୍ଷା ଗ୍ରହଣ କରିବାକୁ ଅବହେଳା କରିଥିଲେ । ସେ ଆପତ୍ତି କରିଥିଲେ ଯେ ମରିୟମ ତାଙ୍କୁ ସାହାଯ୍ୟ କରୁନାହାନ୍ତି । ମରିୟମ କିନ୍ତୁ ସେହି ମୁହୂର୍ତ୍ତର ଲାଭ ଉଠାଇଲେ ଓ ପ୍ରଭୁଙ୍କ ବାକ୍ୟ ଗ୍ରହଣ କରିଥିଲେ ଏବଂ ତାଙ୍କ ଗୃହରେ ପ୍ରଭୁଙ୍କର ଉପସ୍ଥିତିକୁ ଉପଭୋଗ କରିଥିଲେ । ଏହି ଭ୍ରାନ୍ତଧାରଣା ପ୍ରଭୁଙ୍କର ଉପସ୍ଥିତିକୁ ଉପଭୋଗ କରୁଥିବା ଅନ୍ୟମାନଙ୍କର ବିଚାର କରିବା ଓ ସେମାନଙ୍କ ସମାଲୋଚନା କରିବା ଆଡ଼କୁ ଆମକୁ କଢ଼ାଇନିଏ, ଯେପରି ଫାରୁଶୀମାନେ କରୁଥିଲେ ।

**ମାର୍କ ୧୪ :୩-୫**
**୩ ସେ ବେଥନିଆରେ କୁଷ୍ଠୀ ଶିମୋନଙ୍କ ଗୃହରେ ଭୋଜନରେ ବସିବା ସମୟରେ ଜଣେ ସ୍ତ୍ରୀଲୋକ ଗୋଟିଏ ପାତ୍ରରେ ବହୁମୂଲ୍ୟ ବିଶୁଦ୍ଧ ଜଟାମାଂସୀତୈଳ ଆଣି ସେହି ପାତ୍ର ଭାଙ୍ଗି ତାହାଙ୍କ ମସ୍ତକରେ ଢ଼ାଳିବାକୁ ଲାଗିଲେ ।**
**୪ କିନ୍ତୁ କେତେକ ଲୋକ ବିରକ୍ତ ହୋଇ ପରସ୍ପରକୁ କହିଲେ, ତୈଳ କାହିଁକି ଏପରି ନଷ୍ଟ ହେଲା ?**
**୫ ଏହି ତୈଳ ତ ଦେଢ଼ଶ ଟଙ୍କାରୁ ଅଧିକ ମୂଲ୍ୟରେ ବିକ୍ରୟ କରାଯାଇ ଦରିଦ୍ରମାନଙ୍କୁ ଦିଆଯାଇ ପାରିଥାଆନ୍ତା । ତେଣୁ ସେମାନେ ସେହି ସ୍ତ୍ରୀଲୋକକୁ ଭର୍ତ୍ସନା କରିବାକୁ ଲାଗିଲେ ।**

## *୬. ଜଣେ ଆଘାତପ୍ରାପ୍ତ*

ଅନେକ ଲୋକ ଅଛନ୍ତି ଯେଉଁମାନେ ଆଘାତପ୍ରାପ୍ତ ଅଟନ୍ତି, ହୁଏତ ଏକାଧିକ ଥର, ଫଳରେ ସେମାନଙ୍କ ଅନ୍ତରରେ ଯନ୍ତ୍ରଣା ଓ କ୍ଷତ ରହିଛି । ସେମାନେ କାହାର ପ୍ରେମକୁ ସ୍ୱୀକାର କରନ୍ତି ନାହିଁ କି କାହାକୁ ପ୍ରେମ କରିବାକୁ ଚେଷ୍ଟା କରନ୍ତି ନାହିଁ । ସେମାନେ ଭୟଭୀତ ହୋଇପଡ଼ିଥାନ୍ତି, କାଳେ ସେମାନେ ଅଧିକ ଆଘାତ ପାଇବେ । ବେଳେବେଳେ ସେମାନେ ଲୋକମାନଙ୍କ ପ୍ରତି କ୍ଷମାଶୀଳ ନ ହେବା ମନୋଭାବ, ଘୃଣାଭାବ ଓ କ୍ରୋଧ ରଖିଥାନ୍ତି, ବିଶେଷ କରି ସେମାନଙ୍କୁ ଆଘାତ ପହଞ୍ଚାଇଥିବା ଲୋକମାନଙ୍କ ପରି ମନେ ହେଉଥିବା ଲୋକମାନଙ୍କ ପ୍ରତି । ତେଣୁ ସେମାନେ ଯେତେବେଳେ ଈଶ୍ୱରଙ୍କ ସମ୍ପର୍କରେ ଆସନ୍ତି, ସେମାନଙ୍କୁ ଏହା ବୁଝିବା କଷ୍ଟକର ହୋଇଥାଏ ଯେ ଈଶ୍ୱର ପ୍ରକୃତରେ ଲୋକମାନଙ୍କୁ ପ୍ରେମ କରନ୍ତି, ତାହାଙ୍କଠାରେ ଦ୍ୱେଷଭାବ ନାହିଁ ଓ ସେ କେବେହେଲେ ଆଘାତ ବା କ୍ଷତି ପହଞ୍ଚାଇବା ଭଳି କାର୍ଯ୍ୟ କରିବେ ନାହିଁ । ଆମମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ପ୍ରେମ ଉପରେ ଭରସା କରିବା ସେମାନଙ୍କ ନିମନ୍ତେ କଷ୍ଟକର ହୋଇଥାଏ ।

କିନ୍ତୁ ଈଶ୍ୱର ତାଙ୍କ ଲୋକମାନଙ୍କ ନିମନ୍ତେ ତାଙ୍କର ନିର୍ଭରଯୋଗ୍ୟ ପ୍ରେମ ଘୋଷଣା କରିଛନ୍ତି, ଯଦିବା ଲୋକମାନେ ସର୍ବଦା ବିଫଳ ହୋଇଥାନ୍ତି ।

**ଯିରିମିୟ ୩୧ :୩**
**ସଦାପ୍ରଭୁ ପୁରାତନ କାଳରେ ମୋତେ ଦର୍ଶନ ଦେଇ କହିଲେ, ହଁ, ଆମ୍ଭେ ଚିରସ୍ଥାୟୀ ପ୍ରେମରେ ତୁମ୍ଭକୁ ପ୍ରେମ କରି ଆସିଅଛୁ, ଏହେତୁ ସ୍ନେହପୂର୍ଣ୍ଣ କରୁଣାରେ ଆମ୍ଭେ ତୁମ୍ଭକୁ ଆକର୍ଷଣ କରିଅଛୁ ।**

ତାଙ୍କର ପ୍ରେମ ଯେ ସବୁଠାରୁ ଉତ୍କୃଷ୍ଟ ଓ ତାହାଙ୍କ ପ୍ରେମଠାରୁ ଯେ କୌଣସି ବିଷୟ ଆମକୁ ବିଚ୍ଛିନ୍ନ କରି ପାରିବ ନାହିଁ, ଏହା ଆମେ ଯେପରି ଜାଣିବା ଏହା ଈଶ୍ୱର ଚାହାନ୍ତି ।

## ୭. ଜଣେ ଆତ୍ମ-ଦୋଷଦର୍ଶୀ

ଯେଉଁମାନେ ନିଜର ଓ ଅନ୍ୟମାନଙ୍କର ଅତ୍ୟନ୍ତ ସମାଲୋଚନା କରିଥାନ୍ତି ସେମାନଙ୍କୁ ଆତ୍ମ-ଦୋଷଦର୍ଶୀ କୁହାଯାଏ । "ମୁଁ ଉତ୍ତମ ନୁହେଁ, ନିଜ ନିମନ୍ତେ, ଅନ୍ୟମାନଙ୍କ ନିମନ୍ତେ, ଈଶ୍ୱରଙ୍କ ନିମନ୍ତେ ମୁଁ ଉତ୍ତମ ନୁହେଁ" ସେମାନେ ଏପରି ଚିନ୍ତା କରିଥାନ୍ତି । ତେଣୁ ସେମାନେ କାର୍ଯ୍ୟ କରି ଓ ପ୍ରତିଦ୍ୱନ୍ଦିତା କରି ଗ୍ରହଣୀୟ ହେବା, ସ୍ୱୀକୃତି ପାଇବା, ଇତ୍ୟାଦି ପାଇଁ ସଂଘର୍ଷ କରିଥାନ୍ତି । ଅନେକ ସମୟରେ ଏହା ଭୟରେ ପରିଚାଳିତ ହୋଇଥାଏ, ଏବଂ ଏପରିକି ସେମାନେ ଅନ୍ୟମାନଙ୍କଠାରୁ ଆଗରେ ରହିବା ପାଇଁ ଅନ୍ୟମାନଙ୍କୁ ନିୟନ୍ତ୍ରଣ ଓ ପ୍ରଭାବିତ କରିବାକୁ ପଛାଇ ନ ଥାନ୍ତି । ପରବର୍ତ୍ତୀ ସମୟରେ ସେମାନେ ତିକ୍ତତାରେ ନିଜର ଓ ଅନ୍ୟମାନଙ୍କର ସମାଲୋଚନା ଓ ବିଚାର କରିଥାନ୍ତି । ତେଣୁ ସେମାନେ ଯେତେବେଳେ ଈଶ୍ୱରଙ୍କ ସମ୍ପର୍କରେ ଆସନ୍ତି ସେମାନଙ୍କ ପାଇଁ ଏହା ବୁଝିବା କଷ୍ଟକର ହୋଇଥାଏ ଯେ ଈଶ୍ୱର ତାଙ୍କର ମହାପ୍ରେମ ହେତୁ ଅନୁଗ୍ରହରେ ପୂର୍ଣ୍ଣ ଅଟନ୍ତି । ସେମାନଙ୍କ ନିମନ୍ତେ ଏହା ମଧ୍ୟ ବୁଝିବା କଷ୍ଟକର ହୋଇଥାଏ ଯେ ଆମେ ଯାହା ହୋଇଥିଲେ ମଧ୍ୟ ସେ ଆମକୁ ପ୍ରେମ କରନ୍ତି ଓ ଆମର ଯୋଗ୍ୟତା ନ ଥିଲେ ସୁଦ୍ଧା ସେ ଆମକୁ ତାଙ୍କର ପ୍ରେମରେ ଅନେକ ବିଷୟ ଦିଅନ୍ତି । ଏହାକୁ ସେମାନେ ଗଣନା କରି ନ ଥାନ୍ତି ।

ତଥାପି ଧର୍ମଶାସ୍ତ୍ର ଆମକୁ ଈଶ୍ୱରଙ୍କ ଆଡ଼କୁ ନିର୍ଦ୍ଦେଶ କରେ ଯେ କି ତାଙ୍କର ମହତ୍, ଅମାପ ଓ ସର୍ତ୍ତବିହୀନ ପ୍ରେମରେ ଆମ ପ୍ରତି କରୁଣାମୟ ଓ ଅନୁଗ୍ରହରେ ପୂର୍ଣ୍ଣ ଅଟନ୍ତି ।

**ଏଫିସୀୟ ୨:୪,୫**
**୪ ମାତ୍ର ଏପରି ଅପରାଧରେ ମୃତ ହେଲେହେଁ ଦୟାସାଗର ଯେ ଈଶ୍ୱର, ସେ ଆମ୍ଭମାନଙ୍କୁ ଯେଉଁ ମହାପ୍ରେମରେ ପ୍ରେମ କଲେ,**
**୫ ସେଥିସକାଶେ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ସହିତ ସଜୀବ କରିଅଛନ୍ତି- ଅନୁଗ୍ରହରେ ତୁମ୍ଭେମାନେ ପରିତ୍ରାଣ ପାଇଅଛ-**

### ଈଶ୍ୱରଙ୍କ ପ୍ରେମ ପାଇବାରୁ କେଉଁ ବିଷୟସବୁ ଆମକୁ ଅଟକାଇ ରଖୁଛି ?

ଆସନ୍ତୁ ଆମେ ନିଜ ନିଜକୁ ପରୀକ୍ଷା କରି ଦେଖିବା ଉପରୋକ୍ତ କେଉଁ ଭ୍ରାନ୍ତଧାରଣା ସବୁକୁ ଆମେ ଧରି ରହିଛୁ ଯଦ୍ୱାରା ଆମେ ଈଶ୍ୱରଙ୍କୁ ସ୍ୱର୍ଗସ୍ଥ ପିତା ଭାବରେ ଚିହ୍ନିପାରୁ ନାହୁଁ ଏବଂ ଆମ ପ୍ରତି ଥିବା ତାଙ୍କର ସର୍ତ୍ତବିହୀନ ଓ ଅମାପ ପ୍ରେମକୁ ଗ୍ରହଣ କରିପାରୁ ନାହୁଁ ।

୧) ଅପବ୍ୟୟୀ: *ଜଣେ ଅପବ୍ୟୟୀକୁ ସେ କହନ୍ତି ତୁ ପାପୀଥିବା ସମୟରେ ସୁଦ୍ଧା ମୁଁ ତୋତେ ପ୍ରେମ କଲି ।*

୨) ଦାସ: *ଜଣେ ଦାସକୁ ସେ କହନ୍ତି, ଜଗତର ସୃଷ୍ଟି ପୂର୍ବରୁ ସୁଦ୍ଧା ମୁଁ ତୋତେ ପୁତ୍ର ବା କନ୍ୟା ଭାବରେ ଲାଭ କରିବାର ଯୋଜନା କରିଥିଲି ।*

୩) ଅନାଥ: *ଜଣେ ଅନାଥକୁ ସେ କହନ୍ତି, ତୋତେ ସୃଷ୍ଟି କରିବା ପୂର୍ବରୁ ସୁଦ୍ଧା, ତୋର ଜନ୍ମପୂର୍ବରୁ ସୁଦ୍ଧା ମୁଁ ତୋତେ ମୋ ପରିବାରରେ ଗ୍ରହଣ କରିବାର ଯୋଜନା କରିଥିଲି ।*

୪) ପରିତ୍ୟକ୍ତ: *ଜଣେ ପରିତ୍ୟକ୍ତକୁ ସେ କହନ୍ତି, ମୁଁ ତୋତେ ବହୁତ ପ୍ରେମ କରେ ଓ ମୋର ଅତି ନିକଟରେ ରଖିବାକୁ ଚାହେଁ, ତୁ ମୋର ସିଂହାସନର ଡାହାଣ ପଟେ ଉପବେଶନ କରିବୁ ।*

୫) ଗର୍ବୀ ବଡଭାଇ: *ଜଣେ ଗର୍ବୀ ବଡ଼ଭାଇକୁ, ଜଣେ ଆତ୍ମ-ଧାର୍ମିକ ବ୍ୟକ୍ତିକୁ ସେ କହନ୍ତି, ମୋର ପ୍ରେମ ସର୍ବଦା ଉପଲବ୍ଧ, ଗ୍ରହଣ କର୍ ।*

୬) ଆଘାତପ୍ରାପ୍ତ: *ଜଣେ ଆଘାତପ୍ରାପ୍ତ ବ୍ୟକ୍ତିକୁ ସେ କହନ୍ତି, ଅନ୍ୟମାନେ ତୋତେ ଆଘାତ ପହଞ୍ଚାଇଛନ୍ତି, କିନ୍ତୁ ମୁଁ ଏତେ ଉତ୍ତମ ଯେ ତୋ' ପ୍ରତି କୌଣସି ଭୁଲ କାର୍ଯ୍ୟ କରିବି ନାହିଁ, ମୁଁ ଏତେ ମୃଦୁଶୀଳ ଯେ ତୋର କୌଣସି କ୍ଷତି କରିବି ନାହିଁ ।*

୭) ଆତ୍ମ-ଦୋଷଦର୍ଶୀ: *ଜଣେ ଆତ୍ମ-ଦୋଷଦର୍ଶୀକୁ ସେ କହନ୍ତି, ମୁଁ ତୋତେ ପ୍ରେମ କରେ କାରଣ ମୁଁ ପ୍ରେମସ୍ୱରୂପ । ନିଜକୁ ଦୋଷୀ ମନେ ନ କର୍, କାରଣ ମୁଁ ତ ତୋତେ ଦୋଷୀ ମନେ କରୁ ନାହିଁ ।*

ଆମକୁ ସୁସ୍ଥ କରିବାକୁ ଏବଂ ତାଙ୍କର ଅସୀମିତ ଓ ସର୍ତ୍ତବିହୀନ ପ୍ରେମ ଗ୍ରହଣ କରିବାର କ୍ଷମତାକୁ ପୁନଃସ୍ଥାପିତ କରିବାକୁ ଓ ତାହାଙ୍କ ପ୍ରେମ ପାଇବାକୁ ଆମେ ତାଙ୍କ ନିକଟରେ ପ୍ରାର୍ଥନା କରିବା ।

ଈଶ୍ୱର ଆମମାନଙ୍କୁ ତାଙ୍କର ଅସୀମିତ ଓ ସର୍ତ୍ତବିହୀନ ପ୍ରେମର ଦୃଷ୍ଟିକେନ୍ଦ୍ର କରିଛନ୍ତି ।

ତାଙ୍କର ପ୍ରେମ ଆମମାନଙ୍କୁ ତାଙ୍କର ପୁତ୍ର ଓ କନ୍ୟାରୂପେ ପରିଗଣିତ କରିଛି ।

ଈଶ୍ୱର ଆମର ପିତା । ଆମେମାନେ ତାହାଙ୍କର ଲୋକ ।

**୧ଯୋହନ ୩:୧**
**୧ ଦେଖ, ପିତା ଆମ୍ଭମାନଙ୍କୁ କିପ୍ରକାର ପ୍ରେମ ଦାନ କରିଅଛନ୍ତି ଯେ, ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବୁ, ଆଉ ଆମ୍ଭେମାନେ ତାହାହିଁ ଅଟୁ ।**

# ଅନୁଚିନ୍ତା

୧. ଈଶ୍ୱର ଯେ ସର୍ମ୍ପକ ରକ୍ଷା କରନ୍ତି, ଏହି ସତ୍ୟକୁ ନେଇ ଚିନ୍ତା କରନ୍ତୁ- ସୃଷ୍ଟି ପୂର୍ବରେ ପ୍ରେମ ରହିଥିଲା, ଏବଂ ପ୍ରେମ ହିଁ ସୃଷ୍ଟିର ମୂଳ କାରଣ ।

-----------------------------------------------------

-----------------------------------------------------

-----------------------------------------------------

-----------------------------------------------------

-----------------------------------------------------

୨. ଆମଠାରେ ରହିଥିବା ସାତୋଟି ଭ୍ରାନ୍ତଧାରଣାର ସମୀକ୍ଷା କରନ୍ତୁ । ଈଶ୍ୱରଙ୍କ ସହିତ ଆମର ସମ୍ପର୍କରେ ଏହା କିପରି ବାଧା ସୃଷ୍ଟି କରିଥାଏ ଲେଖନ୍ତୁ ।

-----------------------------------------------------

-----------------------------------------------------

-----------------------------------------------------

-----------------------------------------------------

-----------------------------------------------------

୩. ଏହି ସାତୋଟି ଭ୍ରାନ୍ତଧାରଣାସବୁରୁ ଆପଣଙ୍କଠାରେ କୌଣସି ଏକ ଧାରଣା ରହିଛି କି ? ପ୍ରାର୍ଥନା କରନ୍ତୁ ଓ ଈଶ୍ୱରଙ୍କୁ ଆମନ୍ତ୍ରଣ କରନ୍ତୁ ଯେପରି ସେ ଏହି ଭ୍ରାନ୍ତଧାରଣାସବୁକୁ ଆପଣାଠାରୁ ଦୂର କରନ୍ତି ଓ ତାହାଙ୍କ ବାକ୍ୟର ସତ୍ୟରେ ସେହି ସ୍ଥାନକୁ ପୂର୍ଣ୍ଣ କରନ୍ତି, ଯେପରି କି ଆପଣ ମୁକ୍ତଭାବରେ ସ୍ୱର୍ଗସ୍ଥ ପିତାଭାବରେ ଈଶ୍ୱରଙ୍କ ସହିତ ସମ୍ପର୍କ ରକ୍ଷା କରି ପାରନ୍ତି ।

୪. ଯେଉଁ ଈଶ୍ୱରଙ୍କର ଅସୀମିତ ଓ ସର୍ତ୍ତବିହୀନ ପ୍ରେମର ଆପଣ ଦୃଷ୍ଟିକେନ୍ଦ୍ରରେ ରହିଛନ୍ତି, ତାଙ୍କର ଜଣେ ପୁତ୍ର ବା କନ୍ୟା ଭାବରେ ଆପଣଙ୍କର ଚିନ୍ତାଧାରା/ ଅନୁଭବ ପ୍ରକାଶ କରି କିଛି ଲେଖନ୍ତୁ ।

-----------------------------------------------------------

-----------------------------------------------------------

-----------------------------------------------------------

-----------------------------------------------------------

-----------------------------------------------------------

୫. ସୁସମାଚାର ପୁସ୍ତକସବୁରେ ଯେଉଁଠାରେ ପ୍ରଭୁ ଯୀଶୁ "ସ୍ୱର୍ଗସ୍ଥ ପିତା" ଶବ୍ଦ ବ୍ୟବହାର କରିଛନ୍ତି ସେସବୁ ପ୍ରସଙ୍ଗକୁ ପାଠକରନ୍ତୁ (ମାଥିଉ ୬:୧୪,୨୬,୩୨; ମାଥିଉ ୧୫:୧୩; ମାଥିଉ ୧୮:୩୫; ଲୂକ ୧୧:୧୩) ଏବଂ "ସ୍ୱର୍ଗବାସୀ ପିତା" (ମାଥିଉ ୫:୧୬, ୪୫,୪୮; ମାଥିଉ ୬:୧,୯; ମାଥିଉ ୭:୨୧; ମାଥିଉ ୧୨:୫୦; ମାଥିଉ ୧୮:୧୯; ମାର୍କ ୧୧:୨୫-୨୬) । ଏଠାରେ ବର୍ଣ୍ଣିତ ସନ୍ଦର୍ଭସବୁକୁ ନେଇ ଚିନ୍ତା କରନ୍ତୁ ଏବଂ ଧ୍ୟାନ କରନ୍ତୁ ଆପଣ ଦୈନନ୍ଦିନ ଜୀବନର ବିଭିନ୍ନ ପ୍ରସଙ୍ଗରେ କିପରି ସ୍ୱର୍ଗସ୍ଥ ପିତାରୂପେ ଈଶ୍ୱରଙ୍କ ସହିତ ସମ୍ପର୍କରେ ରହିପାରିବେ ।

-----------------------------------------------------------

-----------------------------------------------------------

-----------------------------------------------------------

-----------------------------------------------------------

# ୨

# ଅମାପ ପ୍ରେମ

## ତାଙ୍କ ପ୍ରେମର ଅମାପ ବିଶାଳତା

**ଏଫିସୀୟ ୩:୧୭-୧୯**
**୧୭ ପୁଣି, ବିଶ୍ୱାସ ଦ୍ୱାରା ଖ୍ରୀଷ୍ଟ ତୁମ୍ଭମାନଙ୍କ ହୃଦୟରେ ବାସ କରନ୍ତି,**
**୧୮ ଯେପରି ତୁମ୍ଭେମାନେ ପ୍ରେମରେ ବଦ୍ଧମୂଳ ଓ ଦୃଢ଼ରୂପେ ସ୍ଥାପିତ ହୋଇ ବୋଧର ଅଗମ୍ୟ ଯେ ଖ୍ରୀଷ୍ଟଙ୍କ ପ୍ରେମ, ତାହା ଜ୍ଞାତ ହୁଅ ଏବଂ ସମସ୍ତ ସାଧୁଙ୍କ ସହିତ ସେଥିର ଦୈର୍ଘ୍ୟ, ପ୍ରସ୍ଥ, ଉଚ୍ଚତା ଓ ଗଭୀରତା ବୁଝିବାକୁ ଶକ୍ତି ପ୍ରାପ୍ତ ହୁଅ,**
**୧୯ ଆଉ ଏହି ପ୍ରକାରେ ଈଶ୍ୱରଙ୍କ ସମସ୍ତ ପୂର୍ଣ୍ଣତାରେ ପରିପୂର୍ଣ୍ଣ ହୁଅ ।**

ଉପରୋକ୍ତ ଶାସ୍ତ୍ରାଂଶରେ ପ୍ରେରିତ ପାଉଲଙ୍କ ଦ୍ୱାରା ଆମମାନଙ୍କର ସ୍ୱର୍ଗସ୍ଥ ପିତା ଈଶ୍ୱର ଇଚ୍ଛା ପ୍ରକାଶ କରନ୍ତି ଯେ ଆମେମାନେ ଏପରି ଏକ ସ୍ଥାନକୁ ଆସିବାକୁ ହେବ ଯେଉଁଠାରେ ଆମମାନଙ୍କ ପ୍ରତି ତାଙ୍କର ଅମାପ ପ୍ରେମରେ ଆମେ ବଦ୍ଧମୂଳ (ବୃକ୍ଷତୁଲ୍ୟ) ଓ ଦୃଢ଼ରୂପେ ସ୍ଥାପିତ (ସୁଦୃଢ଼ ମୂଳଦୁଆ ଥିବା ଏକ ଗୃହ ସଦୃଶ) ହେବାକୁ ହେବ ।

୧୮-୧୯ ପଦରେ ପାଉଲ ପିତାଙ୍କ ପ୍ରେମ "ଜ୍ଞାତ ହେବା" ଓ "ବୁଝିବା" ବିଷୟ କହନ୍ତି ଯାହା ବ୍ୟକ୍ତିଗତ ଓ ଅନୁଭୂତିଲବ୍ଧ, ସମ୍ପୂର୍ଣ୍ଣରୂପେ ବୌଦ୍ଧିକ ନୁହେଁ । "ବୁଝିବା" ଶବ୍ଦର ଗ୍ରୀକ୍ ପ୍ରତିଶବ୍ଦର ଆକ୍ଷରିକ ଅର୍ଥ: ଉତ୍ସୁକତାର ସହିତ ନେବା, ସ୍ୱଷ୍ଟଭାବରେ ହୃଦୟଙ୍ଗମ କରିବା, ହସ୍ତଗତ କରିବା, ଧରିବା ଓ ବ୍ୟକ୍ତିଗତ ଅନୁଭୂତି ଦ୍ୱାରା ଜାଣିବା । ଆମର ସ୍ୱର୍ଗବାସୀ ପିତା ଈଶ୍ୱର ବାଞ୍ଛା କରନ୍ତି ଯେ ଆମେମାନେ ଆମ ପ୍ରତି ଥିବା ତାଙ୍କର ସର୍ତ୍ତବିହୀନ ପ୍ରେମର ଅମାପ ବିଶାଳତାକୁ ବ୍ୟାବହାରିକ ଭାବେ ବ୍ୟକ୍ତିଗତ ଅନୁଭୂତି ଦ୍ୱାରା ଜାଣିବାକୁ ହେବ ।

ଈଶ୍ୱରଙ୍କ ପ୍ରେମର ଦୈର୍ଘ୍ୟ, ପ୍ରସ୍ଥ, ଉଚ୍ଚତା ଓ ଗଭୀରତା ମାପିବା ଅସମ୍ଭବ (୧୮ ପଦ) ।

- ତାହାଙ୍କ ପ୍ରେମର ପ୍ରସ୍ଥ ଜଗତର ପ୍ରସ୍ଥ ପରି ବ୍ୟାପକ: *"କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ" (ଯୋହନ ୩:୧୬) ।*
- ତାହାଙ୍କ ପ୍ରେମର ଦୈର୍ଘ୍ୟ, ଆମ ମଧ୍ୟରୁ ଜଣେ ଯେତେଦୂର ପଥ ହୁଡ଼ି ଚାଲିଯାଇଛି ସେ ଯାଏଁ ଲମ୍ବିଛି: *"ଆମ୍ଭେମାନେ ସମସ୍ତେ ମେଷଗଣ ତୁଲ୍ୟ ବିପଥଗାମୀ ହୋଇଅଛୁ; ଆମ୍ଭେମାନେ ପ୍ରତ୍ୟେକେ ଆପଣା ଆପଣା ବାଟଆଡ଼େ ଫେରିଅଛୁ; ଆଉ, ସଦାପ୍ରଭୁ ଆମ୍ଭ ସମସ୍ତଙ୍କର ଅପରାଧ ତାହାଙ୍କ ଉପରେ ବର୍ତ୍ତାଇଅଛନ୍ତି" (ଯିଶାଇୟ ୫୩:୬) ।*
- ତାହାଙ୍କ ପ୍ରେମର ଗଭୀରତା, ସବୁଠୁ ଅଧିକ ଗଭୀର ସ୍ଥାନ ପର୍ଯ୍ୟନ୍ତ, ନରକର ନିମ୍ନସ୍ଥାନ ପର୍ଯ୍ୟନ୍ତ, ଯଦି ଆମେ ଚାଲିଯାଇଛୁ ସେଯାଏ ତାହା ପହଞ୍ଚିଥାଏ: *"ଅତଏବ, ତାହାଙ୍କ ଦ୍ୱାରା ଯେଉଁମାନେ ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅନ୍ତି, ସେମାନଙ୍କୁ ସେ ସମ୍ପୂର୍ଣ୍ଣରୂପେ ପରିତ୍ରାଣ ଦେବାକୁ ସକ୍ଷମ ଅଟନ୍ତି" (ଏବ୍ରୀ ୭:୨୫) ।*
- ତାହାଙ୍କ ପ୍ରେମର ଉଚ୍ଚତା ସୁଉଚ୍ଚ ସ୍ୱର୍ଗ ପର୍ଯ୍ୟନ୍ତ ବ୍ୟାପ୍ତ: *"ପୁଣି, ତାହାଙ୍କ ସହିତ ଆମ୍ଭମାନଙ୍କୁ ଉତ୍‌ଥାପିତ କରି ଖ୍ରୀଷ୍ଟ ଯୀଶୁଙ୍କଠାରେ ଆମ୍ଭମାନଙ୍କୁ ତାହାଙ୍କ ସହିତ ସ୍ୱର୍ଗରେ ଉପବେଶନ କରାଇଅଛନ୍ତି" (ଏଫିସୀୟ ୨:୬)* ।
- ତାହାଙ୍କ ପ୍ରେମ କାଳାତୀତ, ଦୀର୍ଘକାଳସ୍ଥାୟୀ, ଅକ୍ଳାନ୍ତ: *"ହଁ ଆମ୍ଭେ ଚିରସ୍ଥାୟୀ ପ୍ରେମରେ ତୁମ୍ଭକୁ ପ୍ରେମ କରି ଆସିଅଛୁ" (ଯିରିମୟ ୩୧:୩) ।*

## ଯୀଶୁ ଖ୍ରୀଷ୍ଟଙ୍କ କ୍ରୁଶ- ଈଶ୍ୱରଙ୍କ ଅମାପ ପ୍ରେମର ସର୍ବୋଚ୍ଚ ଅଭିବ୍ୟକ୍ତି

ଯୋହନ ୩:୧୬,୧୭

**୧୬** କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ,
ଯେପରି ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।
**୧୭** ଯେଣୁ ଜଗତର ବିଚାର କରିବା ନିମନ୍ତେ ଈଶ୍ୱର ଆପଣା ପୁତ୍ରଙ୍କୁ ଜଗତକୁ ପ୍ରେରଣ ନ କରି,
ଜଗତ ଯେପରି ତାହାଙ୍କ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୁଏ, ଏଥିପାଇଁ ତାହାଙ୍କୁ ପ୍ରେରଣ କଲେ ।

ରୋମୀୟ ୫:୮

କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି ।

୧ଯୋହନ ୪:୯,୧୦

୯ ଏଥିରେହିଁ ଈଶ୍ୱରଙ୍କ ପ୍ରେମ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହୋଇଅଛି ଯେ, ସେ ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପ୍ରେରଣ କଲେ, ଯେପରି ଆମ୍ଭେମାନେ ତାହାଙ୍କ ଦ୍ୱାରା ଜୀବନ ପ୍ରାପ୍ତ ହେଉ ।
୧୦ ଆମ୍ଭେମାନେ ଯେ ଈଶ୍ୱରଙ୍କୁ ପ୍ରେମ କଲୁ, ତାହା ନୁହେଁ ମାତ୍ର ସେ ଆମ୍ଭମାନଙ୍କୁ ପ୍ରେମ କଲେ, ପୁଣି ଆପଣା ପୁତ୍ରଙ୍କୁ ଆମ୍ଭମାନଙ୍କ ପାପର ପ୍ରାୟଶ୍ଚିତ୍ତସ୍ୱରୂପ କରି ପଠାଇଲେ; ଏଥିରେ ତ ପ୍ରେମ ପ୍ରକାଶ ପାଏ ।

ବାଇବଲ ଯୀଶୁ ଖ୍ରୀଷ୍ଟଙ୍କ କ୍ରୁଶ ଆଡ଼କୁ ଆମକୁ ନିର୍ଦ୍ଦେଶ କରେ ଯାହା ଆମ ପ୍ରତି ପିତାଙ୍କର ମହାନ୍ ପ୍ରେମର ଅଭିବ୍ୟକ୍ତି ଓ ପ୍ରଦର୍ଶନ ଅଟେ । ଈଶ୍ୱର ଆମକୁ କେତେ ପ୍ରେମ କରନ୍ତି ତାକୁ ସୂଚିତ କରିବା ବା ପ୍ରମାଣ କରିବା ପାଇଁ ପ୍ରାୟଶଃ ଆମେ ଅସ୍ଥାୟୀ ବିଷୟସବୁକୁ ଦେଖିଥାଉ । ଯଦି ଆମେ ଆମର ଶିକ୍ଷାଗତ ଓ ବୃତ୍ତିଗତ ଜୀବନରେ ସଫଳତା ପାଉ ଏହାକୁ ଆମେ ଈଶ୍ୱରଙ୍କ ପ୍ରେମର ନିଦର୍ଶନ ବୋଲି ମନେ କରୁ । ଯଦି ଆମେ ଏସବୁ କ୍ଷେତ୍ରରେ ବିଫଳ ହେଉ ଆମେ ମନେ କରୁ ଯେ ହୁଏତ ଈଶ୍ୱର ଆମ ଉପରେ କୌଣସି କାରଣରୁ କ୍ରୋଧିତ ବା ଅସନ୍ତୁଷ୍ଟ ଅଟନ୍ତି । କିନ୍ତୁ ବାଇବଲ ଶିକ୍ଷା ଦିଏ ଯେ ଈଶ୍ୱର ଯୀଶୁଙ୍କୁ ପଠାଇ ଆମ ନିମନ୍ତେ ମୃତ୍ୟୁଭୋଗ କରିବାକୁ ଦେଲେ ଏବଂ ତାହାହିଁ ଆମମାନଙ୍କ ପ୍ରତି ତାହାଙ୍କ ପ୍ରେମର ପରିପ୍ରକାଶ ଓ ଅଭିବ୍ୟକ୍ତି ଅଟେ । ତେଣୁ ଯେ କୌଣସି ସମୟରେ ଆମେ ଯଦି ଆମ ପ୍ରତି ଥିବା ପିତା ଈଶ୍ୱରଙ୍କ ପ୍ରେମର ଚିହ୍ନିବା ସୂଚନା ଜାଣିବାକୁ ଚାହୁଁ ତା'ହେଲେ ଯୀଶୁଙ୍କ ଆଡ଼କୁ ଦେଖିବା ଓ କ୍ରୁଶ ଉପରେ ଆମମାନଙ୍କ ନିମନ୍ତେ ସେ କ'ଣ ସାଧନ କରିଅଛନ୍ତି ଜାଣିବାକୁ ଚେଷ୍ଟା କରିବା ।

ଆମେମାନେ ପାପୀ ଥିଲୁ । ଆମମାନଙ୍କ ପାପ ଈଶ୍ୱରଙ୍କଠାରୁ ଆମମାନଙ୍କୁ ବିଚ୍ଛିନ୍ନ କରି ରଖିଥିଲା । ଆମମାନଙ୍କ ପାପ ଆମକୁ ନରକଗାମୀ କରାଉଥିଲା, ଅର୍ଥାତ୍ ଆମେ ଅନନ୍ତକାଳ ନିମନ୍ତେ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ ହୋଇ ଯାଇଥିଲୁ । ଆମେମାନେ ଶୟତାନର ବଶବର୍ତ୍ତୀ ଥିଲୁ । ପ୍ରଭୁ ଯୀଶୁ କ୍ରୁଶ ଉପରେ ମୃତ୍ୟୁଭୋଗ କଲେ ସମଗ୍ର ମାନବ ଜାତିର ପାପର ମୂଲ୍ୟ ପରିଶୋଧ କଲେ; ଶୟତାନ, ପାପ, ନରକ ଓ ସମାଧି ଉପରେ ବିଜୟୀ ହେଲେ । ସେ ବିଜୟୀ ହୋଇ ପୁନରୁତ୍‌ଥିତ ହେଲେ ଓ ସ୍ୱର୍ଗାରୋହଣ କରି ପିତାଙ୍କ ନିକଟକୁ ଫେରି ଗଲେ । ପ୍ରତ୍ୟେକ ବ୍ୟକ୍ତି ଯେପରି ପାପରୁ କ୍ଷମା ପାଇବ, ପାପ ଓ ଶୟତାନଠାରୁ ମୁକ୍ତ ହେବ ଏବଂ ଈଶ୍ୱରଙ୍କ ପରିବାରରେ ଅନ୍ତର୍ଭୁକ୍ତ ହେବ ସେଥିପାଇଁ ଯାହାସବୁ କରିବା ଆବଶ୍ୟକ ଥିଲା ତାହା ସେ ସାଧନ କଲେ । ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି । ଏହା ଥିଲା

ଈଶ୍ୱରଙ୍କ ପ୍ରେମର ଏକ କାର୍ଯ୍ୟ ଯାହା ଈଶ୍ୱର ସ୍ୱୟଂ ଆମମାନଙ୍କ ନିମନ୍ତେ ସାଧନ କଲେ । ଯୀଶୁ ଖ୍ରୀଷ୍ଟଙ୍କ କ୍ରୁଶ ଆମମାନଙ୍କ ନିମନ୍ତେ ପିତାଙ୍କର ପ୍ରେମର ଅମାପ ମହାନତାର ନିଦର୍ଶନ । ଏହି ପ୍ରେମର ଦୈର୍ଘ୍ୟ, ପ୍ରସ୍ଥ, ଗଭୀରତା ଓ ଉଚ୍ଚତା ସୀମାହୀନ ଓ ଅପରିମେୟ । କେବଳ ଗୋଟିଏ ବିଷୟ ରହିଛି ଯେ ପ୍ରତ୍ୟେକ ବ୍ୟକ୍ତି ବ୍ୟକ୍ତିଗତ ଭାବରେ ବିଶ୍ୱାସରେ ଖ୍ରୀଷ୍ଟ ଯାହା ସାଧନ କରିଛନ୍ତି ତାହାକୁ ଗ୍ରହଣ କରିବାକୁ ହେବ ଏବଂ ତାଙ୍କ ଦ୍ୱାରା ସମ୍ପୂର୍ଣ୍ଣୀକୃତ କାର୍ଯ୍ୟ ଅନୁସାରେ ବଞ୍ଚିବାକୁ ହେବ ।

ଈଶ୍ୱରଙ୍କ ପ୍ରେମ ଏତେ ଓସାରିଆ ଯେ ଏହା ପ୍ରତ୍ୟେକ ବ୍ୟକ୍ତିକୁ ଅନ୍ତର୍ଭୁକ୍ତ କରେ ।

ଈଶ୍ୱରଙ୍କ ପ୍ରେମ ଏତେ ଦୀର୍ଘ ଯେ ଏହା ସବୁଠୁ ଦୂରରେ ଥିବା ପାପୀ ନିକଟରେ ପହଞ୍ଚିପାରେ ।

ଈଶ୍ୱରଙ୍କ ପ୍ରେମ ଏତେ ଗଭୀର ଯେ ଏହା ଦୂରତମ ସ୍ଥାନ ପର୍ଯ୍ୟନ୍ତ ପହଞ୍ଚିପାରେ ।

ଈଶ୍ୱରଙ୍କ ପ୍ରେମ ଏତେ ଉଚ୍ଚ ଯେ ଏହା ଆମକୁ ଉଠାଇ ଈଶ୍ୱରଙ୍କ ନିକଟକୁ ନେଇ ତାଙ୍କର ଦକ୍ଷିଣ ପାର୍ଶ୍ୱରେ ରଖିପାରେ ।

## ସିଦ୍ଧ ପ୍ରେମ ନିମନ୍ତେ ଆମର କ୍ଷମତାକୁ କ୍ରୁଶ ପୁନଃସ୍ଥାପନ କରେ ।

ପ୍ରଭୁ ଯୀଶୁ କ୍ରୁଶରେ ପ୍ରାଣଦାନ କରିଥିଲେ କେବଳ ଆମମାନଙ୍କ ନିମନ୍ତେ ଥିବା ଈଶ୍ୱରଙ୍କ ପ୍ରେମ ପ୍ରକାଶ କରିବାକୁ ନୁହେଁ, ମାତ୍ର ଆମମାନଙ୍କୁ ସୁସ୍ଥ କରିବାକୁ ମଧ୍ୟ ସେ ମୃତ୍ୟୁ ଭୋଗ କରିଥିଲେ ।

**ଯିଶାଇୟ ୫୩:୫**
**ମାତ୍ର ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତବିକ୍ଷତ ହେଲେ ଓ ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ; ଆମ୍ଭମାନଙ୍କର ଶାନ୍ତିଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ଓ ତାହାଙ୍କ ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ ।**

ସେ ଆମମାନଙ୍କ ପାପସବୁର ମୂଲ୍ୟ ପରିଶୋଧ କଲେ । ସେ ଦୁଃଖଭୋଗ (ଦଣ୍ଡ ପାଇଲେ) କଲେ ଯେପରି କି ଆମେମାନେ ଶାନ୍ତି ପ୍ରାପ୍ତ ହେବା । ଏବ୍ରୀ ଭାଷାରେ "ଶାଲୋମ୍" ଶବ୍ଦର ଅର୍ଥ ସମ୍ପୂର୍ଣ୍ଣତା ଏବଂ ପୂରାପୂରି ସୁଖୀ ଓ ସ୍ୱାସ୍ଥ୍ୟବାନ ଅବସ୍ଥା । ସେ କ୍ଷତବିକ୍ଷତ ହେଲେ ଓ ପ୍ରହାରିତ ହେଲେ ଯଦ୍ୱାରା ଆମେ ସମସ୍ତ ରୋଗରୁ ଆରୋଗ୍ୟଲାଭ କରିଛୁ (ମାଥିଉ ୮:୧୬-୧୭) ।

କ୍ରୁଶ ଦେଇ ସେ ଆମମାନଙ୍କ ପ୍ରତି ସିଦ୍ଧ ପ୍ରେମ ସମ୍ପ୍ରସାରିତ କରିଛନ୍ତି ! ସେ ମଧ୍ୟ ଆମମାନଙ୍କୁ ସୁସ୍ଥ କରନ୍ତି ଯେପରି କି ଆମେ ଈଶ୍ୱରଙ୍କ ସିଦ୍ଧ ପ୍ରେମକୁ ଗ୍ରହଣ କରିବୁ ଓ ଈଶ୍ୱରଙ୍କ ସିଦ୍ଧ ପ୍ରେମକୁ ବିତରଣ କରିବୁ ।

ତାହାଙ୍କ ପୁତ୍ରଙ୍କ ଦେଇ ଅଭିବ୍ୟକ୍ତ ଈଶ୍ୱରଙ୍କ ଅମାପ ପ୍ରେମକୁ ଆମେ ଯେତେବେଳେ ଗ୍ରହଣ କରିଥାଉ, ଆମେ ଆରୋଗ୍ୟ ଲାଭ କରୁ । ଆମ ପ୍ରତି ଓ ଆମର ଚର୍ତୁପାର୍ଶ୍ୱରେ ଥିବା ଲୋକମାନଙ୍କ ପ୍ରତି ଈଶ୍ୱରଙ୍କ ମହାପ୍ରେମକୁ ଆମେ ହୃଦୟଙ୍ଗମ କରିଥାଉ । ସେ ଆମଠାରେ ପ୍ରେମ ଗହଣ କରିବା ଓ ପ୍ରେମ ପ୍ରଦାନ କରିବା କ୍ଷମତାକୁ ପୁନଃସ୍ଥାପିତ କରିଥାନ୍ତି ।

## ତାଙ୍କର ମହାପ୍ରେମ ସକାଶୁ ପ୍ରଚୁର କରୁଣା ଓ ଅନୁଗ୍ରହ ଉପଲବ୍ଧ ଅଟେ

**ଏଫିସୀୟ ୨:୧-୭**

**୧** ଏହି ସଂସାରର ଭାବ ଅନୁସାରେ, ପୁଣି ଆକାଶମଣ୍ଡଳ ରାଜ୍ୟର ଅଧିପତି,
**୨** ଅର୍ଥାତ୍ ଯେଉଁ ଆତ୍ମା ଏବେହେଁ ଅନାଜ୍ଞାବହ ସନ୍ତାନମାନଙ୍କଠାରେ କାର୍ଯ୍ୟ ସାଧନ କରୁଅଛି, ତାହାର ଇଚ୍ଛାନୁସାରେ ତୁମ୍ଭେମାନେ ପୂର୍ବରେ ଆଚରଣ କରି ଅପରାଧ ଓ ପାପରେ ମୃତ ଥିଲ;
**୩** ସେହି ଅନାଜ୍ଞାବହ ସନ୍ତାନମାନଙ୍କ ସହିତ ଆମ୍ଭେମାନେ ସମସ୍ତେ ମଧ୍ୟ ଏକ ସମୟରେ ଆମ୍ଭମାନଙ୍କ ଶାରୀରିକ ଅଭିଳାଷ ଅନୁସାରେ ଜୀବନ ଯାପନ କରି ଶାରୀରିକ ଓ ମାନସିକ କାମନା ପୂର୍ଣ୍ଣ କରୁଥିଲୁ, ପୁଣି ଅନ୍ୟମାନଙ୍କ ପରି ସୁଦ୍ଧା ସ୍ୱଭାବତଃ କ୍ରୋଧର ପାତ୍ର ଥିଲୁ;
**୪** ମାତ୍ର ଏପରି ଅପରାଧରେ ମୃତ ହେଲେହେଁ ଦୟାସାଗର ଯେ ଈଶ୍ୱର, ସେ ଆମ୍ଭମାନଙ୍କୁ ଯେଉଁ ମହା ପ୍ରେମରେ ପ୍ରେମ କଲେ,
**୫** ସେଥିସକାଶେ ଆମ୍ଭମାନଙ୍କୁ ଖ୍ରୀଷ୍ଟଙ୍କ ସହିତ ସଜୀବ କରିଅଛନ୍ତି- ଅନୁଗ୍ରହରେ ତୁମ୍ଭେମାନେ ପରିତ୍ରାଣ ପାଇଅଛ-
**୬** ପୁଣି, ତାହାଙ୍କ ସହିତ ଆମ୍ଭମାନଙ୍କୁ ଉତ୍ଥାପିତ କରି ଖ୍ରୀଷ୍ଟ ଯୀଶୁଙ୍କଠାରେ ଆମ୍ଭମାନଙ୍କ ତାହାଙ୍କ ସହିତ ସ୍ୱର୍ଗରେ ଉପବେଶନ କରାଇଅଛନ୍ତି,
**୭** ଯେପରି ଖ୍ରୀଷ୍ଟ ଯୀଶୁଙ୍କଠାରେ ସେ ଆମ୍ଭମାନଙ୍କ ପ୍ରତି କରୁଣା କରି ଆଗାମୀ ଯୁଗରେ ଆପଣା ଅନୁଗ୍ରହର ଅତ୍ୟଧିକ ଧନ ପ୍ରକାଶ କରନ୍ତି ।

ସେ ଯେଉଁ ମହାପ୍ରେମରେ ଆମମାନଙ୍କୁ ପ୍ରେମ କରିଛନ୍ତି ସେଥିଯୋଗୁଁ ସେ କରୁଣା ଓ ଅନୁଗ୍ରହରେ ଧନୀ ଅଟନ୍ତି । ସେ ଆମମାନଙ୍କୁ ଉତ୍ଥାପିତ କରି ତାହାଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବେଶନ କରାଇଅଛନ୍ତି ।

ଈଶ୍ୱରଙ୍କ ପ୍ରେମ ପାଇବା ପାଇଁ ଆମକୁ କିଛି କରିବାକୁ ପଡ଼ି ନାହିଁ । ଆମେ କେବଳ ତାଙ୍କର ପ୍ରେମରେ, ତାଙ୍କର କରୁଣା ଓ ଅନୁଗ୍ରହ ଦ୍ୱାରା ଏହା ପ୍ରାପ୍ତ ହୋଇଛୁ ।

ଈଶ୍ୱରଙ୍କ ପ୍ରେମ ତାଙ୍କର କରୁଣା ଓ ଅନୁଗ୍ରହ ଦ୍ୱାରା ପ୍ରକାଶିତ ହୋଇଥାଏ । ତାଙ୍କର ଅମାପ ପ୍ରେମ ହେତୁ, ଈଶ୍ୱର ତାଙ୍କର ଦୟା ଓ ଅନୁଗ୍ରହ ଆମ ନିକଟକୁ ସଂପ୍ରସାରିତ କରିଛନ୍ତି ।

ଈଶ୍ୱରଙ୍କ କରୁଣା ଆମ ନିକଟକୁ ସଂପ୍ରସାରିତ ଈଶ୍ୱରଙ୍କ ଅନୁକମ୍ପା, ଦୟା ଓ ଉତ୍ତମତା ଅଟେ ଯାହା ଆମର ଅତୀତକୁ, ଆମର ଭୁଲଭ୍ରାନ୍ତିକୁ, ଆମର ବିଶୃଙ୍ଖଳ ଅବସ୍ଥାକୁ ଉପେକ୍ଷା କରିଥାଏ । ଆମେ ଯେଉଁ ଦଣ୍ଡ ପାଇବା ଯୋଗ୍ୟ କରୁଣା ତାକୁ ନିବୃତ୍ତ କରେ । ଈଶ୍ୱର କରୁଣାମୟ । ତାଙ୍କର କରୁଣା ଆପଣଙ୍କ ସବୁଠୁ ଗର୍ହିତ ଭୁଲ୍‌ଠାରୁ ମଧ୍ୟ ଉଚ୍ଚତର । ପାପ ଦାମୀ ଅଟେ, କିନ୍ତୁ ଈଶ୍ୱରଙ୍କ କରୁଣା ସର୍ବାପେକ୍ଷା ମୂଲ୍ୟଯୁକ୍ତ ।

ଈଶ୍ୱରଙ୍କ ଅନୁଗ୍ରହର ଅର୍ଥ ସେ ଯାହା ଦିଅନ୍ତି ବା କରନ୍ତି । ଏହା ଈଶ୍ୱରଙ୍କ ଧନ ଯାହା ଆମକୁ ଦିଆଯାଇଛି । ଆମେ ଯେଉଁଥିପାଇଁ ଯୋଗ୍ୟ ନୋହୁଁ ଓ ଯାହା ଆମେ କେବେ ଅର୍ଜନ କରି ପାରିବା ନାହିଁ ବା ନିଜ ଚେଷ୍ଟାରେ ଲାଭ କରି ପାରିବା ନାହିଁ ଅନୁଗ୍ରହ ତାହା ଆମକୁ ଦେଇଥାଏ ।

## ଅପବ୍ୟୟୀ ପୁତ୍ରର ଦୃଷ୍ଟାନ୍ତ- କରୁଣା ଓ ଅନୁଗ୍ରହ ସଂପ୍ରସାରିତ

**ଲୂକ ୧୫:୧୧-୩୨**

**୧୧ ସେ ଆହୁରି କହିଲେ, ଜଣେ ବ୍ୟକ୍ତିଙ୍କର ଦୁଇଟି ପୁତ୍ର ଥିଲେ ।**

**୧୨ ସେମାନଙ୍କ ମଧ୍ୟରୁ ସାନ ପୁଅ ବାପାଙ୍କୁ କହିଲା, ବାପା ସମ୍ପତ୍ତିର ଯେଉଁ ଭାଗ ମୋ' ବାଣ୍ଟରେ ପଡୁଅଛି, ତାହା ମୋତେ ଦେଇଦିଅ । ସେଥିରେ ସେ ଆପଣାର ସର୍ବସ୍ୱ ସେମାନଙ୍କୁ ବାଣ୍ଟିଦେଲେ ।**

**୧୩ ଅଳ୍ପ ଦିନ ଉତ୍ତାରେ ସାନ ପୁଅ ସବୁ ଏକାଠି କରି ଦୂର ଦେଶକୁ ଚାଲିଗଲା, ଆଉ ସେଠାରେ କଦାଚାରରେ ଆପଣାର ସମ୍ପତ୍ତି ଉଡ଼ାଇଦେଲା ।**

**୧୪ କିନ୍ତୁ ସମସ୍ତ ଅପବ୍ୟୟ କଲା ପରେ ସେ ଦେଶରେ ମହାଦୁର୍ଭିକ୍ଷ ପଡ଼ିବାରୁ ତାହାର ଅଭାବ ହେବାକୁ ଲାଗିଲା ।**

**୧୫ ସେଥିରେ ସେ ଯାଇ ସେହି ଦେଶର ଜଣେ ଲୋକଙ୍କର ଆଶ୍ରୟ ନେଲା, ଆଉ ସେ ତାହାକୁ ଘୁଷୁରି ଚରାଇବା ପାଇଁ ଆପଣା କ୍ଷେତକୁ ପଠାଇଲେ;**

**୧୬ ପୁଣି, ଘୁଷୁରିମାନେ ଯେଉଁ ଶିମ ଖାଉଥିଲେ, ସେଥିରେ ସେ ଆପଣା ପେଟ ପୂରାଇବାକୁ ବାଞ୍ଛା କରୁଥିଲା, କିନ୍ତୁ କେହି ତାହାକୁ କିଛି ଦେଉ ନ ଥିଲେ ।**

୧୭ ମାତ୍ର ସେ ଚେତନା ପାଇ କହିଲା, ମୋର ବାପାଙ୍କ କେତେ ମୂଲିଆଙ୍କର ଖାଦ୍ୟ ବଳିପଡୁଅଛି,
କିନ୍ତୁ ମୁଁ ଏଠାରେ ଭୋକରେ ମରୁଅଛି ।
୧୮ ମୁଁ ଉଠି ମୋର ବାପାଙ୍କ ପାଖକୁ ଯିବି ଓ ତାଙ୍କୁ କହିବି, ବାପା, ଈଶ୍ୱରଙ୍କ ବିରୁଦ୍ଧରେ ଓ ତୁମ୍ଭ
ଦୃଷ୍ଟିରେ ମୁଁ ପାପ କଲି;
୧୯ ତୁମ୍ଭ ପୁଅ ବୋଲି ଡକାଯିବାର ମୁଁ ଆଉ ଯୋଗ୍ୟ ନୁହେଁ, ମୋତେ ତୁମ୍ଭର ଜଣେ ମୂଲିଆ ପରି
ରଖ ।
୨୦ ସେଥିରେ ସେ ଉଠି ଆପଣା ପିତାଙ୍କ ନିକଟକୁ ଗଲା । କିନ୍ତୁ ସେ ଦୂରରେ ଥାଉ ଥାଉ ତାହାର
ପିତା ତାହାକୁ ଦେଖି ଦୟାରେ ବିଗଳିତ ହେଲେ ଓ ଦୌଡ଼ିଯାଇ ତାହାକୁ ଆଲିଙ୍ଗନ କରି ଅତି ସ୍ନେହରେ
ଚୁମ୍ବନ ଦେଲେ ।
୨୧ ପୁତ୍ର ତାଙ୍କୁ କହିଲା, ବାପା, ଈଶ୍ୱରଙ୍କ ବିରୁଦ୍ଧରେ ଓ ତୁମ୍ଭ ଦୃଷ୍ଟିରେ ମୁଁ ପାପ କଲି, ତୁମ୍ଭ ପୁଅ
ବୋଲି ଡକାଯିବାର ମୁଁ ଆଉ ଯୋଗ୍ୟ ନୁହେଁ ।
୨୨ କିନ୍ତୁ ପିତା ଆପଣା ଦାସମାନଙ୍କୁ କହିଲେ, ସବୁଠାରୁ ଭଲ ଲୁଗା ଚଞ୍ଚଳ ଘେନିଆସି ଏହାକୁ
ପିନ୍ଧାଅ, ଏହାର ହାତରେ ମୁଦି ଓ ପାଦରେ ପାଦୁକା ଦିଅ,
୨୩ ପୁଣି ମୋଟା ବାଛୁରିଟି ଆଣି ମାର; ଆସ, ଆମ୍ଭେମାନେ ଭୋଜନ କରି ଉତ୍ସବ କରୁ,
୨୪ କାରଣ ମୋହର ଏହି ପୁଅ ମୃତ ହୋଇଥିଲା, ପୁନର୍ବାର ବଞ୍ଚିଲା; ହଜିଯାଇଥିଲା, ଆଉ
ମିଳିଲା । ସେଥିରେ ସେମାନେ ଉତ୍ସବ କରିବାକୁ ଲାଗିଲେ ।
୨୫ ସେତେବେଳେ ତାଙ୍କ ବଡ଼ ପୁଅ କ୍ଷେତରେ ଥିଲା । ସେ ଯେତେବେଳେ ଆସି ଘର ପାଖରେ
ପହଞ୍ଚିଲା, ସେତେବେଳେ ବାଦ୍ୟ ଓ ନୃତ୍ୟର ଶବ୍ଦ ଶୁଣି,
୨୬ ଦାସମାନଙ୍କ ମଧ୍ୟରୁ ଜଣକୁ ପାଖକୁ ଡାକି ସେହିସବୁ କଅଣ ବୋଲି ପଚାରିବାକୁ ଲାଗିଲା ।
୨୭ ସେ ତାହାକୁ କହିଲା, ତୁମ୍ଭର ଭାଇ ଆସିଅଛନ୍ତି, ଆଉ ତୁମ୍ଭର ବାପା ତାଙ୍କ ସୁସ୍ଥ ଶରୀରରେ
ପାଇବାରୁ ମୋଟା ବାଛୁରିଟିଏ ମାରିଅଛନ୍ତି ।
୨୮ ସେଥିରେ ସେ ରାଗିଯାଇ ଭିତରକୁ ଯିବା ପାଇଁ ମଙ୍ଗିଲା ନାହିଁ; କିନ୍ତୁ ତାହାର ପିତା ବାହାରକୁ
ଆସି ତାହାକୁ ବହୁତ ବୁଝାଇବାକୁ ଲାଗିଲେ ।
୨୯ ମାତ୍ର ସେ ପିତାଙ୍କୁ ଉତ୍ତର ଦେଲା, ଦେଖ, ଏତେ ବର୍ଷ ହେଲା ମୁଁ ତୁମ୍ଭର ଗୋଲାମ ପରି ଖଟି
ଆସିଅଛି, ପୁଣି, କେବେ ହେଲେ ତୁମ୍ଭର ଆଜ୍ଞା ଲଙ୍ଘନ କରି ନାହିଁ, ତଥାପି ମୋର ବନ୍ଧୁମାନଙ୍କ
ସହିତ ଉତ୍ସବ କରିବାକୁ ତୁମ୍ଭେ ମୋତେ କେବେହେଲେ ଛେଳିଛୁଆଟିଏ ମଧ୍ୟ ଦେଇ ନାହଁ;
୩୦ କିନ୍ତୁ ତୁମ୍ଭର ଏହି ଯେଉଁ ପୁଅ ବେଶ୍ୟାମାନଙ୍କ ସହିତ ତୁମ୍ଭର ସର୍ବସ୍ୱ ଖାଇ ଉଡାଇଦେଇଅଛି,
ଯେତେବେଳେ ସେ ଆସିଲା, ସେତେବେଳେ ତୁମ୍ଭେ ତାହା ପାଇଁ ମୋଟା ବାଛୁରିଟି ମାରିଲ ।
୩୧ ସେଥିରେ ସେ ତାହାକୁ କହିଲେ, ପୁଅରେ, ତୁ ତ ସବୁବେଳେ ମୋ’ ସାଙ୍ଗରେ ଅଛୁ, ଆଉ
ଯାହାସବୁ ମୋହର, ସେହିସବୁ ତୋହର;
୩୨ କିନ୍ତୁ ଏହି ଯେ ତୋହର ଭାଇଟି ମୃତ ହୋଇଥିଲା, ପୁନର୍ବାର ବଞ୍ଚିଲା, ହଜିଯାଇଥିଲା, ଆଉ
ମିଳିଲା, ସେହି ହେତୁରୁ ଉତ୍ସବ ଓ ଆନନ୍ଦ କରିବା ଉଚିତ ଥିଲା ।

ପିତା ପୁତ୍ର ପ୍ରତି କରୁଣା ଓ ଅନୁଗ୍ରହ ସଂପ୍ରସାରିତ କରି ତାଙ୍କର ପ୍ରେମ ପ୍ରକାଶ କରିଥିଲେ ।

**କରୁଣା:** ପିତା, ପୁତ୍ର କରିଥିବା ସମସ୍ତ ଭୁଲ କ୍ଷମା କରିଦେଲେ- ସେ ସମସ୍ତ ଧନସମ୍ପତ୍ତି ଉଡ଼ାଇ ଦେଇଥିଲା, ପରିବାରକୁ ବଦ୍‌ନାମ କରିଥିଲା, ଲଜ୍ଜା ଆଣିଥିଲା, ଆତ୍ମସମ୍ମାନ ନଷ୍ଟ କରିଥିଲା, ଇତ୍ୟାଦି ।

**ଅନୁଗ୍ରହ:** ପୁଅ ଯାହା ପାଇବାକୁ ଯୋଗ୍ୟ ନ ଥିଲା ପିତା ତାକୁ ତାହା ଦେଇଥିଲେ- ସବୁଠାରୁ ଭଲ ଲୁଗା, ମୁଦି, ପାଦୁକା, ଏକ ବ୍ୟୟବହୁଳ ଉତ୍ସବ ଏବଂ ଗୃହରେ ଉତ୍ତରାଧିକାରୀ ହେବାର ଅଧିକାର ।

ଆମେ ଯଦି ତାଙ୍କ ନିକଟକୁ ଫେରି ଆସୁ, ତାଙ୍କର ଅମାପ ପ୍ରେମକୁ ପ୍ରତ୍ୟେକ୍ଷ ଭାବରେ ଅନୁଭବ କରିପାରିବା । ଆମେ ତାଙ୍କର ପ୍ରଚୁର କରୁଣା ଓ ଅସୀମ ଅନୁଗ୍ରହ ପ୍ରାପ୍ତ ହେବା ।

## ଈଶ୍ୱରଙ୍କ ଅମାପ ପ୍ରେମ ବିଷୟରେ ଏହା କ'ଣ ପ୍ରକାଶ କରେ

ଆମେ ବିଦ୍ରୋହୀ ହେଲେ ସୁଦ୍ଧା ସେ ଆମକୁ ପ୍ରେମ କରନ୍ତି ।

ଆମେମାନେ ଅଶ୍ଳୀଳତାରେ ଆଚ୍ଛାଦିତ ଓ ପାପରେ ବୁଡି ରହିଥିଲେ ସୁଦ୍ଧା ସେ ଆମକୁ ପ୍ରେମ କରନ୍ତି ।

ଯେତେବେଳେ ଆମେମାନେ ଭଗ୍ନ, ପତିତ ଅଟୁ ଓ ନିଜର ସର୍ବନାଶ ଘଟାଇଛୁ, ତେବେ ବି ସେ ଆମକୁ ପ୍ରେମ କରନ୍ତି ।

ଆମେମାନେ ମନ୍ଦତମ ଅବସ୍ଥାରେ ରହିଥିବା ସମୟରେ ସୁଦ୍ଧା ସେ ଆମକୁ ପ୍ରେମ କରନ୍ତି ।

ଏଠାରେ ଆମେ ଏପରି ପ୍ରେମକୁ ଦେଖୁ ଯାହା ମହାସାଗର ପରି ବ୍ୟାପକ । ଏହି ପ୍ରେମ ଆମର ଗଭୀରତମ ଦୁଷ୍ଟତାରୁ, ଆମର ସବୁଠୁ ବଡ଼ ବିପଥଗମନରୁ, ଆମର ବିଶ୍ୱାସବିହୀନ ବିସ୍ମୟ ପ୍ରକାଶ କରିବାରୁ, ଆମର ସମ୍ପୂର୍ଣ୍ଣ ସ୍ୱେଚ୍ଛାଚାରିତାରୁ ତାଙ୍କର ପ୍ରେମ ଅତ୍ୟନ୍ତ ଅଧିକ ଅଟେ ।

ଈଶ୍ୱର ଆମମାନଙ୍କୁ ଅପରିମେୟ ଓ ଅକ୍ଳାନ୍ତ ଭାବରେ ପ୍ରେମ କରନ୍ତି । ପିତାଙ୍କ ପ୍ରେମକୁ ମାପି ହୁଏନା, ଯାହା ତାହାଙ୍କ ପୁତ୍ରଙ୍କ ଦ୍ୱାରା ଆମ ନିକଟରେ ପ୍ରକାଶିତ ହୋଇଛି । ତାଙ୍କର ସେହି ଅମାପ ପ୍ରେମରେ ସେ ଆମ ଉପରେ ତାଙ୍କର କରୁଣା ଓ ଅନୁଗ୍ରହ ଢ଼ାଳି ଦେଇଥାନ୍ତି ।

ରୋମୀୟ ୮ :୩୨
ଯେ ଆପଣା ପୁତ୍ରଙ୍କୁ ସୁଦ୍ଧା ରକ୍ଷା କଲେ ନାହିଁ, ମାତ୍ର ଆମସମସ୍ତଙ୍କ ନିମନ୍ତେ ତାହାଙ୍କୁ ସମର୍ପଣ କଲେ, ସେ କିପରି ତାହାଙ୍କ ସହିତ ମଧ୍ୟ ସମସ୍ତ ବିଷୟ ଆମ୍ଭମାନଙ୍କୁ ଅନୁଗ୍ରହରେ ଦାନ ନ କରିବେ ?

## ତାହାଙ୍କ କରୁଣା ଓ ଅନୁଗ୍ରହ ପ୍ରାପ୍ତ ହେବା ଏବଂ ଈଶ୍ୱରଙ୍କର ସନ୍ତାନ ହେବା ପାଇଁ ପ୍ରାର୍ଥନା

ଈଶ୍ୱର ଆମମାନଙ୍କୁ ଏହି ଆଶ୍ଚର୍ଯ୍ୟ ସୁଯୋଗ ଦେଇଛନ୍ତି ଯେପରି କି ଆମେ ପାପକ୍ଷମା ପାଇବା ଓ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରି ତାହାଙ୍କର ସନ୍ତାନ ହୋଇପାରିବା । ଏହି ନିଷ୍ପତ୍ତି ଆମେ ପ୍ରତ୍ୟେକେ ବ୍ୟକ୍ତିଗତ ଭାବରେ ନେବାକୁ ହେବ । ଅନ୍ୟଜଣେ ଆମ ପାଇଁ ଏହା କରି ନ ପାରେ । ଆମେ ବ୍ୟକ୍ତିଗତ ଭାବେ ମନୋନୀତ କରିବା ଯେ ଯୀଶୁ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କରି ଆମେ ସାରାଜୀବନ ତାଙ୍କର, କେବଳ ତାଙ୍କର ଅନୁଗମନ କରିବା । ବାଇବଲ କହେ:

ଯୋହନ ୧ :୧୨
ମାତ୍ର ଯେତେ ଲୋକ ତାହାଙ୍କୁ ଗ୍ରହଣ କଲେ, ଅର୍ଥାତ୍ ଯେଉଁମାନେ ତାହାଙ୍କ ନାମରେ ବିଶ୍ୱାସ କଲେ, ସେସମସ୍ତଙ୍କୁ ସେ ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ ଅଧିକାର ଦେଲେ ।

ଆପଣ ଯଦି ଯୀଶୁଖ୍ରୀଷ୍ଟଙ୍କୁ ନିଜର ବ୍ୟକ୍ତିଗତ ତ୍ରାଣକର୍ତ୍ତା ଓ ପ୍ରଭୁରୂପେ ଗ୍ରହଣ କରିବାକୁ ଏବଂ ପାପକ୍ଷମା ଲାଭ କରି ଈଶ୍ୱରଙ୍କ ସନ୍ତାନ ହେବାର ସୁଯୋଗ ପାଇବାକୁ କେବେ ନିଷ୍ପତ୍ତି ନେଇନାହାନ୍ତି, ତେବେ ବର୍ତ୍ତମାନ ଏହି ସିଦ୍ଧାନ୍ତ ନେଇପାରନ୍ତି ।

ଆପଣ ଏହି ନିଷ୍ପତ୍ତି ନେବାକୁ ଯାଇ ନିମ୍ନମତେ ପ୍ରାର୍ଥନା କରିପାରନ୍ତି । ଆପଣ ନିଜର ଶବ୍ଦ ପ୍ରୟୋଗ କରି ମଧ୍ୟ ପ୍ରାର୍ଥନା କରିପାରନ୍ତି ।

*ପ୍ରିୟ ପ୍ରଭୁ ଯୀଶୁ, ଧନ୍ୟବାଦ ଦେଉଛି ଯେ ତୁମେ ମୋ' ଲାଗି କ୍ରୁଶରେ ପ୍ରାଣ ଦାନ କଲ ଓ ପିତାଙ୍କର ମହାପ୍ରେମକୁ ମୋ ନିକଟରେ ପ୍ରକାଶ କଲ । ମୁଁ ବିଶ୍ୱାସ କରୁଅଛି ଯେ ତୁମେ କ୍ରୁଶରେ ପ୍ରାଣ ଦେଇ ମୋର ସମସ୍ତ ପାପର ମୂଲ୍ୟକୁ ପରିଶୋଧ କଲ । ମୁଁ ବିଶ୍ୱାସ କରୁଛି ଯେ ତୁମେ ଶୟତାନକୁ ପରାଜିତ କଲ, ନରକ ଓ ମୃତ୍ୟୁକୁ ଜୟ କଲ ଏବଂ ତୃତୀୟ ଦିବସରେ ପୁନରୁତ୍ଥିତ ହେଲେ । ମୁଁ ବିଶ୍ୱାସ କରୁଅଛି ଯେ ଆଜି ତୁମେ ଜୀବିତ ଓ ମୋତେ ଈଶ୍ୱରଙ୍କ ପରିବାର ମଧ୍ୟକୁ ଆଣିବାକୁ ଅପେକ୍ଷା କରି ରହିଛ । ଆଜି ମୁଁ ତୁମକୁ*

*ତ୍ରାଣକର୍ତ୍ତା ଓ ପ୍ରଭୁ ଭାବରେ ଗ୍ରହଣ କରୁଛି । ମୁଁ ତୁମଠାରେ ବିଶ୍ୱାସ କରୁଛି । ମୋତେ ଜଣେ ଈଶ୍ୱରଙ୍କର ସନ୍ତାନ କର ଓ ସାହାଯ୍ୟକର ଯେପରି ମୁଁ ସାରାଜୀବନ ତୁମର ଅନୁଗମନ କରିବି । ଯୀଶୁଙ୍କ ନାମରେ । ଆମେନ୍ ।*

## ଅନୁଚିନ୍ତା

୧. ବିଶ୍ୱାସୀଭାବରେ ଆମେମାନେ କାହିଁକି ଆମ ପ୍ରତି ଥିବା ପିତାଙ୍କର ଅମାପ ପ୍ରେମରେ "ବଦ୍ଧମୂଳ" ଓ "ଦୃଢ଼ରୂପେ ସ୍ଥାପିତ" ହେବା ଗୁରୁତ୍ୱପୂର୍ଣ୍ଣ ?

________________________________________________________

________________________________________________________

________________________________________________________

________________________________________________________

________________________________________________________

୨. ଆମ ପ୍ରତି ତାହାଙ୍କର ଅମାପ ପ୍ରେମ ସକାଶୁ ଈଶ୍ୱରଙ୍କ କରୁଣା ଓ ଅନୁଗ୍ରହ ପ୍ରବାହିତ ହୋଇଥାଏ । "କରୁଣା" ଓ "ଅନୁଗ୍ରହ" କହିଲେ ଆପଣ କ'ଣ ବୁଝନ୍ତି ?

________________________________________________________

________________________________________________________

________________________________________________________

________________________________________________________

________________________________________________________

୩. ନିଜକୁ ଈଶ୍ୱରଙ୍କ ପ୍ରେମର ମହାସାଗରରେ ନିମଜ୍ଜିତ ମନେ କରନ୍ତୁ । ଆପଣଙ୍କ ଚିନ୍ତାସବୁ ଲେଖନ୍ତୁ । ସର୍ତ୍ତବିହୀନ ଭାବରେ ଏପରି ଅପରିମେୟ ଭାବରେ ପ୍ରେମ ପାଇବାର ଅର୍ଥ କ'ଣ ପ୍ରକାଶ କରେ ?

-----------------------------------------------------------

-----------------------------------------------------------

-----------------------------------------------------------

-----------------------------------------------------------

-----------------------------------------------------------

# ୩

# ଆମମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ପ୍ରକୃତ ଛବି

ବାଇବଲରେ ଯେପରି ଉପସ୍ଥାପିତ କରାଯାଇଛି ତଦନୁସାରେ ଆମେ ଈଶ୍ୱରଙ୍କର ଏକ ସଠିକ୍ ଛବି, ଏକ ବାସ୍ତବ ଛବି ପାଇବା ଆବଶ୍ୟକ ।

ଏକ ଭୁଲ ଛବି ଈଶ୍ୱରଙ୍କ ଆଗରେ ଏକ ଭୁଲ ମନୋବୃତ୍ତି ଆଣିପାରେ, ଅର୍ଥାତ୍ ଈଶ୍ୱରଙ୍କ ସହିତ ଆମର ସମ୍ପର୍କ ଭୁଲ ମାର୍ଗରେ ପରିଚାଳିତ ହେବ । ଉଦାହରଣ ସ୍ୱରୂପ, ଆମେ ଯଦି ମନେ କରୁ ଯେ ଈଶ୍ୱର କୃପଣ, ଲୋଭୀ, ଆଶୀର୍ବାଦ କରିବାକୁ ଓ ଯୋଗାଇବା ପାଇଁ କୁଣ୍ଠିତ ଏବଂ ତାଙ୍କ ଲୋକମାନଙ୍କୁ ସମୃଦ୍ଧି ଦିଅନ୍ତି ନାହିଁ, ତେବେ ଆମେ ଈଶ୍ୱରଙ୍କଠାରୁ ଆଶୀର୍ବାଦ ମାଗିବା ଓ ଆମ ଜୀବନ ନିମନ୍ତେ ଆବଶ୍ୟକ ବିଷୟସବୁ ମାଗିବାବେଳେ ଭରସାଯୁକ୍ତ ଭାବରେ ପ୍ରାର୍ଥନା କରି ପାରିବା ନାହିଁ । ଆମର ପ୍ରାର୍ଥନାସବୁରେ "ଯଦି" ଓ "ହୁଏତ" ଭଳି ଶବ୍ଦ ଭରି ରହିଥାଏ ।

ଆମମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ସମ୍ପର୍କରେ ଭୁଲ ଛବି, ଈଶ୍ୱରଙ୍କ ଇଚ୍ଛା ଆମକୁ ଅନିଶ୍ଚିତ କରିଥାଏ ।

ଆମମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ସମ୍ପର୍କରେ ଭୁଲ ଛବି, ଜୀବନର ଆହ୍ୱାନକାରୀ ସମୟରେ ଆମକୁ ଦୁର୍ବଳ ଓ ଭୟଭୀତ କରିଦେବ । ଈଶ୍ୱର ଆମ ପ୍ରତି ଖୁସି ଅଛନ୍ତି କି କ୍ରୋଧିତ ଅଛନ୍ତି ଆମେ ନିଶ୍ଚିତ ହୋଇ ପାରି ନ ଥାଉ ।

ଆମ ମଧ୍ୟରେ ଅନେକେ ଅନାଥାଶ୍ରମଗୁଡ଼ିକରେ ବଢ଼ିଛୁ ଯେଉଁଠାରେ ଆମେ ପିତାମାତାଙ୍କ ପ୍ରେମ ବା ପିତାଙ୍କର ପ୍ରେମ ଅନୁଭବ କରିନାହୁଁ । ଆମ ମଧ୍ୟରୁ ଅନେକଙ୍କ ଉତ୍ତମ ପିତାମାତା ରହିଥିଲେ ମଧ୍ୟ ସେମାନଙ୍କର ପ୍ରେମ ହୁଏତ ଆମେ କେତେ ଅନୁଭବ କରିନାହୁଁ ।

ତେଣୁ ଏହି ଅଧ୍ୟାୟରେ ଆମମାନଙ୍କ ସ୍ୱର୍ଗସ୍ଥ ପିତା ଈଶ୍ୱରଙ୍କ ସମ୍ବନ୍ଧରେ ଆମେ କେତେକ ତଥ୍ୟ ଉପସ୍ଥାପିତ କରିଛୁ ଯାହା ସଙ୍ଗେ ଆମେ ଆମର ବ୍ୟକ୍ତିଗତ ଅନୁଭୂତିରୁ ବା ପୂର୍ବ

ଧାରଣାରୁ ତାଙ୍କ ବିଷୟରେ ଯେଉଁସବୁ ବୈଶିଷ୍ଟ୍ୟ ବର୍ଣ୍ଣନା କରିଥାଉ ତାକୁ ତୁଳନା କରିପାରିବା । ଏହି ଅଧ୍ୟାୟରେ ଆମର ଲକ୍ଷ୍ୟ ରହିଛି ଆମ ସ୍ୱର୍ଗସ୍ଥ ପିତାଙ୍କ ସମ୍ପର୍କରେ ବାଇବଲର ଦୃଷ୍ଟିକୋଣ ଜାଣିବା । ଏଠାରେ ଦିଆଯାଇଥିବା ବର୍ଣ୍ଣନା ସମ୍ପୂର୍ଣ୍ଣ ନୁହେଁ, ତଥାପି ଏଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଏବଂ ଏସବୁ ବର୍ଣ୍ଣନା ଆମ ସ୍ୱର୍ଗସ୍ଥ ପିତାଙ୍କ ବିଷୟରେ ବାଇବଲର ଛବିକୁ ବୁଝିବାରେ ଗୁରୁତ୍ୱପୂର୍ଣ୍ଣ ଅଟେ ।

## ୧. ଜଣେ ଅପରିବର୍ତ୍ତନୀୟ ସ୍ୱର୍ଗସ୍ଥ ପିତା

ଈଶ୍ୱର ଜଣେ ଅପରିବର୍ତ୍ତନୀୟ ସ୍ୱର୍ଗସ୍ଥ ପିତା ଯାହାଙ୍କ ଉପରେ ଆମେ ଭରସା କରିପାରିବା, ନିର୍ଭର କରିପାରିବା । ତାଙ୍କ ସଙ୍ଗେ ଜଣେ ଜଗତର ପିତାଙ୍କୁ ତୁଳନା କରନ୍ତୁ, ଯାହାଙ୍କ ବ୍ୟବହାର ଓ କାର୍ଯ୍ୟ ଅନପେକ୍ଷିତ ଓ ଅନିଶ୍ଚିତ ହୋଇଥାଏ ।

**ଯାକୁବ ୧:୧୭**
**ସମସ୍ତ ଉତ୍ତମ ଦାନ ଓ ସମସ୍ତ ସିଦ୍ଧ ବର ଊର୍ଦ୍ଧ୍ୱରୁ, ଅର୍ଥାତ୍ ଜ୍ୟୋତିର୍ଗଣର ପିତାଙ୍କଠାରୁ ଆସେ, ଯାହାଙ୍କଠାରେ କୌଣସି ପରିବର୍ତ୍ତନ ବା ଲେଶମାତ୍ର ବିକାର ନାହିଁ ।**

ଆମର ସ୍ୱର୍ଗସ୍ଥ ପିତା ଯାହା ଅଟନ୍ତି, ଯାହା କହନ୍ତି ଓ ଯାହା କରନ୍ତି ତା' ସଙ୍ଗେ ସେ ନିଷ୍ପାପର ରହିଥାନ୍ତି । ଆମେ ତାଙ୍କ ଉପରେ ନିର୍ଭର କରିପାରିବା ଓ ସମ୍ପୂର୍ଣ୍ଣରୂପେ ଆସ୍ଥା ସ୍ଥାପନ କରିପାରିବା ।

## ୨. ଜଣେ ନିର୍ଭରଯୋଗ୍ୟ ସ୍ୱର୍ଗସ୍ଥ ପିତା

ଈଶ୍ୱର ଜଣେ ନିର୍ଭରଯୋଗ୍ୟ ସ୍ୱର୍ଗସ୍ଥ ପିତା ଯେ ଆମକୁ କେବେ ନିରାଶ କରନ୍ତି ନାହିଁ । ତାହାଙ୍କ ସଙ୍ଗେ ଜାଗତିକ ପିତାମାତାଙ୍କୁ ତୁଳନା କରନ୍ତୁ ଯେଉଁମାନେ ଆମକୁ ନିରାଶ କରନ୍ତି ବା ଅନୁପସ୍ଥିତ ରହନ୍ତି । ଆମେ ସେମାନଙ୍କୁ ନିହାତି ଲୋଡୁଥିବା ସମୟରେ ସେମାନେ 'ଉପସ୍ଥିତ' ଥିଲେ ବି 'ଅନୁପସ୍ଥିତ' ରହିବା ପରି ଆଚରଣ କରିପାରନ୍ତି ।

**ଏବ୍ରୀ ୧୩:୫**
**ଆଚାରବ୍ୟବହାରରେ ଧନଲୋଭଶୂନ୍ୟ ହୁଅ, ତୁମ୍ଭମାନଙ୍କର ଯାହା କିଛି ଅଛି, ସେଥିରେ ସନ୍ତୁଷ୍ଟ ଥାଅ, କାରଣ ସେ ନିଜେ କହିଅଛନ୍ତି, "ଆମ୍ଭେ ତୁମ୍ଭକୁ କେବେହେଁ ଛାଡ଼ିବା ନାହିଁ, ଆମ୍ଭେ ତୁମ୍ଭକୁ କେବେହେଁ ପରିତ୍ୟାଗ କରିବା ନାହିଁ" ।**

ଈଶ୍ୱର ଜଣେ ସ୍ୱର୍ଗସ୍ଥ ପିତା ଯେ ଆମ ନିମନ୍ତେ ସର୍ବଦା ବିଦ୍ୟମାନ ଅଟନ୍ତି । ଈଶ୍ୱର ଏତେ

ଉତ୍ତମ ଯେ ସେ କେବେ ଭୁଲ କରି ନ ପାରନ୍ତି, ସେ ଏତେ ଜ୍ଞାନୀ ଯେ ସେ କେବେ ତ୍ରୁଟି କରି ନ ପାରନ୍ତି, ସେ ଏତେ ଶକ୍ତିଶାଳୀ ଯେ ସେ ଆମକୁ କେବେ ନିରାଶ କରି ନ ପାରନ୍ତି ।

### ୩. ଜଣେ ଦାନଶୀଳ ଓ ଉଦାର ପିତା

ଈଶ୍ୱର ଜଣେ ଦାନଶୀଳ ଓ ଉଦାର ପିତା ଅଟନ୍ତି । ତାଙ୍କ ସଙ୍ଗେ ତୁଳନା କଲେ ଜାଗତିକ ପିତାମାତା କୃପଣ ଓ ନୀଚମନା ଥାଆନ୍ତି, ଯେଉଁମାନଙ୍କୁ କିଛି ମାଗିବାକୁ ଆମେ ଭୟ କରିଥାଉ । ଆମମାନଙ୍କ ସ୍ୱର୍ଗସ୍ଥ ପିତା ଈଶ୍ୱର ଆମର ସମସ୍ତ ଅଭାବ ଓ ଆବଶ୍ୟକତା ପୂରଣ କରନ୍ତି ।

**ମାଥିଉ ୬:୩୧-୩୨**
**୩୧ ଏଣୁ କଅଣ ଖାଇବା ? ଅବା କଅଣ ପିଇବା ? କିଅବା କଅଣ ପିନ୍ଧିବା ? ଏହା କହି ଚିନ୍ତିତ ହୁଅ ନାହିଁ ।**
**୩୨ କାରଣ ବିଜାତିମାନେ ଏହିସବୁ ବିଷୟ ଖୋଜି ବୁଲନ୍ତି । ଆଉ, ଏହିସମସ୍ତ ବିଷୟ ଯେ ତୁମ୍ଭମାନଙ୍କର ପ୍ରୟୋଜନ, ତାହା ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ଜାଣନ୍ତି ।**

**ମାଥିଉ ୭:୭-୧୧**
**୭ ମାଗ, ସେଥିରେ ତୁମ୍ଭମାନଙ୍କୁ ଦିଆଯିବ; ଖୋଜ, ସେଥିରେ ତୁମ୍ଭମାନେ ସନ୍ଧାନ ପାଇବ; ଦ୍ୱାରରେ ମାର, ସେଥିରେ ତୁମ୍ଭମାନଙ୍କ ନିମନ୍ତେ ଫିଟାଇଦିଆଯିବ ।**

**୮ କାରଣ ଯେକେହି ମାଗେ, ସେ ପାଏ; ଯେ ଖୋଜେ, ସେ ସନ୍ଧାନ ପାଏ; ଆଉ, ଯେ ଦ୍ୱାରରେ ମାରେ, ତାହା ନିମନ୍ତେ ଫିଟାଇଦିଆଯାଏ ।**

**୯ କିମ୍ବା ତୁମ୍ଭମାନଙ୍କ ମଧ୍ୟରେ ଏପରି କେଉଁ ଲୋକ ଅଛି, ଯେ ନିଜ ପୁଅ ରୋଟୀ ମାଗିଲେ ତାହାକୁ ପଥର ଦେବ,**

**୧୦ କିଅବା ମାଛ ମାଗିଲେ ତାହାକୁ ସାପ ଦେବ ?**

**୧୧ ଏଣୁ ତୁମ୍ଭେମାନେ ଦୁଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ, ତେବେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକ ରୂପେ ଉତ୍ତମ ଉତ୍ତମ ବିଷୟ ନ ଦେବେ !**

ଈଶ୍ୱର ଜାଗତିକ ପିତାମାତାଙ୍କ ଠାରୁ ଈଶ୍ୱର ଅସୀମଗୁଣରେ ଉତ୍ତମ ଅଟନ୍ତି । ସେ ଆମର ଅଭାବ ଓ ଆବଶ୍ୟକତା ସବୁକୁ ଜାଣନ୍ତି ଏବଂ ତାହାଙ୍କ ସନ୍ତାନମାନଙ୍କ ଉତ୍ତମ ବିଷୟସବୁ ଦେଇଥାନ୍ତି ।

**ଯାକୁବ ୧:୫**
**କିନ୍ତୁ ତୁମ୍ଭମାନଙ୍କ ମଧ୍ୟରୁ ଯେବେ କାହାରି ଜ୍ଞାନର ଅଭାବ ଥାଏ, ତେବେ ଯେଉଁ ଈଶ୍ୱର ଦୋଷ ନ ଧରି ମୁକ୍ତ ହସ୍ତରେ ସମସ୍ତଙ୍କୁ ଦାନ କରନ୍ତି, ତାହାଙ୍କ ଛାମୁରେ ସେ ପ୍ରାର୍ଥନା କରୁ, ସେଥିରେ ତାହାକୁ ଦିଆଯିବ ।**

ଈଶ୍ୱର ସମସ୍ତଙ୍କୁ ଦାନ କରନ୍ତି, ସେ ମୁକ୍ତ ହସ୍ତରେ ଦାନ କରନ୍ତି, ସେ ଦୋଷ ନ ଧରି, ଆପତ୍ତି ବା ଅଭିଯୋଗ ନ କରି ଦାନ କରନ୍ତି ।

**ଗୀତସଂହିତା ୮୪:୧୧**
**କାରଣ ସଦାପ୍ରଭୁ ପରମେଶ୍ୱର ସୂର୍ଯ୍ୟ ଓ ଢାଲ ଅଟନ୍ତି; ସଦାପ୍ରଭୁ ଅନୁଗ୍ରହ ଓ ଗୌରବ ଦେବେ; ସେ ସରଳାଚାରୀମାନଙ୍କଠାରୁ କୌଣସି ମଙ୍ଗଳ ବିଷୟ ଅଟକାଇବେ ନାହିଁ ।**

ଈଶ୍ୱର ଦାନଶୀଳ ଓ ଉଦାର ସ୍ୱର୍ଗସ୍ଥ ପିତା ବୋଲି ଜାଣିବାରୁ ଆବଶ୍ୟକ ସମୟରେ ସାହାଯ୍ୟ ଭିକ୍ଷା କରିବାକୁ ଆମର ଅଭାବ ପୂରଣ ନିମନ୍ତେ ତାଙ୍କଠାରୁ ମାଗିବାକୁ ଆମେ ବିନାଦ୍ୱିଧାରେ ସାହସର ସହିତ ତାଙ୍କର ଅନୁଗ୍ରହର ସିଂହାସନ ନିକଟକୁ ଯାଇପାରିବା, କାରଣ ଆମେ ଜାଣୁ ଯେ ଆମେ ଯାହା ମାଗିବା ତାହା ସେ ଦେବେ ।

## ୪. ଜଣେ କରୁଣାମୟ ପିତା

ଆମମାନଙ୍କ ସ୍ୱର୍ଗସ୍ଥ ପିତା ଈଶ୍ୱର କ୍ରୋଧର ଧୀର ଓ ଅତ୍ୟନ୍ତ ଦୟାଳୁ । ଏହା ସଙ୍ଗେ ଜାଗତିକ ପିତାମାତାଙ୍କୁ ତୁଳନା କଲେ ଦେଖୁ ସେମାନେ ବଦରାଗୀ ବା କ୍ଷଣକ୍ରୋଧୀ ଥାଆନ୍ତି, ସହଜରେ କ୍ରୋଧିତ ହୋଇଥାନ୍ତି ।

ଆମେ ସମସ୍ତେ ଭୁଲ କରିଥାଉ, କିନ୍ତୁ ଈଶ୍ୱର ଜଣେ କରୁଣାମୟ ସ୍ୱର୍ଗସ୍ଥ ପିତା ଯେ କ୍ଷମା ପ୍ରଦାନ କରନ୍ତି ।

**ଗୀତସଂହିତା ୧୦୩:୮**
**ସଦାପ୍ରଭୁ ସ୍ନେହଶୀଳ ଓ କୃପାମୟ, କ୍ରୋଧରେ ଧୀର ଓ ଅତ୍ୟନ୍ତ ଦୟାଳୁ ।**

**ବିଳାପ ୩:୨୨-୨୩**
**୨୨ ସଦାପ୍ରଭୁଙ୍କ ବିବିଧ ଦୟା ସକାଶୁ ଆମ୍ଭେମାନେ ବିନଷ୍ଟ ହୋଇ ନାହୁଁ, କାରଣ ତାହାଙ୍କର କରୁଣା ଶେଷ ହୁଏ ନାହିଁ ।**
**୨୩ ସେସବୁ ପ୍ରତି ପ୍ରଭାତରେ ନୂତନ; ତୁମ୍ଭର ବିଶ୍ୱସ୍ତତା ମହତ୍ ।**

ଈଶ୍ୱର ଜଣେ କରୁଣାମୟ ସ୍ୱର୍ଗସ୍ଥ ପିତା ଯେ ଆମକୁ ଅନ୍ୟ ଏକ ସୁଯୋଗ ଦିଅନ୍ତି, ବାରମ୍ବାର ସୁଯୋଗ ଦିଅନ୍ତି ।

ଆମମାନଙ୍କୁ ସ୍ୱର୍ଗସ୍ଥ ପିତା ଈଶ୍ୱର ତାଙ୍କର କରୁଣାରେ ଆମମାନଙ୍କୁ ପ୍ରେମରେ ସଂଶୋଧନ ଓ ଶୃଙ୍ଖଳିତ କରିଥାନ୍ତି । ସେ ଆମକୁ ଶାସନ କଲେ ସୁଦ୍ଧା, ଆମ ପ୍ରତି ସେ ଦୟାଳୁ ଥାଆନ୍ତି ଓ ଆମର ମଙ୍ଗଳ ଚାହିଁଥାନ୍ତି । ଏ ବିଷୟରେ ଆମେ ଅନ୍ୟ ଏକ ଅଧ୍ୟାୟରେ ଆଲୋଚନା କରିବା ।

### ୫. ଜଣେ ମୁକ୍ତିକାରୀ ପିତା

ଆମମାନଙ୍କର ସ୍ୱର୍ଗସ୍ଥ ପିତା ଈଶ୍ୱର ଜଣେ ମୁକ୍ତିକାରୀ ପିତା ଅଟନ୍ତି, ଯେ କି ତାଙ୍କର ସମସ୍ତ କାର୍ଯ୍ୟରେ ମୁକ୍ତିକାରୀ ଭୂମିକା ନିଭାଇଥାନ୍ତି । ସବୁକିଛି ନଷ୍ଟ ହୋଇ ଯାଇଛି ମନେ ହେଉଥିବା ସମୟରେ ସୁଦ୍ଧା, ସେ ମୁକ୍ତିର ମାର୍ଗ ପ୍ରସ୍ତୁତ କରିଥାନ୍ତି- ପୁନରୁଦ୍ଧାର, ପୁନଃସ୍ଥାପନ, ପୁନଃନିର୍ମାଣ କରି ଅଧିକ ଗୌରବ ମଧ୍ୟକୁ ଉତ୍ତୋଳିତ କରିବା ଦିଗରେ କାର୍ଯ୍ୟ କରିଥାନ୍ତି । ଏହା ସଙ୍ଗେ ଜାଗତିକ ପିତାମାତାଙ୍କୁ ତୁଳନା କଲେ ସେମାନେ ଆମକୁ ଏକ ଚରମବାଣୀ ଶୁଣାଇବେ ଓ ଆମ ସଙ୍ଗେ ସମ୍ପର୍କ ତୁଟାଇ ଦେବେ ।

**ଯିଶାଇୟ ୬୩:୧୬**
**ଯଦ୍ୟପି ଅବ୍ରହାମ ଆମ୍ଭମାନଙ୍କୁ ଜାଣନ୍ତି ନାହିଁ ଓ ଇସ୍ରାଏଲ ଆମ୍ଭମାନଙ୍କୁ ସ୍ୱୀକାର କରନ୍ତି ନାହିଁ, ତଥାପି ତୁମ୍ଭେ ତ ଆମ୍ଭମାନଙ୍କର ପିତା; ହେ ସଦାପ୍ରଭୋ, ତୁମ୍ଭେ ଆମ୍ଭମାନଙ୍କର ପିତା ଅଟ; ଅନନ୍ତକାଳରୁ ଆମ୍ଭମାନଙ୍କର ମୁକ୍ତିଦାତା ବୋଲି ତୁମ୍ଭର ନାମ ଅଛି ।**

ଏ ବିଷୟରେ ଅଧିକ ଜାଣିବା ପାଇଁ APC ପକ୍ଷରୁ ପ୍ରକାଶିତ ପୁସ୍ତକ "ଈଶ୍ୱରଙ୍କ ମୁକ୍ତିକାରୀ ହୃଦୟ" ପାଠ କରନ୍ତୁ ।

### ୬. ଜଣେ ଗ୍ରହଣକାରୀ ପିତା

ଆମମାନଙ୍କର ସ୍ୱର୍ଗସ୍ଥ ପିତା ଈଶ୍ୱର ଜଣେ ଗ୍ରହଣକାରୀ ପିତା ଅଟନ୍ତି । ସେ ଆମକୁ ଗ୍ରହଣ କରନ୍ତି, ଆମଠାରେ ଆନନ୍ଦ କରନ୍ତି ଓ ପ୍ରେମଭରା ଚକ୍ଷୁରେ ଆମକୁ ସେ ଦେଖନ୍ତି । ଏହା ସଙ୍ଗେ ଜଣେ ଜାଗତିକ ପିତାଙ୍କୁ ତୁଳନା କଲେ ଆମେ ଦେଖୁ ସେ ଆମକୁ ଉପେକ୍ଷା କରନ୍ତି, ନୀଚ ଦୃଷ୍ଟିରେ ଦେଖନ୍ତି, ଆମକୁ ଅଯୋଗ୍ୟ, ଅନୁପଯୁକ୍ତ ବିବେଚନା କରନ୍ତି, ଆମକୁ ସର୍ବଦା ସନ୍ଦେହ ଦୃଷ୍ଟିରେ ଦେଖନ୍ତି, ଏବଂ ଆମକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥାନ୍ତି ।

**ଏଫିସୀୟ ୧ :୪-୬**
**୪ ଅର୍ଥାତ୍ ଆମ୍ଭେମାନେ ଯେପରି ତାହାଙ୍କ ସାକ୍ଷାତରେ ପବିତ୍ର ଓ ଅନିନ୍ଦନୀୟ ହେଉ, ଏଥିପାଇଁ ସେ ଜଗତର ପତ୍ତନ ପୂର୍ବେ ତାହାଙ୍କଠାରେ ଆମ୍ଭମାନଙ୍କୁ ମନୋନୀତ କଲେ,**
**୫ ପୁଣି, ସେ ଆମ୍ଭମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା ଆପଣା ନିମନ୍ତେ ପୁତ୍ର କରିବାକୁ ଆପଣା ସ୍ୱଚ୍ଛନ୍ଦ ଇଚ୍ଛାନୁସାରେ ଆମ୍ଭମାନଙ୍କୁ ପ୍ରେମରେ ପୂର୍ବରୁ ନିରୂପଣ କଲେ,**
**୬ ଏହା ତାହାଙ୍କ ଅନୁଗ୍ରହର ଗୌରବର ପ୍ରଶଂସା ନିମନ୍ତେ ହୋଇଅଛି; ସେହି ଅନୁଗହ ସେ ପ୍ରିୟତମଙ୍କ ଦ୍ୱାରା ଆମ୍ଭମାନଙ୍କୁ ଦାନ କରିଅଛନ୍ତି ।**

ଯେହେତୁ ଆମେ ଜାଣୁ ଯେ ଆମେମାନେ ତାହାଙ୍କ ଦୃଷ୍ଟିରେ ଏତେ ପ୍ରେମାସ୍ପଦ ଓ ଗ୍ରହଣୀୟ ଅଟୁ, ସ୍ୱାଗତଯୋଗ୍ୟ ଅଟୁ, ତେଣୁ ଆମେ ତାହାଙ୍କ ସାନ୍ନିଧ୍ୟକୁ ଭକ୍ତିଭରେ, ଅଥଚ ଆନନ୍ଦରେ ଓ ମୁକ୍ତଭାବରେ, ପ୍ରବେଶ କରିଥାଉ । ସେ ଆମର ସ୍ୱର୍ଗସ୍ଥ ପିତା ଅଟନ୍ତି ଯେ ଆମଠାରେ ଆନନ୍ଦ ପାଆନ୍ତି ଓ ସେ ମଧ୍ୟ ଚାହାନ୍ତି ଯେପରି ଆମେ ମଧ୍ୟ ତାଙ୍କଠାରେ ଆନନ୍ଦ କରିବା ।

ଆମେ ଯେଉଁ ମାର୍ଗରେ ରହିଥିଲେ ସୁଦ୍ଧା ସେ ଆମକୁ ଗ୍ରହଣ କରନ୍ତି ଏବଂ ଖ୍ରୀଷ୍ଟଙ୍କଠାରେ ଆମେ ଯାହା ହେବା ଉଚିତ ତଦନୁସାରେ ସେ ଆମକୁ ଗ୍ରହଣ କରନ୍ତି । ତାହାଙ୍କ ଦ୍ୱାରା ଗ୍ରହଣୀୟ ଓ ପସନ୍ଦଯୋଗ୍ୟ ହେବା ପାଇଁ ଆମକୁ କିଛି ହାସଲ କରିବା ଅନାବଶ୍ୟକ । ଆମେ ଗ୍ରହଣ କରାଯାଇଛୁ । ଅଗ୍ରାହ୍ୟ ହେବାର ଭାବନା ଆଉ ନାହିଁ ।

## ୭. ଜଣେ ପ୍ରଚୁର ଅନୁଗ୍ରହକାରୀ ପିତା

ଈଶ୍ୱର ଜଣେ ଅନୁଗ୍ରହରେ ପୂର୍ଣ୍ଣ ସ୍ୱର୍ଗସ୍ଥ ପିତା ଅଟନ୍ତି ଯେ ଆମକୁ ଆମର ଅଯୋଗ୍ୟତା ସତ୍ତ୍ୱେ ସମସ୍ତ ବିଷୟ ଦିଅନ୍ତି, କାରଣ ସେ ଆମମାନଙ୍କ ପ୍ରତି ସଦୟ ଓ ପ୍ରସନ୍ନ ଅଟନ୍ତି । ଏହା ସଙ୍ଗେ ଜଣେ କାର୍ଯ୍ୟ-ଆଦାୟକାରୀ ଜାଗତିକ ପିତାଙ୍କୁ ତୁଳନା କଲେ ଦେଖୁ ସେ ଚାହାନ୍ତି ପ୍ରତ୍ୟେକ ବିଷୟକୁ ଯଥାର୍ଥଭାବରେ ଅର୍ଜନ କରିବା ଦରକାର ଏବଂ ଆମେ ଯାହା ପାଇବାର ଯୋଗ୍ୟ ତାହା ହିଁ ପାଇଥାଉ ।

କାର୍ଯ୍ୟ-ଆଦାୟକାରୀ ପିତାମାତା ଯଦି ଆମଠାରେ ଉଚ୍ଚ ଆଶାପୋଷଣ କରନ୍ତି ତେବେ ଆମେ ଅନୁଭବ କରୁ ଯେ ଆମେ ଆଦୌ□ଉତ୍ତମ ନୋହୁଁ, ଏବଂ ଆମେ ବିଫଳ ହୋଇଛୁ । ଯଦି ଆମେ ସେମାନଙ୍କର ଆଶାଠାରୁ ଅଧିକ କିଛି ହାସଲ କରୁ ତାହା ହେଲେ ଯାଇ ସେମାନେ ଆମକୁ ସ୍ୱୀକୃତି ଦିଅନ୍ତି ।

ଯଦି ଆମଠାରେ ଈଶ୍ୱରଙ୍କ ଅନୁଗ୍ରହ ସମ୍ପର୍କରେ ଏହି ଜ୍ଞାନ ନାହିଁ, ତେବେ ଆମେ ଆମର କାର୍ଯ୍ୟ ଭିତ୍ତିରେ ଈଶ୍ୱରଙ୍କ ସହିତ ସମ୍ପର୍କ ରକ୍ଷା କରିବାକୁ ଚାହିଁବା, ଅର୍ଥାତ୍ ଈଶ୍ୱରଙ୍କ ନିମନ୍ତେ ଆମେ ଆମ ସେବାକାର୍ଯ୍ୟରେ, ମଣ୍ଡଳୀରେ, ଅନ୍ୟସବୁରେ ଯାହାସବୁ କରିଥାଉ ତା' ଉପରେ ନିର୍ଭର କରିବା । ଏପରି 'କାର୍ଯ୍ୟ' ଆମେ ଯେତେ ଅଧିକ କରିଥାଉ ସେତେ ଅଧିକ ଈଶ୍ୱରଙ୍କ ଦ୍ୱାରା ଗ୍ରହଣୀୟ ହୋଇଥାଉ ବୋଲି ଆମେ ମନେ କରୁ । ଆମେ ଯାହାସବୁ କରୁ ସେଥିପାଇଁ ଆମେ ସ୍ୱୀକୃତି ଓ ପ୍ରଶଂସା ପାଇବାକୁ ଚାହିଁଥାଉ ଏବଂ ଏହା ଉପରେ ଆମର ପରିଚୟ ସୃଷ୍ଟି କରିବାକୁ ଚାହିଁଥାଉ- କାରଣ ଆମେ ଅନୁଗ୍ରହ କ'ଣ ତାହା ବୁଝି ନ ଥାଉ ।

ଯେତେବେଳେ ଆମେ ବୁଝୁ ଯେ ଈଶ୍ୱର ପ୍ରଚୁର ଅନୁଗ୍ରହକାରୀ ପିତା ଅଟନ୍ତି, ଆମେ ଅନ୍ୟମାନଙ୍କ ପ୍ରତି ଦୟା ଦେଖାଇଥାଉ, କାରଣ ଆମ ପ୍ରତି ସମ୍ପ୍ରସାରିତ ଈଶ୍ୱରଙ୍କ ଅନୁଗ୍ରହକୁ ଆମେ ବହୁମୂଲ୍ୟ ମନେ କରିଥାଉ ।

**ଏଫିସୀୟ ୨:୭**
**ଯେପରି ଖ୍ରୀଷ୍ଟ ଯୀଶୁଙ୍କଠାରେ ସେ ଆମ୍ଭମାନଙ୍କ ପ୍ରତି କରୁଣା କରି ଆଗାମୀ ଯୁଗରେ ଆପଣା ଅନୁଗ୍ରହର ଅତ୍ୟଧିକ ଧନ ପ୍ରକାଶ କରନ୍ତି ।**

**ରୋମୀୟ ୫:୧୭**
**ଯେଣୁ ଯଦି ଜଣକର ଅପରାଧରେ ସେହ ଜଣକ ଦ୍ୱାରା ମୃତ୍ୟୁ ରାଜତ୍ୱ କଲା, ତେବେ ଯେଉଁମାନେ ଅନୁଗ୍ରହ ଓ ଧାର୍ମିକତା ଦାନର ପ୍ରଚୁରତା ପ୍ରାପ୍ତ ହୁଅନ୍ତି, ସେମାନେ ଏକ ବ୍ୟକ୍ତି, ଅର୍ଥାତ୍ ଯୀଶୁ ଖ୍ରୀଷ୍ଟଙ୍କୁ ଦ୍ୱାରା ଆହୁରି ଅଧିକ ରୂପେ ଜୀବନରେ ରାଜତ୍ୱ କରିବେ ।**

## ୮. ଜଣେ ଶକ୍ତିପ୍ରଦାନକାରୀ ପିତା

ଆମମାନଙ୍କ ସ୍ୱର୍ଗସ୍ଥ ପିତା ଈଶ୍ୱର ଆମମାନଙ୍କୁ ଶକ୍ତି ପ୍ରଦାନ କରିଥାନ୍ତି । ଆମଠାରେ ଥିବା ସର୍ବୋତ୍ତମ ବିଷୟକୁ ସେ ଦେଖନ୍ତି ଓ ଆମ ନିମନ୍ତେ ସେ ଯେଉଁ ସର୍ବୋତ୍ତମ ବିଷୟର ପରିକଳ୍ପନା କରିଛନ୍ତି ତାହା ହାସଲ କରିବା ପାଇଁ ସେ ଆମମାନଙ୍କୁ ସାମର୍ଥ୍ୟ ଦିଅନ୍ତି । ତାଙ୍କ ରାଜ୍ୟର କାର୍ଯ୍ୟ ନିମନ୍ତେ ସେ ତାଙ୍କର ଯେଉଁସବୁ ସମ୍ବଳ ଓ ଦାୟିତ୍ୱ ଆମକୁ ଦେଇଛନ୍ତି ସେଥିରେ ସେ ଆମ ଉପରେ ଆସ୍ଥା ପ୍ରକଟ କରନ୍ତି । ଏହା ସଙ୍ଗେ ଜଣେ ଜାଗତିକ ପିତାଙ୍କୁ ତୁଳନା କଲେ ଆମେ ଦେଖୁ ସେ ଆମ ଉପରେ ଭରସା ରଖିପାରନ୍ତି ନାହିଁ, ମନେ କରନ୍ତି ଯେ ଆମେ ଅସମର୍ଥ, ଅବିଶ୍ୱସ୍ତ ଓ ଅବାଞ୍ଛିତ ।

ଆମର ସ୍ୱର୍ଗସ୍ଥ ପିତା ଆମ ବିଷୟରେ ଉତ୍ତମ ବିଷୟ ଚିନ୍ତା କରନ୍ତି ଓ ଆମ ନିମନ୍ତେ ଉତ୍ତମ ଯୋଜନାସବୁ ରଖିଛନ୍ତି (ଯିରିମିୟ ୨୯:୧୧)

**ଲୂକ ୧୨:୩୨**
**ହେ ସାନ ପଲ, ଭୟ କର ନାହିଁ, କାରଣ ତୁମ୍ଭମାନଙ୍କୁ ସେହି ରାଜ୍ୟ ଦେବା ନିମନ୍ତେ ତୁମ୍ଭମାନଙ୍କ ପିତାଙ୍କର ସନ୍ତୋଷ ।**

**କଲସୀୟ ୧:୧୨**
**ପୁଣି ଯେଉଁ ପିତା ଦୀପ୍ତିରେ ସାଧୁମାନଙ୍କ ଅଧିକାରର ସହଭାଗୀ ହେବା ନିମନ୍ତେ ତୁମ୍ଭମାନଙ୍କୁ ଯୋଗ୍ୟ କରିଅଛନ୍ତି, ତାହାଙ୍କୁ ଆନନ୍ଦ ସହିତ ଧନ୍ୟବାଦ ଦିଅ ।**

## ୯. ଜଣେ ଅସୀମ ଓ ଅନନ୍ତକାଳୀନ ପିତା

ଆମମାନଙ୍କ ସ୍ୱର୍ଗସ୍ଥ ପିତା ଈଶ୍ୱର ଯେ କି ଅପରିମେୟ ଅଟନ୍ତି ସେ ଆମଠାରେ, ଆମ ଦେଇ, ଆମ ନିମନ୍ତେ ଅପରିମେୟ ବିଷୟମାନ ସାଧନ କରନ୍ତି । ଏହା ସଙ୍ଗେ ଜାଗତିକ ପିତାମାତାଙ୍କୁ ତୁଳନା କରନ୍ତୁ । ସେମାନେ ଯାହା କରିପାରନ୍ତି ଓ ଯାହା ଯୋଗାଇ ପାରନ୍ତି ସେଥିରେ ଓ ଆମ ସଙ୍ଗେ ସେମାନଙ୍କର ସମ୍ପର୍କରେ ସେମାନେ ଅତି ସୀମିତ ଅଟନ୍ତି ।

୧. ସେ କେବେ ବୃଦ୍ଧ ହୁଅନ୍ତି ନାହିଁ (ଗୀତସଂହିତା ୧୦୨:୨୬)

୨. ସେ ଶ୍ରାନ୍ତକ୍ଲାନ୍ତ ହୁଅନ୍ତି ନାହିଁ (ଯିଶାଇୟ ୪୦:୨୮)

୩. ସେ ଜ୍ଞାନଶୂନ୍ୟ ହୁଅନ୍ତି ନାହିଁ (ଯିଶାଇୟ ୪୦:୨୮)

**ଏଫିସୀୟ ୩:୨୦**
**ଯେଉଁ ଈଶ୍ୱର ଆମ୍ଭମାନଙ୍କ ଅନ୍ତରରେ କାର୍ଯ୍ୟ ସାଧନ କରୁଥିବା ଆପଣା ଶକ୍ତି ଅନୁସାରେ ଆମ୍ଭମାନଙ୍କ ମାଗିବା ବା ଭାବିବାଠାରୁ ଅତ୍ୟଧିକ ପରିମାଣରେ ସାଧନ କରିପାରନ୍ତି ।**

ସେ ଉଭୟ "ପିତା" ଓ "ମାତା" ଅଟନ୍ତି । ତେଣୁ ଆପଣ କହିପାରନ୍ତି ପିତା ଈଶ୍ୱରଙ୍କଠାରେ "ମାତାର ହୃଦୟ" ରହିଛି, ଅର୍ଥାତ୍ ଯେଉଁ ହୃଦୟ ଯତ୍ନଶୀଳ, ପାଳନ ପୋଷଣକାରୀ, ଓ ସ୍ନେହୀ ଅଟେ ।

**ଯିଶାଇୟ ୪୯:୧୪-୧୬**
**୧୪ ମାତ୍ର ସିୟୋନ କହିଲା, ସଦାପ୍ରଭୁ ମୋତେ ତ୍ୟାଗ କରିଅଛନ୍ତି, ପ୍ରଭୁ ମୋତେ ପାସୋରିଅଛନ୍ତି ।**
**୧୫ ସ୍ତ୍ରୀଲୋକ ଆପଣା ଗର୍ଭଜାତ ପୁତ୍ରକୁ ସ୍ନେହ ନ କରି କି ଆପଣା ସ୍ତନ୍ୟପାୟୀ ଶିଶୁକୁ ପାସୋରି**

**ପାରିବ ? ହଁ, ଏମାନେ ପାସୋରି ପାରନ୍ତି, ତଥାପି ଆମ୍ଭେ ତୁମ୍ଭକୁ ପାସୋରିବା ନାହିଁ । ୧୬ ଦେଖ, ଆମ୍ଭେ ଆପଣା ହସ୍ତଦ୍ୱୟର ପାପୁଲିରେ ତୁମ୍ଭର ଆକୃତି ଲେଖିଅଛୁ; ତୁମ୍ଭର ପ୍ରାଚୀର ସର୍ବଦା ଆମ୍ଭ ସମ୍ମୁଖରେ ଅଛି ।**

## ଆତ୍ମପ୍ରବଞ୍ଚନା ଓ ଶୟତାନର ମିଥ୍ୟାସବୁକୁ ଅଗ୍ରାହ୍ୟ କରିବା

ଈଶ୍ୱରଙ୍କ ବିଷୟରେ ଆମଠାରେ ରହିଥିବା ଭୁଲ ଛବି ପ୍ରକୃତରେ ଆତ୍ମପ୍ରବଞ୍ଚନା ଅଟେ । ଈଶ୍ୱର କିଏ, ଏ ବିଷୟରେ ଆମେ ଆପଣା ଆପଣାକୁ ପ୍ରବଞ୍ଚିତ କରିଥାଉ ।

ଶୟତାନ ମଧ୍ୟ ଆମକୁ ମିଥ୍ୟା କହିଥାଏ ଓ ଚାହିଁଥାଏ ଯେ ଆମେ ଈଶ୍ୱରଙ୍କ ସମ୍ବନ୍ଧରେ ଏକ ଭୁଲ ଛବି ଧାରଣ କରି ଚାଲିବା ।

ଈଶ୍ୱରଙ୍କ ସମ୍ବନ୍ଧରେ ଆମ ମଧ୍ୟରୁ ଅନେକଙ୍କଠାରେ ନିମ୍ନ କେତୋଟି ଭୁଲଧାରଣା ରହିଥାଏ, ଯାହା ବିଚାରଯୋଗ୍ୟ ।

୧) ଈଶ୍ୱରଙ୍କୁ ଜଣେ ଅପରିବର୍ତ୍ତନୀୟ ସ୍ୱର୍ଗସ୍ଥ ପିତା ଭାବରେ ଗ୍ରହଣ ନ କରି ଜଣେ ଅପ୍ରତ୍ୟାଶିତ ଈଶ୍ୱର ମନେ କରିବା ।

୨) ଈଶ୍ୱରଙ୍କୁ ଜଣେ ନିର୍ଭରଯୋଗ୍ୟ ସ୍ୱର୍ଗସ୍ଥ ପିତା ଭାବରେ ଗ୍ରହଣ ନ କରି ଜଣେ ଅବିଶ୍ୱସ୍ତ ଈଶ୍ୱର ମନେ କରିବା ।

୩) ଈଶ୍ୱରଙ୍କୁ ଜଣେ ଦାନଶୀଳ ଓ ଉଦାର ପିତା ଭାବରେ ଗ୍ରହଣ ନ କରି ଜଣେ କୃପଣ ଈଶ୍ୱର ମନେ କରିବା ଯେ ମନ ପାଇଲେ ଆମକୁ ଦିଅନ୍ତି ।

୪) ଈଶ୍ୱରଙ୍କୁ ଜଣେ କରୁଣାମୟ ପିତା ଭାବରେ ଗ୍ରହଣ ନ କରି ଆମର ବିଚାର କରି ସେ ଆମକୁ ଅଗ୍ନି ଓ ଗନ୍ଧକରେ ନିକ୍ଷେପ କରିବେ ବୋଲି ମନେ କରିବା ।

୫) ଈଶ୍ୱରଙ୍କୁ ଜଣେ ମୁକ୍ତିକାରୀ ପିତା ଭାବରେ ଗ୍ରହଣ ନ କରି ଆମର ସମସ୍ତ ଭୁଲର ହିସାବ ରଖୁଥିବା ଓ ଆମର ଅତୀତକୁ ଆମ ବିରୁଦ୍ଧରେ ଗଣନା କରୁଥିବା ଈଶ୍ୱର ମନେ କରିବା ।

୬) ଈଶ୍ୱରଙ୍କୁ ଜଣେ ଗ୍ରହଣକାରୀ ପିତା ଭାବରେ ନ ନେଇ ଆମକୁ ଦଣ୍ଡଯୋଗ୍ୟ ବୋଲି ବିଚାର କରୁଥିବା ଈଶ୍ୱର ବୋଲି ମନେ କରିବା ।

୭) ଈଶ୍ୱରଙ୍କୁ ଜଣେ ପ୍ରଚୁର ଅନୁଗ୍ରହକାରୀ ପିତା ଭାବରେ ଗ୍ରହଣ ନ କରି ଆମର ଅଭାବ ଅସୁବିଧାକୁ ପୂରଣ କରୁ ନ ଥିବା ଓ ସମସ୍ତ ବିଷୟ ଆମେ ଅର୍ଜନ କରିବା ଆବଶ୍ୟକ ବୋଲି ଚିନ୍ତାଧାରା ରଖୁଥିବା ଈଶ୍ୱର ବୋଲି ମନେ କରିବା ।

୮) ଈଶ୍ୱରଙ୍କୁ ଜଣେ ଶକ୍ତି ପ୍ରଦାନକାରୀ ପିତା ବୋଲି ଗ୍ରହଣ ନ କରି ଆମ ସଙ୍ଗେ ସମ୍ପର୍କ ସ୍ଥାପନ କରିବାକୁ ଅନିଚ୍ଛୁକ ଈଶ୍ୱର ବୋଲି ମନେ କରିବା ।

୯) ଈଶ୍ୱରଙ୍କୁ ଜଣେ ଅସୀମ ଓ ଅନନ୍ତ ପିତା ଭାବରେ ଗ୍ରହଣ ନ କରି ଆମମାନଙ୍କ ପ୍ରତି ସୀମିତରୂପେ କାର୍ଯ୍ୟସାଧନ କରୁଥିବା ଈଶ୍ୱର ବୋଲି ମନେ କରିବା ।

କିଛି ସମୟ ପ୍ରାର୍ଥନାରେ ବିତାନ୍ତୁ ଓ ନିଜ ଜୀବନରେ ଉପରୋକ୍ତ ସତ୍ୟକୁ ଘୋଷଣା କରନ୍ତୁ, ଯେପରି କି ଆପଣ ଆମମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ଏକ ପ୍ରକୃତ ବାଇବଲ ଛବି ଆପଣଙ୍କ ହୃଦୟ ଓ ମନରେ ଆଙ୍କି ପାରିବେ ।

*ପ୍ରିୟତମ ସ୍ୱର୍ଗସ୍ଥ ପିତା, ତୁମ ସମ୍ପର୍କରେ ଓ ତୁମେ ପ୍ରକୃତରେ ଯାହା ଅଟ ସେ ବିଷୟରେ ତୁମର ବାକ୍ୟ ମୋ ନିକଟରେ ଯାହା ପ୍ରକାଶ କରେ ସେଥିନିମନ୍ତେ ମୁଁ ତୁମକୁ ଧନ୍ୟବାଦ ଦିଏ । ମୁଁ ତୁମ ବିଷୟରେ ଯେଉଁସବୁ ଭୁଲ ଧାରଣା, ଅନୁମାନ ଓ ମିଥ୍ୟା ବିଚାରକୁ ମୋର ମନ ଓ ହୃଦୟରେ ପ୍ରଶ୍ରୟ ଦେଇଥିଲି ସେସବୁକୁ ଆଜି ମୁଁ ଅଗ୍ରାହ୍ୟ କରୁଛି, ଓ ତୁମ ବାକ୍ୟରେ ଉଲ୍ଲିଖିତ ସତ୍ୟ ଗ୍ରହଣ କରୁଛି । ମୁଁ ସ୍ୱୀକାର କରେ ଓ ଧନ୍ୟବାଦ ଦିଏ ଯେ ତୁମେ ମୋର **ଅପରିବର୍ତ୍ତନୀୟ ସ୍ୱର୍ଗସ୍ଥ ପିତା** ଅଟ, ତୁମ ଉପରେ ମୁଁ ସବୁ ସମୟରେ ନିର୍ଭର ଓ ଭରସା କରିପାରିବି । ମୁଁ ସ୍ୱୀକାର କରେ ଓ ଧନ୍ୟବାଦ ଦିଏ ଯେ ତୁମେ ମୋର ଏକମାତ୍ର **ନିର୍ଭରଯୋଗ୍ୟ ସ୍ୱର୍ଗସ୍ଥ ପିତା** ଅଟ, ତୁମେ ମୋତେ କେବେ ଛାଡ଼ିବ ନାହିଁ, କେବେ ପରିତ୍ୟାଗ କରିବ ନାହିଁ, ବା ମୋତେ ହତାଶ କରିବ ନାହିଁ । ମୁଁ ସ୍ୱୀକାର କରେ ଓ ଧନ୍ୟବାଦ ଦିଏ ଯେ ତୁମେ ମୋର **ଦାନଶୀଳ ଓ ଉଦାର ପିତା** ଅଟ, ତୁମେ ଉଦାରଚିତ୍ତରେ ମୋତେ ଯୋଗାଉଥିବ ଓ ମୋଠାରୁ କୌଣସି ଉତ୍ତମ ବିଷୟ ଅଟକାଇବ ନାହିଁ । ମୁଁ ସ୍ୱୀକାର କରେ ଓ ଧନ୍ୟବାଦ ଦିଏ ଯେ ତୁମେ ମୋର **କରୁଣାମୟ ପିତା** ଅଟ, ସର୍ବଦା ଦୟାରେ ପରିପୂର୍ଣ୍ଣ ଅଟ ଏବଂ ମୋର ସମସ୍ତ ପାପ, ବିଫଳତା ଓ ଭୁଲ ଭ୍ରାନ୍ତି କ୍ଷମା କରିବାକୁ ସର୍ବଦା ପ୍ରସ୍ତୁତ ଅଟ । ମୁଁ ସ୍ୱୀକାର କରେ ଓ ଧନ୍ୟବାଦ ଦିଏ ଯେ ତୁମେ ମୋର **ମୁକ୍ତିକାରୀ ପିତା** ଅଟ ଏବଂ ମୋ ଜୀବନ ଯେତେ ବିଶୃଙ୍ଖଳ ହୋଇଥାଉ ପଛକେ ମୋତେ ପୁନଃସ୍ଥାପନ, ପୁନଃନିର୍ମାଣ, ପୁନରୁଦ୍ଧାର କରିବା ଓ ଉଠାଇବା ପାଇଁ ତୁମେ*

ସର୍ବଦା ମୋର ଅନ୍ୱେଷଣ କରିଥାଅ । ମୁଁ ସ୍ୱୀକାର କରେ ଓ ଧନ୍ୟବାଦ ଦିଏ ଯେ ତୁମେ ମୋର **ଗ୍ରହଣକାରୀ ପିତା** ଅଟ, ସର୍ବଦା ତୁମର ସାନ୍ନିଧ୍ୟ ମଧ୍ୟକୁ ମୋତେ ସ୍ୱାଗତ କରିଥାଅ ଓ ମୁଁ ତୁମର ଅଟେ ତୁମେ ଆନନ୍ଦ କରିଥାଅ । ମୁଁ ସ୍ୱୀକାର କରେ ଓ ଧନ୍ୟବାଦ ଦିଏ ଯେ ତୁମେ ମୋର **ପ୍ରଚୁର ଅନୁଗ୍ରହଦାନକାରୀ ପିତା** ଅଟ, ଏବଂ ମୁଁ ଯେଉଁସବୁ ଧନ, ଆଶୀର୍ବାଦ ଓ ଆତ୍ମିକଦାନ ପାଇବାକୁ ଯୋଗ୍ୟ ନୁହେଁ ବା ଅର୍ଜନ କରି ନ ପାରେ ତୁମେ ସେସବୁ ମୋତେ ପ୍ରଦାନ କରିଥାଅ । ମୁଁ ସ୍ୱୀକାର କରେ ଓ ଧନ୍ୟବାଦ ଦିଏ ଯେ ତୁମେ ମୋର **ଶକ୍ତିପ୍ରଦାନକାରୀ ପିତା** ଅଟ, ତୁମେ ସର୍ବଦା ମୋଠାରେ ବିଶ୍ୱାସ କରିଥାଅ ଓ ମୋ ନିମନ୍ତେ ତୁମର ଯାହା ବାଞ୍ଛା ରହିଛି ତାହା ହାସଲ କରିବାକୁ ଓ ସେଥିରେ ପହଞ୍ଚିବାକୁ ମୋତେ ଶକ୍ତିଯୁକ୍ତ ଓ ସାମର୍ଥ୍ୟ ପ୍ରଦାନ କରୁଛ । ମୁଁ ସ୍ୱୀକାର କରେ ଓ ଧନ୍ୟବାଦ ଦିଏ ଯେ ତୁମେ ମୋର **ଅସୀମ ଓ ଅନନ୍ତ ପିତା** ଅଟ, ମୋର ଆବଶ୍ୟକତାଠାରୁ ତୁମେ ଅସୀମଭାବରେ ମହାନ୍ ଅଟ, ଅସୀମଭାବରେ ଶକ୍ତିଶାଳୀ, ମୁଁ ସମ୍ମୁଖୀନ ହେଉଥିବା ଯେ କୌଣସି ପରିସ୍ଥିତିରୁ ତୁମେ ଅସୀମ ଭାବରେ ଜ୍ଞାନବାନ୍ ଅଟ । ମୁଁ ତୁମକୁ ପ୍ରେମ କରେ ଓ ତୁମଠାରେ ବିଶ୍ୱାସ କରେ । ତୁମର ସନ୍ତାନ ଭାବରେ ମୋତେ ଯେଉଁ ଆନନ୍ଦ, ଅଧିକାର ଓ ସୁଯୋଗ ଦେଇଅଛ ସେଥି ନିମନ୍ତେ ଧନ୍ୟବାଦ ଦିଏ । ଯୀଶୁଙ୍କ ନାମରେ ମାଗୁଛି ।

# ଅନୁଚିନ୍ତା

୧. ଆମମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ସମ୍ବନ୍ଧୀୟ ନିମ୍ନ କେଉଁ ବିଷୟଗୁଡ଼ିକ ଆଜି ନିମନ୍ତେ ପ୍ରାସଙ୍ଗିକ ଅଟେ, ଓ କାହିଁକି ?

କ. ଜଣେ ଅପରିବର୍ତ୍ତନୀୟ ସ୍ୱର୍ଗସ୍ଥ ପିତା

-----------------------------------------------------------

-----------------------------------------------------------

ଖ. ଜଣେ ନିର୍ଭରଯୋଗ୍ୟ ସ୍ୱର୍ଗସ୍ଥ ପିତା

-----------------------------------------------------------

-----------------------------------------------------------

ଗ. ଜଣେ ଦାନଶୀଳ ଓ ଉଦାର ପିତା

-----------------------------------------------------------

-----------------------------------------------------------

ଘ. ଜଣେ କରୁଣାମୟ ପିତା

-----------------------------------------------------------

-----------------------------------------------------------

ଙ. ଜଣେ ମୁକ୍ତିକାରୀ ପିତା

-----------------------------------------------------------

-----------------------------------------------------------

ଚ. ଜଣେ ଗ୍ରହଣକାରୀ ପିତା

-----------------------------------------------------------

-----------------------------------------------------------

ଛ. ଜଣେ ପ୍ରଚୁର ଅନୁଗ୍ରହକାରୀ ପିତା

-----------------------------------------------------------

-----------------------------------------------------------

ଜ. ଜଣେ ଶକ୍ତିପ୍ରଦାନକାରୀ ପିତା

-----------------------------------------------------------

-----------------------------------------------------------

ଝ. ଜଣେ ଅସୀମ ଓ ଅନନ୍ତ ପିତା

-----------------------------------------------------------

-----------------------------------------------------------

୨. ଉପରୋକ୍ତ ସମସ୍ତ ସତ୍ୟ ଦୃଷ୍ଟିରୁ ଆପଣଙ୍କ ଦୃଷ୍ଟିକୋଣ ଏବଂ ଆପଣଙ୍କ ସ୍ୱର୍ଗସ୍ଥ ପିତାଙ୍କ ସହିତ ଆପଣଙ୍କ ସମ୍ପର୍କରେ କିପରି ପରିବର୍ତ୍ତନ ଆସିଛି ?

-----------------------------------------------------------

-----------------------------------------------------------

-----------------------------------------------------------

-----------------------------------------------------------

# ୪

# ପିତାଙ୍କର ପ୍ରେମ ଗ୍ରହଣ କରିବା

## ଐଶ୍ୱରିକ ପ୍ରେମ

ଐଶ୍ୱରିକ ପ୍ରେମକୁ ପ୍ରକାଶ କରିବା ପାଇଁ ବାଇବଲରେ ଗ୍ରୀକ୍ ଶବ୍ଦ "agape" ବ୍ୟବହାର କରାଯାଏ । ୧କରିନ୍ଥୀୟ ୧୩ ଅଧ୍ୟାୟରେ ଏହି ପ୍ରେମର ସଂକ୍ଷିପ୍ତ ବା କ୍ଷୀଣ ଆଭାସ ଦିଆଯାଇଛି ଯାହା ଐଶ୍ୱରିକ ପ୍ରେମ ଅଟେ ଏବଂ ଆମେ ଏହି ପ୍ରେମରେ ଆଚରଣ କରିବାକୁ କୁହାଯାଏ । ଆସନ୍ତୁ ଆମେ ଏହାକୁ ପାଠ କରିବା । ଈଶ୍ୱର ଏହି ପ୍ରେମରେ ଆମକୁ ପ୍ରେମ କରନ୍ତି ବୋଲି ଆମେ ଦୃଷ୍ଟିକୋଣ ରଖିବା ।

**୧କରିନ୍ଥୀୟ ୧୩:୪-୮**

**୪ ପ୍ରେମ ଦୀର୍ଘସହିଷ୍ଣୁ, ପ୍ରେମ ହିତଜନକ, ଈର୍ଷା କରେ ନାହିଁ, ଆତ୍ମବଡ଼ିମା କରେ ନାହିଁ, ଅହଙ୍କାର କରେ ନାହିଁ,**

**୫ ଅନୁଚିତ ବ୍ୟବହାର କରେ ନାହିଁ, ସ୍ୱାର୍ଥ ଚେଷ୍ଟା କରେ ନାହିଁ, ବିରକ୍ତ ହୁଏ ନାହିଁ, ଅପକାର ସ୍ମରଣରେ ରଖେ ନାହିଁ,**

**୬ ଅଧର୍ମରେ ଆନନ୍ଦ କରେ ନାହିଁ, କିନ୍ତୁ ସତ୍ୟରେ ଆନନ୍ଦ କରେ;**

**୭ ସମସ୍ତ ସହ୍ୟ କରେ, ସମସ୍ତ ବିଶ୍ୱାସ କରେ, ସମସ୍ତ ଭରସା କରେ, ସମସ୍ତ ବିଷୟରେ ଧୈର୍ଯ୍ୟ ଧରି ରହେ ।**

**୮ ପ୍ରେମ କଦାପି ଶେଷ ହୁଏ ନାହିଁ ।**

- ଈଶ୍ୱର ତ ପ୍ରେମ (୧ଯୋହନ ୪:୮)
- ଈଶ୍ୱର ଦୀର୍ଘସହିଷ୍ଣୁ ଓ ଆମ ପ୍ରତି ଦୟାରେ ପରିପୂର୍ଣ୍ଣ ।
- ଈଶ୍ୱର ଆମ ପ୍ରତି ଅନୁଚିତ ବ୍ୟବହାର କରନ୍ତି ନାହିଁ ।
- ଈଶ୍ୱର "ସ୍ୱାର୍ଥପର" ନୁହଁନ୍ତି, କିନ୍ତୁ ବାସ୍ତବରେ ଆମ ବିଷୟରେ ଅତ୍ୟନ୍ତ ଆଗ୍ରହୀ ଅଟନ୍ତି ।

● ଈଶ୍ୱର ସହଜରେ ଆମ ଉପରେ ବିରକ୍ତ ହୁଅନ୍ତି ନାହିଁ ।

● ଈଶ୍ୱର ଆମ ବିଷୟରେ ମନ୍ଦ ଚିନ୍ତା କରନ୍ତି ନାହିଁ । ଅପକାର ସ୍ମରଣରେ ରଖନ୍ତି ନାହିଁ ।

● ଈଶ୍ୱର ଅଧର୍ମରେ ଆନନ୍ଦ କରନ୍ତି ନାହିଁ ।

● ଈଶ୍ୱର ସତ୍ୟରେ ଆନନ୍ଦ କରନ୍ତି, ଯେତେବେଳେ ଆମେ ସତ୍ୟରେ ଆଚରଣ କରୁ ।

● ଈଶ୍ୱର ସମସ୍ତ ସହ୍ୟ (ଆଚ୍ଛାଦନ) କରନ୍ତି, ବରଦାସ୍ତ କରନ୍ତି ।

● ଈଶ୍ୱର "ବିଶ୍ୱାସ କରନ୍ତି ଓ ଭରସା ରଖନ୍ତି" ଅର୍ଥାତ୍ ଆମ ନିମନ୍ତେ ସର୍ବୋତ୍ତମ ବିଷୟ ସାଧନ କରିବା ନିମନ୍ତେ ଆଗ୍ରହୀ ଓ ଦୃଢ଼ମନା ଅଟନ୍ତି ।

ଈଶ୍ୱର ଆମ ପ୍ରତି ତାଙ୍କ ପ୍ରେମରେ ସମସ୍ତ ବିଷୟରେ ଧୈର୍ଯ୍ୟ ଧରି ରହନ୍ତି । ତାହାଙ୍କ ପ୍ରେମ ଧୈର୍ଯ୍ୟପୂର୍ଣ୍ଣ । ଏହି ପ୍ରେମ କେବେ ଶେଷ ହୁଏନି, ଶୁଷ୍କ ହୁଏନି ବା ଏହାର ଅନ୍ତ ନାହିଁ । ଏହା ସଦାକାଳସ୍ଥାୟୀ ଯେପରି ସେ ଯିରିମିୟ ୩୧:୩ ରେ କହନ୍ତି,

**ସଦାପ୍ରଭୁ ପୁରାତନ କାଳରେ ମୋତେ ଦର୍ଶନ ଦେଇ କହିଲେ, ହଁ, ଆମ୍ଭେ ଚିରସ୍ଥାୟୀ ପ୍ରେମରେ ତୁମ୍ଭକୁ ପ୍ରେମ କରି ଆସିଅଛୁ, ଏହେତୁ ସ୍ନେହପୂର୍ଣ୍ଣ କରୁଣାରେ ଆମ୍ଭେ ତୁମ୍ଭକୁ ଆକର୍ଷଣ କରିଅଛୁ ।**

ଈଶ୍ୱର କେବେ ନିରାଶ କରନ୍ତି ନାହିଁ । ଆମ ପ୍ରତି ଥିବା ତାଙ୍କ ପ୍ରେମ କେବେ ବିଫଳ ବା ଦୁର୍ବଳ ହୋଇଯାଏ ନାହିଁ ।

ଈଶ୍ୱର ଆମମାନଙ୍କୁ ଏପରି ଭାବେ ପ୍ରେମ କରନ୍ତି । ଆମେ ଏହା ଗ୍ରହଣ କରିବା, ସ୍ୱୀକାର କରିବା ଆବଶ୍ୟକ ଏବଂ ଏହା ଆମ ମଧ୍ୟରେ ଗଭୀର ଭାବେ ସ୍ଥିର ହୋଇ ରହିବା ଉଚିତ ଯେ, ଈଶ୍ୱର ଆମକୁ ଏପରି ଭାବରେ ପ୍ରେମ କରନ୍ତି ।

ଆମମାନଙ୍କ ପ୍ରତି ଈଶ୍ୱରଙ୍କ ପ୍ରେମ ସମ୍ପର୍କରେ ଆସନ୍ତୁ ଆମେ କେତେକ ଅନ୍ତର୍ଦୃଷ୍ଟିକୁ ପୁନରାବୃତ୍ତି କରିବା ଏବଂ ଅନ୍ୟ କିଛି ଅନ୍ତର୍ଦୃଷ୍ଟି ଉପସ୍ଥାପିତ କରିବା, ଏବଂ ଏହି ପ୍ରେମକୁ ଜାଣିବା, ବିଶ୍ୱାସ କରିବା, ଗ୍ରହଣ କରିବା ଓ ତାହାଙ୍କ ପ୍ରେମରେ ରହିବା ବିଷୟରେ ଆଲୋଚନା କରିବା ।

## ଯେଉଁ ପ୍ରେମ ସର୍ତ୍ତବିହୀନ

ଈଶ୍ୱରଙ୍କ ପ୍ରେମ ସର୍ତ୍ତବିହୀନ ଅଟେ । ଏଥିରେ କୌଣସି ସର୍ତ୍ତ ରଖାଯାଇନାହିଁ । ତାହାଙ୍କ ପ୍ରେମକୁ ଗ୍ରହଣ କରିବା ପାଇଁ ଓ ଏଥି ପ୍ରତି ଉତ୍ତର ଦେବାକୁ ଆମକୁ ସେ ସରଳ ଭାବରେ ଆମନ୍ତ୍ରିତ କରନ୍ତି ।

**୧ଯୋହନ ୪ : ୯-୧୦**
**୯ ଏଥିରେ ହିଁ ଈଶ୍ୱରଙ୍କ ପ୍ରେମ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହୋଇଅଛି ଯେ, ସେ ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପ୍ରେରଣ କଲେ, ଯେପରି ଆମ୍ଭେମାନେ ତାହାଙ୍କ ଦ୍ୱାରା ଜୀବନ ପ୍ରାପ୍ତ ହେଉ ।**
**୧୦ ଆମ୍ଭେମାନେ ଯେ ଈଶ୍ୱରଙ୍କୁ ପ୍ରେମ କଲୁ, ତାହା ନୁହେଁ ମାତ୍ର ସେ ଆମ୍ଭମାନଙ୍କୁ ପ୍ରେମ କଲେ, ପୁଣି ଆପଣା ପୁତ୍ରଙ୍କୁ ଆମ୍ଭମାନଙ୍କ ପାପର ପ୍ରାୟଶ୍ଚିତସ୍ୱରୂପ କରି ପଠାଇଲେ, ଏଥିରେ ତ ପ୍ରେମ ପ୍ରକାଶ ପାଏ ।**

ଆମେ ଈଶ୍ୱରଙ୍କର ଅନ୍ୱେଷଣ କରୁଥିଲୁ ବୋଲି ନୁହେଁ, ମାତ୍ର ଈଶ୍ୱର ଆପଣା ପ୍ରେମରେ ଆମର ଅନ୍ୱେଷଣ କଲେ। ତାଙ୍କର ମହାପ୍ରେମରେ, ସେ ଏକ ବଡ଼ ମୂଲ୍ୟ ଦେଲେ, ଯେପରି କି ତାହାଙ୍କୁ ଜାଣିବା ଓ ତାଙ୍କ ପରିବାରରେ ଆମକୁ ଅନ୍ତର୍ଭୁକ୍ତ କରିବା, ପୁଣି ଆମ ପ୍ରତି ରହିଥିବା ତାଙ୍କର ଉତ୍ତମତା ବା ମଙ୍ଗଳ ଭାବକୁ ଅନୁଭବ କରିବା ଦିଗରେ ଯାହାସବୁ ପ୍ରତିବନ୍ଧକ ସୃଷ୍ଟି କରୁଥିଲା ସେସବୁକୁ ଦୂର କରାଯାଇପାରିବ। ସେ ପୂରା ମୂଲ୍ୟକୁ ପରିଶୋଧ କଲେ।

ଆମର ସଦ୍‌ଗୁଣ, ବା ଆମର ଜ୍ଞାନ ଓ ବୁଦ୍ଧି, ବା ଆମର ସତ୍କର୍ମ ଯୋଗୁଁ ସେ ଆମକୁ ପ୍ରେମ କରି ନ ଥାନ୍ତି। ଆମର ଏକମାତ୍ର କର୍ତ୍ତବ୍ୟ ହେଉଛି ତାଙ୍କ ପ୍ରେମକୁ ଗ୍ରହଣ କରିବା ଓ ଏଥିପ୍ରତି ଉତ୍ତର ଦେବା।

**୧ଯୋହନ ୪ : ୧୯**
**ସେ ପ୍ରଥମରେ ଆମ୍ଭମାନଙ୍କୁ ପ୍ରେମ କରିବାରୁ ଆମ୍ଭେମାନେ ପ୍ରେମ କରୁ ।**

## ଯେଉଁ ପ୍ରେମ ଅସାଧାରଣ

**ଯୋହନ ୧୬:୨୬-୨୭**
**୨୬ ସେଦିନ ତୁମ୍ଭେମାନେ ମୋ’ ନାମରେ ମାଗିବ; ଆଉ, ମୁଁ ଯେ ତୁମ୍ଭମାନଙ୍କ ସପକ୍ଷରେ ପିତାଙ୍କୁ ଅନୁରୋଧ କରିବି, ଏହା ମୁଁ ତୁମ୍ଭମାନଙ୍କୁ କହୁ ନାହିଁ;**
**୨୭ କାରଣ ପିତା ସ୍ୱୟଂ ତୁମ୍ଭମାନଙ୍କୁ ସ୍ନେହ କରନ୍ତି, ଯେଣୁ ତୁମ୍ଭେମାନେ ମୋତେ ସ୍ନେହ କରିଅଛ ଓ ମୁଁ ଯେ ଈଶ୍ୱରଙ୍କ ନିକଟରୁ ଆସିଅଛି, ତାହା ତୁମ୍ଭେମାନେ ବିଶ୍ୱାସ କରିଅଛ ।**

ପ୍ରଭୁ ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ ଜଣାଇଥିଲେ ଯେ “ସେଦିନ” ଅର୍ଥାତ୍ ତାଙ୍କର ପୁନରୁତ୍ଥାନ ଓ ସ୍ୱର୍ଗାରୋହଣ ପରେ, ଆମେ ସିଧାସଳଖ ତାଙ୍କ ନାମରେ ପିତାଙ୍କୁ ମାଗିପାରିବା। ସେ କହିଲେ ଯେ ଆମେ ଏହା କରି ପାରିବା ଏବଂ ସେ ଆମ ନିମନ୍ତେ ମାଗିବାର ଆବଶ୍ୟକତା ନାହିଁ। ଯୀଶୁଙ୍କ ନାମରେ ସିଧାସଳଖ ପିତାଙ୍କୁ ମାଗିବାର କାରଣ ହେଉଛି, ସ୍ୱୟଂ ପିତା

ଆମମାନଙ୍କୁ ପ୍ରେମ କରନ୍ତି, ଏବଂ ଆମେ ଯୀଶୁଙ୍କୁ ପ୍ରେମ କରୁ ଓ ଯୀଶୁଙ୍କଠାରେ ବିଶ୍ୱାସ କରୁ । ସ୍ୱୟଂ ପିତା ଆମମାନଙ୍କୁ ପ୍ରେମ କରନ୍ତି, ଏହା କହିବା ବେଳେ ପ୍ରଭୁ ଯୀଶୁ "ପ୍ରେମ" ଶବ୍ଦ ନିମନ୍ତେ ଅନ୍ୟ ଏକ ଗ୍ରୀକ୍ ପ୍ରତିଶବ୍ଦ "phileo" (ଫିଲିଓ) ବ୍ୟବହାର କରନ୍ତି ଯାହା ବନ୍ଧୁତା ଓ ସ୍ନେହ ମମତା ଭାବକୁ ପ୍ରକାଶ କରିଥାଏ । ଏହା ଦ୍ୱାରା ଯୀଶୁ ଏହା କହିବାକୁ ଚାହାନ୍ତି "ପିତା ତୁମର ବନ୍ଧୁ ଅଟନ୍ତି ଓ ତୁମ ପ୍ରତି ଅନୁରାଗପୂର୍ଣ୍ଣ ଅଟନ୍ତି ।"

କହନ୍ତୁ: *"ସ୍ୱୟଂ ପିତା ମୋତେ ପ୍ରେମ କରନ୍ତି । ମୋର ସ୍ୱର୍ଗସ୍ଥ ପିତା ମୋର ବନ୍ଧୁ ଓ ମୋ ପ୍ରତି ଅନୁରାଗୀ ଅଟନ୍ତି । ମୁଁ ଯୀଶୁଙ୍କ ନାମରେ ପୂର୍ଣ୍ଣଭରସାରେ ତାଙ୍କ ନିକଟରେ ମୋର ଅନୁରୋଧସବୁ ଜଣାଉଛି ।"*

**ଯୋହନ ୧୭:୨୩,୨୬**
**୨୩ ମୁଁ ସେମାନଙ୍କଠାରେ, ଆଉ ତୁମ୍ଭେ ମୋ'ଠାରେ, ଯେପରି ସେମାନେ ସିଦ୍ଧ ହୋଇ ଏକ ହୁଅନ୍ତି, ଯେପରି ଜଗତ ବୁଝିବ ଯେ, ତୁମ୍ଭେ ମୋତେ ପ୍ରେରଣ କଲ, ପୁଣି ମୋତେ ଯେପ୍ରକାରେ ପ୍ରେମ କଲ, ସେମାନଙ୍କୁ ମଧ୍ୟ ସେପ୍ରକାରେ ପ୍ରେମ କଲ ।**
**୨୬ ପୁଣି, ତୁମ୍ଭେ ମୋତେ ଯେଉଁ ପ୍ରେମରେ ପ୍ରେମ କଲ, ତାହା ଯେପରି ସେମାନଙ୍କଠାରେ ଥାଏ ଓ ମୁଁ ସେମାନଙ୍କଠାରେ ରହେ, ଏନିମନ୍ତେ ମୁଁ ସେମାନଙ୍କୁ ତୁମ୍ଭ ନାମ ଜଣାଇଅଛି ଓ ଜଣାଇବି ।**

୨୩ ପଦରେ ଯୀଶୁ ଦୃଢ଼ତାର ସହିତ କହନ୍ତି ଯେ ପିତା ଯୀଶୁଙ୍କୁ ଯେପ୍ରକାରେ ଓ ଯେଉଁ ପରିମାଣରେ ପ୍ରେମ କରନ୍ତି, ଆମମାନଙ୍କୁ ମଧ୍ୟ ସେପରି ପ୍ରେମ କରନ୍ତି ।

କହନ୍ତୁ: *"ପିତା ଯୀଶୁଙ୍କୁ ଯେପ୍ରକାରେ ପ୍ରେମ କରନ୍ତି, ମୋତେ ମଧ୍ୟ ସେପ୍ରକାରେ ପ୍ରେମ କରନ୍ତି । ଯୀଶୁ ଯେପ୍ରକାରେ ପିତାଙ୍କର ପ୍ରେମ ପାଆନ୍ତି, ମୁଁ ମଧ୍ୟ ସେପ୍ରକାରେ ପିତାଙ୍କ ପ୍ରେମ ପାଏ ।"*

ପିତା ଯୀଶୁଙ୍କୁ ଯେପ୍ରକାରେ ପ୍ରେମ କରନ୍ତି ଆପଣଙ୍କୁ ମଧ୍ୟ ସେପ୍ରକାରେ ପ୍ରେମ କରନ୍ତି ।

୨୬ ପଦରେ, ପ୍ରଭୁ ଯୀଶୁ ପ୍ରାର୍ଥନା କରନ୍ତି ଯେ ଆମଠାରେ ପିତାଙ୍କର ପ୍ରେମ ବାସ କରିବ- ଯେପରିକି ଆମେ ଆମ ହୃଦୟରେ ପିତାଙ୍କର ପ୍ରେମ ଅନୁଭବ କରିବା, ଜାଣିବା, ଉପଲବ୍ଧି କରିବା ଓ ତଦ୍ୱାରା ଭାବାଭିଭୂତ ହେବା- ଯେଉଁ ପ୍ରେମରେ ପିତା ତାହାଙ୍କ ପୁତ୍ର ଯୀଶୁଖ୍ରୀଷ୍ଟଙ୍କୁ ପ୍ରେମ କରନ୍ତି ।

କହନ୍ତୁ: *"ମୋ ପ୍ରତି ଥିବା ପିତାଙ୍କ ପ୍ରେମକୁ ମୁଁ ଅନୁଭବ କରୁଛି, ଜାଣୁଛି, ଉପଲବ୍ଧି କରୁଛି ଓ ତଦ୍ୱାରା ମୁଁ ଭାବାଭିଭୂତ ଅଟେ, ଏହି ପ୍ରେମରେ ପିତା ଯୀଶୁଙ୍କୁ ପ୍ରେମ କରନ୍ତି ।"*

ଏହି ପ୍ରକାର ପ୍ରେମ ଅସାଧାରଣ ଓ ନିରପେକ୍ଷ ।

ଆମେ ସାଧାରଣତଃ ମନେ କରୁ ଯେ ଯେଉଁ ବ୍ୟକ୍ତି ସିଦ୍ଧ ସେ ଅଧିକ ପ୍ରେମପାତ୍ର ଏବଂ ଯେଉଁମାନେ (ଆମେମାନେ) ସିଦ୍ଧ ନୁହଁନ୍ତି ସେମାନେ କମ୍ ପ୍ରେମପାତ୍ର । କିନ୍ତୁ ଚିନ୍ତା କରନ୍ତୁ, ଆମେ ଅସିଦ୍ଧ ବା ଦୋଷଯୁକ୍ତ ହେବା ସତ୍ତ୍ୱେ ପିତା ତାଙ୍କର ପୁତ୍ରଙ୍କୁ ଯେପରି ପ୍ରେମ କରନ୍ତି, ଆମକୁ ମଧ୍ୟ ସେପରି ପ୍ରେମ କରନ୍ତି ଯାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବିଷୟ ।

ଇଶ୍ୱରଙ୍କ ନିକଟରେ ମୁଖାପେକ୍ଷା ନାହିଁ (ରୋମୀୟ ୨:୧୧) । ଇଶ୍ୱର ପକ୍ଷପାତିତା କରନ୍ତି ନାହିଁ (ପ୍ରେରିତ ୧୦:୩୪) । ଏହା ଆମେ ଜାଣୁ । ତଥାପି ଅନେକ ସମୟରେ ଆମେ ଇଶ୍ୱରଙ୍କ ସଙ୍ଗେ ଯେଭଳି ସମ୍ପର୍କ ରକ୍ଷା କରୁ, ଆମେ ମନେ କରୁ ଯେ ଆମ ଅପେକ୍ଷା ଅନ୍ୟ କେତେକ ବିଶ୍ୱାସୀ ଅଛନ୍ତି ଯେଉଁମାନେ ଇଶ୍ୱରଙ୍କ ଦୃଷ୍ଟିରେ ଅଧିକ ପ୍ରିୟପାତ୍ର ଅର୍ଥାତ୍ ଇଶ୍ୱର ସେମାନଙ୍କୁ ଆମ ଅପେକ୍ଷା ଅଧିକ ପ୍ରେମ କରନ୍ତି । ଚିନ୍ତା କରନ୍ତୁ, ଇଶ୍ୱର ଆପଣା ପୁତ୍ରଙ୍କ ସଙ୍ଗେ ପକ୍ଷପାତିତା କରନ୍ତି ନାହିଁ- ସେ ଆମମାନଙ୍କ ଅପେକ୍ଷା ତାଙ୍କୁ ଅଧିକ ପ୍ରେମ କରନ୍ତି ନାହିଁ । ତେବେ ସେ କ'ଣ ଅନ୍ୟ କାହା ସଙ୍ଗେ ପକ୍ଷପାତିତା କରିବେ, ଆମମାନଙ୍କୁ ଯେତିକି ପ୍ରେମ କରନ୍ତି ତା' ଅପେକ୍ଷା ସେମାନଙ୍କୁ ଅଧିକ ପ୍ରେମ କରିବେ ? ଆମମାନଙ୍କ ପ୍ରତି ଥିବା ଇଶ୍ୱରଙ୍କ ପ୍ରେମରେ ପକ୍ଷପାତିତା ନାହିଁ ।

ଆମେମାନେ ପ୍ରିୟ ପୁତ୍ରଙ୍କଠାରେ ଅଛୁ ଏବଂ ଇଶ୍ୱରଙ୍କର ପ୍ରିୟପାତ୍ର ଅଟୁ ।

**ମାର୍କ ୧:୧୧**
**ପୁଣି ଆକଶରୁ ଏହି ବାଣୀ ହେଲା, ତୁମ୍ଭେ ଆମ୍ଭର ପ୍ରିୟ ପୁତ୍ର, ତୁମ୍ଭଠାରେ ଆମ୍ଭର ପରମ ସନ୍ତୋଷ ।**

ପିତା ଯୀଶୁଙ୍କ ବିଷୟରେ କହନ୍ତି ଯେ ସେ ତାଙ୍କର ପ୍ରିୟ ପୁତ୍ର । ପ୍ରେରିତ ପାଉଲ ମଧ୍ୟ କହନ୍ତି ଯେ ଆମେମାନେ ମଧ୍ୟ "ଇଶ୍ୱରଙ୍କ ପ୍ରିୟଜନ" ଅଟୁ ଓ ଆମକୁ ସେ "ପ୍ରିୟତମଙ୍କ ଦ୍ୱାରା ଗ୍ରହଣ କରିଅଛନ୍ତି"

**ରୋମୀୟ ୧:୭**
**ସେ ରୋମ୍‌ରେ ଥିବା ଇଶ୍ୱରଙ୍କ ପ୍ରିୟ ଓ ଆହୂତ ସମସ୍ତ ସାଧୁଙ୍କ ନିକଟକୁ ପତ୍ର ଲେଖୁଅଛି ।**

**ଏଫିସୀ ୧:୬**
**ଏହା ତାହାଙ୍କ ଅନୁଗ୍ରହର ଗୌରବର ପ୍ରଶଂସା ନିମନ୍ତେ ହୋଇଅଛି ; ସେହି ଅନୁଗ୍ରହ ସେ ପ୍ରିୟତମଙ୍କ ଦ୍ୱାରା ଆମମାନଙ୍କୁ ଦାନ କରିଅଛନ୍ତି ।**

*କହନ୍ତୁ: "ମୁଁ ପ୍ରିୟପୁତ୍ରଙ୍କଠାରେ ଅଛି ଏବଂ ଈଶ୍ୱରଙ୍କ ପ୍ରିୟପାତ୍ର ଅଟେ । ତାଙ୍କର ପ୍ରିୟଜନ ଭାବରେ ଈଶ୍ୱର ମୋତେ ପ୍ରେମ କରନ୍ତି ।"*

ପ୍ରଭୁ ଯୀଶୁ ପ୍ରାର୍ଥନା କରିଛନ୍ତି ଯେ ପିତାଙ୍କ ପ୍ରେମ ଆମ ହୃଦୟରେ ବାସ କରିବ ଯଦ୍ଦ୍ୱାରା ଆମେ ତାହା ବ୍ୟକ୍ତିଗତ ଭାବରେ ଅନୁଭବ କରିବା, ଜାଣିବା ଓ ଉପଲବ୍ଧି କରିବା (ଯୋହନ ୧୭:୨୬) । ଏହି ପ୍ରାର୍ଥନା ଈଶ୍ୱର ଶୁଣିଥିଲେ ଓ ପବିତ୍ର ଆତ୍ମାଙ୍କୁ ଆମମାନଙ୍କ ହୃଦୟକୁ ପ୍ରେରଣ କଲେ ।

**ରୋମୀୟ ୫:୫**
**ଆଉ, ଭରସା ଲଜ୍ଜା ଦିଏ ନାହିଁ, କାରଣ ଆମ୍ଭମାନଙ୍କୁ ପ୍ରଦତ୍ତ ପବିତ୍ରଆତ୍ମାଙ୍କ ଦ୍ୱାରା ଆମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ପ୍ରେମ ପରିବ୍ୟାପ୍ତ ହୋଇଅଛି ।**

ପବିତ୍ର ଆତ୍ମା ଆମମାନଙ୍କ ହୃଦୟରେ ଈଶ୍ୱରଙ୍କ ପ୍ରେମ ଢ଼ାଳି ଦେଇଛନ୍ତି । ପବିତ୍ର ଆତ୍ମା ହିଁ ଆମକୁ ପିତାଙ୍କର ପ୍ରେମ ବ୍ୟକ୍ତିଗତ ଭାବରେ ଅନୁଭବ କରିବାକୁ ଦେଇଥାନ୍ତି । ପିତାଙ୍କର ପ୍ରେମରେ ଆଚରଣ କରିବାକୁ ପବିତ୍ର ଆତ୍ମା ହିଁ ଆମକୁ ଶକ୍ତିଯୁକ୍ତ କରିଥାନ୍ତି ।

## ଯେଉଁ ପ୍ରେମ ଆମକୁ ଲଜ୍ଜିତ କରେ ନାହିଁ

ବାଇବଲ ଶିକ୍ଷା ଦିଏ ଯେ *"... ପ୍ରେମ ବହୁଳ ପାପ ଆଚ୍ଛାଦନ କରେ"* (ହିତୋପଦେଶ ୧୦:୧୨; ୧ପିତର ୪:୮) ।

ପ୍ରେମ ଆଚ୍ଛାଦନ କରେ । ଏହା ଆମକୁ ବସ୍ତ୍ର ପିନ୍ଧାଏ । ଏହା ସୁରକ୍ଷା ପ୍ରଦାନ କରେ । ପ୍ରେମ ଉଲଙ୍ଗତା ଓ ଲଜ୍ଜା ଦୂର କରେ, ଏବଂ ମର୍ଯ୍ୟାଦା, ସୁରକ୍ଷା ଓ ସମ୍ମାନ ଆଣିଥାଏ ।

ଈଶ୍ୱରଙ୍କ ପ୍ରେମ ଆମ ନିମନ୍ତେ ଏହା ହିଁ ସାଧନ କରିଥାଏ ।

**ଏଫିସୀୟ ୧:୪**
**ଅର୍ଥାତ୍ ଆମ୍ଭେମାନେ ଯେପରି ତାହାଙ୍କ ସାକ୍ଷାତରେ ପବିତ୍ର ଓ ଅନିନ୍ଦନୀୟ ହେଉ, ଏଥିପାଇଁ ସେ ଜଗତର ପତ୍ତନ ପୂର୍ବେ ତାହାଙ୍କଠାରେ ଆମ୍ଭମାନଙ୍କୁ ମନୋନୀତ କଲେ ।**

**କଲସୀୟ ୧:୨୧-୨୨**
**୨୧ ଆଉ, ପୂର୍ବେ ଦୁଷ୍କର୍ମ କରି ତୁମ୍ଭେମାନେ ଈଶ୍ୱରଙ୍କଠାରୁ ପୃଥକ୍ ଓ ମନରେ ତାହାଙ୍କର ଶତ୍ରୁ ଥିଲ, ୨୨ କିନ୍ତୁ ଏବେ ସେ ତୁମ୍ଭମାନଙ୍କୁ ମଧ୍ୟ ଆପଣା ସାକ୍ଷାତରେ ପବିତ୍ର, ଅନିନ୍ଦନୀୟ ଓ ନିର୍ଦ୍ଦୋଷ କରି ସ୍ଥାପନ କରିବା ନିମନ୍ତେ ଖ୍ରୀଷ୍ଟଙ୍କ ମାଂସମୟ ଶରୀରରେ ମୃତ୍ୟୁ ଦ୍ୱାରା ତୁମ୍ଭମାନଙ୍କୁ ଆପଣା ସହିତ ମିଳିତ କରିଅଛନ୍ତି ।**

ଆମ ପ୍ରତି ତାଙ୍କର ପ୍ରେମ ହେତୁ ଆମେ ଈଶ୍ୱରଙ୍କ ଦୃଷ୍ଟିରେ ପବିତ୍ର, ନିର୍ଦ୍ଦୋଷ ଓ ଅନିନ୍ଦନୀୟ ଅଟୁ ।

## ଯେଉଁ ପ୍ରେମ ଅତୁଟ ରହେ

ପିତାଙ୍କ ପ୍ରେମରୁ କୌଣସି ବିଷୟ ଆମକୁ ବନ୍ଦ, ବାଧାସୃଷ୍ଟି ବା ବିଚ୍ଛିନ୍ନ କରି ପାରିବ ନାହିଁ ବା ଛିଣ୍ଡାଇ ପାରିବ ନାହିଁ । ତାହାଙ୍କ ପ୍ରେମ ଆମକୁ କେବେ ପରିତ୍ୟାଗ କରିବ ନାହିଁ । ଏହାକୁ ଅତି ଚମତ୍କାର ଭାବରେ ରୋମୀ ୮ରେ ବର୍ଣ୍ଣନା କରାଯାଏ । ହୁଏତ ଅଧିକ ଉତ୍କୃଷ୍ଟଭାବରେ ଆମେ ଏହାକୁ ବର୍ଣ୍ଣନା କରି ନ ପାରୁ ।

**ରୋମୀୟ ୮ :୩୫-୩୭**
**୩୫ ଖ୍ରୀଷ୍ଟଙ୍କ ପ୍ରେମରୁ କିଏ ଆମ୍ଭମାନଙ୍କୁ ବିଚ୍ଛିନ୍ନ କରିବ ? କି କ୍ଳେଶ, କି ସଙ୍କଟ, କି ତାଡ଼ନା, କି ଦୁର୍ଭିକ୍ଷ, କି ଉଲଙ୍ଗତା, କି ବିପଦ, କି ଖଡ୍‌ଗ ?**
**୩୬ ଯେପରି ଲେଖାଅଛି, "ତୁମ୍ଭ ନିମନ୍ତେ ଆମ୍ଭେମାନେ ସମସ୍ତ ଦିନ ନିହତ ହେଉଅଛୁ; ଆମ୍ଭେମାନେ ବଧଯୋଗ୍ୟ ମେଷ ପରି ଗଣିତ ହୋଇଅଛୁ ।"**
**୩୭ ତଥାପି ଯେ ଆମ୍ଭମାନଙ୍କୁ ପ୍ରେମ କଲେ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଏହିସମସ୍ତ ବିଷୟରେ ସର୍ବତୋଭାବେ ବିଜୟୀ ଅଟୁ ।**

ଜୀବନ ଆମ ପଥରେ ଯାହା ପ୍ରତିବନ୍ଧକ ସୃଷ୍ଟି କଲେ ମଧ୍ୟ ପିତାଙ୍କ ପ୍ରେମରୁ ଆମେ ଅବିଚ୍ଛିନ୍ନ ହୋଇରହିବା । ମନୁଷ୍ୟର କୌଣସି ଶକ୍ତି, କୌଣସି ନରକର ବଳ, କୌଣସି ଶତ୍ରୁ, କୌଣସି ବିପର୍ଯ୍ୟୟ, କୌଣସି ଆହ୍ୱାନ, କୌଣସି ଅନ୍ୟ ବିଷୟ ଯୀଶୁ ଖ୍ରୀଷ୍ଟଙ୍କଠାରେ ଆମ ପ୍ରତି ରହିଥିବା ପିତାଙ୍କ ପ୍ରେମରୁ ଆମକୁ ବିଚ୍ଛିନ୍ନ କରିପାରିବ ନାହିଁ । ଆମ ପ୍ରତି ଥିବା ତାଙ୍କ ପ୍ରେମ ଅଭଙ୍ଗୁର ଅଟେ । ଆମେ ଯେ ପିତାଙ୍କ ପ୍ରେମର ଅନ୍ତର୍ଗତ ଏବିଷୟରେ ଆମେ ପ୍ରତ୍ୟେକ ପରିସ୍ଥିତିରେ, ପ୍ରତ୍ୟେକ ଅବସ୍ଥାରେ, ଯେ କୌଣସି ପ୍ରତିକୂଳ ବିଷୟର ସାମ୍ନା କଲେ ମଧ୍ୟ ନିଶ୍ଚିତ ଓ ଭରସାଯୁକ୍ତ ରହିପାରିବା ।

## ଯେଉଁ ପ୍ରେମ ଆମମାନଙ୍କୁ ସର୍ବତୋଭାବେ ବିଜୟୀ କରାଇଥାଏ

ପାଉଲ ଦୃଢ଼ ଭାବରେ କହନ୍ତି ଯେ ପିତାଙ୍କର ଅଭଙ୍ଗୁର ପ୍ରେମ ହେତୁ, ଏହି ସମସ୍ତ ବିଷୟରେ, ଅର୍ଥାତ୍ ସମସ୍ତ ମନ୍ଦତମ ବିଷୟ ସତ୍ତ୍ୱେ ଯେ ଆମମାନଙ୍କୁ ପ୍ରେମ କଲେ, ତାହାଙ୍କ ଦ୍ୱାରା ଆମେମାନେ ସର୍ବତୋଭାବେ ବିଜୟୀ ଅଟୁ ।

ରୋମୀୟ ୮ :୩୭
**ତଥାପି ଯେ ଆମ୍ଭମାନଙ୍କୁ ପ୍ରେମ କଲେ, ତାହାଙ୍କ ଦ୍ୱାରା ଆମ୍ଭେମାନେ ଏହିସମସ୍ତ ବିଷୟରେ ସର୍ବତୋଭାବେ ବିଜୟୀ ଅଟୁ ।**

ସର୍ବତୋଭାବେ ବିଜୟୀ ହେବାର ଅର୍ଥ ଏକ ମହାବିଜୟ ପ୍ରାପ୍ତ ହେବା, ଏକ ଚୂଡ଼ାନ୍ତ ବିଜୟ ହାସଲ କରିବା, ସୀମା ଅତିକ୍ରମ କରି ଯାଇ ଜୟ କରିବା, ସାଧାରଣ ବିଜୟଠାରୁ ଅଧିକ ପ୍ରାପ୍ତ ହେବା ।

ଆମ ବିରୁଦ୍ଧରେ ଯେତେ ପ୍ରତିକୂଳ ବିଷୟସବୁ ଆସିଲେ ମଧ୍ୟ, ଆମମାନଙ୍କ ପ୍ରତି ତାଙ୍କର ପ୍ରେମ ହେତୁ, ଆମେ ବଡ଼ ଧରଣର ବିଜୟ ଓ ସମ୍ପୂର୍ଣ୍ଣ ବିଜୟ ହାସଲ କରିଥାଉ ! ତାଙ୍କ ପ୍ରେମ ଆମକୁ ନିର୍ଣ୍ଣାୟକ ବିଜୟ ପ୍ରଦାନ କରେ । କାରଣ ଯେଉଁସବୁ ବିଷୟ ଖ୍ରୀଷ୍ଟଙ୍କଠାରେ ଆମ ପ୍ରତି ଥିବା ଈଶ୍ୱରଙ୍କ ପ୍ରେମରୁ ଆମକୁ ବିଚ୍ଛିନ୍ନ କରିବାକୁ ଚେଷ୍ଟା କରିଥାଏ ସେସବୁ ବିଫଳ ହୋଇଥାଏ ।

ତେଣୁ କରି ମନ୍ଦତମ ପରିସ୍ଥିତିସବୁରେ ମଧ୍ୟ ଆମେ ମସ୍ତକ ଉଠାଇ ବିଜେତା ଭାବରେ, ସର୍ବତୋଭାବେ ବିଜୟୀରୂପେ ଚାଲି ପାରିବା । ଆମ ପ୍ରତି ଥିବା ପିତାଙ୍କ ପ୍ରେମ ହେତୁ ଆମେ ପ୍ରତ୍ୟେକ ସମୟରେ ବିଜୟ ହାସଲ କରିଥାଉ ।

## ଯେଉଁ ପ୍ରେମ ଆମମାନଙ୍କୁ ମୁକ୍ତ କରେ

ଭୟ ଆମକୁ ଯନ୍ତ୍ରଣା ଦେଇଥାଏ । ଅନ୍ୟ ଯନ୍ତ୍ରଣାଦାୟକ ସ୍ଥାନ ହେଉଛି ନରକ । ଭୟରେ ଜୀବନ ଯାପନ କରିବା ନରକରେ ବାସ କରିବା ସଙ୍ଗେ ତୁଳନୀୟ, କାରଣ ତାହା ଯନ୍ତ୍ରଣାର ସ୍ଥାନ ଅଟେ ।

ସିଦ୍ଧ ପ୍ରେମ ଭୟକୁ ଦୂର କରେ । ଏହା ଆମକୁ ଭୟରୁ ମୁକ୍ତ କରେ । ସିଦ୍ଧ ପ୍ରେମ କେବଳ ଈଶ୍ୱରଙ୍କ ଠାରୁ ଆସିଥାଏ । ସିଦ୍ଧ ପ୍ରେମ ଅନୁଭବ କରିବା ଆମକୁ ମୁକ୍ତ କରିଥାଏ ।

୧ଯୋହନ ୪ :୧୭-୧୮
**୧୭ ଏଥିରେ ପ୍ରେମ ଆମ୍ଭମାନଙ୍କ ମଧ୍ୟରେ ସିଦ୍ଧ ହୋଇଅଛି ଯେ, ବିଚାରଦିନରେ ଆମ୍ଭେମାନେ ସାହସ ପ୍ରାପ୍ତ ହେବୁ, କାରଣ ସେ ଯେପରି ଅଛନ୍ତି, ଆମ୍ଭେମାନେ ମଧ୍ୟ ଏହି ଜଗତରେ ସେହିପରି ଅଛୁ ।**
**୧୮ ପ୍ରେମରେ ଭୟ ନ ଥାଏ, କିନ୍ତୁ ସିଦ୍ଧ ପ୍ରେମ ଭୟକୁ ଦୂର କରେ, କାରଣ ଭୟ ଦଣ୍ଡ ସହିତ ସଂଯୁକ୍ତ, ଆଉ ଯେ ଭୟ କରେ, ସେ ପ୍ରେମରେ ସିଦ୍ଧ ନୁହେଁ ।**

ସିଦ୍ଧ ପ୍ରେମ କହିଲେ ସମ୍ପୂର୍ଣ୍ଣୀକୃତ, ପୂର୍ଣ୍ଣ-ବର୍ଦ୍ଧିତ ପ୍ରେମ । ଆମ ପ୍ରତି ରହିଥିବା ଈଶ୍ୱରଙ୍କ ପ୍ରେମକୁ ଅଧିକରୁ ଅଧିକ ଜାଣିବା ଦିଗରେ ବୃଦ୍ଧି ପାଇବା ଦ୍ୱାରା ଆମେ ସିଦ୍ଧ ପ୍ରେମ ଅନୁଭବ କରିଥାଉ ।

ଆମମାନଙ୍କ ମଧ୍ୟରେ ଏହି ପ୍ରେମ ସିଦ୍ଧ ହେବାକୁ ହେଲେ, ଆମମାନଙ୍କ ପ୍ରତି ରହିଥିବା ଈଶ୍ୱରଙ୍କ ମହାପ୍ରେମ ସମ୍ପର୍କରେ ବ୍ୟକ୍ତିଗତ ଓ ଅନୁଭୂତିଲବ୍ଧ ଜ୍ଞାନ ଲାଭ କରିବା ଦିଗରେ ଆମେ ବୃଦ୍ଧିଲାଭ କରିବାକୁ ହେବ । ଏହାହିଁ ପିତାଙ୍କ ପ୍ରେମ ବିଷୟରେ ପୂରା ଅଧ୍ୟୟନ କରିବାର ଏକମାତ୍ର ଉଦ୍ଦେଶ୍ୟ । ଆମମାନଙ୍କ ପ୍ରତି ରହିଥିବା ପିତାଙ୍କର ମହାପ୍ରେମର ବ୍ୟକ୍ତିଗତ, ଓ ଅନୁଭୂତିଲବ୍ଧ ଜ୍ଞାନ ଲାଭ ଦିଗରେ ବୃଦ୍ଧି ପାଇବାରେ ଏହା ସାହାଯ୍ୟ କରିବ ।

ଏହା ଘଟିଲେ ଆମେ ମୁକ୍ତ ହୋଇଥାଉ । ଈଶ୍ୱରଙ୍କ ବିଚାର ବା ଦଣ୍ଡ ବା ଶାସ୍ତିଜନିତ ସମସ୍ତ ଭୟ, ତ୍ରାସ ଓ ଯନ୍ତ୍ରଣାରୁ ଆମେ ମୁକ୍ତ ହୋଇଥାଉ ।

ବର୍ତ୍ତମାନ ମଧ୍ୟ ଯେତେବେଳେ ଆମମାନଙ୍କ ମଧ୍ୟରେ ପ୍ରେମ ସିଦ୍ଧ ହୁଏ, ଅର୍ଥାତ୍, ଯେତେବେଳେ ଈଶ୍ୱରଙ୍କ ପ୍ରେମ ସମ୍ପର୍କରେ ଆମେ ଯଥେଷ୍ଟ ଜ୍ଞାନ ଆହରଣ କରୁ, ସେତେବେଳେ ଆମେମାନେ ଈଶ୍ୱରଙ୍କ ବିଚାର ବା ଦଣ୍ଡ ବା ଶାସ୍ତି ଜନିତ ସମସ୍ତ ଭୟ, ତ୍ରାସ ଓ ଯନ୍ତ୍ରଣାରୁ ମୁକ୍ତ ହୋଇଥାଉ । ଆମମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ସଙ୍ଗେ ଥିବା ଆମ ସମ୍ପର୍କ ବିଷୟରେ ଆମେ ପୂରାପୂରି ମୁକ୍ତ ହୋଇଥାଉ । ଈଶ୍ୱରଙ୍କ ପ୍ରତି ଆମର ବହୁତ ଭୟ ଭକ୍ତି ରହିଛି ଓ ଆମେ ତାଙ୍କୁ ସମ୍ପୂର୍ଣ୍ଣ ସମ୍ଭ୍ରମ କରିଥାଉ ସତ । କିନ୍ତୁ ଆମେ ତାଙ୍କ ବିଷୟକ ବିକୃତ ଭୟ ଓ ତ୍ରାସରୁ ସମ୍ପୂର୍ଣ୍ଣ ମୁକ୍ତ ହେବା । ଆମେ ତାଙ୍କ ନିକଟକୁ ବିଚାରିତ, ଦଣ୍ଡିତ, ପ୍ରତ୍ୟାଖ୍ୟାତ ହେବାର ଭୟର ଭାବନାରୁ ପୂରାପୂରି ମୁକ୍ତ ହୋଇ ତାଙ୍କ ନିକଟକୁ ଆସିଥାଉ । କାରଣ ସେ (ଯୀଶୁ) ଯେପରି ଅଛନ୍ତି, ଆମ୍ଭେମାନେ ମଧ୍ୟ ଏହି ଜଗତରେ ସେହିପରି ଅଛୁ (୧ଯୋହନ ୪:୧୭) ।

ଆତ୍ମିକ କ୍ଷେତ୍ରରେ ଆମର ସ୍ଥିତି ଯୀଶୁଙ୍କ ସଙ୍ଗେ ସମାନ ଅଟେ । ପିତାଙ୍କ ସାକ୍ଷାତରେ ଆମର ସ୍ଥିତି ଯୀଶୁଙ୍କ ସଙ୍ଗେ ସମାନ ଅଟେ ।

ଅନ୍ଧକାରର ଶକ୍ତିସମୂହ ବିରୁଦ୍ଧରେ ଆମେ ଠିଆ ହେବାର ସ୍ଥିତି ଯୀଶୁଙ୍କ ସଙ୍ଗେ ସମାନ ଅଟେ !

ସେ ଯେପରି ଅଛନ୍ତି, ଆମେମାନେ ମଧ୍ୟ ସେପରି ଅଛୁ ।

ତେଣୁକରି ଆମେ ଈଶ୍ୱରଙ୍କ ସିଂହାସନ ସମ୍ମୁଖରେ ଭୀତ ଓ ତ୍ରାସଯୁକ୍ତ ନୋହୁଁ, କିଅବା ଭୂତମାନଙ୍କୁ ଆଉ ଡରୁ ନାହୁଁ ।

ପିତାଙ୍କର ପ୍ରେମ ଅନୁଭବ କରିବା ଦ୍ୱାରା-

- ଆମେ ପ୍ରତ୍ୟେକ ଦୋଷ, ଲଜ୍ଜା ଓ ଦଣ୍ଡର ଭାବନାରୁ ମୁକ୍ତ ହୋଇଥାଉ । ତାଙ୍କର ପ୍ରେମରେ ଆଚ୍ଛାଦିତ ହୋଇ ଆମେ ପବିତ୍ର ଓ ଅନିନ୍ଦନୀୟ ଅଟୁ (ଏଫିସୀୟ ୧:୪) ।

- ପ୍ରେମରୁ ବଞ୍ଚିତ ବା ପ୍ରତ୍ୟାଖ୍ୟାତ ହୋଇଥିବା ଭାବନାରୁ ମୁକ୍ତ ହୋଇଥାଉ । ଆମେମାନେ ସମ୍ପୂର୍ଣ୍ଣଭାବେ, ପୂରାପୂରି ଓ ସାମଗ୍ରିକରୂପେ ପ୍ରିୟତମଙ୍କ ଦ୍ୱାରା ଗୃହୀତ ହୋଇଛୁ (ଏଫିସୀୟ ୧:୬) ।

- ତାହାଙ୍କ ପ୍ରେମ ପ୍ରାପ୍ତ ହେବା ପାଇଁ ସତ୍କର୍ମ କରିବା ବା ଏହା ଅର୍ଜନ କରିବାର ଆବଶ୍ୟକତାରୁ ମୁକ୍ତ ହୋଇଥାଉ । ଆମେ ତାଙ୍କୁ ଜାଣିବା ପୂର୍ବରୁ ସେ ଆମକୁ ପ୍ରେମ କଲେ (୧ଯୋହନ ୪:୯-୧୦) ।

- ଆମର ସମସ୍ତ ଅଯୋଗ୍ୟତା ଓ ମୂଲ୍ୟହୀନତାର ଭାବନାରୁ ମୁକ୍ତ ହୋଇଥାଉ । ତାଙ୍କ ପ୍ରେମରେ ସେ ଆମମାନଙ୍କୁ ତାଙ୍କର ପୁତ୍ର ଓ କନ୍ୟାରୂପେ ଗ୍ରହଣ କରିଛନ୍ତି (ଏଫିସୀୟ ୧:୫) ।

- ବନ୍ଧନରେ ଥିବା, ଦାସରୂପେ ରହିଥିବା ଓ ଫାନ୍ଦରେ ପଡ଼ିଥିବା ଭାବନାରେ ମୁକ୍ତ ହୋଇଥାଉ । ଆପଣ ମୁକ୍ତ ଅଟନ୍ତି । ଦାସମାନଙ୍କ ସଦୃଶ ପୁନର୍ବାର ଭୟ କରିବା ନିମନ୍ତେ ସେ ଆମକୁ ଦାସତ୍ୱର ଆତ୍ମା ଦେଇ ନାହାନ୍ତି (ରୋମୀୟ ୮:୧୫) ।

- ଅନ୍ୟମାନଙ୍କ ଦ୍ୱାରା ନିୟନ୍ତ୍ରିତ, ଚାଳିତ ଓ ବ୍ୟବହୃତ ହେଉଥିବା ଭାବନାରୁ ମୁକ୍ତ ହୋଇଥାଉ । ଆମେମାନେ ତାହାଙ୍କ ପ୍ରେମ ଦ୍ୱାରା ଶକ୍ତିପ୍ରାପ୍ତ ହୋଇଥାଉ ।

- ଆମ ଜୀବନରେ ଥିବା ସମସ୍ତ ଭୟରୁ, ଭବିଷ୍ୟତକାଳୀନ ଭୟ, ବିଫଳ ହେବାର ଭୟ, ଅଭାବ ଓ ନିଅଣ୍ଟ ରହିଥିବା ଭୟର ଭାବନାରୁ ମୁକ୍ତ ହୋଇଥାଉ । ତାଙ୍କର ସିଦ୍ଧ ପ୍ରେମ ସମସ୍ତ ଭୟକୁ ଦୂର କରେ (୧ଯୋହନ ୪:୧୮) ।

ଆମର ଅପୂର୍ଣ୍ଣ ଆକାଂକ୍ଷାସବୁର ସମାଧାନ ତାଙ୍କର ପ୍ରେମରେ ହୋଇପାରିଥାଏ ।

ଆମର ଅନପେକ୍ଷିତ, ଅନିର୍ବଚନୀୟ, ହତବୁଦ୍ଧିକାରୀ ଅନୁଭୂତିସବୁ ଏବଂ ଭୀଷଣ କ୍ଷତିସାଧନ କରିବା ଭଳି ମନେ ହେଉଥିବା ଆମ ଜୀବନର ଘଟଣାବଳୀ ବର୍ତ୍ତମାନ ଆମକୁ ଗୁରୁତ୍ୱହୀନ ମନେ ହୁଏ । ଆମେ ତାହାଙ୍କ ପ୍ରେମ ହେତୁ ସର୍ବତୋଭାବେ ବିଜୟୀ ହୋଇ ଉଭା ହୋଇଥାଉ ।

ଏପରିକି ଆମର ବ୍ୟକ୍ତିଗତ ଭୁଲସବୁ, ମନ୍ଦ ମନୋନୟନସବୁ ଓ ଦୁର୍ବଳ ନିଷ୍ପତ୍ତିସବୁ ତାହାଙ୍କ ପ୍ରେମରେ ମିଳାଇଯାଏ ଏବଂ ଆମେ ଲଜ୍ଜା ନ କରି ଉଭା ହେଉ, କାରଣ ଆମେ ଜାଣୁ ଯେ ଆମେମାନେ ତାହାଙ୍କର ପ୍ରିୟଜନ ଅଟୁ ଏବଂ ପ୍ରିୟତମଙ୍କ ଦ୍ୱାରା ସମ୍ପୂର୍ଣ୍ଣଭାବେ ଗୃହୀତ ହୋଇଛୁ ।

ଆମେ ଯେତେବେଳେ ତାହାଙ୍କ ପ୍ରେମକୁ ଗ୍ରହଣ କରୁ, ଯେଉଁସବୁ ବିଷୟ ଆମକୁ ପୀଡ଼ା ଦିଏ, ନିରାଶ କରେ ସେସବୁରୁ ଆମେ ମୁକ୍ତ ହେଉ ।

ସାଧାରଣରୂପେ ଏହା କୁହାଯାଏ ଯେ ପ୍ରତ୍ୟେକ ବ୍ୟକ୍ତିର ତିନୋଟି ଗୁରୁତ୍ୱପୂର୍ଣ୍ଣ ଆବେଗ-ପ୍ରବଣ ଆବଶ୍ୟକତା ରହିଛି: **ସୁରକ୍ଷା, ସ୍ୱାଭିମାନ ଓ ଗୁରୁତ୍ୱ ।** ଯେତେବେଳେ ଆମେ ପ୍ରେମରେ ସିଦ୍ଧିଲାଭ କରୁ ଆମ ପ୍ରତି ଥିବା ପିତାଙ୍କ ପ୍ରେମରେ ଆମେ ଏହି ତିନୋଟି ବିଷୟରେ ବଦ୍ଧମୂଳ ହୋଇଥାଉ ଅର୍ଥାତ୍ ଆମର ସୁରକ୍ଷା, ଆମର ସ୍ୱାଭିମାନ, ଓ ଆମର ଗୁରୁତ୍ୱରେ ।

ଆମ ପ୍ରତିଥିବା ପିତାଙ୍କ ପ୍ରେମରେ ଆମର ସୁରକ୍ଷା ରହିଛି । କୌଣସି ବିଷୟ ତାହାଙ୍କଠାରୁ ଆମକୁ ବିଚ୍ଛିନ୍ନ କରିପାରିବ ନାହିଁ । ଆମର ସ୍ୱାଭିମାନ (ବା ଆତ୍ମମୂଲ୍ୟ) ଆମ ପ୍ରତି ଥିବା ତାଙ୍କର ପ୍ରେମରେ ରହିଛି । ଆମେ ପ୍ରିୟତମଙ୍କଠାରେ ଅଛୁ ଓ ଆମେ ଈଶ୍ୱରଙ୍କ ପ୍ରିୟଜନ ଅଟୁ । ଆମର ଗୁରୁତ୍ୱ ମଧ୍ୟ ଆମ ପ୍ରତିଥିବା ପିତାଙ୍କ ପ୍ରେମରେ ନିହିତ । ଆତ୍ମିକ କ୍ଷେତ୍ରରେ ଆମର ସ୍ଥିତିର ଯତ୍ନ ନିଆଯାଇଛି- ସେ (ଯୀଶୁ) ଯେପରି ଅଛନ୍ତି, ଜଗତରେ ଆମେ ସେପରି ଅଛୁ ।

## ଆପଣଙ୍କ ପ୍ରତି ରହିଥିବା ଈଶ୍ୱରଙ୍କ ପ୍ରେମକୁ ଜାଣନ୍ତୁ, ବିଶ୍ୱାସ କରନ୍ତୁ, ଗ୍ରହଣ କରନ୍ତୁ ଓ ତହିଁରେ ବିଶ୍ରାମ କରନ୍ତୁ

**୧ଯୋହନ ୪:୧୬**

**ପୁଣି ଆମ୍ଭମାନଙ୍କ ପ୍ରତି ଈଶ୍ୱରଙ୍କର ଯେଉଁ ପ୍ରେମ ଅଛି, ତାହା ଆମ୍ଭେମାନେ ଜାଣିଅଛୁ ଓ ବିଶ୍ୱାସ କରିଅଛୁ । ଈଶ୍ୱର ତ ପ୍ରେମ; ଯେ ପ୍ରେମରେ ରହେ, ସେ ଈଶ୍ୱରଙ୍କଠାରେ ରହେ ଓ ଈଶ୍ୱର ତାହାଠାରେ ରହନ୍ତି ।**

ଯୋହନ ଏଠାରେ ଲେଖନ୍ତି ଯେ ଆମମାନଙ୍କ ପ୍ରତି ଈଶ୍ୱରଙ୍କର ଯେଉଁ ପ୍ରେମ ଅଛି, ତାହା ଆମେମାନେ ଜାଣିଅଛୁ ଓ ବିଶ୍ୱାସ କରିଅଛୁ । ଈଶ୍ୱର ତ ପ୍ରେମ- ଆମେ ତାଙ୍କୁ ସ୍ୱୀକାର କରୁ ଓ ତାଙ୍କ ପ୍ରେମ ଗ୍ରହଣ କରୁ । ଆମେମାନେ ଈଶ୍ୱରଙ୍କ ପ୍ରେମରେ ରହୁ । ଆମମାନଙ୍କ ପ୍ରତି ଥିବା ଈଶ୍ୱରଙ୍କ ପ୍ରେମକୁ ଆମେ ଜାଣିବାକୁ, ବିଶ୍ୱାସ କରିବାକୁ ଓ ଗ୍ରହଣ କରିବାକୁ ହେବ ଓ ସେହି ପ୍ରେମରେ ବିଶ୍ରାମ କରିବାକୁ ହେବ ।

### ଜାଣିବା

ଜାଣିବାର ଅର୍ଥ ଜ୍ଞାନ ପ୍ରାପ୍ତ ହେବା, ବୁଝିବା, ସମ୍ପୂର୍ଣ୍ଣ ଭାବରେ ଅବଗତ ହେବା ଓ ନିଶ୍ଚିତ ହେବା । ଏପର୍ଯ୍ୟନ୍ତ ଏହି ଅଧ୍ୟୟନରେ ଆମେ ଆମ ପ୍ରତି ଥିବା ପିତାଙ୍କର ପ୍ରେମ ସମ୍ପର୍କିତ ସତ୍ୟ ଉପସ୍ଥାପିତ କରିଛୁ । ଆମେ ଧର୍ମଶାସ୍ତ୍ର ପଢ଼ିଛୁ ଓ ଜାଣୁ ଯେ ଆମ ପ୍ରତି ପିତାଙ୍କର ପ୍ରେମ ରହିଛି ।

### ବିଶ୍ୱାସ କରିବା

ବର୍ତ୍ତମାନ ଆମେ ବିଶ୍ୱାସ କରିବାକୁ ହେବ । ଆମେ ପିତାଙ୍କର ପ୍ରେମରେ ବିଶ୍ୱାସ କରିବାକୁ, ସେଥିରେ ଆସ୍ଥା ସ୍ଥାପନ କରିବାକୁ ଓ ତା' ଉପରେ ନିର୍ଭର କରିବାକୁ ହେବ । ଆମମାନଙ୍କ ପ୍ରତି ଯେ ପିତାଙ୍କର ପ୍ରେମ ରହିଛି ତାହା ଆମେ ବିଶ୍ୱାସ କରୁ । ଆମେ ଈଶ୍ୱରଙ୍କ ବାକ୍ୟ ପାଠ କରିଛୁ । ତାହାଙ୍କ ବାକ୍ୟ ସତ୍ୟ । ଆମ ପ୍ରତି ଥିବା ଈଶ୍ୱରଙ୍କ ମହାପ୍ରେମ ବିଷୟରେ ଈଶ୍ୱରଙ୍କ ବାକ୍ୟ ମିଥ୍ୟା କହେ ନାହିଁ । ଆମ ପ୍ରତି ଥିବା ଈଶ୍ୱରଙ୍କ ମହାପ୍ରେମ ବିଷୟରେ କ୍ରୁଶ ମିଥ୍ୟା କହେ ନାହିଁ । ଆମ ପ୍ରତି ଯେ ଈଶ୍ୱରଙ୍କର ପ୍ରେମ ରହିଛି ଏହା ଆମେ ବିଶ୍ୱାସ କରୁ ।

## ଗ୍ରହଣ କରନ୍ତୁ- ବ୍ୟକ୍ତିଗତ ଭାବେ ଅନୁଭବ କରନ୍ତୁ

ଆମେ ଯେତେବେଳେ ବିଶ୍ୱାସ କରୁ, ଆମେ ଗ୍ରହଣ କରିପାରୁ, ଅର୍ଥାତ୍ ଏହାକୁ ନିଜର କରିପାରୁ । ଆମ ପ୍ରତି ଥିବା ପିତାଙ୍କର ପ୍ରେମକୁ ଆମେ ବ୍ୟକ୍ତିଗତ ଭାବେ ଅନୁଭବ କରୁ । ଈଶ୍ୱର ତ ପ୍ରେମ । ସେ ପ୍ରେମ ସ୍ୱରୂପ । ସେ ଆମକୁ ପ୍ରେମ କରନ୍ତି, କାରଣ ସେ ପ୍ରେମସ୍ୱରୂପ ଅଟନ୍ତି । ପିତାଙ୍କର ପ୍ରେମ ଅନୁଭବ କରିବା ପାଇଁ ଆମେ ଏହାକୁ ସରଳଭାବେ ଗ୍ରହଣ କରୁ । ସେ ଆମକୁ ପ୍ରେମ କରନ୍ତୁ ବୋଲି ଆପଣ ତାଙ୍କୁ ନିମନ୍ତ୍ରଣ କରିଥାନ୍ତି ।

ସରଳଭାବେ ଆପଣ ତାଙ୍କୁ ଅନୁମତି ଦିଅନ୍ତି, ଆପଣଙ୍କୁ ପ୍ରେମ କରିବାକୁ, କାରଣ ସେ ପ୍ରେମସ୍ୱରୂପ, କାରଣ ସେ ଆପଣଙ୍କ ପିତା ଅଟନ୍ତି ।

- ଆପଣ ତାଙ୍କର ସର୍ବୋତ୍ତମ ସନ୍ତାନ ଅଟନ୍ତି ବୋଲି ନୁହେଁ ।

- ଆପଣ ଏହା ଅର୍ଜନ କରିଛନ୍ତି ବୋଲି ନୁହେଁ ।

- ଆପଣ ତାଙ୍କ ପାଇଁ ବହୁତ କିଛି କାର୍ଯ୍ୟ କରିଛନ୍ତି ବୋଲି ନୁହେଁ ।

- କିନ୍ତୁ ସେ ଆପଣଙ୍କୁ ପ୍ରେମ କରନ୍ତି, କାରଣ ସେ କେବଳ ଚାହାନ୍ତି ଯେ ଆପଣ ତାଙ୍କ ପ୍ରେମ ଗ୍ରହଣ କରନ୍ତୁ ।

ପାଉଲ ଏହା ପ୍ରାର୍ଥନା କରିଛନ୍ତି, ଯାହା ଆମେ ପୂର୍ବ ଏକ ଅଧ୍ୟାୟରେ ଦେଖିଛୁ । ଆମେ ବ୍ୟକ୍ତିଗତ ଅନୁଭୂତି ଦ୍ୱାରା ଆମ ପ୍ରତି ଥିବା ଈଶ୍ୱରଙ୍କର ଅପରିମେୟ ପ୍ରେମକୁ ଜାଣିବାକୁ ହେବ, ଏବଂ ତା' ପରେ ପିତାଙ୍କର ପ୍ରେମରେ ଆମେ ବଦ୍ଧମୂଳ ଓ ଦୃଢ଼ରୂପେ ସ୍ଥାପିତ ହେବାକୁ ହେବ ।

**ଏଫିସୀ ୩:୧୭-୧୯**
**୧୭ ପୁଣି, ବିଶ୍ୱାସ ଦ୍ୱାରା ଖ୍ରୀଷ୍ଟ ତୁମ୍ଭମାନଙ୍କ ହୃଦୟରେ ବାସ କରନ୍ତି,**
**୧୮ ଯେପରି ତୁମ୍ଭେମାନେ ପ୍ରେମରେ ବଦ୍ଧମୂଳ ଓ ଦୃଢ଼ରୂପେ ସ୍ଥାପିତ ହୋଇ ବୋଧର ଅଗମ୍ୟ ଯେ ଖ୍ରୀଷ୍ଟଙ୍କ ପ୍ରେମ, ତାହା ଜ୍ଞାତ ହୁଅ ଏବଂ ସମସ୍ତ ସାଧୁଙ୍କ ସହିତ ସେଥିର ଦୈର୍ଘ୍ୟ ଓ ପ୍ରସ୍ଥ, ଉଚ୍ଚତା ଓ ଗଭୀରତା ବୁଝିବାକୁ ଶକ୍ତି ପ୍ରାପ୍ତ ହୁଅ,**
**୧୯ ଆଉ ଏହି ପ୍ରକାରେ ଈଶ୍ୱରଙ୍କ ସମସ୍ତ ପୂର୍ଣ୍ଣତାରେ ପରିପୂର୍ଣ୍ଣ ହୁଅ ।**

ଆମେ ଦେଖୁ ଯେ ଆମର ଆବେଗପ୍ରବଣ ଆବଶ୍ୟକତାସବୁ ପୂରଣ ହୋଇଛି ଏବଂ ଆମେ ସମ୍ପୂର୍ଣ୍ଣରୂପେ ତାଙ୍କ ଦ୍ୱାରା ଗ୍ରହଣ କରାଯାଇଛୁ ବୋଲି ଜାଣିପାରୁ ଯେତେବେଳେ

ଆମେ ପିତାଙ୍କ ପ୍ରେମର ପ୍ରକାଶନକୁ ଗ୍ରହଣ କରିଥାଉ ।

ପିତାଙ୍କର ପ୍ରେମ ଗ୍ରହଣ କରିବା ଦ୍ୱାରା ଗଭୀର ଆବେଗପ୍ରବଣତା ସୁସ୍ଥତା ଆଣିଥାଏ ଓ ଆମମାନଙ୍କୁ ଏକ ଆବେଗପ୍ରବଣ ସମ୍ପୂର୍ଣ୍ଣତା ଓ ନିରାମୟତାର ସ୍ଥାନକୁ ଆଣିଥାଏ ।

ତାହାଙ୍କର ପୁତ୍ର ବା କନ୍ୟାରୂପେ ପରିଗଣିତ ହୋଇ ଆମେ ମଧ୍ୟ ଆମର ସମ୍ପୂର୍ଣ୍ଣ ପରିଚୟ ପାଇଥାଉ ।

## ତାହାଙ୍କ ପ୍ରେମରେ ବିଶ୍ରାମ କରନ୍ତୁ- ରୁହନ୍ତୁ, ବଦ୍ଧମୂଳ ହୁଅନ୍ତୁ, ଦୃଢ଼ରୂପେ ସ୍ଥାପିତ ହୁଅନ୍ତୁ, ନିଜକୁ ଶାନ୍ତ ରଖନ୍ତୁ

**୧ଯୋହନ ୪:୧୬**
**ପୁଣି ଆମ୍ଭମାନଙ୍କ ପ୍ରତି ଈଶ୍ୱରଙ୍କର ଯେଉଁ ପ୍ରେମ ଅଛି, ତାହା ଆମ୍ଭେମାନେ ଜାଣିଅଛୁ ଓ ବିଶ୍ୱାସ କରିଅଛୁ । ଈଶ୍ୱର ତ ପ୍ରେମ; ଯେ ପ୍ରେମରେ ରହେ, ସେ ଈଶ୍ୱରଙ୍କଠାରେ ରହେ ଓ ଈଶ୍ୱର ତାହାଠାରେ ରହନ୍ତି ।**

ଆମେ ଯଦି ତାହାଙ୍କ ପ୍ରେମ ଅନୁଭବ କରିଛୁ, ଆମ ପ୍ରତି ରହିଥିବ ପିତାଙ୍କ ପ୍ରେମରେ ଆମେ ରହିବା ଆବଶ୍ୟକ । ରହିବାର ଅର୍ଥ ପିତାଙ୍କ ପ୍ରେମରେ ଚାଲୁଥିବା, ଅବସ୍ଥାନ କରିବା, ନିୟମିତ ଓ ନିରାପଦ ଜୀବନ ଯାପନ ଗ୍ରହଣ କରିନେବା, ସ୍ଥାୟୀଭାବରେ ବାସ କରିବା, ବିଶ୍ରାମ କରିବା, ବଦ୍ଧମୂଳ ହେବା ଓ ଦୃଢ଼ରୂପେ ସ୍ଥାପିତ ହେବା । ପିତାଙ୍କ ପ୍ରେମର ଅନୁଭୂତି ବେଳେବେଳେ ପରିଦର୍ଶନ କରିବା ବା ଏହା ମଧ୍ୟକୁ ବାରମ୍ବାର ଯାଆସ କରିବା ବା ଭିତରକୁ ଯିବା ଓ ବାହାରକୁ ଆସିବାଠାରୁ ଏହା ଭିନ୍ନ ଅଟେ । ଆମେମାନେ ଈଶ୍ୱରଙ୍କ ପ୍ରେମରେ ରହିବାକୁ, ବିଶ୍ରାମ କରିବାକୁ ହେବ । ତା'ହେଲେ ଆମେ ତାହାଙ୍କ ପ୍ରେମରେ ସେହି ବିଶ୍ରାମ ସ୍ଥଳରେ ଜୀବନ ଯାପନ ବା ବାସ କରପାରିବା ।

ଆମେ ଯଦି ତାହାଙ୍କ ପ୍ରେମରେ ବିଶ୍ରାମ କରୁ, କୌଣସି ବିଷୟ ଆମର ବିଘ୍ନ ଘଟାଇବାକୁ ଆମେ ଦେବା ନାହିଁ । କୌଣସି ବିଷୟ ଆମକୁ ଅସ୍ଥିର କରିବ ନାହିଁ । ଝଡ଼ ତୋଫାନ ଆସିବ । ପ୍ରବଳ ବତାସ ବହିବ । ଉତ୍ତାଳ ତରଙ୍ଗ ଉଠିପାରେ । ଆହ୍ୱାନକାରୀ ପରିସ୍ଥିତି ଓ ଅବସ୍ଥାସବୁ ଆସିପାରେ, କିନ୍ତୁ ଆମେ ତାହାଙ୍କ ପ୍ରେମରେ ବିଶ୍ରାମ ନେଇଛୁ । ତାହାଙ୍କ ପ୍ରେମ ହେତୁ ଆମେ ଯେଉଁ ସ୍ଥାନରେ ଅଛୁ ତାହା ଆମକୁ ସର୍ବତୋଭାବବେ ବିଜୟୀ କରିଥାଏ ।

ଆମେମାନେ ତାହାଙ୍କ ପ୍ରେମରେ ବିଶ୍ରାମ କରୁଥିବା ବେଳେ ଲୋକମାନେ ଆମକୁ ଆକ୍ରମଣ କରିପାରନ୍ତି । ସେମାନେ ଆମର ନିନ୍ଦା କରିପାରନ୍ତି, ମିଥ୍ୟାରେ ଆମ ଉପରେ ଦୋଷାରୋପ କରିପାରନ୍ତି, ଆମର ବିରୋଧ କରିପାରନ୍ତି ଓ ଆମର ପ୍ରତିରୋଧ କରିପାରନ୍ତି । କିନ୍ତୁ ଏସବୁ ଆମକୁ ବିଚଳିତ କରି ନ ଥାଏ । ପ୍ରତିଶୋଧ ନେବା ବା ନିଜକୁ ଆକ୍ରମଣରୁ ରକ୍ଷା କରିବା ବିଷୟ ମଧ୍ୟ ଆମେ ଚିନ୍ତା କରି ନ ଥାଉ । ଆମେମାନେ ତାହାଙ୍କ ପ୍ରେମରେ ସ୍ଥିର ରହିଛୁ । ଆମେ ପ୍ରେମରେ ଉତର ଦେଉ । ପ୍ରେମ ଯାହା କରିଥାଏ ତାହା ହିଁ ଆମେ କରୁ ।

**ସିଫନୀୟ ୩:୧୭**
**ସଦାପ୍ରଭୁ ତୁମ୍ଭର ପରମେଶ୍ୱର ତୁମ୍ଭର ମଧ୍ୟବର୍ତ୍ତୀ ଅଟନ୍ତି, ସେ ବୀର, ଯେ କି ପରିତ୍ରାଣ କରିବେ; ସେ ତୁମ୍ଭ ବିଷୟରେ ପରମ ଆନନ୍ଦ କରିବେ, ସେ ଆପଣା ସ୍ନେହଭରରେ ନୀରବ ହେବେ, ସେ ଗାନ କରି ତୁମ୍ଭ ବିଷୟରେ ଉଲ୍ଲାସ କରିବେ ।**

ଈଶ୍ୱର ତାଙ୍କର ପ୍ରେମ ଦ୍ୱାରା ଆମକୁ ଶାନ୍ତ କରନ୍ତି । ଧରନ୍ତୁ ଜଣେ ପିଲା କାନ୍ଦୁଛି, ପିତାମାତା ତାକୁ କୋଳରେ ଉଠାଇ ଗେଲ କରନ୍ତି । ଫଳରେ ସେ ଶାନ୍ତ ହୋଇ ଶୋଇପଡ଼େ । ସେହିପରି ଈଶ୍ୱର ଆମକୁ ଶାନ୍ତ କରନ୍ତି, ଅନୁତ୍ତେଜିତ କରନ୍ତି, ସ୍ଥିର କରନ୍ତି ଓ ଆମକୁ ବିଶ୍ରାମ ଦିଅନ୍ତି । ଆମ ପ୍ରତି ରହିଥିବା ତାଙ୍କର ଅତୁଟ, ଅବ୍ୟର୍ଥ, ଅମାପ ପ୍ରେମକୁ ସେ ନିଶ୍ଚିତ କରନ୍ତି । ପିତାଙ୍କ ପ୍ରେମର ନିଶ୍ଚତତା ଈଶ୍ୱରଙ୍କ ଆତ୍ମା ଆମ ମଧ୍ୟକୁ ନେଇ ଆସନ୍ତି ଯାହା ଆମ ଆତ୍ମାକୁ ପ୍ଲାବିତ କରିଥାଏ । ଆମେ ତାହାଙ୍କ ପ୍ରେମରେ ଶାନ୍ତ ଓ କ୍ଷାନ୍ତ ହୋଇଥାଉ ।

ତାହାଙ୍କ ପ୍ରେମରେ ବିଶ୍ରାମ କରିବା ବିଷୟ ଆମେମାନେ ଶିକ୍ଷା କରିବାକୁ ହେବ ଓ ଆମ ପ୍ରତି ରହିଥିବା ତାଙ୍କର ପ୍ରେମରେ ଜୀବନ ଯାପନ କରିବାକୁ ହେବ । ପରବର୍ତ୍ତୀ ଅଧ୍ୟାୟରେ ତାହାଙ୍କ ପ୍ରେମରେ ରହିବା ବିଷୟ ଆମେ ଅଧିକରୂପେ ଆଲେଚନା କରିବା ।

## ପିତାଙ୍କ ପ୍ରେମ ଗ୍ରହଣ ଓ ଅନୁଭବ କରିବା ପାଇଁ ପ୍ରାର୍ଥନା

*ପ୍ରିୟ ସ୍ୱର୍ଗସ୍ଥ ପିତା, ମୋ ପ୍ରତି ଥିବା ତୁମର ମହାପ୍ରେମର ନିଶ୍ଚିତତା ମୋ ହୃଦୟକୁ ପରିପୂର୍ଣ୍ଣ କରୁ, ଏବଂ ତୁମେ ଶୀଘ୍ର ଆସ, ମୋତେ ଆଚ୍ଛାଦିତ, ଆବୃତ ଓ ବଷ୍ଟାନ୍ୱିତ କର । ବର୍ତ୍ତମାନ ମଧ୍ୟ ମୋ ପ୍ରତି ରହିଥିବା ତୁମର ମହାପ୍ରେମରେ ମୋତେ ବ୍ୟକ୍ତିଗତ ଓ ନିର୍ଦ୍ଦିଷ୍ଟରୂପେ ସାକ୍ଷାତ କର । ହେ ପବିତ୍ର ଆତ୍ମା, ପିତାଙ୍କ ପ୍ରେମକୁ ପୁନର୍ବାର ମୋ ହୃଦୟରେ ଢ଼ାଳିଦିଅ । ଈଶ୍ୱରଙ୍କ ପ୍ରେମ ମୋର ପ୍ରତ୍ୟେକ ଅଙ୍ଗକୁ, ମୋର ହୃଦୟ, ମୋର ମନ, ଇଚ୍ଛା ଓ*

ଆବେଗସବୁକୁ ପରିପୂର୍ଣ୍ଣ କରୁ । ତୁମର ପ୍ରେମ ମୋର କ୍ଷତବିକ୍ଷତ ପ୍ରାଣ ଉପରେ ଢ଼ାଳିଦିଅ ଓ ମୋତେ ସୁସ୍ଥ କର । ମୋତେ ନିରାମୟ କର ।

ସମସ୍ତ ଆଘାତ, ଯନ୍ତ୍ରଣା ଓ ନକାରାତ୍ମକ ଆବେଗସବୁ ପରିଷ୍କୃତ ହେଉ । ସମସ୍ତ ଦୋଷ,ଲଜ୍ଜା, ପ୍ରତ୍ୟାଖ୍ୟାନ, ଏକାକୀ ରହିବାର ଭାବନା, ପରିତ୍ୟକ୍ତ ହେବା ଓ ବିଚ୍ଛିନ୍ନ ହୋଇ ରହିଥିବା ଭାବନା ତୁମ ପ୍ରେମରେ ପରିଷ୍କୃତ ହେଉ । ସମସ୍ତ ପ୍ରକାର ଭୟରୁ- ଭବିଷ୍ୟତକାଳୀନ ଭୟ, ବିଫଳତାର ଭୟ, ଅନ୍ୟମାନଙ୍କୁ ପ୍ରେମ କରିବାର ଭୟ, ମୋତେ ପ୍ରେମ କରିବାକୁ ଅନ୍ୟମାନଙ୍କୁ ଅନୁମତି ଦେବାର ଭୟ, ଲୋକମାନଙ୍କ ଉପରେ ଭରସା କରିବାର ଭୟରୁ ମୋତେ ପରିଷ୍କାର କର ।

ମୋର ଗର୍ବ ଅହଙ୍କାର, ମୋର ଆତ୍ମନିର୍ଭରଶୀଳତା, ମୋର ଭାବପ୍ରବଣତାରୂପ କାନ୍ଥସବୁ ଓ ପ୍ରତିରକ୍ଷା ବ୍ୟବସ୍ଥା ଯାହା ତୁମର ପ୍ରେମକୁ ଅନୁଭବ କରିବାରୁ ମୋତେ ଦୂରେଇ ରଖିଛି ସେସବୁକୁ ପିତାଙ୍କ ପ୍ରେମ ଭାଙ୍ଗିଦେଉ ଓ ଖଣ୍ଡଖଣ୍ଡ କରିଦେଉ ।

ମୋତେ ବନ୍ଧନସବୁରୁ ମୁକ୍ତ କର । ସତ୍କର୍ମ କରି ହାସଲ କରିବାର ବନ୍ଧନ, ପ୍ରାଣପଣ କରିବାର ବନ୍ଧନ, ପ୍ରେମ ପାଇବା ଓ ଗ୍ରହଣୀୟ ହେବା ପାଇଁ ଚେଷ୍ଟା କରିବାର ବନ୍ଧନରୁ ମୁକ୍ତ କର ଏବଂ ସରଳ ଭାବରେ ତୁମର ଅମାପ, ଅସୀମ, ଅପରିବର୍ତ୍ତନୀୟ ଓ ନିଃସର୍ତ୍ତ ପ୍ରେମକୁ ଗ୍ରହଣ କରିବା ସ୍ଥିତିକୁ ମୋତେ ଆଣ ।

ତୁମ ପ୍ରେମରେ ମୋତେ ଶାନ୍ତ କର । ତୁମ ପ୍ରେମରେ ଏକ ବିଶ୍ରାମସ୍ଥାନକୁ ମୋତେ ଆଣ । ସ୍ୱର୍ଗସ୍ଥ ପିତାଙ୍କ ଆଲିଙ୍ଗନ ମୁଁ ଗ୍ରହଣ କରୁଛି ।

ଯୀଶୁଙ୍କ ନାମରେ ମାଗୁଛି । ଆମେନ୍ ।

# ଅନୁଚିନ୍ତା

୧. ୧କରିନ୍ଥୀୟ ୧୩:୪-୮ ଧ୍ୟାନ କରନ୍ତୁ । ଆମ ପ୍ରତି ରହିଥିବା ଐଶ୍ୱରିକ ପ୍ରେମର ବର୍ଣ୍ଣନା ଭାବରେ ଏହାକୁ ନେଇ ଚିନ୍ତା କରନ୍ତୁ । ବ୍ୟକ୍ତିଗତ ଭାବେ ଆପଣଙ୍କ ପ୍ରତି ରହିଥିବା ପିତାଙ୍କର ପ୍ରେମର ବର୍ଣ୍ଣନା ଭାବରେ ଏହାକୁ ଲେଖନ୍ତୁ ।

--------------------------------------------------------

--------------------------------------------------------

--------------------------------------------------------

--------------------------------------------------------

--------------------------------------------------------

୨. ଯୋହନ ୧୭:୨୩,୨୬ ଧ୍ୟାନ କରନ୍ତୁ । ପିତା ଯୀଶୁଙ୍କୁ ଯେପରି ପ୍ରେମ କରନ୍ତି ଆପଣ ଈଶ୍ୱରଙ୍କର ପ୍ରିୟଜନ ହୋଇଥିବାରୁ ଆପଣଙ୍କୁ ମଧ୍ୟ ପିତା ସେପରି ପ୍ରେମ କରନ୍ତି । ବ୍ୟକ୍ତିଗତରୂପେ ଏହା ଆପଣଙ୍କ ପ୍ରତି କ'ଣ ଅର୍ଥ ପ୍ରକାଶ କରେ ?

--------------------------------------------------------

--------------------------------------------------------

--------------------------------------------------------

--------------------------------------------------------

--------------------------------------------------------

୩. ରୋମୀୟ ୮:୩୫-୩୭ ଧ୍ୟାନ କରନ୍ତୁ । ଆମେମାନେ କାହିଁକି ଏହିସମସ୍ତ ବିଷୟରେ ସର୍ବତୋଭାବେ ବିଜୟୀ ଅଟୁ? ଆପଣଙ୍କ ଜୀବନର ବିଭିନ୍ନ ସ୍ଥିତି ପ୍ରତି ଆପଣଙ୍କ ଦୃଷ୍ଟିକୋଣକୁ ଏହା କିପରି ପ୍ରଭାବିତ କରେ?

-----------------------------------------------------------

-----------------------------------------------------------

-----------------------------------------------------------

-----------------------------------------------------------

-----------------------------------------------------------

୪. ୧ଯୋହନ ୪:୧୭-୧୮କୁ ନେଇ ଆଲୋଚନା କରନ୍ତୁ କିପରି ତାହାଙ୍କ ପ୍ରେମ ଆମମାନଙ୍କ ମଧ୍ୟରେ ସିଦ୍ଧ ହୋଇଅଛି । ଆମେମାନେ କିପରି ସେହି ସ୍ଥାନରେ ପହଞ୍ଚିବା ଯେଉଁଠାରେ ତାହାଙ୍କ ପ୍ରେମ ଆମମାନଙ୍କ ମଧ୍ୟରେ ସିଦ୍ଧ ହେବ? ଏହା ଆମକୁ କିପରି ପ୍ରଭାବିତ କରେ?

-----------------------------------------------------------

-----------------------------------------------------------

-----------------------------------------------------------

-----------------------------------------------------------

-----------------------------------------------------------

# ୫

# ପିତାଙ୍କର ପ୍ରେମରେ ଅଟଳ ରହିବା

## ପିତାଙ୍କ ପ୍ରେମ ସ୍ୱୀକାର କରନ୍ତୁ -ମୋ ପିତା ମୋତେ ପ୍ରେମ କରନ୍ତି

ପିତା ଈଶ୍ୱରଙ୍କ ସହିତ ଯୀଶୁଙ୍କ ସମ୍ପର୍କକୁ ଗଭୀର ଭାବେ ନିରୀକ୍ଷଣ କରିବା ଏକ ଆଶ୍ଚର୍ଯ୍ୟଜନକ ବିଷୟ। ପ୍ରଭୁ ଅନେକ ଥର ତାଙ୍କ ପ୍ରତି ରହିଥିବା ପିତାଙ୍କର ପ୍ରେମକୁ ଦୃଢ଼ଭାବରେ କହୁଥିଲେ ଓ ସ୍ୱୀକାର କରୁଥିଲେ। ସେ ମଧ୍ୟ ମାନୁଥିଲେ ଓ ସ୍ୱୀକାର କରୁଥିଲେ ପିତା ତାଙ୍କୁ ପ୍ରେମ କରି କେଉଁସବୁ କାର୍ଯ୍ୟ କରୁଥିଲେ।

**ଯୋହନ ୩:୩୫**
**ପିତା ପୁତ୍ରଙ୍କୁ ପ୍ରେମ କରନ୍ତି, ପୁଣି ସମସ୍ତ ବିଷୟ ତାହାଙ୍କ ହସ୍ତରେ ଅର୍ପଣ କରିଅଛନ୍ତି।**

ପିତା ସମସ୍ତ ବିଷୟ ଯୀଶୁଙ୍କ ହସ୍ତରେ ଅର୍ପଣ କରିଥିଲେ।

**ଯୋହନ ୫:୨୦**
**କାରଣ ପିତା ପୁତ୍ରଙ୍କୁ ସ୍ନେହ କରନ୍ତି, ପୁଣି ଆପେ ଯାହା ଯାହା କରନ୍ତି, ସେହିସବୁ ତାହାଙ୍କୁ ଦେଖାନ୍ତି, ଆଉ ତୁମ୍ଭେମାନେ ଯେପରି ଚମତ୍କୃତ ହୁଅ, ଏଥିନିମନ୍ତେ ସେ ତାହାଙ୍କୁ ଏହାଠାରୁ ଆହୁରି ମହତ୍ ମହତ୍ କର୍ମ ଦେଖାଇବେ।**

ପିତା ଯାହା କରୁଥିଲେ ତାହା ଯୀଶୁଙ୍କ ନିକଟରେ ପ୍ରକାଶ କରୁଥିଲେ ଓ ସେ ତାଙ୍କୁ ଆହୁରି ମହତ୍ କର୍ମମାନ ଦେଖାଇବେ।

**ଯୋହନ ୧୭:୨୪**
**ହେ ପିତା, ତୁମ୍ଭେ ମୋତେ ଯେଉଁମାନଙ୍କୁ ଦେଇଅଛ, ମୁଁ ଯେଉଁଠାରେ ଥାଏ, ସେମାନେ ମଧ୍ୟ ଯେପରି ସେଠାରେ ମୋହର ସହିତ ରହିବେ ଓ ଜଗତର ପତ୍ତନ ପୂର୍ବେ ତୁମ୍ଭେ ମୋତେ ପ୍ରେମ କରିଥିବାରୁ ମୋତେ ଯେଉଁ ମହିମା ଦେଇଅଛ, ମୋହର ସେହି ମହିମା ସେମାନେ ଯେପରି ଦେଖିବେ, ଏହା ମୋହର ଇଚ୍ଛା।**

ଯୀଶୁ ପ୍ରାର୍ଥନା କଲେ ଓ ପିତାଙ୍କ ନିକଟରେ ତାଙ୍କର ଇଚ୍ଛାକୁ ପ୍ରକାଶ କଲେ, କାରଣ ସେ ଜାଣିଥିଲେ ଯେ ସେ ପିତାଙ୍କର ପ୍ରେମପାତ୍ର ।

**ଯୋହନ ୧୦:୧୭**
**ମୁଁ ମୋହର ପ୍ରାଣ ଦାନ କରିବାରୁ ପିତା ମୋତେ ପ୍ରେମ କରନ୍ତି, ଆଉ ମୁଁ ମୋହର ପ୍ରାଣ ପୁନର୍ବାର ଗ୍ରହଣ କରିବା ନିମନ୍ତେ ତାହା ଦାନ କରେ ।**

ପ୍ରତିକ୍ରିୟାକ୍ରମେ ଯୀଶୁ ପିତାଙ୍କ ପ୍ରତି ବାଧ୍ୟତାରେ ଆଚରଣ କରିଥିଲେ ଓ ପିତାଙ୍କର ଇଚ୍ଛା ପୂରଣ ଓ ନିର୍ବାହ କରିବାପାଇଁ ଜଗତକୁ ଆସିଥିଲେ ।

ପିତା ଯୀଶୁଙ୍କୁ ଯେଭଳି ଓ ଯେତିକି ପ୍ରେମ କରନ୍ତି ଆମମାନଙ୍କୁ ମଧ୍ୟ ଅନୁରୂପ ପ୍ରେମ କରନ୍ତି । ପିତା ଆମମାନଙ୍କୁ ପ୍ରେମ କରନ୍ତି ଏବଂ ପୃଥିବୀରେ ଆମମାନଙ୍କୁ ତାହାଙ୍କ ରାଜ୍ୟର ବିଭିନ୍ନ ଦାୟିତ୍ୱ ଅର୍ପଣ କରନ୍ତି । ପିତା ଆମମାନଙ୍କୁ ପ୍ରେମ କରନ୍ତି ଓ ଆମମାନଙ୍କ ଦେଇ ଯେଉଁସବୁ କାର୍ଯ୍ୟ ସାଧନ କରିବାକୁ ଚାହାନ୍ତି ତାହା ସେ ଆମ ନିକଟରେ ପ୍ରକାଶ କରନ୍ତି ଏବଂ ସେ ମଧ୍ୟ ଆମେ ଏଯାଏ ଦେଖି ନ ଥିବା ମହତ୍ କର୍ମମାନ ଆମ ନିକଟରେ ପ୍ରକାଶ କରିବେ । ପିତା ଆମମାନଙ୍କୁ ପ୍ରେମ କରନ୍ତି ଓ ଆମର ପ୍ରାର୍ଥନା ଶୁଣନ୍ତି । ଯୀଶୁଙ୍କ ପରି, ଆମେ ମଧ୍ୟ ଆମ ପ୍ରତି ଥିବା ପିତାଙ୍କ ପ୍ରେମକୁ ସ୍ୱୀକାର କରିବାକୁ ଓ ଦୃଢ଼ ଭାବରେ କହିବାକୁ ହେବ ।

## ମୋର ପ୍ରେମରେ ଅଟଳ ରୁହ

**ଯୋହନ ୧୫:୯-୧୦**
**୯ ପିତା ଯେପ୍ରକାର ମୋତେ ପ୍ରେମ କରିଅଛନ୍ତି, ମୁଁ ମଧ୍ୟ ସେପ୍ରକାର ତୁମ୍ଭମାନଙ୍କୁ ପ୍ରେମ କରିଅଛି, ମୋହର ପ୍ରେମରେ ସ୍ଥିର ହୋଇ ରହିଥାଅ ।**
**୧୦ ମୁଁ ଯେପରି ମୋହର ପିତାଙ୍କ ଆଜ୍ଞା ପାଳନ କରି ତାହାଙ୍କ ପ୍ରେମରେ ସ୍ଥିର ହୋଇ ରହିଥାଏ, ସେପ୍ରକାର ତୁମ୍ଭେମାନେ ଯେବେ ମୋହର ଆଜ୍ଞା ପାଳନ କର, ତାହା ହେଲେ ମୋହର ପ୍ରେମରେ ସ୍ଥିର ହୋଇ ରହିବ ।**

ପ୍ରଭୁ ଯୀଶୁ ଆମକୁ ଆମନ୍ତ୍ରିତ କରନ୍ତି ଯେପରି କି ଆମେ ତାଙ୍କ ପ୍ରେମରେ ଅଟଳ ରହିବା । ସେ କହନ୍ତି ଯେ ସେ ମଧ୍ୟ ପିତାଙ୍କ ପ୍ରେମରେ ଅଟଳ ରହିଛନ୍ତି । ଯୀଶୁ ତାଙ୍କ ପାର୍ଥିବ ଜୀବନକାଳ ମଧ୍ୟରେ ପିତାଙ୍କ ପ୍ରେମରେ ଅଟଳ ରହିଥିଲେ ।

ପୂର୍ବ ଅଧ୍ୟାୟରେ ଆମେ ଦେଖିଛୁ ଯେ ଅଟଳ ରହିବାର ଅର୍ଥ ବିଶ୍ରାମ କରିବା, ସ୍ଥାୟୀ ଭାବରେ ବାସ କରିବା, ଅବସ୍ଥାନ କରିବା, ଚାଲୁଥିବା । ଏହାର ଅର୍ଥ ମଧ୍ୟ ବଦ୍ଧମୂଳ ହେବା ଓ ଦୃଢ଼ରୂପେ ସ୍ଥାପିତ ହେବା । ଏହି ସ୍ଥାନରେ ଆମେ ତାହାଙ୍କ ପ୍ରେମରେ ଶାନ୍ତ ହୋଇଥାଉ ।

ରହିବାର ଅର୍ଥ ମଧ୍ୟ ଯେଉଁଠାରେ ଆମେ ରହିଛୁ ସେଥିରେ ବଞ୍ଚିବା, ସେଠାରୁ ଜୀବନ ସଂଗ୍ରହ କରିବା, ସେଥିସକାଶୁ ଓ ତା' ମଧ୍ୟଦେଇ ବଞ୍ଚିବା ।

ଉଦାହରଣସ୍ୱରୂପ:

**ଯୋହନ ୬:୫୬-୫୭, ୬୩**
**୫୬ ଯେ ମୋହର ମାଂସ ଭୋଜନ କରେ ଓ ମୋ' ରକ୍ତ ପାନ କରେ, ସେ ମୋ'ଠାରେ ରହେ ଓ ମୁଁ ତାହାଠାରେ ରହେ ।**
**୫୭ ଜୀବନ୍ତ ପିତା ଯେପରି ମୋତେ ପ୍ରେରଣ କଲେ ଓ ମୁଁ ପିତାଙ୍କ ହେତୁରୁ ଜୀବିତ ଥାଏ, ସେହିପରି ଯେ ମୋତେ ଭୋଜନ କରେ, ସେ ମଧ୍ୟ ମୋ' ହେତୁ ଜୀବିତ ରହିବ ।**
**୬୩ ଆତ୍ମା ଜୀବନଦାୟକ; ମାଂସ କୌଣସି ଉପକାର କରେ ନାହିଁ; ମୁଁ ତୁମ୍ଭମାନଙ୍କୁ ଯେସମସ୍ତ ବାକ୍ୟ କହିଅଛି, ସେହିସବୁ ଆତ୍ମା ଓ ଜୀବନ ଅଟେ ।**

"ମୋର ମାଂସ ଭୋଜନ ଓ ମୋ' ରକ୍ତ ପାନ" କରିବାର ଅର୍ଥ "ଯୀଶୁଙ୍କୁ ଭୋଜନ କରିବା" । ଯେ ଯୀଶୁଙ୍କୁ ଭୋଜନ କରେ ସେ ଯୀଶୁଙ୍କଠାରେ ରହେ ଓ ତାହାଙ୍କ ଯୋଗୁଁ ସେ ବଞ୍ଚି ରହେ- ବା ତାହାଙ୍କଠାରୁ ଜୀବନ ଆହରଣ କରି ବଞ୍ଚିଥାଏ । ତାହାଙ୍କ ମାଂସ ଓ ରକ୍ତ ବିଷୟରେ କହିବାବେଳେ ଯୀଶୁ ଆତ୍ମିକ ବିଷୟରେ କହୁଥିଲେ- ଜୀବନ ଦାୟକ ଆତ୍ମା ଓ ସେ କହୁଥିବା ଜୀବନ୍ତ ବାକ୍ୟ ସମ୍ବନ୍ଧରେ କହୁଥିଲେ ।

ତେଣୁ ପିତାଙ୍କ ପ୍ରେମରେ ରହିବାର ଅର୍ଥ ତାହାଙ୍କ ପ୍ରେମରେ ବିଶ୍ରାମ କରିବା ଓ ତାହାଙ୍କ ପ୍ରେମରେ ଜୀବନ ଯାପନ କରିବା । ଆମେମାନେ ସର୍ବଦା ପିତାଙ୍କର ପ୍ରେମରେ ରହିବାକୁ ହେବ ଅର୍ଥାତ୍ ତାହାଙ୍କ ପ୍ରେମରେ ବାସ କରିବାକୁ ହେବ ଓ ଜୀବନ ଯାପନ କରିବାକୁ ହେବ ।

## ପିତାଙ୍କ ପ୍ରେମରେ ବିଶ୍ରାମ କରିବା ଓ ଜୀବନ ଯାପନ କରିବା

**୨କରିନ୍ଥୀୟ ୧୩:୧୪**
**ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଅନୁଗ୍ରହ, ଈଶ୍ୱରଙ୍କ ପ୍ରେମ ଓ ପବିତ୍ର ଆତ୍ମାଙ୍କ ସହଭାଗିତା ତୁମ୍ଭ ସମସ୍ତଙ୍କ ସହବର୍ତ୍ତୀ ହେଉ ।**

ଏଠାରେ ପାଉଲ ଯେଉଁ ଆଶିଷ ଭିକ୍ଷା କରିଛନ୍ତି ସେଥିରେ କୁହାଯାଏ ପିତା ଈଶ୍ୱରଙ୍କ ପ୍ରେମ ବିଶ୍ୱାସୀମାନଙ୍କ ସହବର୍ତ୍ତୀ ହେଉ । ଏହାର ଅର୍ଥ ପିତାଙ୍କ ପ୍ରେମ ଅନୁଭବ କରିବା ଗୋଟିଏ ମୁହୂର୍ତ୍ତର ବିଷୟ ନୁହେଁ । ତାହାଙ୍କ ପ୍ରେମକୁ ବର୍ତ୍ତମାନ ସମୟରେ ନିରବଚ୍ଛିନ୍ନ ଭାବେ, ପ୍ରତି ମୁହୂର୍ତ୍ତରେ ଅନୁଭବ କରିବାକୁ ଏହା ବୁଝାଏ । ଆମମାନଙ୍କ ଦୈନନ୍ଦିନ ଜୀବନରେ ଆମେ ପିତାଙ୍କର ପ୍ରେମକୁ ପ୍ରଗତିଶୀଳ ଭାବେ ଚିହ୍ନି ଓ ଅନୁଭବ କରି ବଞ୍ଚିବାକୁ ହେବ ।

ପିତା ଯେ ଆମମାନଙ୍କୁ ଅପରିମେୟ ଓ ନିଃସର୍ତ୍ତଭାବରେ ପ୍ରେମ କରନ୍ତି ଏହା ଜାଣି ଆମେ ପ୍ରତିଦିନ ଜୀବନଯାପନ କରୁ । ଯେହେତୁ ପିତାଙ୍କର ପ୍ରେମ ସର୍ବଦା ଆମର ସହବର୍ତ୍ତୀ, ଆମ ପାଇଁ ଓ ଆମ ପ୍ରତି ରହିଛି, ଆମେ ତାଙ୍କର ପ୍ରିୟ ପୁତ୍ରକନ୍ୟା ଭାବରେ ଜୀବନଯାପନ କରିପାରିବା । ଆମେମାନେ ତାହାଙ୍କ ପ୍ରିୟତମଙ୍କଠାରେ ରହିଥିବା ଲୋକଙ୍କ ପରି ଓ ଈଶ୍ୱରଙ୍କ ପ୍ରିୟଜନଭାବରେ ଜୀବନଯାପନ କରୁ । ଆମେମାନେ ତାହାଙ୍କ ପୁତ୍ର ଓ କନ୍ୟାଭାବରେ ପରିଚୟ ରଖି ଜୀବନ ଯାପନ କରୁ । ପୁତ୍ରତ୍ୱର ବୋଧ ରଖି ଆମେ ଜୀବନ ଯାପନ କରୁ ।

ପିତାଙ୍କର ପ୍ରେମରେ ଅଟଳ ରହିବା (ବିଶ୍ରାମ କରିବା) ଓ ତାହାଙ୍କ ପ୍ରେମରେ ରହି ଜୀବନ ଯାପନ କରିବାର ଅର୍ଥ କ'ଣ ? ଏହି ବିଷୟର ବ୍ୟାବହାରିକ ଉପଯୋଗିତା କ'ଣ ? ପିତାଙ୍କ ପ୍ରେମରେ ବିଶ୍ରାମ କରୁଥିବା ଓ ଜୀବନଯାପନ କରୁଥିବା ଜଣେ ବ୍ୟକ୍ତି ତା'ର ଦୈନନ୍ଦିନ ଜୀବନରେ କିପରି ବ୍ୟବହାର ଦେଖାଇଥାଏ ଓ ଆଚରଣ କରିଥାଏ ?

ପ୍ରେରିତ ଯୋହନ ନିଜର ପରିଚୟ ଦେଇ କହନ୍ତି "ଯୀଶୁ ଯାହାଙ୍କୁ ସ୍ନେହ କରୁଥିଲେ" (ଯୋହନ ୨୦:୨; ୨୧:୭,୨୦) । ତେଣୁ ସେ ବ୍ୟକ୍ତିଗତ ଭାବରେ ତାଙ୍କ ପ୍ରତି ରହିଥିବା ପ୍ରଭୁଙ୍କର ପ୍ରେମକୁ ଗ୍ରହଣ ଓ ଅନୁଭବ କରିଥିଲେ । ଯୋହନ ତାଙ୍କର ପ୍ରଥମ ପତ୍ରରେ ଈଶ୍ୱରଙ୍କ ପ୍ରେମ ବିଷୟରେ ଅନେକ ବିଷୟ ଲେଖନ୍ତି ଓ ଈଶ୍ୱରଙ୍କ ପ୍ରେମରେ ରହିବାର ବ୍ୟାବହାରିକ ଦିଗକୁ ସେ ବ୍ୟାଖ୍ୟା କରିଛନ୍ତି । ତାଙ୍କର ଶିକ୍ଷାକୁ ଆମେ ପାଞ୍ଚୋଟି ସାଧାରଣ ବାକ୍ୟରେ ସଂକ୍ଷେପରେ ପ୍ରକାଶ କରି ବୁଝିବାକୁ ଚେଷ୍ଟା କରିବା ।

### ୧) ପିତାଙ୍କର ପ୍ରେମରେ ରହିଲେ, ଘୃଣା ଆସ୍ଥାନ ଜମାଇ ପାରି ନ ଥାଏ

**୧ଯୋହନ ୨:୯-୧୧**
**୯ ଯେ ଆପଣା ଭାଇକୁ ଘୃଣା କରି କହେ ଯେ, ସେ ଜ୍ୟୋତିରେ ଅଛି, ସେ ଏପର୍ଯ୍ୟନ୍ତ ସୁଦ୍ଧା ଅନ୍ଧକାରରେ ଅଛି ।**
**୧୦ ଯେ ଆପଣା ଭାଇକୁ ପ୍ରେମ କରେ, ସେ ଜ୍ୟୋତିରେ ରହେ, ପୁଣି ତାହାଠାରେ ଝୁଣ୍ଟିବାର କୌଣସି କାରଣ ନାହିଁ ।**

**୧୧ କିନ୍ତୁ ଯେ ଆପଣା ଭାଇକୁ ଘୃଣା କରେ, ସେ ଅନ୍ଧକାରରେ ଅଛି, ପୁଣି ଅନ୍ଧକାରରେ ଭ୍ରମଣ କରି କେଉଁ ଆଡ଼େ ଯାଉଅଛି, ତାହା ଜାଣେ ନାହିଁ, କାରଣ ଅନ୍ଧକାର ତାହାର ଚକ୍ଷୁକୁ ଅନ୍ଧ କରିଅଛି ।**

**(୧ଯୋହନ ୩:୧୪,୧୫; ୪:୨୦,୨୧ ମଧ୍ୟ ଦେଖନ୍ତୁ)**

ଯୋହନ ଏହାକୁ ତାଙ୍କ ପତ୍ରର ଅନେକ ସ୍ଥାନରେ ପୁନରାବୃତ୍ତି କରିଛନ୍ତି । ଯେତେବେଳେ ଆମେ ପିତାଙ୍କ ପ୍ରେମରେ ରହୁ ଓ ଜୀବନ ଯାପନ କରୁ, ଆମଠାରେ ଘୃଣାକୁ ପ୍ରଶ୍ରୟ ଦେଇ ନ ଥାଉ । କାହା ପ୍ରତି ଆମେ ଘୃଣା ପ୍ରକାଶ କରି ନ ଥାଉ ବା ଆମଠାରେ ତାହା ବାସ କରିବାକୁ ଦେଇ ନ ଥାଉ । ଘୃଣା ବିପଜ୍ଜନକ ବିଷୟ । ଯଦି ଅନ୍ୟ ଭାଇ ପ୍ରତି ଆମ ହୃଦୟରେ ଘୃଣାଭାବ ରହିଛି, ଆମେ ଆଲୋକରେ ଚାଲୁଅଛି ବୋଲି ଦାବି କଲେ ସୁଦ୍ଧା ଯେଉଁମାନେ ଅନ୍ଧ ଓ ଅନ୍ଧକାରରେ ଭ୍ରମଣ କରନ୍ତି ଆମେ ସେମାନଙ୍କ ପରି ଅଟୁ । ଆମେ କେଉଁଆଡ଼େ ଯାଉଛୁ ଜାଣି ପାରି ନ ଥାଉ, ଆଗକୁ ଯିବା ପାଇଁ ଦରାଣ୍ଡି ହୋଇଥାଉ ଏବଂ ଝୁଣ୍ଟି ପଡ଼ିଥାଉ ।

ଲୋକମାନେ ଆମମାନଙ୍କୁ ଅପମାନିତ କଲେ ସେମାନଙ୍କୁ ଆମେ ରୋକି ପାରିବା ନାହିଁ, କିନ୍ତୁ ଆମେ ନିଜନିଜକୁ ଅପମାନିତ ମନେ କରିବା ଅନୁଚିତ । ବେଳେବେଳେ ଲୋକମାନେ କିଛି କହିଲେ ବା କୌଣସି କାର୍ଯ୍ୟ କଲେ ଆମ ପ୍ରତି ତାହା ଯନ୍ତ୍ରଣାଦାୟକ ମନେ ହୋଇଥାଏ, କିନ୍ତୁ ଏହାକୁ ଉପେକ୍ଷା କରି ଯନ୍ତ୍ରଣାକୁ ବହନ ନ କରି ଆଗେଇ ଯିବା ପାଇଁ ଆମେ ମନୋନୀତ କରିବା । ଅପମାନ ଓ ଆଘାତ ସାଧାରଣତଃ କ୍ରମାଗତ ବିରକ୍ତ କରିଥାଏ ଯାହା ଘୃଣାରେ ପରିଣତ ହୁଏ । ଘୃଣା ଆମକୁ ଅନ୍ଧ କରିଦିଏ ଓ ଆମକୁ ଅନ୍ଧକାରରେ ଛାଡ଼ିଦେଇଥାଏ । ତେବେ, ଯେତେବେଳେ ଆମେ ପିତାଙ୍କ ପ୍ରେମରେ ରହୁ ଓ ତଦନୁସାରେ ଜୀବନ ଯାପନ କରୁ ଅପମାନ ଓ ଆଘାତ ଆମଠାରେ ଆସ୍ଥାନ ଜମାଇ ପାରି ନ ଥାଏ ।

## ୨) ପିତାଙ୍କର ପ୍ରେମରେ ରହିଲେ, ତାଡ଼ନା ଆମକୁ ଆତଙ୍କିତ କରି ନ ଥାଏ ଓ ପବିତ୍ରତା ଆମ ଜୀବନର ପଥ ହୋଇଥାଏ

**୧ଯୋହନ ୩:୧-୩,୧୩**

**୧ ଦେଖ, ପିତା ଆମ୍ଭମାନଙ୍କୁ କିପ୍ରକାର ପ୍ରେମ ଦାନ କରିଅଛନ୍ତି ଯେ, ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ବୋଲି ଖ୍ୟାତ ହେବୁ, ଆଉ ଆମ୍ଭେମାନେ ତାହାହିଁ ଅଟୁ । ଏଥିସକାଶେ ଜଗତ ଆମ୍ଭମାନଙ୍କୁ ଚିହ୍ନୁ ନାହିଁ, କାରଣ ତାହା ତାହାଙ୍କୁ ଚିହ୍ନି ନ ଥିଲା ।**

**୨ ହେ ପ୍ରିୟମାନେ, ବର୍ତ୍ତମାନ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ଅଟୁ, ଆଉ ଆମ୍ଭେମାନେ କଅଣ ହେବା, ତାହା ଏପର୍ଯ୍ୟନ୍ତ ପ୍ରକାଶିତ ହୋଇ ନାହିଁ । ଆମ୍ଭେମାନେ ଜାଣୁ ଯେ, ସେ ଯେତେବେଳେ ପ୍ରକାଶିତ ହେବେ, ସେତେବେଳେ ଆମ୍ଭେମାନେ ତାହାଙ୍କ ସଦୃଶ ହେବା, କାରଣ ସେ ଯେପରି, ଆମ୍ଭେମାନେ ସେହିପରି ତାହାଙ୍କୁ ଦର୍ଶନ କରିବା ।**
**୩ ଆଉ ଯେକେହି ତାହାଙ୍କଠାରେ ଏହି ଭରସା ସ୍ଥାପନ କରିଅଛି, ସେ ଯେପରି ପବିତ୍ର ଅଟନ୍ତି, ସେ ସେହିପରି ଆପଣାକୁ ପବିତ୍ର କରେ ।**
**୧୩ ହେ ଭାଇମାନେ, ଜଗତ ତୁମ୍ଭମାନଙ୍କୁ ଘୃଣା କଲେ ଆଶ୍ଚର୍ଯ୍ୟଜ୍ଞାନ କର ନାହିଁ ।**

ଈଶ୍ୱର ଆମମାନଙ୍କୁ ତାଙ୍କର ସନ୍ତାନ ଭାବରେ ଗ୍ରହଣ କରିବା ଦ୍ୱାରା ଯେଉଁ ଅଭିଭୂତକାରୀ ଓ ଅମିତବ୍ୟୟୀ ପ୍ରେମ ପ୍ରକାଶ କରିଛନ୍ତି ଯୋହନ ସେ ବିଷୟରେ ଘୋଷଣା କରନ୍ତି । ଈଶ୍ୱରଙ୍କଠାରୁ ଏପରି ପ୍ରେମ ପାଇବା ନିମନ୍ତେ ଆମେ ନିମ୍ନ କେତେକ ବିଷୟରେ ପ୍ରସ୍ତୁତ ରହିବା ଆବଶ୍ୟକ :

(କ) ଜଗତ ଆମକୁ ଚିହ୍ନିବ ନାହିଁ ଓ ଆମକୁ ଘୃଣା କରିବ, ଏବଂ

(ଖ) ସେ ଯେପରି ପବିତ୍ର ଅଟନ୍ତି, ସେହିପରି ଆମେମାନେ ମଧ୍ୟ ଆପଣା ଆପଣାକୁ ପବିତ୍ର କରିବାକୁ ହେବ ।

ଆମେମାନେ ଯେତେବେଳେ ପିତାଙ୍କ ପ୍ରେମରେ ରହିବା ଓ ତଦନୁସାରେ ଜୀବନ ଯାପନ କରିବା, ଆମେ ଆଶଙ୍କାଗ୍ରସ୍ତ ହେବା ନାହିଁ ଯେ ଜଗତ ଆମମାନଙ୍କୁ ଈଶ୍ୱରଙ୍କ ସନ୍ତାନ ଭାବରେ ଚିହ୍ନୁ ନାହିଁ । ଆମେ ମଧ୍ୟ ଆତଙ୍କିତ ହେବା ନାହିଁ ଯେ ଜଗତ ଆମକୁ ଘୃଣା କରିବ ଓ ତାଡ଼ନା କରିବ ।

ଆମମାନଙ୍କର ଏହି ଆଶ୍ଚର୍ଯ୍ୟ ଜନକ ଭରସା ରହିଛି ଯେ ଆମେମାନେ ତାହାଙ୍କର ସନ୍ତାନ ହୋଇଥିବାରୁ, ଆମେ ଜାଣୁ, ସେ ଯେତେବେଳେ ପ୍ରକାଶିତ ହେବେ, ସେତେବେଳେ ଆମେମାନେ ତାହାଙ୍କ ସଦୃଶ ହେବା । ଏହି ଭରସା ସକାଶୁ, ଆମେମାନେ ନିଜ ନିଜକୁ ପବିତ୍ର କରିବାକୁ ମନୋନୀତ କରିଥାଉ । ତେଣୁ ଆମମାନଙ୍କ ପ୍ରତି ରହିଥିବା ପିତାଙ୍କର ପ୍ରେମରେ ବାସ କରୁଥିବା ଓ ତଦନୁସାରେ ଜୀବନଯାପନ କରୁଥିବା ଲୋକମାନେ ଯେ ଆମେମାନେ ପବିତ୍ରତା ଆମ ଜୀବନର ପଥ ଅଟେ । ତାଙ୍କର ପ୍ରେମ ପବିତ୍ରତା ଆଡ଼କୁ ଆମକୁ ଆକର୍ଷିତ କରେ ଓ ପିତାଙ୍କର ଅପ୍ରୀତିକର ସମସ୍ତ ବିଷୟ ଅଗ୍ରାହ୍ୟ କରେ ।

### ୩) ପିତାଙ୍କର ପ୍ରେମରେ ରହିଲେ, ଆମେ ଆତ୍ମୋତ୍ସର୍ଗ କରୁ ଓ ଅନ୍ୟମାନଙ୍କୁ ସହଭାଗୀ କରାଇ ଥାଉ

**୧ଯୋହନ ୩:୧୬-୧୮**
**୧୬ ସେ ଆମ୍ଭମାନଙ୍କ ନିମନ୍ତେ ଆପଣା ପ୍ରାଣ ଦାନ କରିବା ଦ୍ୱାରା ଆମ୍ଭେମାନେ ପ୍ରେମର ପରିଚୟ ପାଇଅଛୁ; ପୁଣି ଭାଇମାନଙ୍କ ନିମନ୍ତେ ଆମ୍ଭମାନଙ୍କର ମଧ୍ୟ ପ୍ରାଣ ଦାନ କରିବା ଉଚିତ ।**
**୧୭ କିନ୍ତୁ ଯେ ଜାଗତିକ ଭାବେ ସମ୍ପତ୍ତିଶାଳୀ ହୋଇ ଆପଣା ଭାଇକୁ ଅଭାବଗ୍ରସ୍ତ ଦେଖିଲେହେଁ ତାହା ପ୍ରତି ଆପଣା ଦୟା ରୁଦ୍ଧ କରେ, ତାହାଠାରେ ଈଶ୍ୱରଙ୍କ ପ୍ରେମ କିପରି ରହି ପାରେ ?**
**୧୮ ହେ ବତ୍ସଗଣ, ଆସ, ଆମ୍ଭେମାନେ ବାକ୍ୟରେ କି ଜିହ୍ୱାରେ ପ୍ରେମ ନ କରି କାର୍ଯ୍ୟରେ ଓ ସତ୍ୟରେ ପ୍ରେମ କରୁ ।**

ଯେହେତୁ ଯୀଶୁ ଆମମାନଙ୍କ ନିମନ୍ତେ ପ୍ରାଣ ଦାନ କଲେ, ଏହାଦ୍ୱାରା ଓ ଏଠାରେ ଆମେ ଆମମାନଙ୍କ ପ୍ରତି ଥିବା ପିତାଙ୍କ ପ୍ରେମକୁ ବୁଝିପାରୁ, ଅନୁଭବ କରୁ ଓ ଜାଣୁ । ଅନ୍ୟମାନଙ୍କ ପ୍ରତି ଅନୁରୂପ କାର୍ଯ୍ୟ କରିବା ନିମନ୍ତେ ଏହା ଆମମାନଙ୍କୁ ପ୍ରେରିତ କରିଥାଏ । ଆମେମାନେ ଅନ୍ୟମାନଙ୍କ ନିମନ୍ତେ ପ୍ରାଣଦାନ କରିଥାଉ । ଅନ୍ୟମାନଙ୍କର ମଙ୍ଗଳ ନିମନ୍ତେ ଆମେ ତ୍ୟାଗସ୍ୱୀକାର କରିଥାଉ । ଏହା ଆମମାନଙ୍କୁ ବ୍ୟାବହାରିକ ଦିଗକୁ ନେଇଯାଇଥାଏ, "କାର୍ଯ୍ୟରେ ଓ ସତ୍ୟରେ", ଯେତେବେଳେ ଆମେ ଅନ୍ୟମାନଙ୍କର ପାର୍ଥିବ ଅଭାବ ଅସୁବିଧାସବୁ ପୂରଣ କରିବାକୁ ଯାଇ ଦାନ ଦେଇଥାଉ ଓ ସହଭାଗୀ କରାଇଥାଉ ।

ପ୍ରେରିତ ପାଉଲ ତାଙ୍କ ନିଜର ସେବାକାର୍ଯ୍ୟ ବିଷୟରେ କହିବାବେଳେ ଏବିଷୟରେ କହନ୍ତି:

**୨କରିନ୍ଥୀୟ ୫:୧୪-୧୫**
**୧୪ କାରଣ ଖ୍ରୀଷ୍ଟଙ୍କ ପ୍ରେମ ଆମ୍ଭମାନଙ୍କୁ ବଶରେ ରଖି ଚଳାଉଅଛି, ଯେଣୁ ଆମ୍ଭେମାନେ ଏହି ବିଚାର କରିଅଛୁ ଯେ ଜଣେ ସମସ୍ତଙ୍କ ନିମନ୍ତେ ମୃତ୍ୟୁଭୋଗ କରିଥିବାରୁ ସମସ୍ତେ ମୃତ ହେଲେ;**
**୧୫ ଆଉ ସେ ସମସ୍ତଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ଯେପରି ଯେଉଁମାନେ ଜୀବିତ, ସେମାନେ ଆଉ ଆପଣା ଆପଣା ନିମନ୍ତେ ଜୀବନ ଯାପନ ନ କରି ବରଂ ଯେ ସେମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ ଓ ଉତ୍ଥିତ ହେଲେ, ତାହାଙ୍କ ନାମରେ ଜୀବନ ଯାପନ କରନ୍ତି ।**

ଈଶ୍ୱରଙ୍କ ପ୍ରେମ ଦ୍ୱାରା ଆମେ କାର୍ଯ୍ୟ କରିବାକୁ ଚାଳିତ, ଅନୁପ୍ରାଣିତ, ପ୍ରେରିତ ଓ ବାଧ୍ୟ ହୋଇଥାଉ । ଖ୍ରୀଷ୍ଟଙ୍କ ଆଦର୍ଶର ଆଲୋକରେ ଆମେ ନିଜ ନିଜର ଜୀବନକୁ ଦେଖିଥାଉ । ସେ ଆମମାନଙ୍କ ନିମନ୍ତେ ପ୍ରାଣଦାନ କଲେ । ତେଣୁ ଆମେ ଆପଣା ଆପଣା ନିମନ୍ତେ ଜୀବନ ଯାପନ ନ କରି ଯୀଶୁଙ୍କ ନିମନ୍ତେ ଜୀବନ ଯାପନ କରୁ ।

**ଯୋହନ ୧୫:୧୨-୧୩**
**୧୨ ମୁଁ ଯେପରି ତୁମ୍ଭମାନଙ୍କୁ ପ୍ରେମ କରିଅଛି, ତୁମ୍ଭେମାନେ ସେହିପରି ପରସ୍ପରକୁ ପ୍ରେମ କର, ଏହି ମୋହର ଆଜ୍ଞା ।**
**୧୩ ଆପଣା ବନ୍ଧୁମାନଙ୍କ ନିମନ୍ତେ ନିଜ ପ୍ରାଣ ଦାନ କରିବା ଅପେକ୍ଷା କାହାରି ଆଉ ଅଧିକ ଶ୍ରେଷ୍ଠ ପ୍ରେମ ନାହିଁ ।**

ପ୍ରେମର ସର୍ବୋତ୍କୃଷ୍ଟ ଅଭିବ୍ୟକ୍ତି ଆପଣା ଜୀବନ ଦେବାରେ ରହିଥାଏ । ଯୀଶୁ ଏହା ପ୍ରମାଣିତ କରି ଦେଖାଇଅଛନ୍ତି । ସେ କ୍ରୁଶ ଉପରେ ଆପଣା ଜୀବନ ଦେଲେ । ବ୍ୟାବହାରିକ ଜୀବନରେ, ଆମ ମଧ୍ୟରୁ ଅନେକଙ୍କୁ ପ୍ରକୃତରେ ଆପଣା ପ୍ରାଣ ଦାନ କରିବାକୁ ପଡ଼ିପାରେ, କିନ୍ତୁ ଅନେକଙ୍କୁ ଅନେକ ବିଷୟ ତ୍ୟାଗ କରିବାକୁ ପଡ଼ିପାରେ, ଯେପରି: ଆପଣା ଧନସମ୍ପତ୍ତି, ସୁଯୋଗସବୁ, ସ୍ୱାଧିକାର, ଇତ୍ୟାଦି ଯଦ୍ୱାରା ଅନ୍ୟମାନେ ଉପକୃତ ହେବେ ।

## (୪) ପିତାଙ୍କର ପ୍ରେମରେ ରହିଲେ, ଆମେ ପ୍ରେମରେ ଆଚରଣ କରୁ

**୧ଯୋହନ ୪:୭-୧୨**
**୭ ହେ ପ୍ରିୟମାନେ, ଆସ, ଆମ୍ଭେମାନେ ପରସ୍ପରକୁ ପ୍ରେମ କରୁ, କାରଣ ପ୍ରେମ ଈଶ୍ୱରଙ୍କଠାରୁ ଜାତ, ଆଉ ଯେକେହି ପ୍ରେମ କରେ, ସେ ଈଶ୍ୱରଙ୍କଠାରୁ ଜାତ ଓ ଈଶ୍ୱରଙ୍କୁ ଜାଣେ ।**
**୮ ଯେ ପ୍ରେମ କରେ ନାହିଁ, ସେ ଈଶ୍ୱରଙ୍କୁ ଜାଣେ ନାହିଁ, କାରଣ ଈଶ୍ୱର ତ ପ୍ରେମ ।**
**୯ ଏଥିରେ ହିଁ ପ୍ରେମ ଆମ୍ଭମାନଙ୍କ ପ୍ରତି ପ୍ରକାଶିତ ହୋଇଅଛି ଯେ, ସେ ଆପଣାର ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପ୍ରେରଣ କଲେ, ଯେପରି ଆମ୍ଭେମାନେ ତାହାଙ୍କ ଦ୍ୱାରା ଜୀବନ ପ୍ରାପ୍ତ ହେଉ ।**
**୧୦ ଆମ୍ଭେମାନେ ଯେ ଈଶ୍ୱରଙ୍କୁ ପ୍ରେମ କଲୁ, ତାହା ନୁହେଁ, ମାତ୍ର ସେ ଆମ୍ଭମାନଙ୍କୁ ପ୍ରେମ କଲେ, ପୁଣି ଆପଣା ପୁତ୍ରଙ୍କୁ ଆମ୍ଭମାନଙ୍କ ପାପର ପ୍ରାୟଶ୍ଚିତ୍ତସ୍ୱରୂପ କରି ପଠାଇଲେ; ଏଥିରେ ତ ପ୍ରେମ ପ୍ରକାଶ ପାଏ ।**
**୧୧ ହେ ପ୍ରିୟମାନେ, ଈଶ୍ୱର ଯଦି ଆମ୍ଭମାନଙ୍କୁ ଏପରି ପ୍ରେମ କଲେ, ତେବେ ଆମ୍ଭମାନଙ୍କର ମଧ୍ୟ ପରସ୍ପରକୁ ପ୍ରେମ କରିବା ଉଚିତ ।**
**୧୨ କେହି କେବେ ଈଶ୍ୱରଙ୍କୁ ଦେଖି ନାହିଁ; ଆମ୍ଭେମାନେ ଯଦି ପରସ୍ପରକୁ ପ୍ରେମ କରୁ, ତାହାହେଲେ ଈଶ୍ୱର ଆମ୍ଭମାନଙ୍କଠାରେ ଅଛନ୍ତି ଓ ତାହାଙ୍କ ପ୍ରେମ ଆମ୍ଭମାନଙ୍କଠାରେ ସିଦ୍ଧ ହୋଇଅଛି ।**

ଈଶ୍ୱରଙ୍କ ପ୍ରେମକୁ ଏପରି ଭାବରେ ଅନୁଭବ କରିଥିବାରୁ, ଅନ୍ୟମାନଙ୍କୁ ଆମର ପ୍ରେମ ପ୍ଲାବିତ କରିଥାଏ । ପ୍ରେମରେ ଆଚରଣ କରିବା କ'ଣ ତା'ର ଚମତ୍କାର ବର୍ଣ୍ଣନା ଆମେ ୧ କରିନ୍ଥୀୟ ୧୩:୪-୮ରେ ପାଉ ।

**୪ ପ୍ରେମ ଦୀର୍ଘସହିଷ୍ଣୁ, ପ୍ରେମ ହିତଜନକ, ଈର୍ଷା କରେ ନାହିଁ, ଆତ୍ମବଡ଼ିମା କରେ ନାହିଁ, ଅହଙ୍କାର କରେ ନାହିଁ,**
**୫ ଅନୁଚିତ ବ୍ୟବହାର କରେ ନାହିଁ, ସ୍ୱାର୍ଥ ଚେଷ୍ଟା କରେ ନାହିଁ, ବିରକ୍ତ ହୁଏ ନାହିଁ, ଅପକାର ସ୍ମରଣରେ ରଖେ ନାହିଁ,**
**୬ ଅଧର୍ମରେ ଆନନ୍ଦ କରେ ନାହିଁ, କିନ୍ତୁ ସତ୍ୟରେ ଆନନ୍ଦ କରେ;**
**୭ ସମସ୍ତ ସହ୍ୟ କରେ, ସମସ୍ତ ବିଶ୍ୱାସ କରେ, ସମସ୍ତ ଭରସା କରେ, ସମସ୍ତ ବିଷୟରେ ଧୈର୍ଯ୍ୟ ଧରି ରହେ ।**
**୮ ପ୍ରେମ କଦାପି ଶେଷ ହୁଏ ନାହିଁ; କିନ୍ତୁ ଯଦି ଭାବବାଣୀ ଥାଏ, ତାହା ଲୋପ ହେବ;ଯଦି ପରଭାଷା ଥାଏ, ସେହିସବୁ ନିବୃତ୍ତ ହେବ; ଯଦି ଜ୍ଞାନ ଥାଏ, ତାହା ଲୋପ ହେବ ।**

ଈଶ୍ୱରଙ୍କ ପ୍ରେମର ସହିତ ଲୋକମାନଙ୍କ ସଙ୍ଗେ ସମ୍ପର୍କ ସ୍ଥାପନ କରିବାକୁ ଆମେ ମନୋନୀତ କରିଥାଉ । ପିତାଙ୍କ ପ୍ରେମରେ ଆମେ ଶକ୍ତିଯୁକ୍ତ ହୋଇ ପ୍ରେମରେ ଆଚରଣ କରିଥାଉ । ପରସ୍ପରକୁ ପ୍ରେମ କରିବା ଦ୍ୱାରା ତାହାଙ୍କ ପ୍ରେମ ଆମଠାରେ ସିଦ୍ଧ, ସମ୍ପୂର୍ଣ୍ଣ ହୋଇଥାଏ ଓ ଏହାର ପୂର୍ଣ୍ଣ ଉଦ୍ଦେଶ୍ୟ ସାଧନ କରିଥାଏ । ଆମେମାନେ ପ୍ରେମରେ ଆଚରଣ କରିବା ଦ୍ୱାରା ଆମ ଦେଇ ତାଙ୍କ ପ୍ରେମର ଉଦ୍ଦେଶ୍ୟ ସାଧିତ, ପୂର୍ଣ୍ଣୀକୃତ ଓ ସଫଳ ହୋଇଥାଏ । ଈଶ୍ୱର ସ୍ୱୟଂ ଆମ ଦେଇ ବାସ କରନ୍ତି ଓ ଜୀବନ ଯାପନ କରନ୍ତି ।

## (୫) ପିତାଙ୍କର ପ୍ରେମରେ ରହିଲେ, ଆମେ ଆମର ଆତ୍ମିକ ସ୍ଥିତି ଜାଣିପାରୁ, ଭୟମୁକ୍ତ ହୋଇଥାଉ ଓ ସ୍ୱଚ୍ଛନ୍ଦରେ ତାଙ୍କୁ ପ୍ରେମ କରିଥାଉ

**୧ଯୋହନ ୪:୧୭-୧୯**
**୧୭ ଏଥିରେ ପ୍ରେମ ଆମ୍ଭମାନଙ୍କ ମଧ୍ୟରେ ସିଦ୍ଧ ହୋଇଅଛି ଯେ, ବିଚାରଦିନରେ ଆମ୍ଭେମାନେ ସାହସ ପ୍ରାପ୍ତ ହେବୁ, କାରଣ ସେ ଯେପରି ଅଛନ୍ତି, ଆମ୍ଭେମାନେ ମଧ୍ୟ ଏହି ଜଗତରେ ସେହିପରି ଅଛୁ ।**
**୧୮ ପ୍ରେମରେ ଭୟ ନ ଥାଏ, କିନ୍ତୁ ସିଦ୍ଧ ପ୍ରେମ ଭୟକୁ ଦୂର କରେ, କାରଣ ଭୟ ଦଣ୍ଡ ସହିତ ସଂଯୁକ୍ତ, ଆଉ ଯେ ଭୟ କରେ, ସେ ପ୍ରେମରେ ସିଦ୍ଧ ନୁହେଁ ।**
**୧୯ ସେ ପ୍ରଥମରେ ଆମ୍ଭମାନଙ୍କୁ ପ୍ରେମ କରିବାରୁ ଆମ୍ଭେମାନେ ପ୍ରେମ କଲୁ ।**

ଯେତେବେଳେ ଈଶ୍ୱରଙ୍କ ପ୍ରେମ ଆମ ମଧ୍ୟରେ ସିଦ୍ଧ ହୁଏ, ଅର୍ଥାତ୍, ଆମେମାନେ ଯେତେବେଳେ ଏପରି ଏକ ସ୍ଥାନରେ ରହୁ ଯେଉଁଠାରେ ଆମେ ତାଙ୍କର ପ୍ରେମ ପ୍ରାପ୍ତ ହେଉ ଓ ଆମ ମଧ୍ୟରେ ଏହା ପୂର୍ଣ୍ଣମାତ୍ରାରେ କାର୍ଯ୍ୟ କରିବାକୁ ଦେଇଥାଉ, ସେତେବେଳେ

(କ) ଆମେ ଈଶ୍ୱରଙ୍କ ସାକ୍ଷାତରେ ସାହସିକ ହୋଇଥାଉ ଏବଂ ବିଚାରିତ ହେବା ନିମନ୍ତେ ଦୁଃଖ ଓ ଯନ୍ତ୍ରଣାଦାୟକ ଭାବନାରେ ଆମେ ଜୀବନ ଯାପନ କରି ନ ଥାଉ ।

(ଖ) ଆମେ ବୁଝିଥାଉ ଯେ ଆତ୍ମିକ ଜଗତରେ ଯୀଶୁ ଯେପରି ଅଛନ୍ତି, ଆମେ ବି ସେହିପରି ଅଛୁ ଏବଂ ତଦନୁସାରେ ଆମେ ଏହି ଜଗତରେ ଜୀବନ ଯାପନ କରୁ ।

(ଗ) ଆମମାନଙ୍କ ପ୍ରତି ତାହାଙ୍କ ପ୍ରେମ ସକାଶୁ ଆମେ ପ୍ରେମରେ ପ୍ଲାବିତ ହୋଇ ତାହାଙ୍କୁ ପ୍ରେମ କରୁ ।

ଉପରୋକ୍ତ ସମସ୍ତ ବିଷୟର ସାରାଂଶ ହେଉଛି:

ଆମେ ଯେତେବେଳେ ପିତାଙ୍କର ପ୍ରେମରେ ବିଶ୍ରାମ କରୁ ଓ ତଦନୁସାରେ ଜୀବନ ଯାପନ କରୁ,

୧. ଘୃଣା ଆମଠାରେ ଆସ୍ଥାନ ଜମାଇ ପାରି ନ ଥାଏ

୨. ତାଡ଼ନା ଆମକୁ ଆତଙ୍କିତ କରି ନ ଥାଏ

୩. ପବିତ୍ରତା ଆମ ଜୀବନର ପଥ ହୋଇଥାଏ

୪. ଆମେ ଆତ୍ମୋତ୍ସର୍ଗ କରୁ ଓ ଅନ୍ୟମାନଙ୍କୁ ସହଭାଗୀ କରାଇଥାଉ

୫. ଆମେ ଐଶ୍ୱରିକ ପ୍ରେମରେ ଆଚରଣ କରୁ

୬. ଆମେମାନେ ଆମର ଆତ୍ମିକ ସ୍ଥିତିକୁ ଜାଣିପାରିଥାଉ- ଯୀଶୁ ଯେପରି ଅଛନ୍ତି ଆମେ ମଧ୍ୟ ସେହିପରି ଅଛୁ- ଏବଂ ତଦନୁସାରେ ଆମେ ଏହି ଜଗତରେ ଜୀବନଯାପନ କରୁ

୭. ଈଶ୍ୱରଙ୍କ ସାକ୍ଷାତରେ ଦଣ୍ଡାଜ୍ଞା ପାଇବା ଓ ବିଚାରିତ ହେବାର ଭୟ ଆମଠାରେ ଆଉ ନ ଥାଏ

୮. ସେ ପ୍ରଥମେ ଆମମାନଙ୍କୁ ପ୍ରେମ କରିଥିବାରୁ ପ୍ରେମରେ ପ୍ଲାବିତ ହୋଇ ତାହାଙ୍କୁ ପ୍ରେମ କରୁ

ଆସନ୍ତୁ ଆମେ ଏହା ସ୍ୱୀକାର କରିବା ଓ ଦୃଢ଼ଭାବେ କହିବା:

*"ମୋ ପ୍ରତି ଥିବା ପିତାଙ୍କର ପ୍ରେମରେ ମୁଁ ଅଟଳ ରହିଛି, ମୁଁ ପିତାଙ୍କର ପ୍ରେମରେ ବିଶ୍ରାମ ନେଇଛି ଓ ତଦନୁସାରେ ଜୀବନଯାପନ କରେ । ମୋ' ଠାରେ ଅନ୍ୟମାନଙ୍କ ପ୍ରତି ଘୃଣା*

*ଭାବ ନାହିଁ । ଜଗତ ଯଦି ମୋତେ ଚିହ୍ନେ ନାହିଁ ବା ମୋତେ ତାଡ଼ନା କରେ ମୁଁ ଆତଙ୍କିତ ହେବି ନାହିଁ । ପବିତ୍ରତା ମୋ ଜୀବନର ପଥ ଅଟେ । ସେ ଯେପରି ପବିତ୍ର ଅଛନ୍ତି ସେପରି ମୁଁ ଆପଣାକୁ ପବିତ୍ର କରେ । ମୁଁ ତ୍ୟାଗସ୍ୱୀକାର (ଆତ୍ମୋତ୍ସର୍ଗ) କରେ, ଈଶ୍ୱର ମୋତେ ଯେଉଁସବୁ ବିଷୟ ଦେଇ ଆଶୀର୍ବାଦ କରିଛନ୍ତି ତାଙ୍କୁ ଅକାତରେ ଦାନ କରେ ଓ ଅନ୍ୟମାନଙ୍କୁ ସେଥିର ସହଭାଗୀ କରାଏ । ଲୋକମାନଙ୍କ ପ୍ରତି ମୁଁ ପ୍ରେମରେ ଆଚରଣ କରେ । ମୁଁ ଜାଣେ ଯେ ତାହାଙ୍କ ପ୍ରେମ ସକାଶୁ ଈଶ୍ୱର ମୋତେ ତାହାଙ୍କଠାରେ ରହିବା ପାଇଁ ମୋତେ ସୃଷ୍ଟି କରିଅଛନ୍ତି । ଯୀଶୁ ଯେପରି, ମୁଁ ମଧ୍ୟ ସେହିପରି ଈଶ୍ୱରଙ୍କ ଉତ୍ତରାଧିକାରୀ ଓ ଖ୍ରୀଷ୍ଟଙ୍କ ସହଉତ୍ତରାଧିକାରୀ ଅଟେ । ମୁଁ ଦୋଷ, ଲଜ୍ଜା ଓ ଦଣ୍ଡରୁ ମୁକ୍ତ ଅଟେ । ମୁଁ ସ୍ୱଚ୍ଛନ୍ଦରେ ମୋର ସ୍ୱର୍ଗସ୍ଥ ପିତାଙ୍କୁ ପ୍ରେମ କରେ । ମୁଁ ତାଙ୍କୁ ପ୍ରେମ କରେ କାରଣ ସେ ପ୍ରଥମେ ମୋତେ ପ୍ରେମ କଲେ"* ।

## ବାଧ୍ୟତା, ପିତାଙ୍କ ପ୍ରେମରେ ରହିବାର କଞ୍ଚି

### *ଯୀଶୁ ପିତାଙ୍କର ବାଧ୍ୟ ଥିଲେ*

**ଯୋହନ ୮:୨୯**
**ମୋହର ପ୍ରେରଣକର୍ତ୍ତା ମୋ' ସାଙ୍ଗରେ ଅଛନ୍ତି; ସେ ମୋତେ ଏକାକୀ ପରିତ୍ୟାଗ କଲେ ନାହିଁ, କାରଣ ମୁଁ ସର୍ବଦା ତାହାଙ୍କର ସନ୍ତୋଷଜନକ କାର୍ଯ୍ୟ କରେ ।**

**ଯୋହନ ୧୪:୩୧**
**କିନ୍ତୁ ମୁଁ ଯେ ପିତାଙ୍କୁ ପ୍ରେମ କରେ ଓ ପିତାଙ୍କ ଆଜ୍ଞାନୁସାରେ କର୍ମ କରେ, ଏହା ଯେପରି ଜଗତ ଜାଣି ପାରେ, ଏଥିନିମନ୍ତେ ଏପରି ଘଟୁଅଛି । ଉଠ, ଆମ୍ଭେମାନେ ଏହି ସ୍ଥାନରୁ ଚାଲିଯାଉ ।**

**ଯୋହନ ୧୫:୯-୧୦**
**୯ ପିତା ଯେପ୍ରକାର ମୋତେ ପ୍ରେମ କରିଅଛନ୍ତି, ମୁଁ ମଧ୍ୟ ସେପ୍ରକାର ତୁମ୍ଭମାନଙ୍କୁ ପ୍ରେମ କରିଅଛି, ମୋହର ପ୍ରେମରେ ସ୍ଥିର ହୋଇ ରହିଥାଅ ।**
**୧୦ ମୁଁ ଯେପରି ମୋହର ପିତାଙ୍କ ଆଜ୍ଞା ପାଳନ କରି ତାହାଙ୍କ ପ୍ରେମରେ ସ୍ଥିର ହୋଇ ରହିଥାଏ, ସେପ୍ରକାର ତୁମ୍ଭେମାନେ ଯେବେ ମୋହର ଆଜ୍ଞା ପାଳନ କର, ତାହା ହେଲେ ମୋହର ପ୍ରେମରେ ସ୍ଥିର ହୋଇ ରହିବ ।**

### *...ଆମେ ମଧ୍ୟ ସେହିପରି ବାଧ୍ୟ ହେବାକୁ ହେବ*

**ଯୋହନ ୧୪:୧୫,୨୧,୨୩,୨୪**
**୧୫ ଯଦି ତୁମ୍ଭେମାନେ ମୋତେ ପ୍ରେମ କର, ତାହାହେଲେ ମୋହର ଆଜ୍ଞାସବୁ ପାଳନ କରିବ ।**

୨୧ ଯେ ମୋହର ଆଜ୍ଞାସବୁ ଗ୍ରହଣ କରି ପାଳନ କରେ, ସେହି ତ ମୋତେ ପ୍ରେମ କରେ, ଆଉ ଯେ ମୋତେ ପ୍ରେମ କରେ, ମୋହର ପିତା ତାହାକୁ ପ୍ରେମ କରିବେ, ପୁଣି ମୁଁ ତାହାକୁ ପ୍ରେମ କରିବି ଓ ତାହା ନିକଟରେ ଆପଣାକୁ ପ୍ରକାଶ କରିବି ।

୨୩ ଯୀଶୁ ତାକୁ ଉତ୍ତର ଦେଲେ, ଯଦି କେହି ମୋତେ ପ୍ରେମ କରେ, ତାହାହେଲେ ସେ ମୋହର ବାକ୍ୟ ପାଳନ କରିବ, ପୁଣି ମୋହର ପିତା ତାହାକୁ ପ୍ରେମ କରିବେ, ଆଉ ଆମ୍ଭେମାନେ ତାହା ନିକଟକୁ ଆସି ତାହା ସହିତ ବାସ କରିବା ।

୨୪ ଯେ ମୋତେ ପ୍ରେମ କରେ ନାହିଁ, ସେ ମୋହର ବାକ୍ୟ ପାଳନ କରେ ନାହିଁ, ଆଉ ଯେଉଁ ବାକ୍ୟ ତୁମ୍ଭେମାନେ ଶୁଣୁଅଛ, ତାହା ମୋହର ନୁହେଁ, ମାତ୍ର ମୋହର ପ୍ରେରଣକର୍ତ୍ତା ପିତାଙ୍କର ।

ଯୋହନ ୧୫:୯-୧୦

୯ ପିତା ଯେପ୍ରକାର ମୋତେ ପ୍ରେମ କରିଅଛନ୍ତି, ମୁଁ ମଧ୍ୟ ସେପ୍ରକାର ତୁମ୍ଭମାନଙ୍କୁ ପ୍ରେମ କରିଅଛି, ମୋହର ପ୍ରେମରେ ସ୍ଥିର ହୋଇ ରହିଥାଅ ।

୧୦ ମୁଁ ଯେପରି ମୋହର ପିତାଙ୍କ ଆଜ୍ଞା ପାଳନ କରି ତାହାଙ୍କ ପ୍ରେମରେ ସ୍ଥିର ହୋଇ ରହିଥାଏ, ସେପ୍ରକାର ତୁମ୍ଭେମାନେ ଯେବେ ମୋହର ଆଜ୍ଞା ପାଳନ କର, ତାହା ହେଲେ ମୋହର ପ୍ରେମରେ ସ୍ଥିର ହୋଇ ରହିବ ।

୧ଯୋହନ ୨:୫-୬

୫ କିନ୍ତୁ ଯେ ତାହାଙ୍କ ବାକ୍ୟ ପାଳନ କରେ, ତାହାଠାରେ ଈଶ୍ୱରଙ୍କ ପ୍ରେମ ପ୍ରକୃତରୂପେ ସିଦ୍ଧ ହୋଇଅଛି । ଏତଦ୍ୱାରା ଆମ୍ଭେମାନେ ଜାଣୁ ଯେ, ଆମ୍ଭେମାନେ ତାହାଙ୍କଠାରେ ଅଛୁ ।

୬ ଯେ ତାହାଙ୍କଠାରେ ରହେ ବୋଲି କହେ, ତାହାର ତାହାଙ୍କ ପରି ଆଚରଣ କରିବା ମଧ୍ୟ କର୍ତ୍ତବ୍ୟ ।

ଉପରୋକ୍ତ ସମସ୍ତ ଶାସ୍ତ୍ରାଂଶରେ ଆମେ ଦେଖୁ ପ୍ରଭୁ ଯୀଶୁ ନିଜ ଜୀବନରେ ଅଭ୍ୟାସ କରିଥିଲେ ଓ ଶିକ୍ଷା ଦେଇଥିଲେ ଯେ ପିତାଙ୍କ ପ୍ରେମରେ ରହିବାକୁ ହେଲେ ଆମେ ତାହାଙ୍କ ବାକ୍ୟାନୁସାରେ ଚାଲିବାକୁ ହେବ ଓ ତାହାଙ୍କ ବାକ୍ୟ ପାଳନ କରିବାକୁ ହେବ । ତାହା କଲେ ଈଶ୍ୱରଙ୍କ ପ୍ରେମ, ପିତାଙ୍କର ପ୍ରେମ ଆମଠାରେ ସିଦ୍ଧ ହୁଏ । ପିତାଙ୍କ ପ୍ରେମରେ ବିଶ୍ରାମ କରିବାକୁ ଓ ତଦନୁସାରେ ଜୀବନଯାପନ କରିବାକୁ ହେଲେ ଈଶ୍ୱରଙ୍କ ପ୍ରତି ବାଧ୍ୟତା ଅନିବାର୍ଯ୍ୟ ।

ପିତାଙ୍କର ପ୍ରେମରେ ରହିଲେ, ଆମେ ତାଙ୍କର ବାକ୍ୟ ପାଳନ କରୁ ଓ ଯୀଶୁଙ୍କ ପରି ଆଚରଣ କରୁ ।

ପିତାଙ୍କ ପ୍ରତି ବାଧ୍ୟତା, ଆଲୋକରେ ଚାଲିବା ସଙ୍ଗେ ସମାନ କାରଣ ସେ ଜ୍ୟୋତିର୍ନିବାସୀ ।

ଏଣୁ ତାହାଙ୍କ ସଙ୍ଗେ ସହଭାଗିତା (ଘନିଷ୍ଠ ବନ୍ଧୁତା) ସମ୍ଭବପର । ଏହି ସହଭାଗିତା ଆମକୁ ଶକ୍ତି ପ୍ରଦାନ କରେ ଯଦ୍ଦ୍ୱାରା ଆମେ ଦିନ ପରେ ଦିନ ତାହାଙ୍କ ପ୍ରେମରେ ରହିବା (ବିଶ୍ରାମ କରିବା ଓ ତଦନୁସାରେ ଜୀବନଯାପନ କରିବା) ସମ୍ଭବ ହୋଇଥାଏ ।

**୧ଯୋହନ ୧ :୬-୭**
**୬ ତାହାଙ୍କ ସହିତ ଆମ୍ଭମାନଙ୍କର ସହଭାଗିତା ଅଛି, ଏହା କହି ଯଦି ଆମ୍ଭେମାନେ ଅନ୍ଧକାରରେ ଆଚରଣ କରୁ, ତାହାହେଲେ ଆମ୍ଭେମାନେ ମିଥ୍ୟାବାଦୀ, ଆଉ ସତ୍ୟ ଆଚରଣ କରୁ ନ ଥାଉ ।**

**୭ କିନ୍ତୁ ସେ ଯେପରି ଜ୍ୟୋତିର୍ନିବାସୀ, ଆମ୍ଭେମାନେ ଯଦି ସେହିପରି ଜ୍ୟୋତିରେ ଆଚରଣ କରୁ, ତେବେ ଆମ୍ଭମାନଙ୍କର ପରସ୍ପର ସହଭାଗିତା ଅଛି, ପୁଣି ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କର ପରସ୍ପର ସହଭାଗିତା ଅଛି, ପୁଣି ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କଲେ ।**

ବାଧ୍ୟତା ଦ୍ୱାରା ଆମେ ପିତାଙ୍କ ପ୍ରେମ ଅର୍ଜନ କରି ନ ଥାଉ । ସେ ଆମକୁ ଅପରିମେୟ ଓ ନିଃସର୍ତ୍ତ ଭାବରେ ପ୍ରେମ କରନ୍ତି ।

ଆପଣ ତାଙ୍କୁ ପ୍ରେମ କରୁଥିବାରୁ ତାଙ୍କ ପ୍ରତି ବାଧ୍ୟ ରହନ୍ତି । ଏହା ଆପଣଙ୍କ ପ୍ରେମଜନିତ କାର୍ଯ୍ୟ ।

ବାଧ୍ୟତା ଆମମାନଙ୍କୁ ତାଙ୍କ ସଙ୍ଗେ ଘନିଷ୍ଠ ସହଭାଗିତା ମଧ୍ୟରେ ରଖେ, ଯଦ୍ଦ୍ୱାରା ଆମେ ପିତାଙ୍କ ପ୍ରେମରେ ରହୁ, ବିଶ୍ରାମ କରୁ, ସେଠାରୁ ଜୀବନ ଆହରଣ କରୁ ଓ ସେହି ପ୍ରେମରେ ଜୀବନ ଯାପନ କରୁ ।

# ଅନୁଚିନ୍ତା

୧. ସ୍ୱର୍ଗସ୍ଥ ପିତାଙ୍କର ଯେଉଁ ପ୍ରେମ ଆମମାନଙ୍କ ପ୍ରତି ରହିଛି ତାହା ସ୍ୱୀକାର କରିବା ଓ ଦୃଢ଼ରୂପେ କହିବା କାହିଁକି ଗୁରୁତ୍ୱପୂର୍ଣ୍ଣ ?

-------------------------------------------------------

-------------------------------------------------------

-------------------------------------------------------

-------------------------------------------------------

-------------------------------------------------------

୨. ଆମମାନଙ୍କ ପ୍ରତି ରହିଥିବା ପିତାଙ୍କର ପ୍ରେମରେ ରହିଲେ ଓ ତଦନୁସାରେ ଜୀବନ ଯାପନ କଲେ ଯେଉଁ ଆଠଟି ଫଳ ମିଳିଥାଏ ତାହା ଆମେ ଉଲ୍ଲେଖ କରିଛୁ, ଯଥା:

କ. ଘୃଣା ଆମଠାରେ ଆସ୍ଥାନ ଜମାଇ ପାରି ନ ଥାଏ,

ଖ. ତାଡ଼ନା ଆମକୁ ଆତଙ୍କିତ କରି ନ ଥାଏ,

ଗ. ପବିତ୍ରତା ଆମ ଜୀବନର ପଥ ହୋଇଥାଏ,

ଘ. ଆମେ ଆତ୍ମୋତ୍ସର୍ଗ କରୁ ଓ ଅନ୍ୟମାନଙ୍କୁ ସହଭାଗୀ କରାଇଥାଉ,

ଙ. ଆମେ ଐଶ୍ୱରିକ ପ୍ରେମରେ ଆଚରଣ କରୁ,

ଚ. ଆମେମାନେ ଆମର ଆତ୍ମିକ ସ୍ଥିତିକୁ ଜାଣିପାରିଥାଉ- ଯୀଶୁ ଯେପରି ଅଛନ୍ତି ଆମେ ମଧ୍ୟ ସେହିପରି ଅଛୁ- ଏବଂ ତଦନୁସାରେ ଆମେ ଏହି ଜଗତରେ ଜୀବନଯାପନ କରୁ ।

ଛ. ଈଶ୍ୱରଙ୍କ ସାକ୍ଷାତରେ ଦଣ୍ଡାଜ୍ଞା ପାଇବା ଓ ବିଚାରିତ ହେବାର ଭୟ ଆମଠାରେ ଆଉ ନ ଥାଏ ।

ଜ. ସେ ପ୍ରଥମେ ଆମମାନଙ୍କୁ ପ୍ରେମ କରିଥିବାରୁ ପ୍ରେମରେ ପ୍ଲାବିତ ହୋଇ ତାହାଙ୍କୁ ପ୍ରେମ କରୁ ।

ଆପଣ ଏହି ଆଠଟି କ୍ଷେତ୍ରରେ କିପରି ଆଚରଣ କରୁଛନ୍ତି ? (କିଛି ସମୟ ପ୍ରାର୍ଥନାରେ କ୍ଷେପଣ କରନ୍ତୁ ଓ ଈଶ୍ୱରଙ୍କ ଆଗରେ ଦୃଢ଼ରୂପେ କହନ୍ତୁ ଯେ ପିତାଙ୍କର ପ୍ରେମ ହେତୁ ଏସମସ୍ତ କ୍ଷେତ୍ରରେ ଆପଣ ସଫଳତାର ସହିତ ଆଚରଣ କରୁଛନ୍ତି)

------------------------------------------------------------

------------------------------------------------------------

------------------------------------------------------------

------------------------------------------------------------

------------------------------------------------------------

୩. ବାଧ୍ୟତାରେ ଚାଲିବା, ପିତାଙ୍କ ପ୍ରେମରେ ରହିବା ସଙ୍ଗେ କିପରି ସମ୍ପର୍କିତ ?

------------------------------------------------------------

------------------------------------------------------------

------------------------------------------------------------

------------------------------------------------------------

------------------------------------------------------------

୬

# ଯେଉଁ ପ୍ରେମ ଅନୁଶାସିତ କରେ

ପିତାଙ୍କର ପ୍ରେମରେ ରହିବାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ତାଙ୍କର ସ୍ନେହପୂର୍ଣ୍ଣ ଅନୁଶାସନ ଓ ସଂଶୋଧନ । ଆମେମାନେ ଯେତେବେଳେ ଜାଣିବା ପିତା କାହିଁକି ଆମକୁ ଅନୁଶାସିତ କରନ୍ତି ଓ ସେହି ସମୟରେ ତାଙ୍କର ହୃଦୟକୁ ଯଦି ବୁଝିପାରିବା, ଆମେ ଯଥାର୍ଥ ପ୍ରତିକ୍ରିୟା ପ୍ରକାଶ କରିପାରିବା । ଈଶ୍ୱରଙ୍କ ସ୍ନେହପୂର୍ଣ୍ଣ ସଂଶୋଧନରେ ଆମେ ଭୟଭୀତ ହେବା ବା ସେଥିରୁ ପଳାୟନ କରିବାକୁ ଚେଷ୍ଟା କରିବା ଅନୁଚିତ । ଆମ ପିତାଙ୍କର ସ୍ନେହପୂର୍ଣ୍ଣ ସଂଶୋଧନକୁ ଆମେ ସ୍ୱାଗତ କରିବା ଉଚିତ କାରଣ ଆମ ପାଇଁ ତାହା ମଙ୍ଗଳଜନକ ।

## ପିତା ଯାହାକୁ ପ୍ରେମ କରନ୍ତି, ତାକୁ ଶାସନ କରନ୍ତି

**ଏବ୍ରୀ ୧୨:୪-୧୩**

**୪ ତୁମ୍ଭେମାନେ ପାପ ବିରୁଦ୍ଧରେ ଯୁଦ୍ଧ କରି ଏଯାଏ ରକ୍ତବ୍ୟୟ ପର୍ଯ୍ୟନ୍ତ ପ୍ରତିରୋଧ କରି ନାହଁ,**
**୫ ଆଉ ପୁତ୍ରମାନଙ୍କ ପରି ତୁମ୍ଭମାନଙ୍କ ପ୍ରତି ଉକ୍ତ ଏହି ଉତ୍ସାହବାକ୍ୟ ଭୁଲିଅଛ, ହେ ମୋହର ପୁତ୍ର, ପ୍ରଭୁଙ୍କ ଶାସନକୁ ଲଘୁ ଜ୍ଞାନ କର ନାହିଁ, କିମ୍ବା ତାହାଙ୍କ ଦ୍ୱାରା ଅନୁଯୋଗ ପ୍ରାପ୍ତ ହେଲେ କ୍ଳାନ୍ତ ହୁଅ ନାହିଁ,**
**୬ କାରଣ ପ୍ରଭୁ ଯାହାକୁ ପ୍ରେମ କରନ୍ତି, ତାହାକୁ ଶାସନ କରନ୍ତି, ପୁଣି ଯେଉଁ ପୁତ୍ରକୁ ସେ ଗ୍ରହଣ କରନ୍ତି, ତାହାକୁ ପ୍ରହାର କରନ୍ତି ।**
**୭ ଶାସନ ଉଦ୍ଦେଶ୍ୟରେ ତ ତୁମ୍ଭେମାନେ କ୍ଳେଶ ସହ୍ୟ କରୁଅଛ; ଈଶ୍ୱର ତୁମ୍ଭମାନଙ୍କ ସହିତ ପୁତ୍ର ତୁଲ୍ୟ ବ୍ୟବହାର କରୁଅଛନ୍ତି, କାରଣ ପିତା ଯାହାକୁ ଶାସନ ନ କରନ୍ତି, ଏପରି ପୁତ୍ର କିଏ ଅଛି ?**
**୮ କିନ୍ତୁ ଯେଉଁ ଶାସନର ସମସ୍ତେ ସହଭାଗୀ, ଯଦି ତୁମ୍ଭେମାନେ ସେଥିର ଅଂଶୀ ନୁହଁ, ତେବେ ତୁମ୍ଭେମାନେ ପୁତ୍ର ନ ହୋଇ ଜାରଜ ଅଟ ।**
**୯ ଆହୁରି ମଧ୍ୟ, ଆମ୍ଭମାନଙ୍କ ଶାସନକାରୀ ଆମ୍ଭମାନଙ୍କ ଶାରୀରିକ ପିତୃଗଣଙ୍କୁ ଆମ୍ଭେମାନେ ସମାଦର କରୁ; ତେବେ ଆତ୍ମାମାନଙ୍କ ପିତାଙ୍କର ବରଂ କେତେ ଅଧିକରୂପେ ବଶୀଭୂତ ହୋଇ ଜୀବନ ପ୍ରାପ୍ତ ନ ହେବୁ ?**

**୧୦ କାରଣ ସେମାନଙ୍କୁ ଯେପରି ବିହିତ ବୋଧ ହେଲା, ତଦନୁସାରେ ସେମାନେ ଅଳ୍ପ ଦିନ ନିମନ୍ତେ ଆମ୍ଭମାନଙ୍କୁ ଶାସନ କଲେ; କିନ୍ତୁ ଆମ୍ଭେମାନେ ଯେପରି ତାହାଙ୍କ ପବିତ୍ରତାର ସହଭାଗୀ ହେଉ, ଏଥିପାଇଁ ସେ ଆମ୍ଭମାନଙ୍କ ମଙ୍ଗଳ ନିମନ୍ତେ ଶାସନ କରନ୍ତି ।**
**୧୧ ଶାସନ ବର୍ତ୍ତମାନ ଆନନ୍ଦଜନକ ବୋଧ ନ ହୋଇ ଦୁଃଖଜନକ ବୋଧ ହୁଏ; ତଥାପି ଯେଉଁମାନେ ତଦ୍ଦ୍ୱାରା ଶିକ୍ଷାପ୍ରାପ୍ତ ହୋଇଅଛନ୍ତି, ତାହା ପରେ ସେମାନଙ୍କୁ ଶାନ୍ତିର ଫଳସ୍ୱରୂପ ଧାର୍ମିକତା ପ୍ରଦାନ କରେ ।**
**୧୨ ଅତଏବ, ତୁମ୍ଭେମାନେ ଦୁର୍ବଳ ହସ୍ତ ଓ ଅବଶ ଜାନୁ ସବଳ କର;**
**୧୩ ପୁଣି, ଆପଣା ଆପଣା ପାଦ ନିମନ୍ତେ ସଳଖ ପଥ ପ୍ରସ୍ତୁତ କର, ଯେପରି ଯାହା ଖଞ୍ଜ, ତାହା ଅଧିକ ବିକୃତ ନ ହୋଇ ବରଂ ସୁସ୍ଥ ହୁଏ ।**

"ଶାସନ", "ଅନୁଯୋଗ" ଓ "ପ୍ରହାର" ଶବ୍ଦଗୁଡ଼ିକ କଠିନ ଓ ରୁକ୍ଷ ମନେ ହୁଏ । "ଶାସନ" ଶବ୍ଦର ଗ୍ରୀକ୍ ପ୍ରତିଶବ୍ଦ paideuo, ଯାହାର ଅର୍ଥ ପିଲାଙ୍କୁ ପ୍ରଶିକ୍ଷିତ କରିବା, ଶିକ୍ଷିତ କରିବା, ନିର୍ଦ୍ଦେଶ ଦେବା, ଶିଖିବା, ଶିକ୍ଷା ଦେବା ଓ ଏହି ପ୍ରକ୍ରିୟାରେ ଅନୁଶାସିତ କରିବା । "ଶାସନ" ଶବ୍ଦର ଗ୍ରୀକ୍ ପ୍ରତିଶବ୍ଦ paideia ଏଫିସୀ ୬:୪ରେ ମଧ୍ୟ ବ୍ୟବହୃତ ହୋଇଛି ଯହିଁରେ ପ୍ରଭୁଙ୍କ ଶିକ୍ଷା ଓ ଚେତନା ଦ୍ୱାରା ପିଲାମାନଙ୍କୁ "ପ୍ରତିପାଳନ" କରିବା ବିଷୟରେ କୁହାଯାଏ । "ଅନୁଯୋଗ" ଶବ୍ଦର ଗ୍ରୀକ୍ ପ୍ରତିଶବ୍ଦ elengcho ଯାହାର ଅର୍ଥ ଦୋଷୀ ସାବ୍ୟସ୍ତ କରିବା, ହୃଦ୍‌ବୋଧ କରାଇବା, ଭର୍ତ୍ସନା କରିବା, ଦୋଷ ଦେଖାଇ କହିବା । ଏହି ଶବ୍ଦ ଯୋହନ ୧୬:୮ରେ ବ୍ୟବହୃତ ହୋଇଛି ଯହିଁରେ କୁହାଯାଏ ଯେ ପବିତ୍ର ଆତ୍ମା ଆସିଲେ ପାପ, ଧାର୍ମିକତା ଓ ବିଚାର ବିଷୟରେ ଜଗତକୁ ହୃଦ୍‌ବୋଧ କରାଇବେ ବା ଦୋଷୀ ସାବ୍ୟସ୍ତ କରିବେ । "ପ୍ରହାର" ଶବ୍ଦର ଗ୍ରୀକ୍ ପ୍ରତିଶବ୍ଦ mastigoo ଯାହାର ଅର୍ଥ ଚାବୁକ ମାରିବା, ବେତ୍ରାଘାତ କରିବା, ପିଟିବା । ମନେ ରଖନ୍ତୁ ଯେ ଏସବୁ ଶବ୍ଦ ଜଣେ ପିତା ତାଙ୍କ ପିଲାମାନଙ୍କୁ ଶାସନ କରିବା ଅର୍ଥରେ ବ୍ୟବହୃତ ହୋଇଛି ଏବଂ ଏହି ପ୍ରସଙ୍ଗରେ ହିଁ ତାକୁ ବ୍ୟାଖ୍ୟା କରାଯିବା ଆବଶ୍ୟକ । ତେଣୁ ପ୍ରଭୁ ଆମମାନଙ୍କୁ ଶାସନ କରିବାର ଅର୍ଥ ଏହି ପ୍ରକାର ହେବ :

(କ) (paideuo) ତାହାଙ୍କ ପିଲାମାନଙ୍କ ପ୍ରତି ପିତାଙ୍କର ସ୍ନେହପୂର୍ଣ୍ଣ ନିର୍ଦ୍ଦେଶ, ପ୍ରତିପାଳନ, ଶିକ୍ଷା ଓ ତାଲିମ୍

(ଖ) (elengcho) ପିତାଭାବରେ ତାହାଙ୍କ ପିଲାମାନଙ୍କୁ ସ୍ନେହରେ ସେମାନଙ୍କ ଭୁଲ ବିଷୟରେ ସେମାନଙ୍କୁ କହିବା ଓ ଯଥାର୍ଥ ବିଷୟ କ'ଣ ସେଥିପ୍ରତି ନିର୍ଦ୍ଦେଶିତ କରିବା, ଏବଂ

(ଗ) (mastigoo) ପିତାଭାବରେ ତାଙ୍କର ପିଲାମାନଙ୍କୁ ସ୍ନେହଭରେ ଶାସନ କରି ସେମାନଙ୍କୁ ବାଧ୍ୟତାର ସ୍ଥାନକୁ ଆଣିବା ।

ଆମେ ଦେଖୁ ଯେ, ସାଧାରଣ ସନ୍ଦର୍ଭରେ ମଧ୍ୟ ପିଲାମାନଙ୍କୁ ନିର୍ଦ୍ଦେଶ, ତାଲିମ୍ ଓ ଶିକ୍ଷା ଦିଆଯାଏ, ପ୍ରତିପାଳନ କରାଯାଏ । ପ୍ରହାର କରିବା (ଦଣ୍ଡ ଦେଇ ପ୍ରଶିକ୍ଷିତ କରିବା) ପନ୍ଥା ସେତେବେଳେ ଅନୁସରଣ କରାଯାଏ, ଯେତେବେଳେ ସ୍ୱାଭାବିକ ପ୍ରକ୍ରିୟାକୁ ଜଣେ ମାନେ ନାହିଁ ବା ଲଙ୍ଘନ କରିଥାଏ ।

ପିତା-ପୁତ୍ର ସମ୍ପର୍କରେ ସ୍ନେହପୂର୍ଣ୍ଣ ନିର୍ଦ୍ଦେଶ ଓ ସଂଶୋଧନ ଏକ ସାଧାରଣ ବିଷୟ ଅଟେ (୭ ପଦ) । ଆମର ସ୍ୱର୍ଗସ୍ଥ ପିତା ଈଶ୍ୱର ପୁତ୍ର ଓ କନ୍ୟାଭାବରେ ଆମମାନଙ୍କ ପ୍ରତି କାରବାର କରିଥାନ୍ତି । ତାଙ୍କର ସଂଶୋଧନ ଓ ଶୃଙ୍ଖଳା ଆମମାନଙ୍କ ପ୍ରତି ତାଙ୍କ ପ୍ରେମର ଅଭିବ୍ୟକ୍ତି ଅଟେ ।

ଆମମାନଙ୍କ ପ୍ରତି ତାଙ୍କର ପ୍ରେମ ହେତୁ ଆମର ସ୍ୱର୍ଗସ୍ଥ ପିତା ଆମର ମଙ୍ଗଳ ନିମନ୍ତେ ଆମକୁ ସଂଶୋଧନ ଓ ଶୃଙ୍ଖଳିତ କରିଥାନ୍ତି । ଆମକୁ ଲାଭ ପହଞ୍ଚାଇବା ପାଇଁ ବା ଆମର ମଙ୍ଗଳ ନିମନ୍ତେ ସେ ଏହା କରିଥାନ୍ତି (୧୦ ପଦ) । ଆମକୁ ଏକ ଉଚ୍ଚତର ସ୍ଥାନକୁ ନେଇ ଯିବା ନିମନ୍ତେ ସେ ଏହା କରିଥାନ୍ତି, କାରଣ ଏହି ସ୍ଥାନରେ ଆମେ ରହିବା ଉଚିତ ବୋଲି ସେ ବାଞ୍ଛା କରନ୍ତି ।

ଈଶ୍ୱର ଯେତେବେଳେ ଆମକୁ ସଂଶୋଧନ କରନ୍ତି ତଦ୍ଦ୍ୱାରା ସେ ଆମର ବିନାଶ କରିବା, ମର୍ଯ୍ୟାଦା ହାନି କରିବା, ଅବନତି କରିବା ବା ମୂଲ୍ୟ କମାଇବା ଉଦ୍ଦେଶ୍ୟରେ ତାହା କରି ନ ଥାନ୍ତି । ତାଙ୍କର ସ୍ନେହପୂର୍ଣ୍ଣ ସଂଶୋଧନ ସର୍ବଦା ଆମକୁ ଉଠାଇଥାଏ ଏବଂ ଆମେ ଯେଉଁ ପ୍ରକାର ଲୋକ ହେବୁ ବୋଲି ଈଶ୍ୱର ବାଞ୍ଛା କରନ୍ତି ତାହା ହେବା ପାଇଁ ଆମକୁ ସାହାଯ୍ୟ କରେ । ତାଙ୍କର ସଂଶୋଧନ ମର୍ଯ୍ୟାଦାକର, ଗ୍ରହଣୀୟ ଓ ଅନୁଗ୍ରହଯୁକ୍ତ ହୋଇ ଆସିଥାଏ ।

ପିତାଙ୍କ ପ୍ରେମର ଏହି ଦିଗ ଅସ୍ଥାୟୀରୂପେ ଯନ୍ତ୍ରଣାଦାୟକ ମନେ ହୋଇପାରେ । (୧୧ ପଦ)

ସଂଶୋଧନ ଆବଶ୍ୟକ ହୋଇଥାଏ ଯେତେବେଳେ ଆମେ ବାଧ୍ୟତାର ସ୍ଥାନରୁ ଆକ୍ଷରିକ ଭାବରେ ବାହାରି ଯାଉ, ଯେତେବେଳେ ଆମେ ତାହାଙ୍କ ପ୍ରେମରେ ବିଶ୍ରାମ ନ କରି ଓ ଜୀବନଯାପନ ନ କରି ବାହାରିଯାଉ ।

ସଂଶୋଧନ ମାଧ୍ୟମରେ ଈଶ୍ୱର ଆମମାନଙ୍କୁ ତାଙ୍କର ବାକ୍ୟ ମଧ୍ୟକୁ, ତାଙ୍କର ଇଚ୍ଛା ମଧ୍ୟକୁ ଓ ତାଙ୍କର ମାର୍ଗକୁ ଫେରାଇ ଆଣନ୍ତି । ତାହାଙ୍କ ପ୍ରେମରେ ରହିବାର ସ୍ଥାନକୁ ଫେରାଇ ଆଣନ୍ତି । ତାହାଙ୍କ ପ୍ରେମରେ ବିଶ୍ରାମ କରିବାର ଓ ସେହି ପ୍ରେମରେ ଜୀବନଯାପନ କରିବାର ସ୍ଥାନକୁ ଫେରାଇ ଆଣନ୍ତି ।

ସଂଶୋଧନ ପ୍ରତି ଆମର ଯଥାର୍ଥ ଉତ୍ତର ହେଉଛି ଆମମାନଙ୍କ ସ୍ୱର୍ଗସ୍ଥ ପିତାଙ୍କ ନିକଟରେ ଆତ୍ମସମର୍ପଣ ଓ ବଶ୍ୟତା ସ୍ୱୀକାର ପୂର୍ବକ ତାଙ୍କର ବାଧ୍ୟ ହେବା (୯ ପଦ) । ଆମେ ଶିକ୍ଷା କରୁ, "ମୋର ଇଚ୍ଛା ନୁହେଁ, ମାତ୍ର ତୁମର ଇଚ୍ଛା ସଫଳ ହେଉ" ।

ଈଶ୍ୱର ତାଙ୍କର ବାକ୍ୟ, ତାଙ୍କର ଆତ୍ମାଙ୍କ ଦ୍ୱାରା, ତାହାଙ୍କ ଲୋକମାନଙ୍କ ଦ୍ୱାରା ଏବଂ ବେଳେବେଳେ ଅନେକ ପରିସ୍ଥିତି, ଅବସ୍ଥା ଦ୍ୱାରା ଆମକୁ ସଂଶୋଧନ କରିଥାନ୍ତି । ଈଶ୍ୱର ତାହାଙ୍କ ବାକ୍ୟ ଦ୍ୱାରା ଆମକୁ କଥା କହିଥାନ୍ତି ଯାହା ଶିକ୍ଷା, ତାଲିମ ଓ ସଂଶୋଧନର ବାକ୍ୟ ହୋଇଥାଏ (୨ତୀମଥି ୩:୧୬-୧୭) । ଈଶ୍ୱରଙ୍କ ଆତ୍ମା ଆମକୁ ସମସ୍ତ ସତ୍ୟରେ ପ୍ରବେଶ କରାଇଥାନ୍ତି । ତଦ୍ୱାରା ସେ ଆମକୁ ଭୁଲଭ୍ରାନ୍ତିରୁ ରକ୍ଷା କରନ୍ତି ଓ ସଂଶୋଧନ କରନ୍ତି (ଯୋହନ ୧୬:୧୩) । ଈଶ୍ୱର ମଧ୍ୟ ତାଙ୍କର ଉପଦେଶ ତାଙ୍କର ଲୋକଙ୍କ ଦ୍ୱାରା ଆମ ହୃଦୟ ମଧ୍ୟକୁ ଆଣିଥାନ୍ତି, ବିଶେଷ କରି ଯେଉଁ ଧାର୍ମିକ ବ୍ୟକ୍ତିମାନଙ୍କୁ ଆମମାନଙ୍କୁ ପ୍ରଭାବିତ କରିବା ପାଇଁ ସେ ଆମମାନଙ୍କ ସହିତ ସମ୍ପର୍କରେ ରଖିଛନ୍ତି । ଏହି ତିନୋଟି ମାଧ୍ୟମରେ ଈଶ୍ୱରଙ୍କ ପ୍ରତିପାଳନ, ନିର୍ଦ୍ଦେଶ ଓ ସଂଶୋଧନ ଗ୍ରହଣ କରିବାକୁ ଆମେ ଉନ୍ମୁକ୍ତ ରହିବା ଉଚିତ । ଅନେକ ସମୟରେ ଈଶ୍ୱର ଅନେକ ପରିସ୍ଥିତି ସଂଘଟିତ କରାନ୍ତି ଯାହା ମାଧ୍ୟମରେ ସେ ଆମକୁ ତାଙ୍କର ପ୍ରେମରେ ଶୃଙ୍ଖଳିତ କରିଥାନ୍ତି । (ଏଠାରେ ଲକ୍ଷ୍ୟ କରନ୍ତୁ ଯେ ଏଠାରେ ଆମେ "ଅନେକ ସମୟରେ" ପରିସ୍ଥିତି ଓ ଅବସ୍ଥା ମାଧ୍ୟମରେ ବୋଲି କହିବାର ଅର୍ଥ, ଅନେକ ପରିସ୍ଥିତି ଶୟତାନ ବି ସୃଷ୍ଟି କରିଥାଏ ଯାହା ଉପରେ ଆମେ ଆଧିପତ୍ୟ ଦେଖାଇବାକୁ ହେବ ଓ ଜୟୀ ହେବାକୁ ହେବ । ଆମର କୃତାକୃତ କର୍ମ ଯୋଗୁଁ ମଧ୍ୟ ଅନେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥାଏ ଯେଉଁଥି ପାଇଁ ଆମେ ଦାୟୀ ଅଟୁ; ଏଥିପାଇଁ ଆମେ ଆବଶ୍ୟକୀୟ ପରିବର୍ତ୍ତନ କରିବା ଉଚିତ ।)

ତାହାଙ୍କ ସ୍ନେହପୂର୍ଣ୍ଣ ଅନୁଶାସନ ପ୍ରତି ଆମର ଉତ୍ତର ପରବର୍ତ୍ତୀ ସ୍ତରକୁ ଆମର ଅଭିବୃଦ୍ଧି, ପରିପକ୍ୱତା ଓ ପବିତ୍ରତାର ପ୍ରଗତିକୁ ନିର୍ଦ୍ଧାରିତ କରିବ । ତାହାଙ୍କ ପ୍ରେମରେ ରହିବା ପାଇଁ ଓ ଆମ ଜୀବନରେ ଅର୍ପିତ ଦାୟିତ୍ୱ ପୂରଣ ନିମନ୍ତେ ପ୍ରଗତି କରିବା ନିମନ୍ତେ ଏହା ଗୁରୁତ୍ୱପୂର୍ଣ୍ଣ ।

ପ୍ରତିଦିନ ଆମେ ଏକ ସର୍ବୋତ୍ତମ ବିଷୟ କରିପାରିବା- ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ଯେପରି ସେ ଆମକୁ ସର୍ବଦା ତାହାଙ୍କ ସହଭାଗିତା ମଧ୍ୟରେ ରଖନ୍ତି, ଯଦି କୌଣସି ବିଷୟ ତାଙ୍କର ବାଧ ହେବାରୁ ଆମକୁ ତାଙ୍କ ସହଭାଗିତାରୁ ବିଚ୍ଛିନ୍ନ କରିଦିଏ ।

ଆପଣ ନିଜେ ନିଜର ପ୍ରହରୀ ହୋଇପାରିବେ । ନିଜର ହୃଦୟ, ନିଜର ଚିନ୍ତାସବୁ ଓ ନିଜର କାର୍ଯ୍ୟସବୁକୁ ଜଗନ୍ତୁ । ତାହାଙ୍କ ପ୍ରେମରେ ରହନ୍ତୁ । ମନେରଖନ୍ତୁ, ତାଙ୍କର ଶକ୍ତିପ୍ରଦାନକାରୀ ଅନୁଗ୍ରହ ଓ ତାଙ୍କ ପବିତ୍ର ଆତ୍ମାଙ୍କର ବଳପ୍ରଦାନକାରୀ ସହଭାଗିତା ଆପଣଙ୍କ ସହିତ ସର୍ବଦା ବିଦ୍ୟମାନ, ଯଦ୍ଦ୍ୱାରା ଆପଣ ତାଙ୍କ ପ୍ରେମରେ ରହିପାରିବେ (୨କରିନ୍ଥୀୟ ୧୩:୧୪) । ଯେଉଁ ମୁହୂର୍ତ୍ତରେ ଆମେ ଦେଖୁ ଯେ ଆମେ ତାଙ୍କ ପ୍ରତି ଅବାଧ୍ୟ ହୋଇଛୁ, ପିତାଙ୍କର ପ୍ରେମରେ ରହିବାରୁ ବିଚ୍ୟୁତ ହୋଇଛୁ, ସେହି ମୁହୂର୍ତ୍ତରେ ହିଁ ଆମେ ଆତ୍ମପରୀକ୍ଷା କରିବା ଓ ତାହାଙ୍କ ପ୍ରେମରେ ରହିବା ସ୍ଥାନକୁ ପୁଣି ଫେରିଆସିବା ।

ଜୀବନରେ ଏପରି ଅନେକ ସମୟ ଆସିଥାଏ ଯେତେବେଳେ ଆମେ ବିଭିନ୍ନ ବିଷୟକୁ କଠୋରତା ଓ ଶୃଙ୍ଖଳାର ସହିତ କାରବାର କରିଥାଉ । ଉଦାହରଣସ୍ୱରୂପ ପିତାମାତା, ବା ଶ୍ରେଣୀଗୃହରେ ଶିକ୍ଷକ, କର୍ମଚାରୀମାନଙ୍କ କର୍ତ୍ତୃପକ୍ଷ, ଇତ୍ୟାଦି ବିଭିନ୍ନ ସମୟରେ କ'ଣ ଆବଶ୍ୟକ ଓ ସେମାନେ ସେମାନଙ୍କଠାରୁ କ'ଣ କରିବେ ବୋଲି ଆଶା ରଖନ୍ତି ସେ ବିଷୟରେ ସେମାନେ ମୁହାଁମୁହିଁ ହୋଇଥାନ୍ତି, ସଂଶୋଧନ କରିଥାନ୍ତି, ଭର୍ତ୍ସନା କରିଥାନ୍ତି, ଓ ଦାବି କରନ୍ତି । ଆମେମାନେ ଏହିସମସ୍ତ କଷ୍ଟସାଧ୍ୟ ବିଷୟ ଜଣେ ଦାୟିତ୍ୱ ସମ୍ପନ୍ନ ନେତା ହୋଇଥିବାରୁ କଠୋରତାର ସହିତ ଅଥଚ ପିତାଙ୍କ ପ୍ରେମରେ ପରିଚାଳିତ ହୋଇ କାରବାର କରିଥାଉ । ଈଶ୍ୱରଙ୍କ ଆତ୍ମା ଏହିପରି କଠିନ ପରିସ୍ଥିତିସବୁକୁ ସମ୍ଭାଳିବା ପାଇଁ ଈଶ୍ୱରଙ୍କ ନିଃସର୍ତ୍ତ ପ୍ରେମରେ ଆମକୁ ସାମର୍ଥ୍ୟ ପ୍ରଦାନ କରନ୍ତି ଯଦ୍ଦ୍ୱାରା ଆମେ ସଂଶୋଧନ ଓ ଶୃଙ୍ଖଳା କାର୍ଯ୍ୟକାରୀ କରିପାରିଥାଉ । ଏହା ମଧ୍ୟ ପିତାଙ୍କ ପ୍ରେମର ଏକ ଅଭିବ୍ୟକ୍ତି ।

## ପିତାଙ୍କର ସ୍ନେହପୂର୍ଣ୍ଣ ଅନୁଶାସନ ସମ୍ବନ୍ଧୀୟ ଭ୍ରାନ୍ତଧାରଣା ସମୂହ

ପିତାଙ୍କର ସ୍ନେହପୂର୍ଣ୍ଣ ସଂଶୋଧନ ସମ୍ବନ୍ଧରେ ଲୋକମାନଙ୍କର ବିଚିତ୍ର ଭ୍ରାନ୍ତଧାରଣାସବୁ ରହିଛି । ସେମାନେ ମନେ କରନ୍ତି ଯେ ଅସୁସ୍ଥତା, ବିପର୍ଯ୍ୟୟ, ଦୁର୍ଘଟଣା, ବିଫଳତା, ତ୍ରାସଦୀ, ଦରିଦ୍ରତା, ଇତ୍ୟାଦି ପିତାଙ୍କର ସ୍ନେହପୂର୍ଣ୍ଣ ଅନୁଶାସନ, ନିର୍ଦ୍ଦେଶ ବା ସଂଶୋଧନ ଯୋଗୁଁ ଆସିଥାଏ ଯାହା ଏକ ଭ୍ରାନ୍ତ ଧାରଣା । ଏପରିକି ଜାଗତିକ ପିତାମାତା ଭାବରେ ଆମର ଅନେକ ଭୁଲଭ୍ରାନ୍ତି ରହିଥିବା ସତ୍ତ୍ୱେ ଆମ ପିଲାମାନଙ୍କ ପ୍ରତି ଆମେ ଏପରି

ବ୍ୟବହାର କରି ନ ଥାଉ । କେଉଁ ଜାଗତିକ ପିତାମାତା ସେମାନଙ୍କ ପିଲାମାନଙ୍କୁ ଶିକ୍ଷା, ନିର୍ଦ୍ଦେଶ ଦେବା ବା ପ୍ରତିପାଳନ କରିବାକୁ ଇଚ୍ଛା କରି ସେମାନେ ପରିପକ୍ୱ ହୁଅନ୍ତୁ, ଚରିତ୍ର ବିକଶିତ କରନ୍ତୁ ଓ ବୃଦ୍ଧିପାଆନ୍ତୁ ବୋଲି ସେମାନଙ୍କୁ ଅସୁସ୍ଥତା, ଦୁର୍ଘଟଣା, ତ୍ରାସଦୀ, ଇତ୍ୟାଦି ମଧ୍ୟ ଦେଇ ଯିବାକୁ ଦେବେ ? କେହି ସେପରି କରିବେ ନାହିଁ । ତେବେ ଆମେମାନେ ଆମର ଆତ୍ମିକ ଜ୍ଞାନରେ ଏତେଟା ଅସଙ୍ଗତ ଓ ଅଯୌକ୍ତିକ ଚିନ୍ତାଧାରା ପୋଷଣ କରି (ଅସୁସ୍ଥତା, ବିପର୍ଯ୍ୟୟ, ଦୁର୍ଘଟଣା, ବିଫଳତା, ତ୍ରାସଦୀ, ଦରିଦ୍ରତା, ଇତ୍ୟାଦି ବିଭିନ୍ନ ବିଷୟକୁ ଅସୀମ ଭାବରେ ପ୍ରେମକାରୀ ସ୍ୱର୍ଗସ୍ଥ ପିତାଙ୍କୁ କିପରି ଦାୟୀ କରିଥାଉ, ସତେ ଯେମିତି ଆମ ଜୀବନରେ ଏସମସ୍ତ ବିଷୟ ତାଙ୍କର ସ୍ନେହପୂର୍ଣ୍ଣ ଅନୁଶାସନର ଅଭିବ୍ୟକ୍ତି ଅଟନ୍ତି । ପ୍ରଭୁ ଯୀଶୁ ସ୍ପଷ୍ଟରୂପେ କହନ୍ତି ଯେ ଆମମାନଙ୍କ ସ୍ୱର୍ଗସ୍ଥ ପିତା ଜାଗତିକ ପିତାମାତାଙ୍କ ଅପେକ୍ଷା ଅତ୍ୟୁତ୍ତମ ଅଟନ୍ତି ।

**ମାଥିଉ ୭:୯-୧୧**
**୯ କିମ୍ୱା ତୁମ୍ଭମାନଙ୍କ ମଧ୍ୟରେ ଏପରି କେଉଁ ଲୋକ ଅଛି, ଯେ ନିଜ ପୁଅ ରୋଟି ମାଗିଲେ ତାହାକୁ ପଥର ଦେବ,**
**୧୦ କିଅବା ମାଛ ମାଗିଲେ ତାକୁ ସାପ ଦେବ ?**
**୧୧ ଏଣୁ ତୁମ୍ଭେମାନେ ଦୃଷ୍ଟ ହେଲେ ସୁଦ୍ଧା ଯେବେ ଆପଣା ଆପଣା ପିଲାମାନଙ୍କୁ ଉତ୍ତମ ଉତ୍ତମ ଦାନ ଦେଇ ଜାଣ, ତେବେ ତୁମ୍ଭମାନଙ୍କ ସ୍ୱର୍ଗସ୍ଥ ପିତା ତାହାଙ୍କ ଛାମୁରେ ମାଗିବା ଲୋକମାନଙ୍କୁ କେତେ ଅଧିକରୂପେ ଉତ୍ତମ ଉତ୍ତମ ବିଷୟ ନ ଦେବେ ?**

ଆମମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ସ୍ନେହପୂର୍ଣ୍ଣ ଅନୁଶାସନ ଏବଂ ବିଦ୍ରୋହୀ, ଅନୁତାପ କରୁ ନ ଥିବା, ଜାଣିଶୁଣି ପାପକର୍ମରେ ଲିପ୍ତଥିବା ଲୋକଙ୍କର ପ୍ରତି ଈଶ୍ୱରଙ୍କ ବିଚାର ମଧ୍ୟରେ ବିରାଟ ବ୍ୟବଧାନ ରହିଛି । ବିଶ୍ୱାସୀଭାବରେ, ଆମେ ଆମ ଜୀବନରେ ସାଧାରଣତଃ ପିତାଙ୍କଠାରେ ବାଧ୍ୟତାର ଜୀବନ ଯାପନ କରିଥାଉ, ତେଣୁ ଈଶ୍ୱରଙ୍କ ବିଚାରର ସମ୍ମୁଖୀନ ହେବାର ଅବକାଶ ନ ଥାଏ । ଆମେ ପାପ କଲେ ସୁଦ୍ଧା, ଈଶ୍ୱରଙ୍କ ସଙ୍ଗେ କିପରି ତତ୍‌କ୍ଷଣାତ୍ ଯଥାର୍ଥ ସମ୍ପର୍କ ସ୍ଥାପନ କରିବା ତାହା ଆମେ ଜାଣୁ । ଯେତେବେଳେ ପିତାଙ୍କ ପ୍ରତି ବାଧ୍ୟତାରେ ଆଚରଣ କରୁ, ଶତ୍ରୁ ଶୟତାନ ଓ ତା'ର ମନ୍ଦାତ୍ମାଗଣ ଅନେକ ଚାତୁରୀ ଓ ଷଡ଼ଯନ୍ତ୍ର ସହିତ ଆମ ବିରୁଦ୍ଧରେ ଆସନ୍ତି । ଶୟତାନର ସମସ୍ତ କାର୍ଯ୍ୟକୁ ଆମେ ବୁଝିବା ଉଚିତ, ଏବଂ ଖ୍ରୀଷ୍ଟଙ୍କଠାରେ ଥିବା ଆମର ଅଧିକାରକୁ ବ୍ୟବହାର କରି ସେସବୁକୁ ଆମେ ପ୍ରତିରୋଧ କରିବା, ଜୟ କରିବା ଓ ଏସମସ୍ତ ବିଷୟ ଉପରେ ସର୍ବଦା ବିଜୟୀ

ଜୀବନଯାପନ କରିବା । ଶୟତାନର ଦୁଷ୍ଟତାପୂର୍ଣ୍ଣ କାର୍ଯ୍ୟଗୁଡ଼ାକ, ଯଥା: ଚୋରୀ କରିବା, ବଧ କରିବା ଓ ବିନାଶ କରିବା, ଅସୁସ୍ଥତା, ବିପର୍ଯ୍ୟୟ, ଦୁର୍ଘଟଣା, ବିଫଳତା, ତ୍ରାସଦୀ, ଦରିଦ୍ରତା, ଇତ୍ୟାଦି ନିମନ୍ତେ ଈଶ୍ୱରଙ୍କୁ ଆମେ ଆଦୌ ଦାୟୀ କରିବା ଅନୁଚିତ ।

## ଅନୁଚିନ୍ତା

୧. ଜଣେ ପ୍ରେମମୟ ସ୍ୱର୍ଗସ୍ଥ ପିତା କାହିଁକି ତାଙ୍କର ସନ୍ତାନମାନଙ୍କୁ ଅନୁଶାସିତ କରନ୍ତି ?

------------------------------------------------------------

------------------------------------------------------------

------------------------------------------------------------

------------------------------------------------------------

------------------------------------------------------------

୨. ଜଣେ ଜାଗତିକ ପିତା ତାଙ୍କ ପିଲାମାନଙ୍କ ସଙ୍ଗେ କିପରି କାରବାର କରନ୍ତି, ଏବ୍ରୀ ୧୨:୫-୬ରେ ବର୍ଣ୍ଣିତ "ଶାସନ", "ଅନୁଯୋଗ", ଓ "ପ୍ରହାର"ର ଅର୍ଥକୁ ଏହି ସନ୍ଦର୍ଭରେ ସଂକ୍ଷେପରେ ବର୍ଣ୍ଣନା କରନ୍ତୁ ।

------------------------------------------------------------

------------------------------------------------------------

------------------------------------------------------------

------------------------------------------------------------

------------------------------------------------------------

୩. ଈଶ୍ୱର କେଉଁ ଚାରୋଟି ମାର୍ଗରେ ଆମ ଜୀବନରେ ତାଙ୍କର ସ୍ନେହପୂର୍ଣ୍ଣ ସଂଶୋଧନ କାର୍ଯ୍ୟକାରୀ କରିଥାନ୍ତି ? ନିଜକୁ କିପରି ଏଥିପ୍ରତି ସମ୍ବେଦନକ୍ଷମ କରିବେ, ଯଦ୍ଦ୍ୱାରା ଆପଣ ଆପଣଙ୍କ ଜୀବନରେ ଈଶ୍ୱରଙ୍କ ସ୍ନେହପୂର୍ଣ୍ଣ ସଂଶୋଧନକୁ ବୁଝିପାରି ଶୀଘ୍ର ତା'ର ଉତ୍ତର ଦେବେ, ବିଚାର କରନ୍ତୁ ।

-----------------------------------------------------------

-----------------------------------------------------------

-----------------------------------------------------------

-----------------------------------------------------------

-----------------------------------------------------------

## ୭

# ଆମମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ଅନୁକାରୀ ହେବା

ପିତାଙ୍କ ପ୍ରେମ ଅନୁଭବ କରିବା ଦ୍ୱାରା ପ୍ରେମ ପାଇବାର କ୍ଷମତା ତ ପୁନଃସ୍ଥାପିତ ହୋଇଥାଏ, ପ୍ରେମ କରିବାର କ୍ଷମତା ମଧ୍ୟ ପୁନଃସ୍ଥାପିତ ହୋଇଥାଏ । ଆମେ ଆମ କ୍ଷମତାର ବାହାରେ ପ୍ରେମରେ ଆଚରଣ କରିଥାଉ ।

### ତାହାଙ୍କ ପ୍ରେମ ଆମ ମଧ୍ୟରେ ଓ ଆମ ମଧ୍ୟ ଦେଇ

**ଏଫିସୀୟ ୫:୧-୨**
**୧ ଅତଏବ, ପ୍ରିୟ ସନ୍ତାନମାନଙ୍କ ପରି ଈଶ୍ୱରଙ୍କ ଅନୁକାରୀ ହୁଅ ।**
**୨ ଖ୍ରୀଷ୍ଟ ଯେପରି ତୁମ୍ଭମାନଙ୍କୁ ପ୍ରେମ କଲେ ପୁଣି ଆମ୍ଭମାନଙ୍କ ନିମନ୍ତେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ସୁଗନ୍ଧି ନୈବେଦ୍ୟ ଓ ବଳିସ୍ୱରୂପେ ଆପଣାକୁ ଉତ୍ସର୍ଗ କଲେ, ସେହିପରି ପ୍ରେମରେ ଆଚରଣ କର ।**

ଆମେମାନେ ଆମ ସ୍ୱର୍ଗସ୍ଥ ପିତାଙ୍କର ଅନୁକରଣ କରିବାକୁ ହେବ । ଯେଉଁ ବିଷୟକୁ ଆମେ ପ୍ରଥମେ ଅନୁକରଣ କରିବା ତା' ହେଉଛି ପ୍ରେମରେ ଚାଲିବା ବା ଆଚରଣ କରିବା । ଏହାର ମାନକ ଆଦର୍ଶ ଖ୍ରୀଷ୍ଟ ଅଟନ୍ତି । ସେ ପ୍ରେମ ଓ ବଳିଦାନର ଆଦର୍ଶ ଦେଖାଇ ଯାଇଛନ୍ତି । ଯୀଶୁଙ୍କ ପରି କାର୍ଯ୍ୟ କରନ୍ତୁ । ପ୍ରେମରେ ଆଚରଣ କରିବା କ'ଣ ତାହା ସେ ଆମକୁ ଦେଖାଇ ଯାଇଛନ୍ତି ।

ଯାହା ଅସମ୍ଭବ ବା ପ୍ରାପ୍ୟ ନୁହେଁ ତାହା କରିବାକୁ ଈଶ୍ୱର କେବେ ଆମକୁ କହିବେ ନାହିଁ । ଆମମାନଙ୍କୁ ଶକ୍ତିଯୁକ୍ତ ନ କରି କୌଣସି ବିଷୟ କରିବା ନିମନ୍ତେ ସେ ଆମକୁ କହିବେ ନାହିଁ । ତେଣୁ ତାଙ୍କର ଅନୁକରଣ କରିବା ଓ ଖ୍ରୀଷ୍ଟଙ୍କ ପରି ପ୍ରେମରେ ଆଚରଣ କରିବା ସମ୍ପର୍କରେ ତାଙ୍କର ଆହ୍ୱାନକୁ ପାଳନ କରିବା ସମ୍ଭବ ହେବ ଯେତେବେଳେ ସେ ତାହା କରିବା ପାଇଁ ଆମକୁ ଶକ୍ତି ଯୋଗାଇବେ ।

ଆମେମାନେ ଯେତେବେଳେ ଆମର ସ୍ୱର୍ଗସ୍ଥ ପିତାଙ୍କର ଅନୁକାରୀ ହୋଇ ଖ୍ରୀଷ୍ଟଙ୍କ ସଦୃଶ ପ୍ରେମରେ ଆଚରଣ କରିବା, ଏହି ବଳିଦାନ ପିତାଙ୍କୁ ସୁଗନ୍ଧି ନୈବେଦ୍ୟ ପରି ପ୍ରସନ୍ନ କରିଥାଏ, ଯେପରି ଭାବେ ସେ ଯୀଶୁଙ୍କ ବଳିଦାନରେ ସନ୍ତୁଷ୍ଟ ହୋଇଥିଲେ ।

## ପ୍ରେମରେ ଆଚରଣ କରିବାର ଅର୍ଥ ଉତ୍କୃଷ୍ଟତର ପଥରେ ଚାଲିବା

**୧କରିନ୍ଥୀୟ ୧୨:୩୧**

**କିନ୍ତୁ ଶ୍ରେଷ୍ଠ ଦାନସମସ୍ତ ପାଇବା ନିମନ୍ତେ ଏକାନ୍ତ ଚେଷ୍ଟା କର । ଅଧିକନ୍ତୁ ମୁଁ ତୁମ୍ଭମାନଙ୍କୁ ଗୋଟିଏ ଉତ୍କୃଷ୍ଟତର ପଥ ଦେଖାଉଅଛି ।**

**୧କରିନ୍ଥୀୟ ୧୩:୧-୧୩**

**୧ ଯଦି ମୁଁ ମନୁଷ୍ୟମାନଙ୍କ ଓ ଦୂତମାନଙ୍କ ଭାଷାରେ କଥା କହେ, କିନ୍ତୁ ମୋହର ପ୍ରେମ ନ ଥାଏ,**
**ତେବେ ମୁଁ ଶବ୍ଦକାରକ ଘଣ୍ଟା କିମ୍ବା ଝମ୍ ଝମ୍ ଶବ୍ଦକାରୀ କରତାଳସ୍ୱରୂପ ହୋଇଅଛି ।**
**୨ ଆଉ, ଯଦି ମୋହର ଭାବବାଣୀ କହିବାର ଶକ୍ତି ଥାଏ ଏବଂ ମୁଁ ସମସ୍ତ ନିଗୂଢ଼ ତତ୍ତ୍ୱ ଓ ସମସ୍ତ**
**ଜ୍ଞାନରେ ପାରଦର୍ଶୀ ହୋଇଥାଏ, ପୁଣି ପର୍ବତକୁ ସ୍ଥାନାନ୍ତର କରିବା ନିମନ୍ତେ ମୋହର ସମ୍ପୂର୍ଣ୍ଣ ବିଶ୍ୱାସ**
**ଥାଏ, କିନ୍ତୁ ମୋହର ପ୍ରେମ ନ ଥାଏ, ତେବେ ମୁଁ କିଛି ନୁହେଁ ।**
**୩ ପୁଣି, ଯଦି ମୁଁ ଦରିଦ୍ରମାନଙ୍କୁ ଭୋଜନ କରାଇବା ନିମନ୍ତେ ମୋହର ସର୍ବସ୍ୱ ବିତରଣ କରେ,**
**ପୁଣି ଯଦି ମୁଁ ମୋହର ଶରୀରକୁ ଦଗ୍ଧ ହେବା ନିମନ୍ତେ ସମର୍ପଣ କରେ, କିନ୍ତୁ ମୋହର ପ୍ରେମ ନ**
**ଥାଏ, ତେବେ ମୋହର କିଛି ଲାଭ ନାହିଁ ।**
**୪ ପ୍ରେମ ଦୀର୍ଘସହିଷ୍ଣୁ, ପ୍ରେମ ହିତଜନକ, ଈର୍ଷା କରେ ନାହିଁ, ଆତ୍ମବଡ଼ିମା କରେ ନାହିଁ, ଅହଙ୍କାର**
**କରେ ନାହିଁ,**
**୫ ଅନୁଚିତ ବ୍ୟବହାର କରେ ନାହିଁ, ସ୍ୱାର୍ଥ ଚେଷ୍ଟା କରେ ନାହିଁ, ବିରକ୍ତ ହୁଏ ନାହିଁ, ଅପକାର**
**ସ୍ମରଣରେ ରଖେ ନାହିଁ,**
**୬ ଅଧର୍ମରେ ଆନନ୍ଦ କରେ ନାହିଁ, କିନ୍ତୁ ସତ୍ୟରେ ଆନନ୍ଦ କରେ;**
**୭ ସମସ୍ତ ସହ୍ୟ କରେ, ସମସ୍ତ ବିଶ୍ୱାସ କରେ, ସମସ୍ତ ଭରସା କରେ, ସମସ୍ତ ବିଷୟରେ ଧୈର୍ଯ୍ୟ**
**ଧରି ରହେ ।**
**୮ ପ୍ରେମ କଦାପି ଶେଷ ହୁଏ ନାହିଁ; କିନ୍ତୁ ଯଦି ଭାବବାଣୀ ଥାଏ, ତାହା ଲୋପ ହେବ;ଯଦି ପରଭାଷା**
**ଥାଏ, ସେହିସବୁ ନିବୃତ୍ତ ହେବ; ଯଦି ଜ୍ଞାନ ଥାଏ ତାହା ଲୋପ ହେବ ।**
**୯ କାରଣ ଆମ୍ଭେମାନେ ଆଂଶିକଭାବେ ଜାଣୁ ଓ ଆଂଶିକଭାବେ ଭାବବାଣୀ କହୁ ।**
**୧୦ କିନ୍ତୁ ସିଦ୍ଧ ବିଷୟ ଉପସ୍ଥିତ ହେଲେ ଆଂଶିକ ବିଷୟର ଲୋପ ହେବ ।**
**୧୧ ଶିଶୁ ଥିବା ସମୟରେ ମୁଁ ଶିଶୁ ପରି କଥା କହୁଥିଲି, ଶିଶୁ ପରି ଭାବୁଥିଲି, ଶିଶୁ ପରି ବିଚାର**
**କରୁଥିଲି, ବୟସପ୍ରାପ୍ତ ହୁଅନ୍ତେ ମୁଁ ଶିଶୁର ବିଷୟସବୁ ପରିତ୍ୟାଗ କଲି ।**

**୧୨ କାରଣ ଏବେ ଆମ୍ଭେମାନେ ନିଗୂଢ଼ ବାକ୍ୟରୂପ ଦର୍ପଣର ସାହାଯ୍ୟରେ ଦେଖୁଅଛୁ, କିନ୍ତୁ ସେତେବେଳେ ମୁଖାମୁଖୀ ହୋଇ ଦେଖିବା; ଏତେବେଳେ ମୁଁ ଆଂଶିକଭାବେ ଜାଣୁଅଛି, କିନ୍ତୁ ସେତେବେଳେ ମୁଁ ଯେପରି ପରିଚିତ, ସେହିପରି ମଧ୍ୟ ପରିଚୟ ପାଇବି ।**
**୧୩ ଅତଏବ, ବିଶ୍ୱାସ, ଭରସା, ପ୍ରେମ, ଏହି ତିନି ସ୍ଥାୟୀ ଅଟେ, ଆଉ ଏମାନଙ୍କ ମଧ୍ୟରେ ପ୍ରେମ ଉତ୍କୃଷ୍ଟ ।**

**୧କରିନ୍ଥୀୟ ୧୪:୧**
**ପ୍ରେମର ଅନୁସରଣ କର, ପୁଣି ଆତ୍ମିକ ଦାନସବୁ ପାଇବା ନିମନ୍ତେ, ବିଶେଷତଃ ଯେପରି ଭାବବାଣୀ କହି ପାର, ଏଥିନିମନ୍ତେ ଏକାନ୍ତ ଚେଷ୍ଟା କର ।**

୧କରିନ୍ଥୀୟ ୧୨ ଅଧ୍ୟାୟରେ ପ୍ରେରିତ ପାଉଲ ଆତ୍ମାଙ୍କର ଦାନସମୂହ ଓ ମଣ୍ଡଳୀର ସଦସ୍ୟମାନଙ୍କର କାର୍ଯ୍ୟସବୁ (ନେତୃତ୍ୱ, ଶିକ୍ଷାଦାନ, ପରିଚାଳନା, ଇତ୍ୟାଦି) ବିଷୟରେ ଶିକ୍ଷା ଦେଲା ପରେ ସେ ଆମମାନଙ୍କୁ ଉତ୍ସାହିତ କରି କହନ୍ତି ଯେ ଆମେ ଏହିସମସ୍ତ ଦାନସମୂହ ପ୍ରାପ୍ତ ହେବାକୁ ବାଞ୍ଛା କରିବା ଉଚିତ, କିନ୍ତୁ ସେ ମଧ୍ୟ ଏକ "ଉତ୍କୃଷ୍ଟତର ପଥ" ବିଷୟରେ କହନ୍ତି ଯାହା ଏକ ଉଚ୍ଚତର ପଥ ଅଟେ । ଏହାର ନିହିତାର୍ଥ ହେଉଛି ଲୋକମାନଙ୍କ ମଧ୍ୟରେ ସେବାକାର୍ଯ୍ୟ କରିବାକୁ ଓ ଖ୍ରୀଷ୍ଟଙ୍କ ଶରୀରର ସେବାର୍ଥେ ଏକ ମହତ୍ତର ପଥ ରହିଛି- ଯେଉଁ ପଥ ଆତ୍ମାଙ୍କ ଦାନସକଳ ଓ ସଦସ୍ୟତାର କାର୍ଯ୍ୟସବୁ ନିର୍ବାହ କରିବା ଅପେକ୍ଷା ଅଧିକ ଉତ୍ତମ । ସେ ଐଶ୍ୱରିକ ପ୍ରେମରେ ଆଚରଣ କରିବା ବିଷୟରେ କହନ୍ତି ।

ପାଉଲ ୧କରିନ୍ଥୀୟ ୧୩ର ପ୍ରଥମ ଭାଗରେ ବୁଝାଇଛନ୍ତି ଯେ ଯଦିବା ଆମେ ଆତ୍ମାଙ୍କର ଦାନସବୁ ଉପଯୋଗ କରୁ, ସଦସ୍ୟତା କାର୍ଯ୍ୟସବୁ ନିର୍ବାହ କରୁ ଓ ଅନେକ ଦାନଧର୍ମ କରୁ, ଏପରିକି ଶରୀରକୁ ଅଗ୍ନିରେ ଦଗ୍ଧ ହେବାକୁ ସମର୍ପଣ କରୁ, କିନ୍ତୁ ଏସମସ୍ତ ଯଦି ଐଶ୍ୱରିକ ପ୍ରେମରେ ଚାଳିତ ଓ ପ୍ରେରିତ ହୋଇ ନ ଥାଏ, ତା' ହେଲେ ସବୁକିଛି ଶୂନ୍ୟ ଓ ନିରର୍ଥକ, ଆଦୌ ଲାଭଯୁକ୍ତ ନୁହେଁ । ଏହା ପ୍ରକାଶ କରିଥାଏ ସେବାରେ ଓ ସେବାକାର୍ଯ୍ୟରେ ପ୍ରେମରେ ରହିବା କେତେ ଗୁରୁତ୍ୱପୂର୍ଣ୍ଣ ବିଷୟ ।

ଆମେ ଯାହା କିଛି କରିବା ତାହା ଐଶ୍ୱରିକ ପ୍ରେମରେ ନିୟନ୍ତ୍ରିତ, ଚାଳିତ ଓ ପ୍ରେରିତ ହେଉଥିବା ଆବଶ୍ୟକ । ପିତାଙ୍କ ପ୍ରେମରେ ବିଶ୍ରାମ ନେଇ ଓ ତଦନୁସାରେ ଜୀବନଯାପନ କରି କାର୍ଯ୍ୟସବୁ କରନ୍ତୁ । ୪-୮ ପଦରେ ପାଉଲ ବୁଝାଇଛନ୍ତି, ଆମେ ଯଦି ଅସହିଷ୍ଣୁ, ନିର୍ଦ୍ଦୟ, ଈର୍ଷାନ୍ୱିତ, ଅହଙ୍କାରୀ, ଗର୍ବୀ, ଅନୁଚିତ ବ୍ୟବହାରକାରୀ, ସ୍ୱାର୍ଥପର ଆତ୍ମୋନ୍ନତି

ଚେଷ୍ଟା କରୁଥିବା ବ୍ୟକ୍ତି, ଆତ୍ମକୈନ୍ଦ୍ରିକ, ଚିଡ଼ିଚିଡ଼ା, କ୍ରୋଧୀ ସ୍ୱଭାବ ବିଶିଷ୍ଟ ଅଟୁ, ମନ୍ଦ ଚିନ୍ତା ବା ପରିକଳ୍ପନା, ଅଧର୍ମ ବା ଅସତ୍ୟକୁ ଉତ୍ସାହିତ କରୁଥିବା, ତା' ହେଲେ ଆମେ ପ୍ରେମରେ ନିୟନ୍ତ୍ରିତ, ଚାଳିତ ବା ପ୍ରେରିତ ନୋହୁଁ । ଯଥାର୍ଥ ଅଭିପ୍ରାୟ ନ ରଖି ଆତ୍ମିକ ଦାନସବୁକୁ ବ୍ୟବହାର କରିବା ନିରର୍ଥକ, ଶୂନ୍ୟ ଅଟେ ଓ ଆଦୌ ଲାଭଯୁକ୍ତ ନୁହେଁ ।

ଆତ୍ମାଙ୍କ ଦାନଗୁଡ଼ିକର ଉପଯୋଗ, ସେବାକାର୍ଯ୍ୟ ସମ୍ବନ୍ଧୀୟ ବିଭିନ୍ନ ଆନୁଷ୍ଠାନିକ କାର୍ଯ୍ୟ, ଦାନଧର୍ମ କାର୍ଯ୍ୟ, ବିଶ୍ୱାସ ଓ ଭରସା ଅପେକ୍ଷା ପ୍ରେମ ସବୁଠାରୁ ଶ୍ରେଷ୍ଠ, କାହିଁକି ନା ପ୍ରେମ ଚିରକାଳସ୍ଥାୟୀ (୮ ପଦ) । ଦିନ ଆସିବ ଯେତେବେଳେ କି କେବଳ ପ୍ରେମ ହିଁ କାର୍ଯ୍ୟ ସମ୍ପାଦନ କରିବ- ଅନ୍ୟ ସମସ୍ତ ବିଷୟ ନିଷ୍କ୍ରିୟ, ଅଦରକାରୀ ହୋଇଯିବ ।

ଏହାର ଅର୍ଥ ନୁହେଁ ଯେ ଆମେ ଆତ୍ମିକ ଦାନସକଳ ବା ଆମର ସଦସ୍ୟତା କାର୍ଯ୍ୟସବୁକୁ ଉପଯୋଗ କରିବା ନାହିଁ । ଆମର ପ୍ରାଥମିକତା ହେଉଛି ପ୍ରେମରେ ଆଚରଣ କରିବା । ଏହାକୁ ଅଗ୍ରାଧିକାର ଦେଇ ଆମେ ଆତ୍ମାଙ୍କ ଦାନସକଳର ଓ ସଦସ୍ୟତା କାର୍ଯ୍ୟସବୁକୁ କରିଚାଲିବା ଯେପରି ପାଉଲ ୧କରିନ୍ଥୀୟ ୧୪:୧ରେ କହନ୍ତି ।

ମନେରଖନ୍ତୁ, ବିଶ୍ୱାସ ପ୍ରେମ ମଧ୍ୟ ଦେଇ କାର୍ଯ୍ୟ କରିଥାଏ (ଗାଲାତୀୟ ୫:୬)

[ **ନୋଟ୍:** ୮ ପଦରେ, ଭାବବାଣୀ ସନ୍ଦର୍ଭରେ କୁହାଯାଏ ("ଭାବବାଣୀ, ତାହା ଲୋପ ହେବ") ଏବଂ ଜ୍ଞାନ ସନ୍ଦର୍ଭରେ କୁହାଯାଏ, ("ଜ୍ଞାନ, ତାହା ଲୋପ ହେବ") । "ଲୋପ ହେବ" ସ୍ଥାନରେ ବ୍ୟବହୃତ ଗ୍ରୀକ୍ ପ୍ରତିଶବ୍ଦ katergeoo, ଏହାର ଅର୍ଥ ହେଉଛି ଏହି ଦାନସକଳ ନିଷ୍କ୍ରିୟ ହେବ, ଆଉ ବ୍ୟବହୃତ ହେବ ନାହିଁ ]

## ପ୍ରେମ କେବେ (ଅକୃତକାର୍ଯ୍ୟ) ହୁଏ ନାହିଁ

**୧କରିନ୍ଥୀୟ ୧୩:୮**
**ପ୍ରେମ କଦାପି ଶେଷ ହୁଏ ନାହିଁ ।**

ଏଠାରେ "ଶେଷ ହୁଏ ନାହିଁ" ସ୍ଥାନରେ ବ୍ୟବହୃତ ଗ୍ରୀକ୍ ଶବ୍ଦ ekpiptoର ଅଭିଧାନ ଅର୍ଥ ଏହିପରି:

*"ପଥରୁ ବିଚ୍ୟୁତ ହେବା; ରୂପକ ଅର୍ଥରେ- ହରାଇବା, ଅପାରଗ ହୋଇଯିବା" (Strong's Hebrew & Greek Dictionary)*

*"ଯେଉଁ ସ୍ଥାନରେ ଜଣେ ରହି ନ ପାରେ ସେଠାରୁ ତଳକୁ ଖସି ପଡ଼ିବା, କୌଣସି ପଦବୀ ହରାଇବା, ଶକ୍ତିହୀନ ହୋଇଯିବା, ନିଷ୍ଫଳ ହେବା, ପ୍ରଭାବଶୂନ୍ୟ ହେବା ।" (Thayer's Greek Definition)*

ଉପରୋକ୍ତ ସମସ୍ତ ଅର୍ଥକୁ ଏକାଠି କଲେ, ଆମେ ଏହି ବିଷୟ ବୁଝିପାରୁ ଯେ ଯଦି ଆମେ ପ୍ରେମରେ ଆଚରଣ କରୁ, ଆମେ ଆମ ପଥରୁ ବିଚ୍ୟୁତ ହେବା ନାହିଁ । ପ୍ରେମରେ ଆଚରଣ କରିବାର ଅର୍ଥ ଠିକ୍ ରାସ୍ତାରେ, ଠିକ୍ ପଥରେ ରହିବା । ଆହୁରି ମଧ୍ୟ, ଆମେ ଯଦି ପ୍ରେମରେ ଆଚରଣ କରୁ ଆମେ ଶକ୍ତିହୀନ ହେବା ନାହିଁ, ସମ୍ମାନ ହରାଇବା ନାହିଁ, ଅଦରକାରୀ ହେବା ନାହିଁ । ଆମେ ପ୍ରଭାବଶାଳୀ ଓ ଫଳପ୍ରଦ ହେବା ।

ତେଣୁ ଏହା ଆମେ ବୁଝିବା ଉଚିତ ଯେ ଯେତେବେଳେ ଆମେ ପ୍ରେମରେ ଆଚରଣ କରୁ ଆମେ ଏପରି ଏକ ପଥରେ ଚାଲୁଛୁ ଯେଉଁଥିରେ ଆମେ କେବେ ଅକୃତକାର୍ଯ୍ୟ ହେବା ନାହିଁ । ଐଶ୍ୱରିକ ପ୍ରେମରେ ନିୟନ୍ତ୍ରିତ, ଚାଳିତ ଓ ପ୍ରେରିତ ହୋଇ ଆପଣ ଯାହା କିଛି କରିବେ ତାହାର ନିଶ୍ଚିତ ପ୍ରଭାବ ରହିବ ।

ପିତାଙ୍କ ପ୍ରେମରେ ରହିଲେ ଓ ତଦନୁସାରେ ଜୀବନ ଯାପନ କଲେ ଆପଣ ନିଶ୍ଚେ ସର୍ବଦା ସଠିକ୍ ରାସ୍ତାରେ ରହିବେ ।

## ତାହାଙ୍କ ପ୍ରେମ ଗ୍ରହଣ କରିବାଦ୍ୱାରା ଆମର ପ୍ରେମ କରିବାର କ୍ଷମତା ପ୍ରସାରିତ ହୁଏ

**ରୋମୀୟ ୫ :୩-୫**
**୩ କେବଳ ତାହା ନୁହେଁ, ସମସ୍ତ କ୍ଲେଶରେ ମଧ୍ୟ ଦର୍ପ କରୁଅଛୁ, ଯେଣୁ କ୍ଲେଶରୁ ଧୈର୍ଯ୍ୟ, ଧୈର୍ଯ୍ୟରୁ ଅନୁଭୂତି,**
**୪ ପୁଣି, ଅନୁଭୂତିରୁ ଭରସା ଯେ ଜନ୍ମେ, ଏହା ଆମ୍ଭେମାନେ ଜାଣୁ ।**
**୫ ଆଉ, ଭରସା ଲଜ୍ଜା ଦିଏ ନାହିଁ, କାରଣ ଆମ୍ଭମାନଙ୍କୁ ପ୍ରଦତ୍ତ ପବିତ୍ରଆତ୍ମାଙ୍କ ଦ୍ୱାରା ଆମ୍ଭମାନଙ୍କ ହୃଦୟରେ ଈଶ୍ୱରଙ୍କ ପ୍ରେମ ପରିବ୍ୟାପ୍ତ ହୋଇଅଛି ।**

ପ୍ରେରିତ ପାଉଲ ଏଠାରେ ବିଶ୍ୱାସୀ ଭାବରେ ଆମର ବର୍ତ୍ତମାନର ଜୀବନ ବିଷୟରେ ଲେଖନ୍ତି ଯଦିବା ଆମେ ଅନେକ ଅସୁବିଧା ଓ କଠିନ ସମୟ ମଧ୍ୟ ଦେଇ ଗତି କରୁ । ଆମେ ଏସବୁ କରିଥାଉ କାରଣ ଏହାଦ୍ୱାରା ଆମର ଧୈର୍ଯ୍ୟ (ସହିଷ୍ଣୁତା), ଫଳତଃ ଆମର ଚରିତ୍ର ବିକଶିତ ହୋଇଥାଏ ଏବଂ ଏହା ଆମକୁ ଦୃଢ଼ଭରସା ଦେଇଥାଏ, ଯାହା ଆଗାମୀ ବିଷୟକ ଆଶା ଓ ଆକାଂକ୍ଷା ଅଟେ ।

ଏହି ଆଶା ବା ଭରସା ଆମକୁ ନିରାଶ କରି ନ ଥାଏ । ଆକ୍ଷରିକ ଭାବରେ କହିଲେ ଏହି ଭରସା ଆମକୁ ଲଜ୍ଜିତ ହେବାକୁ ଦେଇ ନ ଥାଏ ବା ଆମେ ଏହି ଭରସାରେ ରହିଥିବାରୁ ଲଜ୍ଜିତ ହୋଇ ନ ଥାଉ, କାରଣ ଏଠାରେ ଓ ଏବେ ଆମେ ପିତାଙ୍କର ପ୍ରେମ ଅନୁଭବ କରୁଅଛୁ, ଯାହା ତାଙ୍କର ଅପରିମେୟ ଓ ନିଃସର୍ତ୍ତ ପ୍ରେମ ଅଟେ । ଏହି ପ୍ରଚୁର ଓ ଉଚ୍ଛୁଳା ପ୍ରେମକୁ ପବିତ୍ର ଆତ୍ମା ଆମ ହୃଦୟରେ ଢ଼ାଳି ଦେଇଛନ୍ତି ।

ଏହା ପିତାଙ୍କ ପ୍ରେମ ଯାହା ଆମ ହୃଦୟରେ ପ୍ରଚୁର ପରିମାଣରେ ଉଚ୍ଛୁଳି ଉଠୁଛି । ଆମେ ଏହାକୁ ଅନୁଭବ କରୁ ଓ ଉପଭୋଗ କରୁ ଏବଂ ଅନ୍ୟମାନଙ୍କୁ ଏହାର ସହଭାଗୀ କରାଇପାରୁ ।

ପିତାଙ୍କ ପ୍ରେମ ପ୍ରଚୁର ମାତ୍ରାରେ ଆମ ହୃଦୟରେ ବାସ କରୁଥିବାରୁ, ଆମେ କ୍ଳେଶରେ ଆନନ୍ଦିତ ରହୁ ଓ ଆମର ଭରସାରେ ଲଜ୍ଜାବୋଧ କରି ନ ଥାଉ ।

ପିତାଙ୍କର ପ୍ରେମ ଆମ ହୃଦୟରେ ଉଚ୍ଛୁଳିତ ହେଉଥିବାରୁ, ଅନ୍ୟମାନଙ୍କୁ ତାହାଙ୍କ ପ୍ରେମରେ ପ୍ରେମ କରିବାର କ୍ଷମତା ଦ୍ରୁତ ଅଭିବୃଦ୍ଧି ଲାଭ କରେ । ବର୍ତ୍ତମାନ ଆମେ ପବିତ୍ର ଆତ୍ମାଙ୍କ ଦ୍ୱାରା ଶକ୍ତିଯୁକ୍ତ  ହୋଇ ଅନ୍ୟମାନଙ୍କୁ ତାହାଙ୍କ ପରି ପ୍ରେମ କରିଥାଉ । ଈଶ୍ୱର ଯେପରି ପ୍ରେମ କରନ୍ତି ଆମେ ସେପରି ପ୍ରେମ କରିବାକୁ ସକ୍ଷମ ହୋଇଥାଉ । ପ୍ରେମ ଯାହା କରିଥାଏ ଆମେ ତାହା କରିଥାଉ । ଆମେ ଅନ୍ୟମାନଙ୍କୁ ବିଚାର (ନକାରାତ୍ମକ ଭାବରେ), ସମାଲୋଚନା ଓ ଦୋଷୀ କରି ନ ଥାଉ । ଆମେ ସତ୍ୟ କହୁ, ପ୍ରେମରେ ସଂଶୋଧନ ଓ ପଥପ୍ରଦର୍ଶନ କରିଥାଉ । ଆମେ ଭରସାଯୁକ୍ତ ହୋଇ ଓ ବିଶ୍ୱାସ କରି ଲୋକମାନଙ୍କୁ କଷ୍ଟକର ପରିସ୍ଥିତିସବୁରେ ଉପରକୁ ଉଠାଇ ଥାଉ ।

ଏହି ପ୍ରେମକୁ ସ୍ୱାମୀ-ସ୍ତ୍ରୀର ସମ୍ପର୍କ ମଧ୍ୟକୁ ନେଇ ଯାଆନ୍ତୁ । ଈଶ୍ୱରଙ୍କ ବାକ୍ୟ ମଧ୍ୟ ଏହା କରିବାକୁ ଆମକୁ କୁହେ । ଖ୍ରୀଷ୍ଟ ଯେପରି ପ୍ରେମ କଲେ ଆମେ ମଧ୍ୟ ସେପରି ପ୍ରେମ କରିବା ଉଚିତ । ପିତାଙ୍କ ପ୍ରେମରେ ପ୍ରେମ କରନ୍ତୁ ।

**ଏଫିସୀୟ ୫:୨୫**
**ହେ ସ୍ୱାମୀମାନେ, ଖ୍ରୀଷ୍ଟ ଯେପରି ମଣ୍ଡଳୀକୁ ପ୍ରେମ କଲେ, ତୁମ୍ଭେମାନେ ମଧ୍ୟ ସେହିପରି ଆପଣା ଆପଣା ସ୍ତ୍ରୀମାନଙ୍କୁ ପ୍ରେମ କର, ସେ ତ ତାହା ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ ।**

ଆଘାତ ପହଞ୍ଚାଉଥିବା ଏହି ଜଗତରେ ଆମର ବିବାହ ଓ ପରିବାରସବୁ ମରୁଦ୍ୟାନ ସଦୃଶ ହେବ । ପିତାଙ୍କର ଉଚ୍ଛଳିତ ପ୍ରେମ ସକାଶୁ ସ୍ୱାମୀ, ସ୍ତ୍ରୀ ଓ ପିଲାମାନେ ଗୃହରେ, ପରିବାରରେ

ଏକାଠି ବାସ କରିବାକୁ ଚାହିଁବେ । ଗୃହ ଏକ ଆଶ୍ରୟ, ସାନ୍ତ୍ୱନା, ବଳ ଓ ଆରୋଗ୍ୟର ସ୍ଥାନ ହେବ ।

## ଈଶ୍ୱରଙ୍କ ସଦୃଶ ପ୍ରେମ କରିବା, ଈଶ୍ୱରଙ୍କୁ ପ୍ରକାଶ କରେ

**୧ଯୋହନ ୪:୧୨**

**କେହି କେବେ ଈଶ୍ୱରଙ୍କୁ ଦେଖି ନାହିଁ; ଆମ୍ଭେମାନେ ଯଦି ପରସ୍ପରକୁ ପ୍ରେମ କରୁ, ତାହାହେଲେ ଈଶ୍ୱର ଆମ୍ଭମାନଙ୍କଠାରେ ଅଛନ୍ତି ଓ ତାହାଙ୍କ ପ୍ରେମ ଆମ୍ଭମାନଙ୍କଠାରେ ସିଦ୍ଧ ହୋଇଅଛି ।**

ଈଶ୍ୱରଙ୍କୁ କେବେ କେହି ଦେଖି ନାହିଁ । ଯେତେବେଳେ ଆମେ ପରସ୍ପରକୁ ପ୍ରେମ କରୁ ଈଶ୍ୱର ଆମମାନଙ୍କଠାରେ ରହନ୍ତି ଓ ଆମମାନଙ୍କ ମଧ୍ୟ ଦେଇ ଦୃଶ୍ୟମାନ ହୁଅନ୍ତି । ଆମେ ଯେତେବେଳେ ଅନ୍ୟମାନଙ୍କୁ ତାହାଙ୍କ ପ୍ରେମରେ ପ୍ରେମ କରୁ, ଈଶ୍ୱର ଆମ ମଧ୍ୟ ଦେଇ ପ୍ରକଟିତ ହୋଇଥାଆନ୍ତି । ଈଶ୍ୱରଙ୍କ ସଦୃଶ ପ୍ରେମ କରିବା ଦ୍ୱାରା ଈଶ୍ୱର ଅନ୍ୟମାନଙ୍କ ନିକଟରେ ପ୍ରକାଶିତ ହୋଇଥାଆନ୍ତି । ପିତାଙ୍କ ପ୍ରେମର ସ୍ୱଷ୍ଟ ଅଭିବ୍ୟକ୍ତି ଦ୍ୱାରା ଈଶ୍ୱରଙ୍କ ପ୍ରକାଶନ କିଛି ମାତ୍ରାରେ ପରିଦୃଷ୍ଟ ହୋଇଥାଏ ।

**ମଲାଖି ୪:୫-୬**

**୫ ଦେଖ, ସଦାପ୍ରଭୁଙ୍କର ମହତ୍ ଓ ଭୟଙ୍କର ଦିନର ଆଗମନ ପୂର୍ବେ ଆମ୍ଭେ ତୁମ୍ଭମାନଙ୍କ ନିକଟକୁ ଏଲୀୟ ଭବିଷ୍ୟଦ୍‌ବକ୍ତାଙ୍କୁ ପ୍ରେରଣ କରିବା ।**

**୬ ପୁଣି, ଆମ୍ଭେ ଆସି ଯେପରି ପୃଥିବୀକି ଅଭିଶାପରେ ଆଘାତ ନ କରୁ, ଏଥିପାଇଁ ସେ ସନ୍ତାନଗଣ ପ୍ରତି ପିତୃଗଣର ହୃଦୟ ଓ ପିତୃଗଣ ପ୍ରତି ସନ୍ତାନଗଣର ହୃଦୟ ଫେରାଇବେ ।**

ପ୍ରଭୁଙ୍କ ଦିନ ପ୍ରକାଶିତ ହେବା ପୂର୍ବରୁ ଈଶ୍ୱର ପିତାମାନଙ୍କ ହୃଦୟ ସନ୍ତାନମାନଙ୍କ ପ୍ରତି ଓ ସନ୍ତାନମାନଙ୍କ ହୃଦୟ ପିତାମାନଙ୍କ ପ୍ରତି ଫେରାଇବେ । ଏହା ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଯଦି ନ ଘଟେ ପୃଥିବୀ ଅଭିଶପ୍ତ ହୋଇଯିବ । ଏହାକୁ ଆମେ ଜାଗତିକ ପରିବାର ଓ ସ୍ଥାନୀୟ ମଣ୍ଡଳୀ ପରିବାର ସନ୍ଦର୍ଭରେ ବିଚାର କରିବା । ଅନେକ ଲୋକ ଆମମାନଙ୍କ ସ୍ୱର୍ଗସ୍ଥ ପିତାଙ୍କର ନିଃସର୍ତ୍ତ, ପ୍ରତିପାଳନକାରୀ, ସ୍ନେହପୂର୍ଣ୍ଣ ପ୍ରେମର ଏକ ଝଲକ ସେମାନଙ୍କ ପିତାମାତାଙ୍କଠାରୁ ପ୍ରଥମେ ଦେଖିବାର ପ୍ରଥମ ସୁଯୋଗ ପାଇଥାନ୍ତି । ଏହି ପ୍ରେମରୁ ବିଚ୍ଛିନ୍ନ ହେଲେ ସେମାନେ ନିଶ୍ଚିତ ହୋଇ ପାରି ନ ଥାନ୍ତି ସେମାନେ କେଉଁଠାରେ ଏପରି ପ୍ରେମ ପାଇପାରିବେ । ପିତାମାତା ଭାବରେ ବେଳେବେଳେ ଆମେ ସ୍ୱର୍ଗସ୍ଥ ପିତାଙ୍କର ପ୍ରେମକୁ ଭୁଲରୂପେ ଉପସ୍ଥାପନ କରିଥାଉ ବା ତାହାଙ୍କ ପ୍ରେମ ବିଷୟରେ ଆମ ପିଲାମାନଙ୍କୁ କିଛି

ସୂଚିତ କରି ନ ଥାଉ । ଆମ ମଧ୍ୟରୁ ଅନେକ ପିତାଙ୍କର ଭୁଲ ଚିନ୍ତାଧାରା ରହିଥାଏ ଯେ ସ୍ନେହପ୍ରେମ ଦେଖାଇବା ବା ଆବେଗ ପ୍ରକାଶ କରିବା ଦୁର୍ବଳତାର ଏକ ଚିହ୍ନ ଓ 'ପୁରୁଷୋଚିତ' ନୁହେଁ । ଏହା ସତ୍ୟ ନୁହେଁ ।

ଆମର ପରିବାର ପିତାଙ୍କ ପ୍ରେମର ଏକ ପ୍ରକାଶନ ଦେଖିବା ଆବଶ୍ୟକ । ପିତାଙ୍କଠାରେ ସେମାନେ ଈଶ୍ୱରଙ୍କ କୋମଳତା, ମୃଦୁତା, ଉତ୍ତମତା, କରୁଣା, ସହିଷ୍ଣୁତା, ଦୟା ଦେଖିବାକୁ ଚାହାନ୍ତି । କାରଣ ସେମାନେ ଆମଠାରେ ଯାହା ଦେଖନ୍ତି ତଦନୁସାରେ ଆମମାନଙ୍କ ସ୍ୱର୍ଗସ୍ଥ ପିତା ଈଶ୍ୱରଙ୍କ ପ୍ରତି ପ୍ରେମର ଗଭୀରତା ଆଡ଼କୁ ସେମାନେ ଆକର୍ଷିତ ହେବା ଉଚିତ ।

ଏହା ମଣ୍ଡଳୀ ପରିବାରରେ ମଧ୍ୟ ସତ୍ୟ ଅଟେ । ଯେତେବେଳେ ପରିତ୍ରାଣ ପାଇ ନ ଥିବା, ବିପଥଗାମୀ ଓ ଅପବ୍ୟୟୀ ସନ୍ତାନମାନେ ମଣ୍ଡଳୀ ସମ୍ପ୍ରଦାୟର ପିତା (ଓ ମାତା) ମାନଙ୍କଠାରେ ପିତା ଈଶ୍ୱରଙ୍କ ପ୍ରେମ ଦେଖିବେ ସେମାନେ ଗୃହ ମଧ୍ୟକୁ ଆସିବେ । ସ୍ଥାନୀୟ ମଣ୍ଡଳୀ ଏପରି ଏକ ସ୍ଥାନ ହେବା ଉଚିତ ଯେଉଁଠାରେ ଭଗ୍ନ, ହଜା ଓ ଆଘାତପ୍ରାପ୍ତ ଆତ୍ମାମାନଙ୍କୁ ସ୍ୱାଗତ କରାଯାଏ, ଏବଂ ଯେଉଁଠାରେ ସେମାନେ ପିତାଙ୍କର ପ୍ରେମରେ ପ୍ରତିପାଳିତ ହେବେ ଓ ସେଠାରେ ସମ୍ପୂର୍ଣ୍ଣ ସୁସ୍ଥତା ଲାଭ କରିବେ ।

## ଈଶ୍ୱରଙ୍କ ସଦୃଶ ପ୍ରେମ କରିବା ଦ୍ୱାରା ତାହାଙ୍କ ପ୍ରେମ ସମ୍ବନ୍ଧୀୟ ଆମର ପ୍ରକାଶନ ପ୍ରସାରିତ ହୋଇଥାଏ

**୧ଯୋହନ ୪:୧୨**
**କେହି କେବେ ଈଶ୍ୱରଙ୍କୁ ଦେଖି ନାହିଁ; ଆମ୍ଭେମାନେ ଯଦି ପରସ୍ପରକୁ ପ୍ରେମ କରୁ, ତାହାହେଲେ ଈଶ୍ୱର ଆମ୍ଭମାନଙ୍କଠାରେ ଅଛନ୍ତି ଓ ତାହାଙ୍କ ପ୍ରେମ ଆମ୍ଭମାନଙ୍କଠାରେ ସିଦ୍ଧ ହୋଇଅଛି ।**

ଯେତେବେଳେ ଆମେ ଅନ୍ୟମାନଙ୍କୁ ତାହାଙ୍କ ପ୍ରେମରେ ପ୍ରେମ କରୁ, ତାଙ୍କର ପ୍ରେମ ଆମମାନଙ୍କଠାରେ ସିଦ୍ଧ ହୁଏ, ସମ୍ପୂର୍ଣ୍ଣ ହୁଏ, ପୂର୍ଣ୍ଣତାରେ ପହଞ୍ଚେ, ଏବଂ ଆମଠାରେ ତାହାଙ୍କର ଉଦ୍ଦିଷ୍ଟ ଉଦ୍ଦେଶ୍ୟ ସଫଳ ହୋଇଥାଏ । ଆମ ପ୍ରତି ରହିଥିବା ପିତାଙ୍କର ପ୍ରେମକୁ ଆମେ ଅଧିକରୂପେ ବୁଝିପାରିଥାଉ ଓ ତାହାଙ୍କ ପ୍ରେମ ଯେପରି ଆମଠାରେ ଏହାର ଉଦ୍ଦିଷ୍ଟ କାର୍ଯ୍ୟ ସାଧନ କରେ ଏଥିଲାଗି ଆମେ ଅନୁମତି ଦେଇଥାଉ ।

ପିତାଙ୍କର ପ୍ରେମର ଜ୍ଞାନ ଓ ପ୍ରକାଶନରେ ବୃଦ୍ଧି ପାଇବାକୁ ହେଲେ ଅନ୍ୟମାନଙ୍କୁ ଆମେ ତାହାଙ୍କ ପରି ପ୍ରେମ କରିବା ଆବଶ୍ୟକ । ଯେତେବେଳେ ଈଶ୍ୱରଙ୍କ ପରି ପ୍ରେମ କରିବାକୁ ଆମେ ମନୋନୀତ କରୁ ଓ ବାସ୍ତବରେ ତାହା କରୁ, କଷ୍ଟକର ପରିସ୍ଥିତିରେ ମଧ୍ୟ ତାହା କରୁ, ତାହାଙ୍କ ପ୍ରେମ ସମ୍ପର୍କରେ ଆମର ବ୍ୟକ୍ତିଗତ ପ୍ରକାଶନ ବୃଦ୍ଧି ପାଇବାକୁ ଲାଗେ । ଅନ୍ୟମାନଙ୍କୁ ପ୍ରେମ କରିବା ପାଇଁ ଆମର କ୍ଷମତା ବୃଦ୍ଧି ପାଇଲେ, ଆମେ କ୍ରମଶଃ ଆମ ପ୍ରତି ଥିବା ତାଙ୍କର ପ୍ରେମର ମହାନତାକୁ ବୁଝିପାରିଥାଉ । ଅନ୍ୟମାନଙ୍କୁ ଅଧିକ ପ୍ରେମ କରିବା ପାଇଁ ଆମେ ଯେତେବେଳେ ଈଶ୍ୱରଙ୍କୁ ଅନୁମତି ଦେଉ, ଆମ ନିମନ୍ତେ ରହିଥିବା ତାଙ୍କ ପ୍ରେମ ସମ୍ବନ୍ଧୀୟ ଆମର ପ୍ରକାଶନରେ ମଧ୍ୟ ବୃଦ୍ଧି ଘଟିଥାଏ । ଆମେ ଅନ୍ୟମାନଙ୍କ ନିକଟରେ ତାଙ୍କର ପ୍ରେମ ଯେତେ ଢ଼ାଳିଦେଉ, ଆମ ହୃଦୟରେ ତାଙ୍କ ପ୍ରେମ ଅଧିକ ମାତ୍ରାରେ ଢ଼ଳା ଯାଉଥିବା ଆମେ ଅନୁଭବ କରୁ । ଆମେ ତାଙ୍କ ପ୍ରେମ ସମ୍ପର୍କରେ ବହୁତ କିଛି ପ୍ରକାଶନ ଲାଭ କରୁ ।

## ପ୍ରେମରେ ଆଚରଣ କରିବାର ଅର୍ଥ, ଈଶ୍ୱରଙ୍କ ସହିତ ସହଭାଗିତାରେ ଆଚରଣ କରିବା

**୧ଯୋହନ ୪:୧୬**

**ପୁଣି ଆମ୍ଭମାନଙ୍କ ପ୍ରତି ଈଶ୍ୱରଙ୍କର ଯେଉଁ ପ୍ରେମ ଅଛି, ତାହା ଆମ୍ଭେମାନେ ଜାଣିଅଛୁ ଓ ବିଶ୍ୱାସ କରିଅଛୁ । ଈଶ୍ୱର ତ ପ୍ରେମ; ଯେ ପ୍ରେମରେ ରହେ, ସେ ଈଶ୍ୱରଙ୍କଠାରେ ରହେ ଓ ଈଶ୍ୱର ତାହାଠାରେ ରହନ୍ତି ।**

ଆମେମାନେ ଯେତେବେଳେ ପିତାଙ୍କର ପ୍ରେମରେ ବାସ କରୁ ଓ ତଦନୁସାରେ ଜୀବନଯାପନ କରୁ, ଆମେ ପିତାଙ୍କଠାରେ ରହୁ ଓ ସେ ଆମଠାରେ ରହନ୍ତି । ଆମେ ଈଶ୍ୱରଙ୍କ ପ୍ରେମରେ ବାସ କଲେ, ଈଶ୍ୱରଙ୍କ ସହଭାଗିତାରେ ଆମେ ଆଗ ବଢୁ । ପ୍ରକୃତରେ ଆମେ ଈଶ୍ୱରଙ୍କଠାରେ ଓ ଈଶ୍ୱରଙ୍କ ମଧ୍ୟ ଦେଇ ଚଳପ୍ରଚଳ ହେଉ ଏବଂ ଈଶ୍ୱର ମଧ୍ୟ ଆମଠାରେ ଓ ଆମଦେଇ ଚଳପ୍ରଚଳ ହୁଅନ୍ତି । ଏହି ସତ୍ୟ ଅତ୍ୟନ୍ତ ଶକ୍ତିଶାଳୀ ଅଟେ । ଯେତେବେଳେ ଆମେ ପିତାଙ୍କ ପ୍ରେମରେ ବିଶ୍ରାମ କରୁ ଓ ତଦନୁସାରେ ଜୀବନଯାପନ କରୁ, ଆମେ ଈଶ୍ୱରଙ୍କ ସହିତ ସହଭାଗିତାରେ ଚଳପ୍ରଚଳ ହୋଇଥାଉ । ଆମେ ଯେତେବେଳେ ପ୍ରେମରେ ଚଳପ୍ରଚଳ ହେଉ, ଈଶ୍ୱର ଆମ ସଙ୍ଗେ ଚଳପ୍ରଚଳ ହୁଅନ୍ତି । ଆମେ ଯେତେବେଳେ ପ୍ରେମରେ କାର୍ଯ୍ୟ କରୁ ଈଶ୍ୱର ଆମ ସହିତ କାର୍ଯ୍ୟ କରନ୍ତି ।

ପ୍ରେମରେ ଆମେ ସ୍ପର୍ଶ କଲେ, ଈଶ୍ୱର ସ୍ପର୍ଶ କରନ୍ତି । ପ୍ରେମରେ ଆମେ କଥା କହିଲେ, ଈଶ୍ୱର କଥା କହିଥାନ୍ତି । ଐଶ୍ୱରିକ ପ୍ରେମରେ ଆମେ ଆଚରଣ କଲେ, ଈଶ୍ୱରଙ୍କ ସହିତ ସହଭାଗିତାରେ ଆଚରଣ କରିଥାଉ, ଏଣୁ ଆମେ ପରାଜିତ ହୋଇ ନ ଥାଉ । ଆମମାନଙ୍କୁ ରୋକିବା ପାଇଁ, ଭାଙ୍ଗି ଦେବା ପାଇଁ ବା ପଛକୁ ଠେଲି ଦେବାପାଇଁ ଚେଷ୍ଟା କଲେ ଶତ୍ରୁ କିଛି କରିପାରିବ ନାହିଁ ।

ଆସନ୍ତୁ ଆମେ ଏହାକୁ ଆମ ଜୀବନର ପଥ କରିବା । ପିତାଙ୍କ ପ୍ରେମରେ ଆମେ ବିଶ୍ରାମ କରିବା, ଜୀବନଯାପନ କରିବା ଓ କାର୍ଯ୍ୟ କରିବା । ଯେତେବେଳେ ଆମେ ଏହା କରୁ, ଆମେ ଈଶ୍ୱରଙ୍କଠାରେ ଚଳପ୍ରଚଳ ହେଉ ଓ ଈଶ୍ୱର ଆମଠାରେ ଚଳପ୍ରଚଳ ହୁଅନ୍ତି ।

# ଅନୁଚିନ୍ତା

୧. ଆପଣଙ୍କ ଜୀବନରେ କେଉଁସବୁ ପରିବର୍ତ୍ତନ ଆଣିବା ପାଇଁ ଆପଣ ପ୍ରଭୁଙ୍କୁ କହିବେ, ଯେପରି କି ଆମମାନଙ୍କ ସ୍ୱର୍ଗସ୍ଥ ପିତା ଯେପରି ଭାବେ ଆମକୁ ପ୍ରେମ କରନ୍ତି- ସେହିପରି ପ୍ରେମ କରିବା ପାଇଁ ଆପଣ ତାଙ୍କର ଅନୁକରଣ କରିପାରିବେ ।

-------------------------------------------------------

-------------------------------------------------------

-------------------------------------------------------

-------------------------------------------------------

-------------------------------------------------------

୨. ପ୍ରେମରେ ଆଚରଣ କରିବା ବିଷୟରେ ଅନେକ କଥା ଆମେ ଚିନ୍ତା କରିଛୁ, ଯଥା:

- ପ୍ରେମରେ ଆଚରଣ କରିବାର ଅର୍ଥ ଉତ୍କୃଷ୍ଟତର ପଥରେ ଚାଲିବା

- ପ୍ରେମ କେବେ ଶେଷ ହୁଏ ନାହିଁ

- ତାହାଙ୍କ ପ୍ରେମ ଗ୍ରହଣ କରିବା ଦ୍ୱାରା ଆମର ପ୍ରେମ କରିବାର କ୍ଷମତା ପ୍ରସାରିତ ହୁଏ

- ଈଶ୍ୱରଙ୍କ ସଦୃଶ ପ୍ରେମ କରିବା, ଈଶ୍ୱରଙ୍କୁ ପ୍ରକାଶ କରେ

- ଈଶ୍ୱରଙ୍କ ସଦୃଶ ପ୍ରେମ କରିବା ଦ୍ୱାରା ତାହାଙ୍କ ପ୍ରେମ ସମ୍ବନ୍ଧୀୟ ଆମର ପ୍ରକାଶନ ପ୍ରସାରିତ ହୋଇଥାଏ

- ପ୍ରେମରେ ଆଚରଣ କରିବାର ଅର୍ଥ, ଈଶ୍ୱରଙ୍କ ସହିତ ସହଭାଗିତାରେ ଆଚରଣ କରିବା

ଉପରୋକ୍ତ ପ୍ରତ୍ୟେକ ବାକ୍ୟକୁ ଆପଣଙ୍କ ବ୍ୟକ୍ତିଗତ ଜୀବନର ପରିସ୍ଥିତି ସଙ୍ଗେ ମିଳାଇ ଗୋଟିଏ ବା ଦୁଇଟି ବାକ୍ୟ ଲେଖନ୍ତୁ

(କ) ଯେହେତୁ ପ୍ରେମରେ ଆଚରଣ କରିବାର ଅର୍ଥ ଉତ୍କୃଷ୍ଟତର ପଥରେ ଚାଲିବା, ମୁଁ........

-----------------------------------------------------------

-----------------------------------------------------------

-----------------------------------------------------------

-----------------------------------------------------------

-----------------------------------------------------------

(ଖ) ଯେହେତୁ ପ୍ରେମ କେବେ ଶେଷ ହୁଏ ନାହିଁ, ମୁଁ.....................................

-----------------------------------------------------------

-----------------------------------------------------------

-----------------------------------------------------------

-----------------------------------------------------------

-----------------------------------------------------------

(ଗ) ଯେହେତୁ ତାହାଙ୍କ ପ୍ରେମ ଗ୍ରହଣ କରିବା ଦ୍ୱାରା ମୋର ପ୍ରେମ କରିବାର କ୍ଷମତା ପ୍ରସାରିତ ହୁଏ, ମୁଁ ଜାଣେ...................................................................

-----------------------------------------------------------

-----------------------------------------------------------

-----------------------------------------------------------

-----------------------------------------------------------

-----------------------------------------------------------

(ଘ) ଯେହେତୁ ଈଶ୍ୱରଙ୍କ ସଦୃଶ ପ୍ରେମ କରିବା, ଈଶ୍ୱରଙ୍କୁ ପ୍ରକାଶ କରେ, ମୁଁ.............

-----------------------------------------------------

-----------------------------------------------------

-----------------------------------------------------

-----------------------------------------------------

-----------------------------------------------------

(ଙ) ଯେହେତୁ ଈଶ୍ୱରଙ୍କ ସଦୃଶ ପ୍ରେମ କରିବା ଦ୍ୱାରା ତାହାଙ୍କ ପ୍ରେମ ସମ୍ବନ୍ଧୀୟ ମୋର ପ୍ରକାଶନ ପ୍ରସାରିତ ହୋଇଥାଏ, ମୁଁ.........................................................

-----------------------------------------------------

-----------------------------------------------------

-----------------------------------------------------

-----------------------------------------------------

-----------------------------------------------------

(ଚ) ଯେହେତୁ ପ୍ରେମରେ ଆଚରଣ କରିବାର ଅର୍ଥ ଈଶ୍ୱରଙ୍କ ସହିତ ସହଭାଗିତାରେ ଆଚରଣ କରିବା, ମୁଁ.........................................................................

-----------------------------------------------------

-----------------------------------------------------

-----------------------------------------------------

-----------------------------------------------------

-----------------------------------------------------

## ଯେଉଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ତାହାଙ୍କୁ ଆପଣ ଜାଣନ୍ତି କି ?

୨୦୦୦ ବର୍ଷ ତଳେ ଈଶ୍ୱର ମନୁଷ୍ୟ ରୂପରେ ଜନ୍ମ ନେଇ ଜଗତକୁ ଆସିଥିଲେ । ସେ ଯୀଶୁ ନାମରେ ଖ୍ୟାତ ହୋଇଥିଲେ । ସେ ଏକ ସିଦ୍ଧ ପାପଶୂନ୍ୟ ଜୀବନ କାଟିଥିଲେ । ସେ ରକ୍ତମାଂସ ବିଶିଷ୍ଟ ଈଶ୍ୱର ହୋଇଥିବାରୁ ତାଙ୍କର ପ୍ରତ୍ୟେକ ବାକ୍ୟ ଓ କର୍ମ ଦ୍ୱାରା ସେ ଈଶ୍ୱରଙ୍କୁ ଆମ ନିକଟରେ ପ୍ରକାଶ କଲେ । ସେ ଯାହା କହିଲେ ତାହା ଈଶ୍ୱରଙ୍କ ବାକ୍ୟ ଥିଲା । ସେ ଯାହା କଲେ ତାହା ଈଶ୍ୱରଙ୍କ କାର୍ଯ୍ୟ ଥିଲା । ସେ ଜଗତରେ ଅନେକ ଆଶ୍ଚର୍ଯ୍ୟ କର୍ମ ସାଧନ କରିଥିଲେ । ସେ ରୋଗୀ ଓ ଦୁଃଖ ଭୋଗ କରୁଥିବା ଲୋକମାନଙ୍କୁ ସୁସ୍ଥ କଲେ । ସେ ଅନ୍ଧମାନଙ୍କୁ ସୁସ୍ଥ କଲେ, ବଧିରମାନଙ୍କର କର୍ଣ୍ଣ ଖୋଲିଲେ, ପଙ୍ଗୁମାନଙ୍କୁ ଚାଲିବାର ଶକ୍ତି ଦେଲେ ଓ ସବୁପ୍ରକାର ରୋଗକୁ ସୁସ୍ଥ କଲେ । ସେ ଅଳ୍ପ କେତୋଟି ରୋଟୀ ଓ ମାଛକୁ ବହୁଗୁଣିତ କରି ହଜାର ହଜାର ଲୋକମାନଙ୍କୁ ଆଶ୍ଚର୍ଯ୍ୟଭାବରେ ଖୁଆଇ ପରିତୃପ୍ତ କଲେ, ଝଡ଼ ବତାସକୁ ଆଜ୍ଞା ଦେଇ ସେ ଶାନ୍ତ କଲେ, ଏପରି ସେ ଅସଂଖ୍ୟ ଆଶ୍ଚର୍ଯ୍ୟକର୍ମ କଲେ ।

**ଏହି ସମସ୍ତ ବିଷୟ ପ୍ରକାଶ କଲେ ଯେ ଈଶ୍ୱର ମଙ୍ଗଳମୟ ଓ ସେ ଚାହାନ୍ତି ଯେପରି ସମସ୍ତେ ସୁଖଶାନ୍ତି ଓ ଆନନ୍ଦରେ ରୁହନ୍ତୁ, ସବଳ ସୁସ୍ଥ ରୁହନ୍ତୁ । ସେ ଆମମାନଙ୍କର ସମସ୍ତ ଅଭାବ ଓ ଆବଶ୍ୟକତାକୁ ପୂରଣ କରନ୍ତି ।**

ତେବେ ଈଶ୍ୱର କାହିଁକି ମାନବ ରୂପରେ ଜଗତକୁ ଆସିବାକୁ ଚାହିଁଲେ ? ଯୀଶୁ କାହିଁକି ଜଗତକୁ ଆସିଥିଲେ ?

ଆମେମାନେ ସମସ୍ତେ ପାପ କରିଛୁ ଓ ଆମର ସୃଷ୍ଟିକର୍ତ୍ତା ଈଶ୍ୱର ଆମଠାରୁ ଯାହା ଚାହାନ୍ତି ନାହିଁ ତାହା କରି ଚାଲିଛୁ । ପାପ ଈଶ୍ୱରଙ୍କଠାରୁ ଆମକୁ ବିଚ୍ଛିନ୍ନ କରି ରଖିଥିବା ଏକ ବିରାଟ ଅଭେଦ୍ୟ ପ୍ରାଚୀର ସଦୃଶ୍ୟ । ପାପ ଆମକୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରି ଦେଇଥାଏ । ଯିଏ ଆମକୁ ସୃଷ୍ଟି କରିଛନ୍ତି ତାହାଙ୍କୁ ଜାଣିବା ଓ ତାହାଙ୍କ ସଙ୍ଗେ ଯଥାର୍ଥ ଓ ଅର୍ଥପୂର୍ଣ୍ଣ ସମ୍ପର୍କ ରକ୍ଷା କରିବାରେ ଏହା ଅନ୍ତରାୟ ସୃଷ୍ଟି କରିଥାଏ । ଏଣୁ ଆମେ ଅନ୍ୟ କୌଣସି ବିଷୟ ଦ୍ୱାରା ଏହି ଶୂନ୍ୟସ୍ଥାନକୁ ପୂରଣ କରିବାକୁ ଚେଷ୍ଟା କରିଥାଉ ।

ପାପ ଆମକୁ ଈଶ୍ୱରଙ୍କଠାରୁ ଅନନ୍ତକାଳ ପାଇଁ ବିଚ୍ଛିନ୍ନ କରିଦେଇଥାଏ । ଈଶ୍ୱରଙ୍କ ଦରବାରରେ ପାପର ଦଣ୍ଡ ମୃତ୍ୟୁ । ମୃତ୍ୟୁ କହିଲେ ଈଶ୍ୱରଙ୍କଠାରୁ ଅନନ୍ତକାଳ ନିମନ୍ତେ ବିଚ୍ଛିନ୍ନ ହୋଇ ନରକାଗ୍ନିରେ ଦଣ୍ଡ ଭୋଗିବା ।

କିନ୍ତୁ ଆପଣଙ୍କ ନିମନ୍ତେ ଶୁଭ ଖବର ରହିଛି । ଆପଣ ପାପରୁ ମୁକ୍ତି ପାଇ ପାରିବେ ଓ ଈଶ୍ୱରଙ୍କ ସଙ୍ଗେ ମିଳିତ ହୋଇପାରିବେ । ବାଇବଲ କହେ, *"ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ଅନନ୍ତ ଜୀବନ ଅଟେ" (ରୋମୀ ୬:୨୩) ।* ଯୀଶୁ କ୍ରୁଶରେ ମୃତ୍ୟୁବରଣ କରି ସମସ୍ତ ମାନବ ସମାଜର ପାପର ମୂଲ୍ୟକୁ ପରିଶୋଧ କରିଦେଇଛନ୍ତି । ସେ ତୃତୀୟ ଦିବସରେ ପୁନରୁତ୍‌ଥିତ ହେଲେ, ଅନେକଙ୍କ ନିକଟରେ ନିଜେ ଜୀବିତ ଥିବା ପ୍ରମାଣ ଦେଖାଇଲେ ଓ ସ୍ୱର୍ଗାରୋହଣ କଲେ ।

ଈଶ୍ୱର ପ୍ରେମମୟ ଓ କରୁଣାମୟ । କେହି ଯେ ନରକଗାମୀ ହେଉ ଏହା ସେ କଦାପି ଚାହାନ୍ତି ନାହିଁ । ଏଣୁ ସେ ସମସ୍ତ ମାନବଜାତିକୁ ପାପରୁ ଓ ପାପର ଦଣ୍ଡରୁ ମୁକ୍ତ କରିବା ନିମନ୍ତେ ଏକ ପଥ ପ୍ରସ୍ତୁତ କରିବା ପାଇଁ ଏହି ଜଗତକୁ ଆସିଥିଲେ । ସେ ପାପୀମାନଙ୍କୁ ଉଦ୍ଧାର କରିବା ପାଇଁ ଆସିଥିଲେ, ଆପଣ ଓ ମୋ ଭଳି ଲୋକମାନଙ୍କୁ ପାପ ଓ ଅନନ୍ତ ମୃତ୍ୟୁରୁ ରକ୍ଷା କରିବା ପାଇଁ ସେ ଆସିଥିଲେ ।

ବିନା ମୂଲ୍ୟରେ ପାପକ୍ଷମା ପାଇବାକୁ ହେଲେ ଆପଣଙ୍କୁ ଗୋଟିଏ ବିଷୟ କରିବାକୁ ହେବ - କ୍ରୁଶ ଉପରେ ପ୍ରଭୁ ଯୀଶୁ ଯାହା ସାଧନ କରିଅଛନ୍ତି ତାହା ଗ୍ରହଣ କରିବାକୁ ହେବ ଓ ସମସ୍ତ ହୃଦୟର ସହିତ ତାଙ୍କୁ ବିଶ୍ୱାସ କରିବାକୁ ହେବ ।

*"ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ପାପକ୍ଷମା ପାଇବ" (ପ୍ରେରିତ ୧୦:୪୩) ।*

*"ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇ ଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ" (ରୋମୀ ୧୦:୯) ।*

ଯଦି ଆପଣ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ଠାରେ ବିଶ୍ୱାସ କରିବେ ଆପଣ ମଧ୍ୟ ପାପ କ୍ଷମା ପାଇପାରିବେ ଓ ଆପଣାର ସମସ୍ତ ପାପରୁ ପରିଷ୍କୃତ ହୋଇପାରିବେ ।

ନିମ୍ନରେ ଏକ ସରଳ ପ୍ରାର୍ଥନା ଦିଆଯାଇଛି । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କରିବାକୁ ଓ ସେ କ୍ରୁଶ ଉପରେ ଆପଣଙ୍କ ନିମନ୍ତେ କ'ଣ ସାଧନ କରିଛନ୍ତି ତାହା ବିଶ୍ୱାସ କରି ଜୀବନରେ ଏକ ନିଷ୍ପତ୍ତି ନେବା ପାଇଁ ଏବଂ ଆପଣଙ୍କ ପାପସବୁରୁ କ୍ଷମା ପାଇବା ପାଇଁ ଓ ସେଥିରୁ ପରିଷ୍କୃତ ହେବା ପାଇଁ ଏହି ପ୍ରାର୍ଥନା ଆପଣଙ୍କୁ ସାହାଯ୍ୟ କରିବ । ଏହି ପ୍ରାର୍ଥନା ଏକ ନମୁନା ମାତ୍ର । ଆପଣ ନିଜ ଭାଷାରେ ମଧ୍ୟ ପ୍ରାର୍ଥନା କରିପାରିବେ ।

ପ୍ରିୟ ପ୍ରଭୁ ଯୀଶୁ, ତୁମେ କ୍ରୁଶ ଉପରେ ମୋ ନିମନ୍ତେ ଯାହା ସାଧନ କରିଛ ଆଜି ମୁଁ ତାହା ବୁଝି ପାରିଛି । ମୁଁ ଯେପରି ପାପରୁ କ୍ଷମା ପାଇବି ଏଥିପାଇଁ ତୁମେ ମୋ ପାଇଁ କ୍ରୁଶରେ ପ୍ରାଣ ଦେଲ, ତୁମର ଅମୂଲ୍ୟ ରକ୍ତକୁ ବୁହାଇ ମୋର ପାପର ମୂଲ୍ୟକୁ ପରିଶୋଧ କଲ । ବାଇବଲ କହେ ଯେ କେହି ତୁମଠାରେ ବିଶ୍ୱାସ କରେ ସେ ତା'ର ପାପସବୁରୁ କ୍ଷମା ପାଇବ ।

ମୁଁ ତୁମଠାରେ ବିଶ୍ୱାସ କରିବାକୁ ଏବଂ ମୋ ନିମନ୍ତେ କ୍ରୁଶୀୟ ମୃତ୍ୟୁଭୋଗ କରି ଓ ପୁନରୁତ୍‌ଥିତ ହୋଇ ମୋ ନିମନ୍ତେ ତୁମେ ଯାହା ସାଧନ କରିଛ ତାହା ଗ୍ରହଣ କରିବାକୁ ଆଜି ମୁଁ ନିଷ୍ପତ୍ତି ନେଉଛି । ମୁଁ ଜାଣେ କୌଣସି ସତ୍କର୍ମ କରି ମୁଁ ନିଜକୁ ନିଜେ ଉଦ୍ଧାର କରିପାରିବି ନାହିଁ କି ଅନ୍ୟ କୌଣସି ବ୍ୟକ୍ତି ମଧ୍ୟ ମୋତେ ଉଦ୍ଧାର କରିପାରିବ ନାହିଁ । ମୁଁ କେବେ ମୋର ପାପସବୁରୁ କ୍ଷମା ପାଇପାରିବି ନାହିଁ ଓ ଏଥିନିମନ୍ତେ କିଛି କରିପାରିବି ନାହିଁ ।

ଆଜି ମୁଁ ମୋର ହୃଦୟରେ ବିଶ୍ୱାସ କରୁଛି ଓ ମୋ ମୁଖରେ ସ୍ୱୀକାର କରୁଛି ଯେ ତୁମେ ମୋ ନିମନ୍ତେ ମୃତ୍ୟୁଭୋଗ କରିଅଛ । ତୁମେ ମୋର ପାପର ଦଣ୍ଡକୁ ପରିଶୋଧ କରିଦେଇଛ । ତୁମେ ମୃତ୍ୟୁରୁ ପୁନରୁତ୍‌ଥିତ ହୋଇଛ ଓ ତୁମଠାରେ ବିଶ୍ୱାସ କରି ମୁଁ ପାପ କ୍ଷମା ପାଇଛି ଓ ମୋର ପାପସବୁରୁ ପରିଷ୍କୃତ ହୋଇଛି ।

ଧନ୍ୟବାଦ ଯୀଶୁ, ତୁମକୁ ପ୍ରେମ କରିବାକୁ ଓ ତୁମକୁ ଅଧିକରୁ ଅଧିକ ଜାଣିବାକୁ ଓ ତୁମଠାରେ ବିଶ୍ୱସ୍ତ ରହିବାକୁ ମୋତେ ସାହାଯ୍ୟ କର । ଆମେନ୍ ।

# ଅଲ୍ ପିପୁଲ୍ସ୍ ଚର୍ଚ୍ଚ୍‌କୁ ଜାଣନ୍ତୁ

ଏହି ମଣ୍ଡଳୀ ବାଙ୍ଗାଲୁରୁରେ ଅବସ୍ଥିତ । ଏହି ନଗରରେ ଲବଣ ଓ ଆଲୋକ ସ୍ୱରୂପ ହେବା ତଥା ଭାରତ ଓ ଅନ୍ୟାନ୍ୟ ରାଷ୍ଟ୍ର ନିକଟରେ ଏକ ସ୍ୱର ପରି କାର୍ଯ୍ୟ କରିବା ଆମର ଦର୍ଶନ ଅଟେ ।

ଈଶ୍ୱରଙ୍କ ବାକ୍ୟକୁ ସମ୍ପୂର୍ଣ୍ଣରୂପେ, ସାଲିସ୍ ନକରି, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ପ୍ରଦର୍ଶନ ଦ୍ୱାରା ଉପସ୍ଥାପିତ କରିବା ପାଇଁ ଆମେ ବଚନବଦ୍ଧ । ଆମେ ବିଶ୍ୱାସ କରୁ ଯେ ଉତ୍ତମ ସଙ୍ଗୀତ, ସୃଜନଶୀଳ ଉପସ୍ଥାପନା, ଜ୍ଞାନଯୁକ୍ତ ତର୍କ, ସମସାମୟିକ ସେବାକାର୍ଯ୍ୟ କୌଶଳ, ସାମ୍ପ୍ରତିକ ବୈଷୟିକ କୌଶଳ ଇତ୍ୟାଦି ଦ୍ୱାରା ବାକ୍ୟ ପ୍ରଚାର କଲେ ମଧ୍ଯ ତାହା ଈଶ୍ୱରଙ୍କ ଅନୁମୋଦିତ ବାକ୍ୟ ପ୍ରଚାରର ସ୍ଥାନ ନେଇ ନପାରେ ଅର୍ଥାତ୍ ପବିତ୍ର ଆତ୍ମାଙ୍କ ଶକ୍ତିରେ ଅନୁବର୍ତ୍ତୀ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମ ଓ ଆତ୍ମାଙ୍କ ଦାନ ସହ ବାକ୍ୟ ପ୍ରଚାରିତ ହେବା ଉଚିତ (୧ କରିନ୍ଥୀ ୨:୪,୫; ଏବ୍ରୀ ୨: ୩, ୪) । ଆମମାନଙ୍କ ପ୍ରସଙ୍ଗ ଯୀଶୁ, ଆମମାନଙ୍କ ବିଷୟବସ୍ତୁର ଆଧାର ଈଶ୍ୱରଙ୍କ ବାକ୍ୟ, ଆମମାନଙ୍କ ପ୍ରଣାଳୀ ପବିତ୍ର ଆତ୍ମାଙ୍କ ଶକ୍ତି, ଆମମାନଙ୍କ ଅନୁରାଗ ଜନତା ଓ ଏବଂ ଆମମାନଙ୍କ ଲକ୍ଷ୍ୟ ଖ୍ରୀଷ୍ଟଙ୍କ ସଦୃଶ ସିଦ୍ଧିଲାଭ ।

ବାଙ୍ଗାଲୁରୁରେ ଆମର ମୁଖ୍ୟ କେନ୍ଦ୍ର ଏବଂ ଭାରତର ବିଭିନ୍ନ ସ୍ଥାନରେ ଅଲ୍ ପିପୁଲ୍ସ ଚର୍ଚ୍ଚର ମଣ୍ଡଳୀଗୁଡ଼ିକ ରହିଛି । ଅଲ୍ ପିପୁଲ୍ସ ଚର୍ଚ୍ଚ୍ର ବିଭିନ୍ନ ସ୍ଥାନର ଯୋଗାଯୋଗ ଠିକଣା ପାଇବା ପାଇଁ ଆମର ୱେବ୍‌ସାଇଟ୍ **www.apcwo.org/locations** କୁ ପରିଦର୍ଶନ କରନ୍ତୁ କିଅବା ଆମ ନିକଟକୁ contact@apcwo.org ଠିକଣାରେ ଇମେଲ୍ କରନ୍ତୁ ।

# ଅଲ୍ ପିପୁଲ୍ସ ଚର୍ଚ୍ଚର୍ ଅଂଶୀଦାର୍ ହୁଅନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ଏକ ସ୍ଥାନୀୟ ମଣ୍ଡଳୀ ହେଲେ ହେଁ ଏହାର ସେବାକାର୍ଯ୍ୟର ପରିସର ସାରା ଭାରତରେ, ବିଶେଷ କରି ଉତ୍ତର ଭାରତରେ ପରିବ୍ୟାପ୍ତ ଏବଂ ଏହା ବିଶେଷ ଧ୍ୟାନ ଦେଇଥାଏ (କ) ନେତୃବର୍ଗଙ୍କୁ ବଳିଷ୍ଠ କରିବା (ଖ) ସେବାକାର୍ଯ୍ୟ ନିମନ୍ତେ ଯୁବାମାନଙ୍କୁ ସୁସଜ୍ଜିତ କରିବା ଏବଂ (ଗ) ଖ୍ରୀଷ୍ଟଙ୍କ ଶରୀରକୁ ଗଢ଼ି ତୋଳିବା ପାଇଁ । ବର୍ଷସାରା ଯୁବାମାନଙ୍କ ପାଇଁ ଅନେକ ତାଲିମ୍ ସେମିନାର୍ ଓ ଖ୍ରୀଷ୍ଟୀୟ ନେତୃତ୍ୱ ସଭାମାନ ଅନୁଷ୍ଠିତ ହୋଇଥାଏ । ଏହା ବ୍ୟତୀତ ଇଂରାଜୀ ଓ ଅନ୍ୟାନ୍ୟ ଭାଷାରେ ଆମ ଦ୍ୱାରା ପ୍ରକାଶିତ ପୁସ୍ତକମାନ ହଜାର ହଜାର ସଂଖ୍ୟାରେ ମାଗଣାରେ ବଣ୍ଟନ କରାଯାଇଥାଏ । ବିଶ୍ୱାସୀମାନଙ୍କୁ ବାକ୍ୟ ଓ ଆତ୍ମାରେ ଗଢ଼ି ତୋଳିବା ଉଦ୍ଦେଶ୍ୟରେ ଏହା କରାଯାଇଥାଏ ।

ଆମମାନଙ୍କ ସଙ୍ଗେ ଆର୍ଥିକ କ୍ଷେତ୍ରରେ ଅଂଶୀଦାର ହେବା ପାଇଁ ଆପଣଙ୍କୁ ଆମେ ସାଦର ନିମନ୍ତ୍ରଣ ଜଣାଉ । ଏଥିନିମନ୍ତେ ଆପଣ ଆମ ନିକଟକୁ ଏକକାଳୀନ ବା ମାସିକ ଆର୍ଥିକ ଦାନ ପଠାଇ ପାରିବେ । ଆମ ଦେଶରେ ସେବାକାର୍ଯ୍ୟ କରିବାକୁ ଆପଣ ଯାହା କିଛି ଦାନ ପଠାଇବେ ତାକୁ ସାଦରେ ଗ୍ରହଣ କରାଯିବ ।

ଆପଣଙ୍କ ଦାନ ଚେକ୍ ବା ଡ୍ରାଫ୍ଟ ଆକାରରେ "All Peoples Church, Bangalore" ନାମରେ ଅଫିସ୍ ଠିକଣାରେ ଆମ ନିକଟକୁ ପଠାଇ ପାରନ୍ତି । ବ୍ୟାଙ୍କ୍ ଟ୍ରାନ୍ସଫର୍ ଜରିଆରେ ମଧ୍ୟ ଆପଣଙ୍କ ଦାନ ପଠାଇ ପାରିବେ । ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା –

Account Name : All Peoples Church

Account Number : 0057213809

IFSC Code : CITI0000004

Bank : Citibank N.A., No.-5, M.G. Road, Bengaluru, Karnataka-560001

*ବି.ଦ୍ର. : ଅଲ୍ ପିପୁଲ୍ସ ଚର୍ଚ୍ଚ୍ ଭାରତରେ ଥିବା ବ୍ୟାଙ୍କ୍ ଗୁଡ଼ିକ ମାଧ୍ୟମରେ ଦାନ ଗ୍ରହଣ କରିଥାଏ । ଦାନ ପଠାଇବା ବେଳେ ଏହାର ଉଦ୍ଦେଶ୍ୟକୁ ଅର୍ଥାତ୍ APC ର କେଉଁ ସେବାକାର୍ଯ୍ୟରେ ଏହା ବ୍ୟବହୃତ ହେବ ତାହା ଆପଣ ଲେଖି ପାରନ୍ତି । ଅଧିକ ଜାଣିବା ନିମନ୍ତେ apcwo.org/give ପରିଦର୍ଶନ କରନ୍ତୁ । ଆମମାନଙ୍କ ନିମନ୍ତେ ଓ ଆମ ସେବା କାର୍ଯ୍ୟ ନିମନ୍ତେ ଦୟାକରି ପ୍ରାର୍ଥନା କରନ୍ତୁ ।*

ଧନ୍ୟବାଦ, ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।

# ଅଲ୍ ପିପୁଲ୍ସ୍ ଚର୍ଚ୍ଚ ଦ୍ୱାରା ପ୍ରକାଶିତ ପୁସ୍ତକସମୂହ

A Church in Revival
A Real Place Called Heaven*
A Time for Every Purpose*
Ancient Landmarks
Baptism in the Holy Spirit*
Being Spiritually Minded and Earthly Wise
Biblical Attitude Towards Work*
Breaking Personal and Generational Bondages*
Change
Code of Honor
Divine Favor
Divine Order in the Citywide Church
Don't Compromise Your Calling*
Don't Lose Hope*
Equipping the Saints*
Foundations (Track 1)
Fulfilling God's Purpose for Your Life*
Giving Birth to the Purposes of God
God Is a Good God*
God's Word-The Miracle Seed*
How to Help Your Pastor
Integrity
Kingdom Builders*
Laying the Axe to the Root
Living Life Without Strife*
Marriage and Family
Ministering Healing and Deliverance
Offenses-Don't Take Them*
Open Heavens*
Our Redemption*
Receiving God's Guidance
Revivals, Visitations and Moves of God
Shhh! No Gossip!*
Speak Your Faith
The Conquest of the Mind*
The Father's Love*
The House of God
The Kingdom of God
The Mighty Name of Jesus
The Night Seasons of Life
The Power of Commitment
The Presence of God
The Redemptive Heart of God*
The Refiner's Fire
The Spirit of Wisdom, Revelation and Power
The Wonderful Benefits of speaking in Tongues*
Timeless Principles for the Workplace
Understanding the Prophetic
Water Baptism*
We Are Different*
Who We Are in Christ?*
Women in the Workplace
Work Its Original Design*

ଉପରୋକ୍ତ ସମସ୍ତ ପୁସ୍ତକ ଆମ ମଣ୍ଡଳୀର ୱେବ୍‌ସାଇଟ୍ **apcwo.org/books**ରୁ ମାଗଣାରେ ଡ଼ାଉନ୍‌ଲୋଡ୍ କରିପାରିବେ । ଅନୁବାଦିତ ଓଡ଼ିଆ ପୁସ୍ତକଗୁଡ଼ିକ ମୂଳ ଇଂରାଜୀ ପୁସ୍ତକ ନିକଟରେ * ଚିହ୍ନ ସହିତ ସୂଚିତ ହୋଇଛି । ଅନ୍ୟାନ୍ୟ ଭାଷାରେ ଅନୁବାଦିତ ପୁସ୍ତକଗୁଡ଼ିକ ମଧ୍ୟ ଉପଲବ୍ଧ । ମାଗଣାରେ ଉପଲବ୍ଧ ଇଂରାଜୀପୁସ୍ତକଗୁଡ଼ିକ ପାଇବା ପାଇଁ ଆମର ଇମେଲ୍ ଠିକଣା **bookrequest@apcwo.org**କୁ ଇମେଲ୍ ପଠାନ୍ତୁ । * ଚିହ୍ନିତ ଓଡ଼ିଆ ପୁସ୍ତକଗୁଡ଼ିକ PDF ଆକାରରେ ମିଳେ ।

ଆମ ମଣ୍ଡଳୀର ୱେବ୍‌ସାଇଟ୍‌ରୁ ମାଗଣାରେ ଅଡ଼ିଓ ଓ ଭିଡ଼ିଓ ଉପଦେଶ, ଉପଦେଶ ଟିପ୍ପଣୀସବୁ (apcwo.org/sermons) ଏବଂ ଅନ୍ୟାନ୍ୟ ଉପାଦେୟ ଓ ଉପଯୋଗୀ ବିଷୟ ପାଇପାରିବେ ।

# ଏକ ସପ୍ତାହାନ୍ତ ସ୍କୁଲ୍‌ରେ ଯୋଗ ଦିଅନ୍ତୁ

ପ୍ରତି ସପ୍ତାହରେ ବାଙ୍ଗାଲୁରୁଠାରେ ବିଶ୍ୱାସୀମାନଙ୍କୁ ତାଲିମ୍ ଦେଇ ଜୀବନ ଓ ସେବାକାର୍ଯ୍ୟ ନିମନ୍ତେ ସୁସଜ୍ଜିତ କରିବା ପାଇଁ Weekend Schools ଆୟୋଜିତ ହୋଇଥାଏ । ଶନିବାର ଦିନ ସକାଳ ୯:୦୦ଘ ରୁ ସନ୍ଧ୍ୟା ୬:୦୦ଘ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୁଏ । ଏହା ସମସ୍ତ ମଣ୍ଡଳୀ ଓ ସମ୍ପ୍ରଦାୟର ବିଶ୍ୱାସୀମାନଙ୍କ ନିମନ୍ତେ ଉନ୍ମୁକ୍ତ, ଯଦି ସେମାନେ ତାଲିମ୍ ନେଇ ସଜ୍ଜିତ ହେବାକୁ ଚାହାନ୍ତି । ବର୍ତ୍ତମାନ ଅନୁଷ୍ଠିତ ହେଉଥିବା Weekend Schoolsରେ ନିମ୍ନ ପ୍ରସଙ୍ଗମାନ ଆଲୋଚିତ ହୋଇଥାଏ ।

ଭାବବାଣୀୟ ସେବାକାର୍ଯ୍ୟ (Prophetic Ministry)
ସୁସ୍ଥତା ଓ ଉଦ୍ଧାରକାର୍ଯ୍ୟ (Healing & Deliverance)
ଆତ୍ମାଙ୍କ ଦାନସକଳ (Gifts of the Spirit)
ପ୍ରାର୍ଥନା ଓ ନିବେଦନ (Prayer & Intercession)
ଅନ୍ତରସ୍ଥ ସମ୍ପୂର୍ଣ୍ଣତା (Inner Wholeness)
ଜୀବନଶୈଳୀ ସୁସମାଚାର (Lifestyle Evangelism)
ଈଶ୍ୱରଙ୍କ କାର୍ଯ୍ୟ (God at Work)
ସହରାଞ୍ଚଳ ମିଶନ୍ ଓ ମଣ୍ଡଳୀରୋପଣ (Urban Mission and Church Planting)
ଖ୍ରୀଷ୍ଟୀୟ ଆପୋଲୋଜେଟିକ୍ସ (Christian Apologetics)

ଅଧିକ ଜାଣିବା ପାଇଁ ଓ ନାମ ପଞ୍ଜିକରଣ କରିବା ପାଇଁ ଆମର ୱେବ୍‌ସାଇଟ୍ **apcwo.org/weekendschool** ପରିଦର୍ଶନ କରନ୍ତୁ ।

# ଖ୍ରୀଷ୍ଟୀୟ ନେତୃତ୍ୱ ଶିବିର୍ ଆୟୋଜନ କରନ୍ତୁ

ଅଲ୍ ପିପୁଲ୍ସ ଚର୍ଚ୍ଚ ପାଳକ, ସ୍ଥାନୀୟ ମଣ୍ଡଳୀର ନେତା, ଖ୍ରୀଷ୍ଟୀୟ ସଂଗଠନର ନେତା ଓ ଖ୍ରୀଷ୍ଟୀୟ ସେବାକାର୍ଯ୍ୟରେ ସଂସ୍ଲିଷ୍ଟ ଅନ୍ୟମାନଙ୍କୁ ଆତ୍ମାରେ ଅଭିଷିକ୍ତ ସୁସଜ୍ଜିତକରଣ ଓ ତାଲିମ୍ ପ୍ରଦାନ କରିଥାଏ । ଅଭିଷିକ୍ତ ପ୍ରଭୁଙ୍କ ଦାସମାନଙ୍କ ଦ୍ୱାରା ଶିକ୍ଷାପ୍ରଦାନ ସଙ୍ଗେ ସଙ୍ଗେ ଆତ୍ମାରେ ଚାଳିତ ସେବାକାର୍ଯ୍ୟ ଓ ତାଲିମ୍ ପ୍ରଦାନ କରାଯାଏ । ଆମର ଦଳସବୁ ଅଂଶଗ୍ରହଣକାରୀମାନଙ୍କ ସଙ୍ଗେ ବ୍ୟକ୍ତିଗତରୂପେ ଭାବର ଆଦାନ ପ୍ରଦାନ ଓ ଆଲୋଚନା କରିଥାନ୍ତି । ଏହି ନେତୃତ୍ୱ ଶିବିର ୨/୩ ଦିନ ଧରି ଚାଲିଥାଏ ଓ ନିର୍ଦ୍ଦିଷ୍ଟ ଏକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥାଏ । ଅଂଶଗ୍ରହଣକାରୀମାନେ ନୂତନୀକୃତ, ଶକ୍ତିଯୁକ୍ତ, ଏବଂ ଅଧିକ ଫଳପ୍ରଦ ଓ ପ୍ରଭାବଶାଳୀ ସେବାକାର୍ଯ୍ୟ କରିବାକୁ ସୁସଜ୍ଜିତ ହୋଇ ବାହାରି ଯାଇଥାନ୍ତି । ଖ୍ରୀଷ୍ଟୀୟ ନେତୃତ୍ୱ ଶିବିର ବିଭିନ୍ନ ସ୍ଥାନୀୟ ମଣ୍ଡଳୀ, ଏକ ଖ୍ରୀଷ୍ଟୀୟ ସେବାକାର୍ଯ୍ୟ, ମିଶନ୍ ସଂଗଠନ ବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ମଣ୍ଡଳୀସବୁର ଓ ସେମାନଙ୍କ ପାଳକମାନଙ୍କର ମୁଖ୍ୟ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ହୋଇଥାଏ । ଆୟୋଜକ ସଂଗଠନ ଅଂଶଗ୍ରହଣକାରୀମାନଙ୍କୁ ଆମନ୍ତ୍ରଣ କରିବା ସଙ୍ଗେ ସଙ୍ଗେ ଶିବିରର ସମସ୍ତ ଖର୍ଚ୍ଚ ବହନ କରିବେ । ଅଲ୍ ପିପୁଲ୍ସ ଚର୍ଚ୍ଚ ଏହାର ସେବାକାର୍ଯ୍ୟ ଦଳକୁ ସେଠାକୁ ପଠାଇ ଶିବିର ପରିଚାଳନା କରିବେ ।

ପ୍ରାୟଶଃ ଆମେ ନିମ୍ନ ପ୍ରସଙ୍ଗଗୁଡ଼ିକୁ ନେଇ ଆଲୋଚନା କରିଥାଉ–

- **ଉଦ୍ଦୀପନା, ପରିଦର୍ଶନ ଓ ଈଶ୍ୱରଙ୍କ ଚଳପ୍ରଚଳ**
- **ଉପସ୍ଥିତି ଓ ଗୌରବ**
- **ରାଜ୍ୟନିର୍ମାଣକାରୀମାନେ (ଈଶ୍ୱରଙ୍କ ରାଜ୍ୟ ଓ ଏହାର ନିର୍ମାଣକାର୍ଯ୍ୟ)**
- **ସମତଳ ଭୂମି**
- **ଈଶ୍ୱରଙ୍କ ଗୃହ**
- **ପ୍ରେରିତିକ ଓ ଭାବବାଣୀୟ ସେବାକାର୍ଯ୍ୟ**
- **ସୁସ୍ଥତା ଓ ଉଦ୍ଧାର ସେବାକାର୍ଯ୍ୟ**
- **ଆତ୍ମାଙ୍କ ଦାନସକଳ**
- **ବିବାହ ଓ ପରିବାର**
- **ସାଧୁମାନଙ୍କୁ ସୁସଜ୍ଜିତ କରିବା ଓ ହାଟପଦାକୁ ପରିବର୍ତ୍ତନ କରିବା**


ଏସମ୍ପର୍କିତ ଅନ୍ୟାନ୍ୟ ବିଷୟପାଇଁ ଆମର ୱେବ୍‌ସାଇଟ୍: **apcwo.org/CLC** ପରିଦର୍ଶନ କରନ୍ତୁ ।

ଶିବିର ଆୟୋଜନ କରିବା ପାଇଁ ଆମ ସଙ୍ଗେ ଏହି email ଠିକଣା ଦ୍ୱାରା ଯୋଗାଯୋଗ କରନ୍ତୁ: contact@apcwo.org

# ମାଗଣା ଆପ୍ ଡାଉନ୍‌ଲୋଡ୍ କରନ୍ତୁ

ଆପ୍ ବା ଗୁଗୁଲ୍ ପ୍ଲେ ଷ୍ଟୋର୍‌ରୁ “All Peoples Church Bangalore” ଖୋଜି ଡ଼ାଉନ୍‌ଲୋଡ୍ କରନ୍ତୁ




**ଏଥିରେ ଥିବା ସୁବିଧାଗୁଡ଼ିକ:**

- ଦୈନିକ ୫ ମିନିଟ୍‌ର ଭିଡ଼ିଓ ଧ୍ୟାନ
- ଦୈନିକ ବାଇବଲ ପଠନ ଓ ପ୍ରାର୍ଥନା ସୂଚନା
- ବିଭିନ୍ନ ପ୍ରସଙ୍ଗ ଉପରେ ଆଧାରିତ ବାଇବଲ ଶାସ୍ତ୍ରାଂଶଗୁଡ଼ିକର ଏକ ଟୁଲ୍‌କିଟ୍ ଯାହା
- ବିଶ୍ୱାସରେ ବୃଦ୍ଧି ପାଇବାରେ ଓ ସୁସମାଚାର ଅଂଶୀ କରାଇବାରେ ସହାୟକ ।
- ବିଭିନ୍ନ ଉପଦେଶ, ଉପଦେଶ ଟିପ୍ପଣୀସମୂହ, ଟିଭି କାର୍ଯ୍ୟକ୍ରମ, ପୁସ୍ତକ, ସଙ୍ଗୀତ, ଇତ୍ୟାଦି ଏଥିରେ ଉପଲବ୍ଧ ।

***ଯଦି ଏହାକୁ ପସନ୍ଦ କରୁଛନ୍ତି, ଅନ୍ୟମାନଙ୍କୁ ଏ ବିଷୟରେ କହନ୍ତୁ!***

# ପ୍ରଭାବିତ କରିବା ପାଇଁ ନିର୍ମାଣ କରନ୍ତୁ: ଆମ ଦର୍ଶନରେ ଅଂଶଗ୍ରହଣ କରନ୍ତୁ




## ନିର୍ମାଣ କରନ୍ତୁ

APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁ ଏକ ବିଶ୍ୱସ୍ତରୀୟ ସମ୍ପୂର୍ଣ୍ଣ ଆଧୁନିକ ସଜ୍ଜିତକରଣ କେନ୍ଦ୍ର ଓ ମିଶନ୍ ଭିତ୍ତିଭୂମିଭାବରେ ବିଭିନ୍ନ ରାଷ୍ଟ୍ରରେ ଖ୍ରୀଷ୍ଟଙ୍କ ଶରୀରର ସେବା କରିବା ପାଇଁ ଉଦ୍ଦିଷ୍ଟ ।

## ପ୍ରଭାବିତ କରନ୍ତୁ

ଆମେ ଆତ୍ମାରେ ଅଭିଷିକ୍ତ, ବାଇବଲଭିତ୍ତିକ ତାଲିମ୍ ପ୍ରଦାନ କରି ନୂତନ ପିଢ଼ିର ଖ୍ରୀଷ୍ଟୀୟ କାର୍ଯ୍ୟକାରୀମାନଙ୍କୁ ସୁସଜ୍ଜିତ କରି ସ୍ୱଦେଶ ଓ ବିଦେଶକୁ ପଠାଇବୁ ଓ ସେମାନଙ୍କର ପୃଷ୍ଠପୋଷକତା କରିବୁ । ଏଥିପାଇଁ ଏକ ବାଇବଲ କଲେଜ ପ୍ରତିଷ୍ଠିତ ହେବ ଓ ଏଥିରେ ରହିବାର ସୁବିଧା ରହିଥିବ । ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଶିକ୍ଷା ଗ୍ରହଣର ସୁବିଧା ରହିବ । ଏକ ମିଡ଼ିଆ ସେଣ୍ଟର୍ ବି ରହିବ ଯଦ୍ୱାରା ପୃଥିବୀର ବିଭିନ୍ନ ଭାଗର ଲୋକଙ୍କ ନିକଟରେ ପହଞ୍ଚ ହେବ । ଏଠାରେ ଏକ ଉପାସନା ଗୃହ ଏବଂ ପିଲାମାନଙ୍କର ଓ ଯୁବାମାନଙ୍କ ପାଇଁ ଏକ ସେଣ୍ଟର୍ ରହିବ । ୨୪x୭ ପ୍ରାର୍ଥନା ସେଣ୍ଟର୍ ମଧ୍ୟ ରହିବ ।

ଆପଣଙ୍କୁ ପ୍ରଭୁ ଯେଭଳି ଚାଳନା ଓ ଶକ୍ତି ଦିଅନ୍ତି ତଦନୁସାରେ ଆପଣଙ୍କୁ ଏକ ସ୍ୱେଚ୍ଛାଦାନ ପଠାଇବାକୁ ଆମନ୍ତ୍ରଣ କରାଯାଏ ଏବଂ ଆମ ସଙ୍ଗେ ଏହି ଦର୍ଶନର ଭାଗୀଦାର ହୋଇ ପ୍ରଭାବିତ କରିବା ପାଇଁ ନିର୍ମାଣ କରିବା କାର୍ଯ୍ୟକ୍ରମକୁ ସାହାଯ୍ୟ କରିବାକୁ ଅନୁରୋଧ । APC WORLD OUTREACH & EQUIPPING CENTRE, ବାଙ୍ଗାଲୁରୁର ନିର୍ମାଣ କାର୍ଯ୍ୟ ନିମନ୍ତେ ଦାନ ପଠାଇବା ପାଇଁ ଆମ ଜମାଖାତାର ବିବରଣ ନିମ୍ନରେ ଦିଆଗଲା ।

| Wire Transfer | Cheques |
|---|---|
| Account: **All Peoples Church Building Fund AC** | In favor of: **All Peoples Church Building Fund AC** |
| Account No: 520101021447450 | Cheques can be mailed to: |
| IFSC Code: CORP0000656 | All Peoples Church, |
| Bank Name: Corporation Bank | #319, 2nd Floor, 7th Main, 2nd Block |
| Branch Name: R.T Nagar Branch, Bangalore | HRBR Layout, Kalyan Nagar, Bangalore 560043, Karnataka, India |

ଭାରତରେ ଥିବା ବ୍ୟାଙ୍କଗୁଡ଼ିକ ମାଧ୍ୟମରେ ଆମେ ଦାନ ଗ୍ରହଣ କରିବାକୁ ପସନ୍ଦ କରିବୁ । ବିଦେଶରୁ ଆସିବାକୁ ଥିବା ଦାନ ଗ୍ରହଣ କରିବାର ସୁବିଧା ଆମ ନିକଟରେ ଉପଲବ୍ଧ ନୁହେଁ । ଯଦି ଆପଣଙ୍କର କୌଣସି ସନ୍ଦେହ ବା ପ୍ରଶ୍ନ ଥାଏ buildtoimpact@apcwo.orgକୁ email କରନ୍ତୁ । ଏହି ପ୍ରକଳ୍ପର ପ୍ରଗତି ଓ ଅନ୍ୟ ବିଷୟ ଜାଣିବା ପାଇଁ **apcwo.org/buildtoimpact** ୱେବ୍‌ସାଇଟ୍ ପରିଦର୍ଶନ କରନ୍ତୁ ।

## All Peoples Church Bible College
## apcbiblecollege.org

ଅଲ୍ ପିପୁଲ୍ସ ଚର୍ଚ୍ଚ୍ ବାଇବଲ୍ କଲେଜ୍ ଏଣ୍ଡ୍ ମିନିଷ୍ଟ୍ରି ଟ୍ରେନିଙ୍ଗ୍ ସେଣ୍ଟର୍ (APC-BC) ବାଙ୍ଗାଲୁରୁ, ଆତ୍ମାରେ ପୂର୍ଣ୍ଣ ଓ ଅଭିଷିକ୍ତ ପ୍ରଭୁଙ୍କ ଦାସଦାସୀମାନଙ୍କୁ ବ୍ୟବହାର କରି ଅନ୍ୟମାନଙ୍କୁ ତାଲିମ୍ ଦେଇ ସୁସଜ୍ଜିତ କରେ ଯେପରି କି ସେମାନେ ପବିତ୍ର ଆତ୍ମାଙ୍କ ଅଲୌକିକ ଶକ୍ତିରେ କାର୍ଯ୍ୟ କରନ୍ତି ଏବଂ ଈଶ୍ୱରଙ୍କ ବାକ୍ୟକୁ ଅଭ୍ରାନ୍ତ ଓ ଜ୍ଞାନୋଦ୍ଦୀପକ ଭାବରେ ବ୍ୟାଖ୍ୟା କରିପାରନ୍ତି । ସେବାକାର୍ଯ୍ୟ ନିମନ୍ତେ ବ୍ୟକ୍ତିର ପୂର୍ଣ୍ଣ ବିକାଶରେ ଆମେ ବିଶ୍ୱାସ କରୁ । ସେମାନେ ଯେପରି ପ୍ରଭୁଙ୍କଠାରେ ସଂଲଗ୍ନ ଜୀବନ କାଟନ୍ତି ଏବଂ ତଦ୍ୱାରା ସେମାନଙ୍କଠାରେ ଐଶିକ ଚରିତ୍ର ବିକଶିତ ହୁଏ ଓ ଈଶ୍ୱରଙ୍କ ବାକ୍ୟରେ ସେମାନେ ବଦ୍ଧମୂଳ ହୁଅନ୍ତି ଏବଂ ସେମାନଙ୍କ ସେବା କାର୍ଯ୍ୟରେ ବିଭିନ୍ନ ଚିହ୍ନ, ଆଶ୍ଚର୍ଯ୍ୟ ବିଷୟ, ଆଶ୍ଚର୍ଯ୍ୟ କର୍ମର ଶକ୍ତିଯୁକ୍ତ ପ୍ରଦର୍ଶନ ଅନୁବର୍ତ୍ତୀ ହୁଏ ଏହା ଉପରେ ଗୁରୁତ୍ୱ ଦିଆଯାଏ ।

APC-BC ରେ ବଳିଷ୍ଠ ଶିକ୍ଷା ସାଙ୍ଗକୁ ଈଶ୍ୱରଙ୍କ ପ୍ରେମର ପ୍ରଦର୍ଶନ, ପବିତ୍ର ଆତ୍ମାଙ୍କ ଅଭିଷେକ ଓ ଉପସ୍ଥିତି ଏବଂ ଈଶ୍ୱରଙ୍କର ଆଶ୍ଚର୍ଯ୍ୟ କାର୍ଯ୍ୟ ଉପରେ ଜୋର୍ ଦିଆଯାଏ । ଏଯାଏଁ ଅନେକ ତାଲିମ୍‌ପ୍ରାପ୍ତ ଯୁବକ ଯୁବତୀଙ୍କୁ ସେମାନଙ୍କ ଜୀବନରେ ଈଶ୍ୱରଙ୍କ ଆହ୍ୱାନକୁ ପୂରଣ କରିବା ନିମନ୍ତେ ପ୍ରେରଣ କରାଯାଇଛି ।

ଏଠାରେ ତିନୋଟି ପାଠ୍ୟକ୍ରମ ପ୍ରଚଳିତ :
Certificate in Theology & Christian Ministry (C.Th.) –ଏକବର୍ଷ
Diploma in Theology & Christian Ministry (Dip.Th.)– ଦୁଇ ବର୍ଷ
Bachelor in Theology & Christian Ministry (B.Th.)– ତିନି ବର୍ଷ

**ସୋମବାରଠାରୁ ଶୁକ୍ରବାର ଯାଏଁ ପୂର୍ବାହ୍ନ ୯.୦୦ଘ. ରୁ ଅପରାହ୍ନ ୧.୦୦ ଘ.** ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାଦାନ କରାଯାଏ । ଦିବା ବିଦ୍ୟାର୍ଥୀ, ପେଶାଦାର ବ୍ୟକ୍ତି ଓ ବିବାହିତା ସ୍ତ୍ରୀମାନେ ମଧ୍ୟ ଏ ସମସ୍ତ ତାଲିମ୍‌ରେ ଯୋଗ ଦେଇପାରିବେ ଏବଂ ଅପରାହ୍ନ ୧.୦୦ ଘ. ପରେ ସେମାନଙ୍କ କାର୍ଯ୍ୟକୁ ଯାଇପାରିବେ । ଆବାସିକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପୃଥକ୍ ହୋଷ୍ଟେଲ୍‌ମାନ ରହିଛି । ପଢ଼ା ଦିନମାନଙ୍କରେ ଆବାସିକ ଛାତ୍ରଛାତ୍ରୀମାନେ ଅପରାହ୍ନ ୨.୦୦ ଘ.ରୁ. ୫.୦୦ ଘ. ପର୍ଯ୍ୟନ୍ତ କ୍ଷେତ୍ର କାର୍ଯ୍ୟ, ସ୍ୱତନ୍ତ୍ର ସେମିନାର୍, ପ୍ରାର୍ଥନା ଓ ଉପାସନାରେ ଯୋଗ ଦେଇଥାନ୍ତି । ଅଣଆବାସିକ ଛାତ୍ରଛାତ୍ରୀମାନେ ଏଥିରେ ଯୋଗ ଦେବା ସେମାନଙ୍କ ଇଚ୍ଛାଧୀନ । ସପ୍ତାହର ଶେଷ ଦିନମାନଙ୍କରେ ବିଭିନ୍ନ ମାଣ୍ଡଳିକ ସେବାରେ ଯୋଗ ଦେଇ ସେଠାରେ ବିଭିନ୍ନ କାର୍ଯ୍ୟ କରିବାକୁ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରାଯାଏ । ଅନ୍‌ଲାଇନ୍‌ରେ ଦରଖାସ୍ତ ପଠାଇବାକୁ ଓ ଏହି କଲେଜର କାର୍ଯ୍ୟକ୍ରମ, ଯୋଗ୍ୟତା, ଟ୍ୟୁସନ୍ ଖର୍ଚ୍ଚ ବିଷୟରେ ଜାଣିବା ଏବଂ ଦରଖାସ୍ତ ଫର୍ମକୁ ଡାଉନ୍‌ଲୋଡ୍ କରିବା ପାଇଁ ଆମର ୱେବ୍‌ସାଇଟ୍ www.apcwo.org/biblecollegeକୁ ପରିଦର୍ଶନ କରନ୍ତୁ ।

APC-BC is accredited by the
Nations Association for
Theological Accreditation (NATA)

ବାଇବଲ ଈଶ୍ୱରଙ୍କର ଅନେକ ପାର୍ଶ୍ୱ ପ୍ରକାଶ କରେ । ସେଥିରୁ ଈଶ୍ୱରଙ୍କର ଅନ୍ୟତମ ଶକ୍ତିଶାଳୀ ପ୍ରକାଶନ ଏହି ଯେ ସେ ଜଣେ ପିତା ଅଟନ୍ତି । ଈଶ୍ୱର ଆମମାନଙ୍କର ସ୍ୱର୍ଗସ୍ଥ ପିତା । ପ୍ରଭୁ ଯୀଶୁ ଆମମାନଙ୍କୁ ଶିଖାଇଛନ୍ତି ଯେ ଆମେମାନେ ତାହାଙ୍କୁ "ଆମ୍ଭମାନଙ୍କର ପିତା" ଭାବରେ ସମ୍ବୋଧନ କରିବା । ବାଇବଲ ମଧ୍ୟ ଆମମାନଙ୍କ ପ୍ରତି ପିତାଙ୍କର ପ୍ରେମ ପ୍ରକାଶ କରେ । ଏହି ପୁସ୍ତକ ପିତାଙ୍କର ପ୍ରେମ ଉପରେ ଏକ ଅଧ୍ୟୟନ ଅଟେ । ଈଶ୍ୱରଙ୍କ ପ୍ରେମକୁ ବୁଝିବା ଦ୍ୱାରା ଆମେ ତାହାଙ୍କୁ କିପରି ପ୍ରେମ କରୁ, ନିଜକୁ କିପରି ପ୍ରେମ କରୁ ଓ ଅନ୍ୟମାନଙ୍କୁ କିପରି ପ୍ରେମ କରୁ ତାହା ପ୍ରଭାବିତ ହୋଇଥାଏ ।

ଆମର ସ୍ୱର୍ଗସ୍ଥ ପିତା ପରମେଶ୍ୱର ଆମମାନଙ୍କୁ ସର୍ତ୍ତହୀନ ଭାବରେ ଓ ଅମାପରୂପେ ପ୍ରେମ କରନ୍ତି । ଆମମାନଙ୍କ ପ୍ରତି ପିତାଙ୍କର ସର୍ବଶ୍ରେଷ୍ଠ ଅଭିବ୍ୟକ୍ତି ଓ ପ୍ରଦର୍ଶନ ହେଉଛି ଯୀଶୁଖ୍ରୀଷ୍ଟଙ୍କ କ୍ରୁଶ । ଯେତେବେଳେ ଆମେ ଆମମାନଙ୍କ ପ୍ରତି ପିତାଙ୍କର ପ୍ରେମକୁ ବିଶ୍ୱାସ ଓ ଗ୍ରହଣ କରିବା ଏବଂ ତହିଁରେ ବିଶ୍ରାମ କରିବା, ସବୁକିଛି ପରିବର୍ତ୍ତିତ ହୋଇଥାଏ । ଆମେମାନେ ଆରୋଗ୍ୟଲାଭ କରୁ, ପୁନଃସ୍ଥାପିତ ହେଉ ଏବଂ ଆମର ଭଗ୍ନତା ଓ ବନ୍ଧନସବୁରୁ ମୁକ୍ତ ହେଉ । ଆମେମାନେ ଯେତେବେଳେ ପିତାଙ୍କର ପ୍ରେମରେ ଜୀବନଯାପନ କରୁ ଆମେ ଯେପରି ପ୍ରେମ ପାଇଥାଉ ସେପରି ପ୍ରେମ କରୁ । ଆମେ ମୁକ୍ତଭାବରେ ଈଶ୍ୱରଙ୍କୁ ପ୍ରେମ କରୁ । ଆମେ ମୁକ୍ତଭାବରେ ଅନ୍ୟମାନଙ୍କୁ ପ୍ରେମ କରୁ । ଆମେ ସର୍ବତୋଭାବେ ବିଜୟୀ ଜୀବନଯାପନ କରୁ, ଯେଉଁମାନେ ଈଶ୍ୱରଙ୍କର ଅତୁଟ ପ୍ରେମ ଦ୍ୱାରା ଜୀବନର ସମସ୍ତ ଆହ୍ୱାନ ଓ ଅନ୍ଧକାରର ଶକ୍ତିସମୂହକୁ ସର୍ବତୋଭାବେ ପ୍ରତିହତ କରିପାରିଛନ୍ତି ସେମାନଙ୍କ ସଦୃଶ ଜୀବନ ଯାପନ କରୁ ।

ଏହି ପୁସ୍ତକ ଆପଣଙ୍କ ନିମନ୍ତେ ଉଦ୍ଦିଷ୍ଟ ।

ଆଶିଷ୍ ରାଇଚୁର୍

**All Peoples Church & World Outreach**
# 319, 2nd Floor, 7th Main, HRBR Layout,
2nd Block, Kalyan Nagar, Bangalore 560 043
Karnataka, INDIA

Phone: +91-80-25452617
Email: contact@apcwo.org
Website: apcwo.org